ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, April 13/2026 | Page 16 | ₹ 7.00
୫୨ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 138 | ମୂଲ୍ୟ ₹୭/-




ମୋବାଇଲ ପାଇଁ କୋମଳମତି ଶିଶୁ ପଥଭ୍ରଷ୍ଟ ହେବା ସହ ସେମାନଙ୍କ ଜୀବନ ଓ ଭବିଷ୍ୟତ ପ୍ରଭାବିତ ହେଉଛି। ତେଣୁ ଏହାଠାରୁ ଦୂରେଇ ରହିବାକୁ ଜାତୀୟ ପଥପ୍ରାନ୍ତ ନାଟକ ଦିବସ ପାଳନ ଅବସରରେ ରବିବାର ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଅଭିନବ ନାଟକ ପରିବେଷଣ ମାଧ୍ୟମରେ ସଚେତନ କରାଯାଉଛି। (ଫଟୋ– ବିକାଶ ନାୟକ)

# ୨୧ ଘଣ୍ଟାର ଆଲୋଚନା ବିଫଳ

- ଉତ୍ତମ ପ୍ରସ୍ତାବକୁ ମାନିଲାନି ଇରାନ୍: ଭାନ୍ସ
- ତେହରାନ୍‌କୁ ବିଶ୍ୱାସକୁ ନେବାରେ ଆମେରିକା ଅସଫଳ: ଘଲିବାଫ

**ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସାରା ବିଶ୍ୱରେ ପ୍ରଭାବ ପକାଇଛି। ଏହି ଯୁଦ୍ଧରେ ବିରାମ ଲଗାଇବାକୁ ପାକିସ୍ତାନ ଚେଷ୍ଟା କରିଥିଲା। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ବାଚସ୍ପତି ମହମ୍ମଦ ବାଘର ଘଲିବାଫ୍‌ଙ୍କ ନେତୃତ୍ୱରେ ୨ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଇସ୍‌ଲାମାବାଦରେ ଦୀର୍ଘ ୨୧ ଘଣ୍ଟାର ଶାନ୍ତି ଆଲୋଚନା ବିଫଳ ହୋଇଛି। ଉଭୟେ ଉଭୟଙ୍କୁ ଉତ୍ତମ ପ୍ରସ୍ତାବ ଦେଇଥିବା କହୁଥିଲେ ମଧ୍ୟ କେହି କାହାକୁ ବିଶ୍ୱାସକୁ ନେଇ ପାରିନାହାନ୍ତି। ଫଳରେ ଆଲୋଚନା ବିଫଳ ହୋଇଛି। ବୁଝାମଣାରେ ବିଫଳତା ପାଇଁ ୨ ପକ୍ଷ ପରସ୍ପରକୁ ଦୋଷ ଦେଇଛନ୍ତି। ଉଭୟ ଦେଶ ଶାନ୍ତି ଚୁକ୍ତିନାମା କରିପାରି ନ ଥିବାରୁ ୨ ସପ୍ତାହ ପାଇଁ ଘୋଷଣା ହୋଇଥିବା ଅସ୍ତ୍ରବିରତିର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି।**

**ଇସ୍‌ଲାମାବାଦ,୧୨।୪(ପି.ଟି.)**

ଇସ୍‌ଲାମାବାଦରେ ଶନିବାରରୁ ଅନୁଷ୍ଠିତ ଶାନ୍ତି ଆଲୋଚନା ଟେବୁଲରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଯୋଗ ଦେଇଥିବାବେଳେ ଇରାନ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ୍। ଭାନ୍ସ କହିଛନ୍ତି, ଯୁଦ୍ଧ ବନ୍ଦ ପାଇଁ ୱାଶିଂଟନର ସର୍ତ୍ତାବଳୀକୁ ତେହରାନ୍ ଗ୍ରହଣ କଲାନାହିଁ। ଆମେରିକା ଏହାର ଚୂଡ଼ାନ୍ତ ଏବଂ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲା। ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାରେ ତେହରାନ୍‌ର


ଜେଡି ଭାନ୍ସ


ମହମ୍ମଦ ବାଘର ଘଲିବାଫ୍

ଅନିଚ୍ଛା ଅନ୍ୟତମ ମୁଖ୍ୟ ପ୍ରତିବନ୍ଧକ ବୋଲି ଭାନ୍ସ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପାର୍ଲାମେଣ୍ଟ ବାଚସ୍ପତି ଘଲିବାଫ୍ କହିଛନ୍ତି, ଆମ ବିଶ୍ୱାସ ଜିତିପାରିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବା ଆମେରିକାର କାମ। ଆମେରିକା ପକ୍ଷ ଅତ୍ୟଧିକ ତଥା ବେଆଇନ ଦାବି ଉପସ୍ଥାପନ କରିଥିଲେ ବୋଲି ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏକ ଚୁକ୍ତିନାମାରେ ପହଞ୍ଚିବାରେ ବିଫଳତା ବୈଶ୍ୱିକ ଶକ୍ତି ବଜାରରେ ସ୍ଥିରତା ଆଣିବା ନିମନ୍ତେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ସମ୍ଭାବନାକୁ କ୍ଷୀଣ କରିଦେଇଛି। ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଆମେରିକା ଫେରିଯିବା ପୂର୍ବରୁ ଇସ୍‌ଲାମାବାଦରେ ଏକ ଖବରଦାତା ସମ୍ମିଳନୀରେ ଭାନ୍ସ କହିଥିଲେ, ୨୧ ଘଣ୍ଟା ମଧ୍ୟରେ ଇରାନୀୟମାନଙ୍କ ସହ ଅନେକ ବିଷୟରେ ଆଲୋଚନା ହୋଇଥିଲା। ସେ କହିଛନ୍ତି, ଖରାପ ଖବର ହେଲା, ଆମେ ଏକ ଚୁକ୍ତିନାମାରେ ପହଞ୍ଚିପାରିଲୁ ନାହିଁ। ତେବେ ଏହା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ସେ ଭାବୁଥିବା କହିଛନ୍ତି। ତେହରାନ୍ ପକ୍ଷ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ଚାହିଁବ ନାହିଁ, ଏନେଇ ଆମେ ଏକ ସକାରାତ୍ମକ ପ୍ରତିଶ୍ରୁତି ଚାହୁଁଥିଲୁ। ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଭାନ୍ସ କହିଛନ୍ତି। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲେ ମଧ୍ୟ ଇରାନ ☞ପୃଷ୍ଠା–୨

# ପରଲୋକରେ ଆଶା ଭୋସ୍‌ଲେ

**ମୁମ୍ବାଇ,୧୨।୪(ପି.ଟି.)**

ବହୁ ପିଢ଼ିର ସଙ୍ଗୀତପ୍ରେମୀଙ୍କୁ ନିଜର ସଦାବହାର ଏବଂ ବହୁମୁଖୀ କଣ୍ଠରେ ମନ୍ତ୍ରମୁଗ୍ଧ କରି ରଖିଥିବା କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ଏକାଧିକ ଅଙ୍ଗ ଅକାମୀ ହୋଇଯିବାରୁ ଆଶାଙ୍କ ପରଲୋକ ଘଟିଥିବା ଡାକ୍ତର ପ୍ରତୀତ ସାମଦାନି କହିଛନ୍ତି। ଛାତିରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଳାନ୍ତ ଅନୁଭବ କରିବାରୁ ଆଶାଙ୍କୁ ଶନିବାର ସନ୍ଧ୍ୟାରେ ଦକ୍ଷିଣ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ନାତୁଣୀ ଜାନାଇ ଭୋସ୍‌ଲେ ସୂଚନା ଦେଇଥିଲେ। ଆଶାଙ୍କ ଦେହାନ୍ତ ସମ୍ପର୍କରେ ତାଙ୍କ ପୁଅ ଆନନ୍ଦ ଭୋସ୍‌ଲେ ସ୍ପଷ୍ଟ କରିଥିବାବେଳେ ସୋମବାର ଅପରାହ୍ଣ ୪ଟାରେ ମୁମ୍ବାଇର ଶିବାଜୀ ପାର୍କରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି କହିଛନ୍ତି। ଆଶାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓ ବଲିଉଡ୍ ତଥା ସଙ୍ଗୀତ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଆଶା ଭୋସ୍‌ଲେଜୀଙ୍କ ଦେହାନ୍ତରେ ସେ ଅତ୍ୟନ୍ତ ମର୍ମାହତ। ସେ ଭାରତର ଅନ୍ୟତମ ଶ୍ରେଷ୍ଠ ତଥା ବହୁମୁଖୀ ପ୍ରତିଭାସମ୍ପନ୍ନ କଣ୍ଠଶିଳ୍ପୀ ଥିଲେ। ବହୁ ଦଶନ୍ଧି ଧରି ତାଙ୍କ ଅସାଧାରଣ ସଙ୍ଗୀତ ଯାତ୍ରା ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ☞ପୃଷ୍ଠା–୨


୧୯୩୩ ସେପ୍ଟେମ୍ବର ୮ - ୨୦୨୬ ଏପ୍ରିଲ ୧୨

# ଆଜିଠୁ ଭିତର ରତ୍ନଭଣ୍ଡାର ଗଣତି

**ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ସୋମବାରଠାରୁ ଆରମ୍ଭ ହେବ। ସେଥିପାଇଁ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏବଂ ଗଣତିମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି କରାଯିବ, କେଉଁମାନେ ଭିତରେ ଏବଂ ବାହାରେ ରହିବେ, କ'ଣ ସବୁ ବ୍ୟବସ୍ଥା ହେବ, ସେନେଇ ସବିଶେଷ ଆଲୋଚନା ହୋଇଥିଲା। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ଜିଲା ଟ୍ରେଜେରିରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଗଣତିମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲା ଟ୍ରେଜେରିରେ ରଖାଯିବ। ସବୁ ରତ୍ନ ଅଳଙ୍କାରର ଥ୍ରୀଡି ସ୍କ୍ରିନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ। ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ୧୯୭୮ ମସିହା ତାଲିକା ସହ ମେଳକ କରାଯିବ। ଆମେ ଦୃଢ଼ ଆଶାବାଦୀ ରହିଛୁ ମହାପ୍ରଭୁଙ୍କର କୌଣସି ଅଳଙ୍କାର ସାମଗ୍ରୀ ଗାଏବ ହୋଇନାହିଁ। ଏଣୁ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ ନ କରିବାକୁ ଛତିଶା ନିଯୋଗର ମହାନାୟକ ଅନୁରୋଧ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଇରାନୀ ନେତାର ନାହିଁ ପ୍ରୟୋଜନ**

15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

# ୨୧ରେ ରାଉରକେଲା ଆସିବେ ରାଷ୍ଟ୍ରପତି

ରାଉରକେଲା,୧୨।୪(ବିପ୍ଳବ ରଞ୍ଜନ ଦାଶ)

## କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦେଲେ ସୂଚନା

ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଗସ୍ତରେ ଆସୁଛନ୍ତି। ଏ ନେଇ ସେକ୍ଟର-୩ସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି। ସେ କହିଥିଲେ, ୨୧ତାରିଖ ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ଦିଲ୍ଲୀରୁ ଝାରସୁଗୁଡା ବିମାନ ବନ୍ଦରକୁ ଆସିବେ। ପରେ ଝାରସୁଗୁଡାରୁ ବିମାନ ଯୋଗେ ରାଉରକେଲାରେ ଅବତରଣ କରିବେ। ସମସ୍ତ କାର୍ଯ୍ୟକ୍ରମ ସାରି ସେ ଅପରାହ୍ନ ୪ଟା ୫ମିନିଟରେ ରାଉରକେଲାରୁ ପ୍ରତ୍ୟାବର୍ତ୍ତନ କରିବେ। ଉକ୍ତଦିନ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ୪୮କୋଟି ଟଙ୍କା ବ୍ୟୟରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର, ୨୭କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ, ୪୨.୪୪ କୋଟି ବ୍ୟୟରେ ନିର୍ମିତ କୋଏଲ ନଗର ମନୋରଞ୍ଜନ ପାର୍କ ଏବଂ ୪୦କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ (ରାଉରକେଲା-ୱାନ)କୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଓରାମ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଶଙ୍କର ଓରାମ, ରାଜ୍ୟ ଭାଜପା ପ୍ରବକ୍ତା ଧୀରେନ ସେନାପତି, ବରିଷ୍ଠ ନାରୀନେତ୍ରୀ ପ୍ରମିଳା ଦାଶ, ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ ଏବଂ ଖୁସ୍‌ବୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆଦିବାସୀଙ୍କ ଜମି ଜବରଦଖଲ ନ ହେଉ’

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ଓଡ଼ିଶାରେ ଅନୁସୂଚିତ ଜନଜାତି ଏବଂ ଜାତି ବର୍ଗଙ୍କ ଜମିକୁ ବେଆଇନ ଭାବେ ଜବରଦଖଲ କରା ନ ଯାଉ ବୋଲି ପୂର୍ବତନ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କହିଛନ୍ତି। ଏନେଇ ନିରଞ୍ଜନ ଏପ୍ରିଲ ୨ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ଆଦିବାସୀ ବର୍ଗଙ୍କ ଜମି ବେଆଇନ ଭାବେ ହସ୍ତାନ୍ତର, ବଳପୂର୍ବକ ଦଖଲ ମାତ୍ରାଧିକ ଭାବେ ବୃଦ୍ଧି ପାଉଛି। ଏହି ଜମିର ସୁରକ୍ଷା ଲାଗି ସାମ୍ବିଧାନିକ ବିଧି ବ୍ୟବସ୍ଥା ରହିଛି। ଏସବୁ ସତ୍ତ୍ୱେ ବିଲ୍ଡର, ରିଅଲ୍ ଇଷ୍ଟେଟ୍ ଏଜେଣ୍ଟ ଏବଂ ଜମି ମାଫିଆମାନେ ଜୋରଜବରଦସ୍ତ ଜମି ଦଖଲ କରି ନେଉଛନ୍ତି। ଓଡ଼ିଶା ଲ୍ୟାଣ୍ଡ ରିଫର୍ମସ୍ ଆକ୍ଟ-୧୯୬୦ର ଧାରା ୨୩ଅନୁଯାୟୀ, ସରକାରଙ୍କ ବିନା ଅନୁମତିରେ ଏସ୍‌ଟିଙ୍କ ଜମି ଅନ୍ୟବର୍ଗଙ୍କୁ ହସ୍ତାନ୍ତର ହୋଇପାରିବ ନାହିଁ। ମାତ୍ର ଏହାକୁ ବାରମ୍ବାର ଅବମାନନା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ଟି ବର୍ଗଙ୍କ ଜମି ସୁରକ୍ଷା ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ନିରଞ୍ଜନ ପତ୍ରରେ ଅନୁରୋଧ କରିଛନ୍ତି।

# ଗିରଫ ଇମ୍ରାନ ହନିଟ୍ରାପ୍‌ରେ ଫସିଥିବା ସନ୍ଦେହ

■ ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ
■ ଆବଶ୍ୟକ ସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ: ଏସ୍‌ଟିଏଫ୍ ଏସ୍‌ପି
■ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ନେଇ ଖୋଳତାଡ଼ ଆରମ୍ଭ

**ଦେଶ ବିରୋଧୀ ପୋଷ୍ଟ ଘଟଣା**



ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

ଦେଶ ବିରୋଧୀ ପୋଷ୍ଟ ଓ ଅନ୍ୟ କେତେକ ସନ୍ଦେହଜନକ କାର୍ଯ୍ୟ ପାଇଁ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ଗିରଫ ହୋଇଥିବା କଟକର ଶେଖ୍ ଇମ୍ରାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି। ତାଙ୍କୁ ପଚରାଉଚରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏପଟେ ଓଡ଼ିଶା ପୋଲିସ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ। ଇମ୍ରାନଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଦିଲ୍ଲୀ ପୋଲିସ କିମ୍ବା ଜାତୀୟ ତଦନ୍ତ ସଂସ୍ଥା(ଏନ୍‌ଆଇଏ)ର ସୂଚନା ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇବ। ଇତିମଧ୍ୟରେ ଇମ୍ରାନ୍ ଗିରଫ ପରେ ଏନ୍‌ଆଇଏ ମଧ୍ୟ କ୍ୟାପିଟାଲ ଥାନା ପୋଲିସଠାରୁ ଏ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଛି। ଆବଶ୍ୟକସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ଏହା ଭିତରେ ଇମ୍ରାନ ହନିଟ୍ରାପର ଶିକାର ହୋଇଥିବା ଖବରକୁ ନେଇ ଚର୍ଚ୍ଚା ଜୋର୍‌ଧରିଛି। ଇମ୍ରାନ୍ ଅନ୍‌ଲାଇନ୍ ଖାଦ୍ୟ ଡେଲିଭରି କାମ କରୁଥିବା ବେଳେ କିଛି ମାସ ହେବ ସେ କାମ ଛାଡ଼ି ଦେଇଥିଲେ। ବାହାରକୁ ବାହାରୁ ନ ଥିବା ବେଳେ ଘରେ ସବୁବେଳେ ମୋବାଇଲ ଧରି ବସୁଥିଲେ ବୋଲି ତାଙ୍କ ବାପା ଗଣମାଧ୍ୟମକୁ କହିଥିଲେ। ତେଣୁ ସେ ମୋବାଇଲ୍ ଦ୍ୱାରା ହନିଟ୍ରାପ୍‌ର ଶିକାର ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ଲିଙ୍କ୍ ଥିବା ଯୁବତୀ ତାଙ୍କୁ ହନିଟ୍ରାପ୍‌ରେ ଫସାଇ ଥାଇପାରନ୍ତି। ସେ ସୋସିଆଲ ମିଡିଆରେ ଦେଶବିରୋଧୀ ପୋଷ୍ଟ କରୁଥିବାବେଳେ ସମ୍ପୃକ୍ତ ଯୁବତୀଙ୍କୁ ଗୁପ୍ତ ତଥ୍ୟ ଦେଇଥିବା ଆଶଙ୍କାରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ, ଏନ୍‌ଆଇଏ ଓ ଦିଲ୍ଲୀପୋଲିସ ଖୋଳତାଡ଼ ଚଳାଇଥିବା ଜଣାପଡିଛି। ଇମ୍ରାନ କ’ଣ କରୁଥିଲେ। ଓଡ଼ିଶାରେ କାହା କାହା ସହ ଲିଙ୍କ୍‌ରେ ରହିଥିଲେ। ସୋସିଆଲ ମିଡିଆରେ ଦେଶ ବିରୋଧୀ ପୋଷ୍ଟ ପାଇଁ କିଏ ପ୍ରୋତ୍ସାହିତ କରୁଥିଲେ। ତାଙ୍କ ଆକାଉଣ୍ଟକୁ କେଉଁଠୁ ଟଙ୍କା ଆସୁଥିଲା। ଏସବୁ କିଛି ତଥ୍ୟ ସଂଗ୍ରହ କରୁଛି ତଦନ୍ତକାରୀ ସଂସ୍ଥା।

ବଡ଼ କଥା ହେଲା ମାଟ୍ରିକ ଫେଲ୍ ଶେଖ୍ ଇମ୍ରାନ ମୋବାଇଲ୍‌ରେ ପୂରା ସ୍ମାର୍ଟ ଥିଲେ। ସେ କେବେ ରାଜ୍ୟ ବାହାରକୁ ଯାଇ ନ ଥିବା କଥା ତାଙ୍କ ବାପା କହୁଥିଲେ ମଧ୍ୟ ଇମ୍ରାନ ଦିଲ୍ଲୀ ଯାଇଥିବା ନେଇ ଦିଲ୍ଲୀ ପୋଲିସକୁ ମିଳିଥିବା ସୂଚନା ସନ୍ଦେହ ସୃଷ୍ଟି କରିଛି। ସେ କୁଆଡେ ଦିଲ୍ଲୀ ଯାଇ ଫେରିବା ପରେ ସୋସିଆଲ ମିଡିଆରେ ଜାତିଆଣ ମନ୍ତବ୍ୟ ସହ ଦେଶଦ୍ରୋହ ସମ୍ପର୍କିତ ପୋଷ୍ଟ କରିଥିବା ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ନଜରକୁ ଆସିଥିଲା। ଏବେ ଏପରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଲାଗିଛି। ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଇମ୍ରାନଙ୍କ ସହଯୋଗୀ ରହିଥିବା ଜଣାପଡିଛି। ତେବେ ହନିଟ୍ରାପ କରାଇଥିବା ଯୁବତୀ ଜଣକ କିଏ, ସେ ନେଇ ଅଧିକ ଖୋଳତାଡ଼ ଚାଲିଥିବା ସୂଚନା ଦେଇଛନ୍ତି ଏସ୍‌ଟିଏଫ ଏସ୍‌ପି।

ଏପଟେ ଇମ୍ରାନଙ୍କ ବାପା ଶେକ୍ ଅମିର ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି କହୁଛନ୍ତି। ଯିଏ ମାଛିକୁ ମ ବୋଲି କହେ ନାହିଁ, ସେ କିଭଳି ଦେଶଦ୍ରୋହୀ କାମ କରିବ। ସେ କେବଳ ମୋବାଇଲ୍ ୨୪ ଘଣ୍ଟା ବ୍ୟବହାର କରୁଥିଲେ। ମୋବାଇଲ୍‌ରେ ଗେମ୍ ଖେଳି କିଛି ଭୁଲ୍ ସାଇଟ୍‌କୁ ଖୋଲି ଦେଇଥିବ ବୋଲି ତାଙ୍କ ବାପା କହିଛନ୍ତି।

# ଯାତ୍ରା ଦେଖିବାବେଳେ ଗଲା ନାବାଳକଙ୍କ ଜୀବନ

## ହନୁମାନ ବେଶଧାରୀଙ୍କୁ ଡରି ବିଦ୍ୟୁତ୍ ସଂସ୍ପର୍ଶରେ ଚାଲିଆସିଲେ

କୃଷ୍ଣପ୍ରସାଦ,୧୨।୪(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଭବାନୀପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଯାତ୍ରା ଦେଖିବାବେଳେ ହନୁମାନବେଶଧାରୀଙ୍କୁ ଡରି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକଙ୍କ ଜୀବନ ଯାଇଛି। ମୃତକ ହେଲେ ପାରଳା ଗ୍ରାମର ପ୍ରମୋଦ ପ୍ରଧାନ ଓ ସୁମନ୍ତି ପ୍ରଧାନଙ୍କ ୧୪ ବର୍ଷୀୟ ପୁଅ ଶୁଭଙ୍କର ପ୍ରଧାନ। ସୂଚନା ଅନୁଯାୟୀ, ଶନିବାର ରାତିରେ ଭବାନୀପୁର ଗ୍ରାମରେ ରାମାୟଣ ନାଟକ ପରିବେଷଣ ହେଉଥିଲା। ବହୁ କଳାପ୍ରେମୀ ଉକ୍ତ ନାଟକ ଦେଖୁଥିଲେ। ଏହି ସମୟରେ ଦର୍ଶକଙ୍କ ନିକଟକୁ ହନୁମାନବେଶଧାରୀ କଳାକାର ଡେଇଁ ଡେଇଁ ଚାଲିଆସିଥିଲେ। ଏଥିରେ ଭୟଭୀତ ହୋଇ ଶୁଭଙ୍କର ପଛକୁ ଚାଲିଯାଇଥିଲେ। ପଛେଇ ଯିବାବେଳେ ଅଳ୍ପ ଉଚ୍ଚରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନର ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବିଦ୍ୟୁତ ସବ୍‌ଷ୍ଟେଶନ ଅସୁରକ୍ଷିତ ଭାବେ ବହୁ ତଳେ ଥିବାବେଳେ ଚାରିପଟେ ତାରବାଡ଼ କିମ୍ବା ପାଚେରି ନିର୍ମାଣ କରାଯାଇନାହିଁ। ପୂର୍ବରୁ ଏହି ଦମ୍ପତିଙ୍କ ଅନ୍ୟ ୨ ପୁତ୍ରଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଏବେ ଏକମାତ୍ର ପୁତ୍ରର ଅକାଳ ବିୟୋଗରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରମୋଦଙ୍କ ପରିବାରକୁ କ୍ଷତିପୂରଣ ଏବଂ ଅନୁକମ୍ପା ରାଶି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

ଧର୍ମଶାଳା/ଜେନାପୁର,୧୨।୪
(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତିରେ ଆଉ ଜଣେ ଯୁବକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ବିପିନ ସାହୁ। ୨ ଦିନ ହେବ ସେ ଆକ୍ରାନ୍ତ ହୋଇ କବାଟବନ୍ଧ ମେଡିକାଲରୁ ଚିକିତ୍ସିତ ହୋଇ ଫେରିଥିଲେ। ଶନିବାର ପୁଣି ସେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତ ୭ ତାରିଖରେ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗ୍ରାମର ଯୁବକ ବାଦଲ ମଲିକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ।

# ୪୧ ଡିଗ୍ରୀ ଟପିଲା ତାତି, ୧୮ ଯାଏ ନିସ୍ତାର ନାହିଁ

ଭୁବନେଶ୍ୱର,୧୨।୪(ବନ୍ଦନା ସେଠୀ)

## ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର

ରାଜ୍ୟରେ ଏବେ ଗରମ ଓ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ତାପମାତ୍ରା ୪୧ ଡିଗ୍ରୀ ଡେଇଁଥିବାବେଳେ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ରବିବାର ଏଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୧.୫ ଡିଗ୍ରୀ ଛୁଇଁଥିଲା। ଏହାତଳକୁ ଭବାନୀପାଟଣା ଓ ବଲାଙ୍ଗୀରରେ ୪୧ ଡିଗ୍ରୀ, ଝାରସୁଗୁଡା ୪୦.୭, ସମ୍ବଲପୁର ଓ ହୀରାକୁଦରେ ୪୦ ଡିଗ୍ରୀ, ସୋନପୁର ୩୯, ବୌଦ୍ଧ ୩୯.୫, ପାରଳାଖେମୁଣ୍ଡି ୩୯.୨, ଅନୁଗୋଳ ୩୯.୧, ରାଉରକେଲା ୩୮.୭, ସୁନ୍ଦରଗଡ଼ ୩୮.୬, ନୟାଗଡ ୩୮.୫, ଚାନ୍ଦବାଲି ଓ ମାଲକାନଗିରିରେ ୩୮.୨ ଡିଗ୍ରୀ, ଭଦ୍ରକ, ନୂଆପଡ଼ା ଏବଂ ନବରଙ୍ଗପୁରରେ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆସନ୍ତା ୧୮ ତାରିଖ ଯାଏ ରାଜ୍ୟବାସୀଙ୍କୁ ତାତିରୁ ନିସ୍ତାର ମିଳିବ ନାହିଁ। ତାପମାତ୍ରା ଆହୁରି ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ଓ ମଙ୍ଗଳବାର ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାରେ ପ୍ରବଳ ଖରା ସହିତ ଗରମ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ବରଗଡ଼ ଓ ବଲାଙ୍ଗୀର ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କରାଯାଇଥିବାବେଳେ ବାକି ୧୧ଟି ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ | Bhubaneswar, Monday, April 13/2026 | ପୃଷ୍ଠା-୧









ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସୀମାନ୍ତ ହୁଗୁଳି ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ଉତ୍ସବ ଅବସରରେ ରବିବାର ନୀଳ ପୋଖରୀରେ ନୀଳ ଉତ୍ସବ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ: ପ୍ରଦୀପ ଦାସ)

# ୨ ପିଲାଙ୍କୁ ହତ୍ୟା ପରେ ନିଜ ଗଳା କାଟିଲେ ମହିଳା

**ବଢ଼ୁଛି ପାରିବାରିକ ହିଂସା। ସନ୍ଦେହ ନେଇ ଯାଉଛି ଜୀବନ। ଦାମ୍ପତ୍ୟ ଜୀବନରେ ସୃଷ୍ଟ କଳିଝଗଡ଼ାକୁ ସମାଧାନ କରି ନ ପାରି ଜନ୍ମକଲା ପିଲାଙ୍କ ଜୀବନ ନେଇଯିବାକୁ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ। ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଏବଂ ପନିକିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।**



ଜିଜ୍ଞାସା ଓରାମ



ବିହାଂଶୁ ଓରାମ

**ଝାରସୁଗୁଡ଼ା,୧୨।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଏବଂ ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତକ ହେଲେ ଓରାମପଡ଼ାର ସୀତାରାମ ଓରାମଙ୍କ ଝିଅ ଜିଜ୍ଞାସା ଓରାମ(୧୦) ଏବଂ ପୁଅ ବିହାଂଶୁ ଓରାମ(୫)। ଅପରପକ୍ଷେ ୨ ପିଲାଙ୍କୁ ହତ୍ୟା କରିଥିବା ମା' ରଞ୍ଜିତା ଓରାମଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି ରବିବାର ପୂର୍ବାହ୍ନରେ ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପି ରାଘବେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ରଞ୍ଜିତା ସ୍ୱାମୀ ସୀତାରାମଙ୍କ ସହିତ ଓରାମ୍‌ପଡ଼ାରେ ରହୁଥିଲେ। ସୀତାରାମଙ୍କ ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ନେଇ ରଞ୍ଜିତା ସନ୍ଦେହ କରୁଥିଲେ। ଏହାକୁ ନେଇ ଗତ ୧୫ ଦିନ ହେବ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗି ରହୁଥିଲା। ୨ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ପାଇଁ ରଞ୍ଜିତା ବାରମ୍ବାର ସୀତାରାମଙ୍କୁ ଧମକ ଦେଉଥିଲେ। ଶୁକ୍ରବାର ରଞ୍ଜିତା ଏବଂ ସୀତାରାମଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ରଞ୍ଜିତା ଶୌଚ ହେବା ପାଇଁ ସୀତାରାମଙ୍କୁ ଉଠାଇଥିଲେ। ସୀତାରାମ ଘରର କବାଟ ଖୋଲି ବାହାରକୁ ବାହାରିବା ପରେ ରଞ୍ଜିତା ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଘର ଭିତରେ ଶୋଇଥିବା ଅବସ୍ଥାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ସେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ନିଜ ଗଳାକୁ ପନିକିରେ କାଟି ଦେଇଥିଲେ। ଏପଟେ ସୀତାରାମ ଯେତେ ଡାକିଲେ ମଧ୍ୟ ରଞ୍ଜିତା କବାଟ

☞ପୃଷ୍ଠା-୨

# ବିଦ୍ୟୁତ୍ ଉପରେ ପଡୁଛି ଗ୍ୟାସ୍ ଚାପ

**ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)**

## ୨ମାସରେ ବଢ଼ିଛି ୩୭୮.୭୮ 'ଏମ୍‌ୟୁ'

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି)ର ସଙ୍କଟ ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକେ ଏଲ୍‌ପିଜି ପାଇବା ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର ଆଶ୍ୱସ୍ତ କରାଗଲେ ମଧ୍ୟ ବାସ୍ତବକ୍ଷେତ୍ରରେ ଗ୍ୟାସ୍ ଅଭାବ ଲାଗି ରହିଛି। ତେଣୁ ଲୋକେ ଏବେ ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଚୁଲା(ଇଣ୍ଡକ୍ସନ) ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢ଼ି ଚାଲିଛି; ଯେଉଁଥିପାଇଁ ଦୁଇମାସରେ ୩୭୮.୭୮ ମିଲିୟନ ୟୁନିଟ୍(ଏମ୍‌ୟୁ) ଚାହିଦା ବଢ଼ିଛି ବୋଲି ଶକ୍ତି ବିଭାଗ ଆକଳନରୁ ଜଣାଯାଇଛି।

ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୫ ଫେବୃଆରୀରେ ରାଜ୍ୟରେ ୨୯୯୮.୨୪ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ଏହା ୨୦୨୬ ଫେବୃୟାରୀରେ ୨୩୧.୮୫ ଏମ୍‌ୟୁ ବୃଦ୍ଧି ପାଇ ୩୨୩୦.୦୮ ଏମ୍‌ୟୁରେ ପହଞ୍ଚିଛି। ସେହିପରି ୨୦୨୫ ମାର୍ଚ୍ଚରେ ରାଜ୍ୟରେ ୩୬୩୩.୫୧ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ୨୦୨୬ ମାର୍ଚ୍ଚରେ ଏହା ୧୪୬.୯୪ ଏମ୍‌ୟୁ ବୃଦ୍ଧି ପାଇ ୩୭୮୦.୪୫ ଏମ୍‌ୟୁରେ ପହଞ୍ଚିଛି; ଯାହାକି ଦୁଇମାସରେ ୩୭୮.୭୮ ଏମ୍‌ୟୁ ବଢ଼ିଛି। ଏହାକୁ ଦୃଷ୍ଟିରେ ବିଭାଗ ପକ୍ଷରୁ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଲାଗି ଏହାର ଭିତ୍ତିଭୂମି ସୁଦୃଢ଼କୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବିଭାଗର ବରିଷ୍ଠ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତମାସ ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରି କହିଛନ୍ତି, ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ଆଗାମୀ ଦିନରେ ଦୁଇଗୁଣା ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସେଠାରେ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ ସୁଦୃଢ଼ କରାଯିବ। ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିଶନ ବ୍ୟବସ୍ଥାର ବିକାଶ କରିବା ଲାଗି ସରକାରଙ୍କ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍ କେନ୍ଦୁଝର ବାସୁଦେବପୁରରେ ୧୬୪୭ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛି।

# ବିଦ୍ୟୁତ୍ ଆଘାତରେ ୩ ଦଣ୍ଡୁଆ ମୃତ, ୨ ଗୁରୁତର

**ଢେଙ୍କାନାଳ, ଅନୁଗୋଳ,୧୨।୪ (ରତନ ନାୟାର/ଜ୍ୟୋତିରଞ୍ଜନ ସାହୁ)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଳା ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଦଣ୍ଡଯାତ୍ରା ଲାଗି ମଞ୍ଚ ପ୍ରସ୍ତୁତ କରାଯାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଜଣ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମିଲନ ମହାଲିକ (୩୪), ଲକ୍ଷ୍ମୀଧର ସାହୁ (୨୪) ଓ ସୁଧାକର ସାହୁ (୪୦)। ସୂଚନାରୁ ଜଣାପଡ଼ିଛି, ସନ୍ଧ୍ୟାରେ ଦଣ୍ଡଯାତ୍ରା ପାଇଁ କେତେଜଣ ଦଣ୍ଡୁଆ ମଞ୍ଚ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ମଞ୍ଚ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଟେଣ୍ଟର ଷ୍ଟିଲ ବାର୍ ଲାଗିଯାଇଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରୁ ଜଣଙ୍କ ଘର ପାଟଳା ଗ୍ରାମରେ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘର ଓଡ଼ାପଡ଼ା ବ୍ଲକ ମୋଟଗାଁ ଥାନା ଅନ୍ତର୍ଗତ ବିଡ଼ୋ ଗ୍ରାମରେ ବୋଲି ଜଣାପଡ଼ିଛି। ଗୁରୁତର ଆହତ ପାଟଳା ଗ୍ରାମର ପ୍ରଫୁଲ୍ଲ ତରେଇଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ନିର୍ମଳ ସାହୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବାଲିମି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି।

# ସାମାଜିକ ଦାୟିତ୍ୱବୋଧ ବୃଦ୍ଧିକରେ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ

**ବଞ୍ଚୋ,୧୨।୪(ପ୍ରଦୋଷ କୁମାର ବିଶ୍ୱାଳ)**

## କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କୁଶଳେଶ୍ୱର ପିଏମ୍ ଶ୍ରୀ ସରକାରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଅଭିଭାଷଣରେ ଶିକ୍ଷାର ଅପାର ଗୁରୁତ୍ୱ ଉପରେ କହିଥିଲେ। ଶିକ୍ଷା ହେଉଛି ସମାଜର ଉନ୍ନତିର ମୂଳ ଆଧାର। ଏକ ସୁଶିକ୍ଷିତ ସମାଜ ହିଁ ଦେଶକୁ ଆଗକୁ ନେଇଯାଇପାରେ। ବିଦ୍ୟାଳୟ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେବା ସ୍ଥାନ ନୁହେଁ, ଏଠାରେ ଛାତ୍ରୀଛାତ୍ରଙ୍କ ନୈତିକ ମୂଲ୍ୟବୋଧ, ଶିଷ୍ଟାଚାର, ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧିରେ ସହାୟକ ହୋଇଥାଏ। ସରକାର ଶିକ୍ଷାର ମାନ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ସୁବିଧା ଯୋଗାଇ ଆସୁଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଛାତ୍ରୀଛାତ୍ରଙ୍କୁ ସେ ନିଜ ଲକ୍ଷ୍ୟ ସ୍ଥିର କରି ପରିଶ୍ରମ ଓ ଶିକ୍ଷା ଦ୍ୱାରା ସଫଳତା ହାସଲ କରିବାକୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଓ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ଥିଲେ। ଏହାସହ ଆଲୁମନି ଏବଂ ଉପଦେଷ୍ଟା ଭାବେ ରାମଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସଭାପତିଭାବେ ହାଡ଼ିବନ୍ଧୁ ପଟ୍ଟନାୟକ କାର୍ଯ୍ୟଭାର ନିର୍ବାହ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡା ବିଦ୍ୟାଳୟର ଇତିହାସ, ସଫଳତା ଓ ଉନ୍ନତି ଯାତ୍ରା ଉପରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା 'ଆନନ୍ଦାୟନ' କୁ ଉନ୍ମୋଚିତ କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ପୁରାତନ ଛାତ୍ର, ଶିକ୍ଷକ ଓ ସ୍ଥାନୀୟ ଲୋକ ଯୋଗଦେଇଥିଲେ।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀବାଟ ମହାବୀରଙ୍କ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ସ୍ଥାନ: ହଂସପାଳ ଗ୍ରାମର ପୁରୁଣା ଜଗନ୍ନାଥ ସଡ଼କ ପାର୍ଶ୍ୱ ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- ଅଶୋକ ନଗର ଉଠାଦୋକାନୀଙ୍କୁ ଭାଙ୍ଗିବା ଓ ଜିନିଷ ବୋହି ନବା ବିରୋଧରେ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ବିଏମ୍‌ସି ଅଫିସ୍ ଘେରାଉ, ସ୍ଥାନ: ବିଏମ୍‌ସି ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁସ୍ତକ ପାଠାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା।
- ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସକାଳ/ ସନ୍ଧ୍ୟା ଅଧିବେଶନ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖ ଶିଳାନ୍ୟାସ ଫଳକ, ସମୟ: ସକାଳ: ୬ଟା/ ଅପରାହ୍ନ ୫ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୭ ତମ ବାର୍ଷିକ ରାମଲୀଳାର ନାଟକ 'ତରଣୀସେନ ବଧ ଓ ବିରବାହୁ ବଧ, ସ୍ଥାନ: ବାଲିଅନ୍ତା ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ମହିରାବଣ ବଧ', ସ୍ଥାନ: ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଗ୍ରାମର ଶ୍ରୀ ପତିତପାବନ ଦେବଙ୍କ ମନ୍ଦିର ପରିସର, ସମୟ: ରାତି ୧୧ଟା।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତରଫରୁ ପିଠା ଷ୍ଟ୍ରିଟ୍ ଆୟୋଜନ, ସ୍ଥାନ: ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ଐତିହାସିକ ଇଦଗାପଡ଼ିଆକୁ ଜବରଦଖଲ ମୁକ୍ତ କରି ଆକର୍ଷଣୀୟ ସ୍ମୃତି ସ୍ତମ୍ଭ ସ୍ଥାପନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଇଦ୍‌ଗା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନ କରିବା ଦାବିରେ ନାଗରିକ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ କଚେରୀ ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୁଳସୀପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ବିଚାରପତି ବିମଳ ପ୍ରସାଦ ଦାସଙ୍କ ଆତ୍ମଜୀବନୀ ପୁସ୍ତକ ମାଇଁ ଜର୍ନି ଇନ୍ ଲାଇଫ ଆଣ୍ଡ ଲ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ହୋଟେଲ ପ୍ରମୋଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ୨୯ତମ ବାର୍ଷିକ ଶ୍ରୀରାମ ତାରକ ମହାଯଜ୍ଞ, ସ୍ଥାନ: ବାଟ ମହାବୀର ମନ୍ଦିର, ସାକ୍ଷୀଗୋପାଳ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଉତ୍ସବ– ୨୦୨୬, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ– ରାତି ୭ଟା।

## ଖୋର୍ଦ୍ଧା

ଶ୍ରୀମହାବୀରଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଇଲ୍ କିଶନ୍ ନଗର (ସାହେବ ନୂଆଗାଁ), ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ : ଶିକ୍ଷକ ଭବନ, ଖଇରା,ସମୟ : ସକାଳ ୭ଟା।
- ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ଧବଳେଶ୍ୱରଙ୍କ ପ୍ରସିଦ୍ଧ ପାଟ ଉତ୍ସବ,ସ୍ଥାନ: ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳ ୮ଟା।
- ପାରମ୍ପରିକ ଖାଦ୍ୟ ପରିବେଷଣ ପ୍ରତିଯୋଗିତା,ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍,ସମୟ : ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ତୋଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୭ଟା।
- ପଞ୍ଚମୁଖି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା ୩୦।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଚାଚେରି ଛକ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଯୋଡ଼ା ମହୋତ୍ସବର ଉଦ୍‌ଘାଟନ, ରୋଡ ସୋ, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ବାବା ଜଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ହରିନାମ ଯଜ୍ଞ,ସ୍ଥାନ: ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପ, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ,ସ୍ଥାନ:ରାଢ଼ୋ ଦୁର୍ଗା ମଣ୍ଡପ ଛକ, ଉଦଳା,ସମୟ:ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଜାମଶୋଳା ଚକଶୁଳିଆପଦା କଲେଜ, ସାରସକଣା, ସମୟ:ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ମହାପ୍ରଭୁଙ୍କ ଅଖଣ୍ଡ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ବାଉଁଶଦା(ପୁରୁଣାସାହି) ଗ୍ରାମ ହରିମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୧୫।
- ପାଣ୍ଡରା ଚୈତ୍ର ପର୍ବ କମିଟି ପକ୍ଷରୁ ବାବା ପାଣ୍ଡବେଶ୍ୱର ମହାଦେବଙ୍କ ଚୈତ୍ର ପର୍ବ, ମାନସିକଧାରୀଙ୍କ ଜିଭ ଫୋଡ଼ି ଓ ଶରୀରରେ କଣ୍ଟା ପାଟ,ସ୍ଥାନ:ପାଣ୍ଡବେଶ୍ୱର ବାବାଙ୍କ ପୀଠ ପ୍ରାଙ୍ଗଣ,ସମୟ: ଅପରାହ୍ନ ୪ଟା ୩୦।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଭରଦ୍ୱାଜ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ନଗର, ସମୟ: ସକାଳ ୮ଟା ୩୦।
- ନାଗରିକ ସମାଜର ଗଣଧାରଣା, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବେଲଗୁଣ୍ଠା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ ଟା।
- ବିଡିଓଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗର ବ୍ଲକ୍ ବ୍ରାହ୍ମଣପଦର, ସମୟ: ସକାଳ ୯ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିସିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ନାରାୟଣୀ ଯାତ୍ରା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଯାତ୍ରା କମିଟି କାର୍ଯ୍ୟଳୟ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- କବିତା ପାଠୋତ୍ସବ, ସ୍ଥାନ: ବହିମେଳା ପରିସର, ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଝୋଟି, ମୁରୁଜ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ପିଠାପଣା ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- କଳି କଳୁଶନାସନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କୁଞ୍ଜବଟ ମହାପୁରୁଷ ପୀଠ, ଜଗଦଳପୁର, ଗରଦପୁର, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର କେଏନଡିଏ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶରେ ୪୧ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି ଶିବିର, ସ୍ଥାନ:ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହ, ସମୟ:ସକାଳ ୭ଟା ।
- ମା' ମଙ୍ଗଳାଙ୍କ ଝାମୁଯାତ୍ରା, ସ୍ଥାନ: କୁମ୍ଭାରପଡା ମଙ୍ଗଳାଙ୍କ ପୀଠ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ବ୍ଲକସ୍ତରୀୟ ପୋଷଣ ପଖୋଡା, ସ୍ଥାନ: ବ୍ଲକ ଅଫିସ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା ୩୦।
- ଆଦିବାସୀ ଉନ୍ନୟନ ମନ୍ତ୍ରୀଙ୍କ ଝରିଗାଁ ବ୍ଲକ ଗସ୍ତ, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ମା' ବଡ ଦେବତାଙ୍କ ପୂଜା, ସ୍ଥାନ: ପଟ୍ଟାଙ୍ଗି ଶିଶୁ ବିଦ୍ୟା ମନ୍ଦିର ନିକଟ ପାହାଡ଼, ସମୟ: ସକାଳୁ ୮ଟାରୁ ସନ୍ଧ୍ୟା ୬ଟା।
- ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ଆୟୋଜନରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଓଡିଶା ପକ୍ଷ ପାଳନ,ସ୍ଥାନ: ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର,ତୁରେକେଲା,ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାବାଞ୍ଜି ନଗର କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ବିଦ୍ୟୁତ୍ ସବ୍‌ଡିଭିଜନ ଅଫିସ, କଣ୍ଟାବାଞ୍ଜି, ସମୟ : ପୂର୍ବାହ୍ନ ୧୦ଟା।

## ରାଉରକେଲା

- ସିଏମ୍ ଟ୍ରଫିର ୪ର୍ଥ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।

## ବରଗଡ଼

- ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବୈଠକ, ସ୍ଥାନ:କୃଷି କାର୍ଯ୍ୟାଳୟ, ଅତାବିରା,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଆମ ରୁଚି ଆମ ଖାଦ୍ୟ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୯ଟା।
- ପଣାସଂକ୍ରାନ୍ତି ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବ୍ରିଜ ଛକ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପିଠା ପଣା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ସ୍ଥିତ ଡିଏମ୍‌ସି ପାର୍କ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ତମାମୁରା ଗ୍ରାମପଞ୍ଚାୟତ ପରିସର, ସମୟ: ସକାଳ ୭ଟା୩୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝପଟି ଆଇଲି ଝପଟି ଗଲି**
**ପରୁଡ଼ି ମଶିଣା ପଡ଼ିଛି,**
**ସରୁ ଚୁଡ଼ାଖିଆ ମଉନମୁହାଁ**
**ଭାଉଜ ଶିକ୍ଷାରେ ପଡ଼ିଛି ।**

ପ୍ରାପ୍ତ ବୟସ୍କ ଦୁଇ ପୁରୁଷ–ନାରୀଙ୍କ ମଧ୍ୟରେ ପ୍ରେମ, ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ। ହେଲେ ଏହା ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ କୁହାଯାଇଥାଏ। ବିବାହ ପାଇଁ ଆୟୋଜନ ଅବ୍ୟାହତ ରହିଥିଲେ ସୁଦ୍ଧା ଦିଅର ନିଜ ଭାଉଜ ଜାଲରେ ପଡ଼ି ଦିନ ଗଡ଼ାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ କା'ର ପୁଅ କା'ର**
**ବାଇଦ ବାଜୁଛି ୟା'ର ତା'ର ।**

ସଂସାରରେ ପ୍ରତି ଘରର ପୁଅ ଝିଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି। ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୨୧ ଘଣ୍ଟାର ...

ପକ୍ଷ ଗ୍ରହଣ କଲାନାହିଁ। ଆମ ସର୍ତ୍ତାବଳୀକୁ ଗ୍ରହଣ କରିବା ଭଳି କୌଣସି ସ୍ଥିତି ଇରାନୀୟ ପକ୍ଷଙ୍କଠାରେ ପାଇପାରିଲୁ ନାହିଁ ବୋଲି ଆମେରିକା ଉପରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଇରାନର ମୁଖ୍ୟ ବୁଝାମଣାକାରୀ ଘାଲିବାଫ୍ ରବିବାର କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ ଲକ୍ଷ୍ୟରେ ପାକିସ୍ତାନରେ ଚାଲିଥିବା ଆଲୋଚନାରେ ଆମେରିକା ଇରାନର ବିଶ୍ୱାସ ଜିତିବାରେ ବିଫଳ ହେଲା। ଇରାନ ପ୍ରତିନିଧି ଦଳ ଭବିଷ୍ୟତକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରିଥିଲେ। କିନ୍ତୁ ବିପକ୍ଷ ଟିମ୍ ଆମ ପ୍ରତିନିଧିଙ୍କ ବିଶ୍ୱାସ ଜିତିପାରିଲା ନାହିଁ। ଏକ ସମାଧାନ ଚୁକ୍ତିରେ ପହଞ୍ଚିବା ପାଇଁ ସଦିଚ୍ଛା ଜରୁରୀ ବୋଲି ଆଲୋଚନା ପୂର୍ବରୁ ଘାଲିବାଫ୍ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ ପୂର୍ବରୁ ହୋଇଥିବା ୨ଟି ଯୁଦ୍ଧର ଅଭିଜ୍ଞତାରୁ ବିରୋଧୀ ପକ୍ଷଙ୍କ ଉପରେ ଆମର ବିଶ୍ୱାସ ରହିଲା ନାହିଁ ବୋଲି ସେ କହିଛନ୍ତି। ଆମ ତର୍କ ଓ ନୀତିକୁ ଆମେରିକା ବୁଝିପାରିଛି। ତେଣୁ ସେମାନେ ଆମ ବିଶ୍ୱାସ ଜିତିପାରିବେ କି ନାହିଁ ସେମାନେ ତାହାର ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ଇରାନ ପାର୍ଲାମେଣ୍ଟ ବାଚସ୍ପତି କହିଛନ୍ତି।

ଇସ୍‌ଲାମାବାଦରେ ଇରାନ ଓ ଆମେରିକାର ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଚାଲିଥିବା ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିଲା। ଇରାନର ଆଣବିକ କାର୍ଯ୍ୟକ୍ରମ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଏବଂ ତେହରାନ୍‌ର ଜବତ ସମ୍ପତ୍ତିକୁ ମୁକ୍ତ କରିବା ନେଇ ବୁଝାମଣାକାରୀମାନେ କୌଣସି ନିଷ୍କର୍ଷରେ ପହଞ୍ଚିବାରେ ବିଫଳ ହେଲେ ବୋଲି ଇରାନ ଗଣମାଧ୍ୟମ ରିପୋର୍ଟ କରିଛି।

## ପରଲୋକରେ ଆଶା ...

ସହ ସାରା ବିଶ୍ୱର ଅଗଣିତ ହୃଦୟକୁ ସ୍ପର୍ଶ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୮ ଦଶନ୍ଧିର କ୍ୟାରିୟର ମଧ୍ୟରେ ଆଶା ଭୋସ୍‌ଲେ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଜଣାଶୁଣା। ସେ ରୋମାଣ୍ଟିକ୍ ଗୀତଠାରୁ ଆରମ୍ଭ କରି ଗଜଲ ପର୍ଯ୍ୟନ୍ତ ଅନେକ ସ୍ମରଣୀୟ ମେଲୋଡି ଗାଇଛନ୍ତି। ତାଙ୍କର କେତେକ ସବୁଠୁ ଲୋକପ୍ରିୟ ଗୀତ ମଧ୍ୟରେ ରହିଛି 'ଅଭି ନା ଯାଓ ଛୋଡ୍ କର୍', 'ଇନ୍ ଆଖୋଁ କୀ ମସ୍ତି', 'ଦିଲ୍ ଚିଜ୍ କ୍ୟା ହୈ', 'ପିୟା ତୁ ଅବ୍ ତୋ ଆଜା', 'ଦୁନିଆଁ ମେ ଲୋଗୋଁ କୋ' ଏବଂ ଜାରା ସେ ଝୁମ୍ ଲୁନ୍ ମୈଁ', 'ଦମ୍ ମାରୋ ଦମ୍' ପ୍ରମୁଖ। ସେ ବିଭିନ୍ନ ଭାରତୀୟ ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ରେକର୍ଡ କରାଇବା ସହ ମୀନା କୁମାରୀ, ମଧୁବାଲା, ଶର୍ମିଳା ଟାଗୋର, ଆଶା ପାରେଖ, ଜିନତ୍ ଅମନ, ରେଖାଙ୍କଠାରୁ ଆରମ୍ଭକରି କାଜୋଲ, ଉର୍ମିଳା ମାତୋଣ୍ଡକର, କରିସ୍ମା କପୁର, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଶମିତା ସେଟ୍ଟୀଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ଏବଂ ପଦ୍ମିନୀ ଓ ବୈଜୟନ୍ତୀମାଳାଙ୍କ ଭଳି ଦକ୍ଷିଣୀ ଅଭିନେତ୍ରୀଙ୍କ ପାଇଁ କଣ୍ଠଦାନ କରିଥିଲେ। ୨୦୨୩ରେ ଆଶା ଦୁବାଇରେ ଏକ ସ୍ୱତନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମ 'ଆଶା@୯୦: ଲିଭ୍ ଇନ୍ କନ୍‌ସର୍ଟ'ରେ ଗୀତ ପରିବେଷଣ କରି ନିଜର ୯୦ତମ ଜନ୍ମଦିନ ପାଳିଥିଲେ। ଆସନ୍ତା ସେପ୍ଟେମ୍ବର ୮ରେ ସେ ୯୩ ବର୍ଷ ବୟସରେ ପଦାର୍ପଣ କରିଥାନ୍ତେ। ତାଙ୍କ ପରଲୋକ ବହୁ ପିଢ଼ିର ସଙ୍ଗୀତପ୍ରେମୀମାନଙ୍କୁ ଶୋକାଭିଭୂତ କରିଛି।

ଦୀର୍ଘ ଦଶନ୍ଧିର ସଙ୍ଗୀତ ସାଧନା ପାଇଁ ଆଶା ଭୋସ୍‌ଲେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୮ରେ ତାଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୭ ଥର ଫିଲ୍ମ ଫେୟାର ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ ଗାୟିକା ପୁରସ୍କାର ପାଇଥିବାବେଳେ ୨୦୦୧ରେ ଫିଲ୍ମଫେୟାର ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ, ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟଗାୟିକା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଆଇଫା ପୁରସ୍କାର ଏବଂ ୨୦୦୧ରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ।

ମାତ୍ର ୧୦ ବର୍ଷ ବୟସରେ ଆଶା ଭୋସ୍‌ଲେ ତାଙ୍କର ପ୍ରଥମ ସିନେମା ଗୀତ ୧୯୪୩ର ମରାଠୀ ଚଳଚ୍ଚିତ୍ର ମାଝା ବାଲ୍ ପାଇଁ ଗାଇଥିଲେ। ମେଲୋଡି କୁଇନ୍ ସ୍ୱର୍ଗତା ଲତା ମଙ୍ଗେସ୍କରଙ୍କ ସାନଭଉଣୀ ଆଶା ନିଜେ ଜଣେ ଅଗ୍ରଗାମୀ ଗାୟିକା ଥିଲେ। ସେ ସବୁବେଳେ ପାଖରେ ଦିଦିଙ୍କ ପାଇ କୃତଜ୍ଞ ଥିଲେ ମଧ୍ୟ ସବୁବେଳେ ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ଚାହୁଁଥିଲେ। ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର କାହାଣୀ ବହୁ ପୁରୁଣା ହେଲେ ମଧ୍ୟ କେହି କେବେ ବି ଏହାକୁ ସିଧାସଳଖ ସ୍ୱୀକାର କରି ନ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗଭୀର ଶୋକ

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ସୁପ୍ରସିଦ୍ଧ ସଙ୍ଗୀତଶିଳ୍ପୀ ଆଶା ଭୋସ୍‌ଲେଙ୍କ ଦେହାନ୍ତକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଆଶା ଭୋସ୍‌ଲେଙ୍କ ସର୍ବକାଳୀନ ସୁଲଳିତ କଣ୍ଠର ସ୍ୱର କେବଳ ସଙ୍ଗୀତ ନୁହେଁ, ଏହା ଥିଲା ଭାବନାର ଏକ ଅବିଚ୍ଛିନ୍ନ ଧାରା; ଯାହା ଅନେକ ପିଢ଼ିର ହୃଦୟକୁ ସ୍ପର୍ଶ କରିଛି। ତାଙ୍କ ଦେହାନ୍ତ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି । ଏହି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପରିବାରବର୍ଗ, ପ୍ରଶଂସକ ଏବଂ ସମଗ୍ର ସଙ୍ଗୀତ ଜଗତକୁ ହୃଦୟରୁ ସମବେଦନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨ ପିଲାଙ୍କୁ ହତ୍ୟା...

ଖୋଲି ନ ଥିଲେ। ଫଳରେ ସେ ନିଜ ବଡ଼ଭାଇଙ୍କୁ ଡାକିବା ସହ ପଛପଟ ଝରକା ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଘର ଚଟାଣରେ ଜିଜ୍ଞାସା, ବିହାଂଶୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାବେଳେ ରଞ୍ଜିତା ନିଜ ଗଳାକୁ ପନିକିରେ କାଟୁଥିବା ସେ ଦେଖିଥିଲେ। ତୁରନ୍ତ ସୀତାରାମ ରଞ୍ଜିତାଙ୍କ ହାତରୁ ପନିକି ଛଡ଼ାଇବା ସହ ଘରର କବାଟ ଖୋଲିଥିଲେ। ଖବରପାଇ ପଡୋଶୀ ତାଙ୍କ ଘର ସମ୍ମୁଖରେ ଜମା ହୋଇଥିଲେ। ଏ ସମ୍ପର୍କରେ ସୀତାରାମଙ୍କ ବଡ଼ଭାଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ଟି ଆମ୍ବୁଲାନ୍ସରେ ୩ ଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ପନିକିକୁ ପୋଲିସ ଜବତ କରିଛି। ଅପରପକ୍ଷେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଓ ସ୍ୱାମୀଙ୍କ ପରକୀୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଏସ୍‌ପି କହିଛନ୍ତି, ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ରଞ୍ଜିତାଙ୍କ ବୟାନ ରେକର୍ଡ କରିଛି। ଅନ୍ୟ ମହିଳାଙ୍କ ସହ ସୀତାରାମ ସମ୍ପର୍କ ରଖିବାରୁ ରାଗରେ ୨ ପିଲାଙ୍କୁ ହତ୍ୟା କରିଥିବା ରଞ୍ଜିତା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବିମାନବନ୍ଦର ଥାନାରେ ହତ୍ୟା ମାମଲା(ନଂ.୬୯/୨୬) ରୁଜୁ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ପାପଗ୍ରହ ଯୁକ୍ତ ଏକାଦଶସ୍ଥ ଚନ୍ଦ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସୁସମ୍ପର୍କ କ୍ଷେତ୍ରରେ ବାଧା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ରମେ କାମରେ ଲାଗିପଡନ୍ତୁ, ଅବଶ୍ୟ ଅଳ୍ପ ସମୟ ପରେ ସବୁ ଠିକ୍ ହୋଇଯିବ। ଅତୀତର କେତେକ କୃତକର୍ମ ପାଇଁ ଅନୁତାପ କରିପାରନ୍ତି।

**ବୃଷ** – ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଯୋଗୁ ମନରେ ସାମୟିକ ଉତ୍ତେଜନା ଲାଗି ରହିବ। ବହୁତ ଦିନ ଧରି ଯାହା ଖୋଜୁଥିଲେ ଆଜି ତାହା ଠିକ୍ ସମୟରେ ପାଇଯିବେ। ଉପକୃତ ହୋଇଥିବା ନିଜର ଲୋକଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ।

**ମିଥୁନ** – କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବହୁତଦିନରୁ ଦେଖି ନ ଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟରେ ଲାଭ ହେବ। ପରିବାରର କୌଣସି ବିବାଦୀୟ ପରିସ୍ଥିତି ସମାଧାନ ସକାଶେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** – ଚନ୍ଦ୍ରଙ୍କ ଅଷ୍ଟମସ୍ଥିତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯିବ ଏବଂ ରାହୁଙ୍କ ସଂଯୋଗରୁ କୌଣସି ସମସ୍ୟା ଆସିପାରେ। ଯେତେ ବନେଇ ଚୁନେଇ କହିଲେ ମଧ୍ୟ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝି ପାରିବେ ନାହିଁ। ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ପରିବାର ସହ ଆଲୋଚନା କରିପାରନ୍ତି।

**ସିଂହ** – ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ସମାଧାନ ହୋଇଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖଦେବ। କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ।

**କନ୍ୟା** – ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ କୌଣସି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ପ୍ରକାଶନ,ପ୍ରଶାସନ,ଆନୁଷ୍ଠାନିକ କାମ, ସାମ୍ବାଦିକତା ତଥା ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇବେ।

**ତୁଳା** – କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ ଯାହାକି ଆପଣଙ୍କୁ ଧର୍ମସଙ୍କଟରେ ପକାଇପାରେ। ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିବଢି ଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହିବା ଭଲ।

**ବିଛା** – ପୂର୍ବାବସ୍ଥାର ପରିବର୍ତ୍ତନ ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ଆଶାବାଦୀ ହେବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି ପଦକ୍ଷେପ ନ ନେଲେ ପରିସ୍ଥିତି ବିଗିଡି ଯାଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ। ଆଜି ସବୁ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ** – ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଅର୍ଥ ସମ୍ପର୍କିତ କଥାବାର୍ତ୍ତାରେ କୌଣସି ବାଧା ଉପୁଜିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟିକରିପାରନ୍ତି। ସ୍ୱାର୍ଥସାଧନ ମାନସରେ ପଡୋଶୀମାନେ ଆପଣଙ୍କର ଭୂରିଭୂରି ପ୍ରଶଂସା କରିବେ। ପିଲାଙ୍କ ପଢା ସମସ୍ୟା ନେଇ ଚିନ୍ତିତ ରହିବେ।

**ମକର** – ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ଦୀର୍ଘ ଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମୟିକ ମନକୁ ହାଲୁକା କରିପାରନ୍ତି।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଯାହାଠାରୁ ଋଣ ଆଣିଥିବେ ସେ ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର କଟୁକ୍ତି ପ୍ରକାଶ କରିପାରେ। ସମସ୍ୟା ଆସିଲେ ମଧ୍ୟ ଆପଣ ପାଖପଡୋଶୀଙ୍କ ସହାୟତା ଲାଭକରି ସମାଧାନ କରିପାରିବେ। ନିଜ ଲୋକ ଅଭିଯୋଗ ଆଣିପାରନ୍ତି।

**ମୀନ** – ବନ୍ଧୁବର୍ଗଙ୍କ ସହ ଆଲୋଚନା ମାଧ୍ୟମରେ ପରିବାରରୁ ଭୁଲ ବୁଝାମଣା ଦୂରେଇଯିବ। ପ୍ରଶାସନିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ବାକ୍ ବିତଣ୍ଡା ଘଟିପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ। ସାହିତ୍ୟ ଓ ଚଳଚ୍ଚିତ୍ର, ମନୋରଞ୍ଜନ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ଏପ୍ରିଲ ୧୩ ତାରିଖ, ବୈଶାଖ କୃଷ୍ଣ ଏକାଦଶୀ ସୋମବାର। ରାଶିନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ, ଘ.୦୭।୦୭ ମଧ୍ୟେ, ଘ. ୧୦।୩୨ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୦୭ ଗତେ, ଘ. ୦୮।୪୦ ମଧ୍ୟେ ରାହୁ କାଳ।

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ବରୁଥିନା ଏକାଦଶୀ,
ମାସନ୍ତ ଓ ହଳ ନିଷେଧ



# ଇରାନୀ ନେତାର ନାହିଁ ପ୍ରୟୋଜନ

ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦଠାରେ ଆମେରିକା ଓ ଇରାନ୍ ମଧ୍ୟରେ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ଶେଷରେ ବିଫଳ ହୋଇଛି। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ଇରାନ୍ ତାଙ୍କ ସର୍ତ୍ତାବଳୀ ମାନିବାକୁ ରାଜି ନ ହେବାରୁ ଶାନ୍ତି ଚୁକ୍ତି ହୋଇପାରିଲା ନାହିଁ। ଆମେରିକା ସର୍ତ୍ତ ରଖିଥିଲା ଯେ, ଇରାନ୍ ପାରମାଣବିକ ଅସ୍ତ୍ର ଗୋଟାଇବ ନାହିଁ ଓ ଯେଉଁ ଉପକରଣଗୁଡ଼ିକ ଶୀଘ୍ର ପାରମାଣବିକ ଅସ୍ତ୍ର ପାଇବାରେ ସହାୟକ ହୋଇପାରିବ, ସେଗୁଡ଼ିକ ମଧ୍ୟ ସଂଗ୍ରହ କରିବ ନାହିଁ। ଅନ୍ୟପକ୍ଷରେ ଇରାନ୍ କହିଛି ଯେ, ଦୁଇ ପକ୍ଷ ଅନେକ ପ୍ରସଙ୍ଗରେ ବୁଝାମଣାରେ ପହଞ୍ଚିଥିଲେ ମଧ୍ୟ ଚୁକ୍ତି ଅନୁଷ୍ଠିତ ହୋଇପାରିଲା ନାହିଁ। ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ ବାଘାଇ କହିଛନ୍ତି, କଥାବାର୍ତ୍ତା ବେଳେ ହର୍ମୁଜ ଜଳପଥ, ପାରମାଣବିକ ବିଷୟ, ଆର୍ଥିକ ନିଷେଧାଜ୍ଞା, କ୍ଷତିପୂରଣ ସହିତ ଇରାନ୍ ସହ ଯୁଦ୍ଧର ସମାପ୍ତି ଘୋଷଣା କରିବା ଆଦି ପ୍ରସଙ୍ଗ ମୁଖ୍ୟ ଥିଲା। ହେଲେ ଆମେରିକା ଯେଭଳି ସହଯୋଗ କରିବା କଥା, ତାହା କଲା ନାହିଁ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଇରାନ୍ ବାରମ୍ବାର କହି ଆସୁଛି ଯେ, ତାହାର ପାରମାଣବିକ କାର୍ଯ୍ୟକ୍ରମ ସାଧାରଣ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଓ ସେଥିପାଇଁ ୟୁରାନିୟମ ସମୃଦ୍ଧୀକରଣ ଜାରି ରଖିବାର ଅଧିକାର ତାହାର ଅଛି। ତେବେ ଆମେରିକାର ଅତ୍ୟଧିକ ଦାବି ଆଲୋଚନାକୁ ଚ୍ୟୁତ କରିଥିବା ଅନ୍ତର୍ଜାତୀୟ ବିଶେଷଜ୍ଞମାନେ କହିଛନ୍ତି।

ଶାନ୍ତି ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ପାକିସ୍ତାନର କୂଟନୈତିକ ଉଦ୍ୟମ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଆଲୋଚ୍ୟ ବିଷୟ ହୋଇ ରହିଲା। ଦୁଇ ଦେଶ ଶାନ୍ତି ଚୁକ୍ତିରେ ପହଞ୍ଚି ନ ପାରିବା ଭିନ୍ନ କଥା। ଏକ ସୁନ୍ନିବହୁଳ ରାଷ୍ଟ୍ରର ମାଟି ଉପରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନା ବିଶ୍ୱଶାନ୍ତି ଓ ସ୍ଥିରତା ଦିଗରେ ପ୍ରଭାବ ପକାଇଛି। ଏଠାରେ ସୁନିଶ୍ଚିତ କହିହେବ ଯେ, ପାକିସ୍ତାନକୁ ବାରମ୍ବାର ଏକ ଉଗ୍ରବାଦ ସମର୍ଥକ ଦେଶ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ଭାରତ ତାହାର କୂଟନୀତିରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପଟେ ୨୮ ଫେବୃୟାରୀ ୨୦୨୬ରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଗୋଟେପଟେ ଆମେରିକା ଓ ଇସ୍ରାଏଲ ଥିବାବେଳେ ବିପକ୍ଷରେ ଇରାନ୍ ଥିଲା। ଫେବୃଆରୀ ୨୮ ପର୍ଯ୍ୟନ୍ତ ହର୍ମୁଜ ସବୁ ଜାହାଜ ପାଇଁ ଖୋଲା ଥିଲା। ପରମାଣୁ ବ୍ୟବସ୍ଥା ସମ୍ପର୍କରେ ଆମେରିକା ସହ ଇରାନ୍‌ର କଥାବାର୍ତ୍ତା ଲାଗି ରହିଥିଲା। ଇସ୍ରାଏଲ କଥାରେ ପଡ଼ି ଆମେରିକା ହଠାତ୍, ବିନା କୌଣସି କାରଣରେ, ଇରାନ୍ ଉପରେ ଆକ୍ରମଣ ଆରମ୍ଭ କରିଦେଲା। ସମ୍ଭବତଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାବିଥିଲେ ଇସ୍ରାଏଲ ଯୋଗାଇଥିବା ଗୋଇନ୍ଦା ତଥ୍ୟ ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ଇରାନ୍ ସହ ଯୁଦ୍ଧ ଶେଷ ହୋଇଯିବ। ହୁଏତ ସେ ପୁଣି ଭାବିଥିଲେ, ଇରାନ୍‌ର ନେତାମାନଙ୍କୁ ମାରିଦେଲେ ନିଷ୍ପତ୍ତି ନେବା ପାଇଁ କେହି ନ ଥିବେ। ତେଣୁ, ସ୍ୱାଭାବିକ ଭାବେ, ଇରାନ୍ ଭୁଶୁଡ଼ି ପଡ଼ିବ। ଆମେରିକାକୁ ଅଜଣା ଥିଲା ଯେ, ରାଜାରାଜୁଡ଼ା ଶାସନକୁ ବିଦାକରି ଇରାନ୍ ଆପଣାଇଥିବା ଏକ ଭିନ୍ନ ବୈପ୍ଳବିକ ପ୍ରଶାସନିକ ବ୍ୟବସ୍ଥାରେ ସାମନ୍ତବାଦ ଚିନ୍ତାଧାରା ଲୋପ ପାଇଯାଇଛି। ଇରାନ୍ ଏହି ଯୁଦ୍ଧ ମାଧ୍ୟମରେ ପ୍ରମାଣ କରିଦେଲା ଯେ, ସେହି ଦେଶରେ କୌଣସି ନେତାର ପ୍ରୟୋଜନ ନାହିଁ। ଓଡ଼ିଆ ଭାଷାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାରେ ଲେଖାଅଛି- 'ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ'। ଦୁଃଖର ବିଷୟ ଯେ, ଓଡ଼ିଆ ଜାତି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଧାଡ଼ିର ଅର୍ଥ ଆଜିଯାଏ ବୁଝିପାରିଲା ନାହିଁ। ଏବେ ଏଠାରେ ଓଡ଼ିଆଙ୍କ ସମ୍ପର୍କରେ ଆଲୋଚନା କରିବା ବୃଥା। ଇରାନ୍ ସମ୍ପର୍କରେ ଆମେରିକାକୁ ଇସ୍ରାଏଲ ଦେଇଥିବା ସବୁ ତଥ୍ୟ ଅବାସ୍ତବ ଏବଂ ଅପରିପକ୍ୱ ବୋଲି ପରବର୍ତ୍ତୀ ସମୟରେ ବୁଝାପଡୁଛି। ସେହିଭଳି ଆମେରିକାର ଗୋଇନ୍ଦା ତଥ୍ୟ ମଧ୍ୟ ଅକାମୀ ବୋଲି ପ୍ରମାଣିତ ହେଲା। ଇରାନ୍ ପାଖରେ ଆଣବିକ ବୋମା ନାହିଁ। ସେହି ଦେଶରେ ଯୁଦ୍ଧ ସାମଗ୍ରୀ ତିଆରି କରିବାର କ୍ଷମତା ଅତ୍ୟନ୍ତ ସୀମିତ। ତଥାପି ପୃଥିବୀର ସର୍ବଶକ୍ତିଶାଳୀ ମିଲିଟାରୀକୁ ମାସକ ଭିତରେ ଇରାନ୍ ଆଣ୍ଠେଇ ଦେଇପାରିଲାଣି।

ଏହି ପ୍ରଚ୍ଛଦପଟରେ କହିହେବ ଯେ, ମଧ୍ୟପ୍ରାଚ୍ୟରେ ଅଶାନ୍ତ ସ୍ଥିତି ଲାଗିରହିବ। ଯୁଦ୍ଧ ଆରମ୍ଭ କରାଇ ନିଜେ ଇସ୍ରାଏଲ ଓ ଆମେରିକା ଉଭୟେ ଖାପ୍‌ଚରେ ପଡ଼ିଯାଇଛନ୍ତି। ଆମେରିକା ତା'ର ସଶସ୍ତ୍ର ବାହିନୀକୁ ଫେରାଇ ନେଇପାରେ। କିନ୍ତୁ ଇସ୍ରାଏଲ ସବୁବେଳେ ଇରାନ୍‌ର କୋପଦୃଷ୍ଟିରେ ରହିବା ସହିତ ଇରାନୀ ରକେଟ୍ ଏବଂ ଡ୍ରୋନ୍‌ର ମାଡ଼ କରିବା ସୀମା ଭିତରେ ରହିବ। ହର୍ମୁଜ ଜଳପଥ ଅତିଶୀଘ୍ର ସୁରକ୍ଷିତ ହୋଇଯିବ ବୋଲି ବିଶ୍ୱାସ କରିହେଉ ନାହିଁ। ଏଭଳି ଏକ ଅସ୍ୱଚ୍ଛ ପରିସ୍ଥିତିରେ ଭାରତର ଇସ୍ରାଏଲ ସାଙ୍ଗରେ ବନ୍ଧୁତ୍ୱ ଆମ ଦେଶ ପାଇଁ ଦୀର୍ଘମିଆଦୀ କ୍ଷତି କରିବ। କାରଣ ପୃଥିବୀରେ ଆମେରିକା ଓ ଚାଇନା ପରେ ତୃତୀୟ ସ୍ଥାନରେ ସର୍ବାଧିକ ପେଟ୍ରୋଲିୟମ୍ ଦ୍ରବ୍ୟ ବ୍ୟବହାର କରୁଥିବା ଦେଶ ହେଉଛି ଭାରତ। ତେଣୁ ଦୂରତା ମାପିଲେ ମଧ୍ୟପ୍ରାଚ୍ୟ ଭାରତ ପାଇଁ ସବୁଠାରୁ ନିକଟତର ତୈଳ ଯୋଗାଣ ଅଞ୍ଚଳ। ସେହି ଅଞ୍ଚଳରେ ଦୀର୍ଘଦିନ ଧରି ଭାରତର ସୁସମ୍ପର୍କ ଗଢ଼ି ଉଠିଥିଲା। ହଠାତ୍ ଇସ୍ରାଏଲ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ଏବଂ ସାମ୍ପ୍ରତିକ ଇରାନ୍ ଯୁଦ୍ଧକୁ ନେଇ ଭାରତର ସମ୍ପୂର୍ଣ୍ଣ ନୀରବତା ଏହି ଦେଶର ଅର୍ଥନୀତି ଉପରେ ପ୍ରବଳ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହେଉଛି।

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 7 |
| | | 5 | | | | | 6 | 8 |
| | | | | 8 | | | 5 | |
| | | | 6 | | | | | |
| | | 2 | | | | | 4 | |
| | 1 | 6 | | | | 9 | | |
| 2 | | 4 | | 3 | 9 | 5 | | |
| | 5 | 1 | | | | | | 3 |
| 3 | | | | 2 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 1 | 2 | 8 | 6 | 4 | 7 |
| 4 | 7 | 8 | 6 | 5 | 9 | 1 | 3 | 2 |
| 6 | 1 | 2 | 7 | 4 | 3 | 9 | 8 | 5 |
| 7 | 8 | 5 | 9 | 1 | 4 | 3 | 2 | 6 |
| 2 | 3 | 9 | 5 | 8 | 6 | 4 | 7 | 1 |
| 1 | 6 | 4 | 2 | 3 | 7 | 8 | 5 | 9 |
| 5 | 4 | 6 | 3 | 9 | 2 | 7 | 1 | 8 |
| 3 | 2 | 7 | 8 | 6 | 1 | 5 | 9 | 4 |
| 8 | 9 | 1 | 4 | 7 | 5 | 2 | 6 | 3 |

ଗତକାଲିର ଉତ୍ତର

# ଯୁଦ୍ଧ ଓ ଶ୍ୱାସରୁଦ୍ଧ ସମ୍ବେଦନଶୀଳତା



ପ୍ରକାଶ ତ୍ରିପାଠୀ

ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା ପରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଉଭୟ ଦେଶର ପ୍ରତିନିଧିମଣ୍ଡଳୀଙ୍କ ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଆଶା ଥିଲା, ଏହି ଆଲୋଚନାରେ ଉଭୟ ରାଷ୍ଟ୍ର ସକାରାତ୍ମକ ନିଷ୍କର୍ଷ ବାହାର କରିବେ, ଯଦ୍ୱାରା କେବଳ ମଧ୍ୟପ୍ରାଚ୍ୟ, ଉପସାଗରୀୟ ଅଞ୍ଚଳ ନୁହେଁ, ସମଗ୍ର ବିଶ୍ୱ ଶାନ୍ତିରେ ନିଃଶ୍ୱାସ ମାରିବ। କିନ୍ତୁ ତାହା ସଫଳ ହେଲା ନାହିଁ। ଯଦି ଇରାନ-ଇସ୍ରାଏଲ,ଆମେରିକା ଯୁଦ୍ଧର ବିଭୀଷିକାକୁ ଦେଖିବା, ତେବେ ପ୍ରଥମେ ନଜର ଆସିବ ଇରାନର ମିନାବରେ ଥିବା ଶାଜାରେହ ତୟେବେହ ପ୍ରାଥମିକ ବିଦ୍ୟାଳୟ ଉପରେ ହୋଇଥିବା ଅମାନବୀୟ କ୍ଷେପଣାସ୍ତ୍ର ଆକ୍ରମଣରେ ପାଖାପାଖି ୧୮୦ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ପିଲା। ଚଳିତ ଇରାନ୍ ଓ ଇସ୍ରାଏଲ- ଆମେରିକା ଯୁଦ୍ଧରେ ଏହା ଏକ ଅତ୍ୟନ୍ତ ଅମାନବୀୟ ଘଟଣା। ସେହିପରି ଆଫଗାନିସ୍ତାନ- ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ କାବୁଲର ଏକ ଡାକ୍ତରଖାନା ଉପରେ ପାକିସ୍ତାନୀ ବିମାନ ଆକ୍ରମଣ ଯୋଗୁ ଅତିକମ୍‌ରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଚିକିତ୍ସକ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱାୟନ ସହାୟତାରେ ମାନବ ସଭ୍ୟତା ପ୍ରଗତିର ଅଭୂତପୂର୍ବ ଶିଖର ଆଡ଼କୁ ଅଗ୍ରସର ହେଉଥିବା ବେଳେ ବିଶ୍ୱର ଅନେକ ସ୍ଥାନରେ ଏହିଭଳି ଯୁଦ୍ଧର ଉନ୍ମାଦ ମାନବିକ ମୂଲ୍ୟବୋଧକୁ ଦଳିଦେଉଛି। ଏହା ଏକ ଗଭୀର ଯନ୍ତ୍ରଣାଦାୟକ ବିରୋଧାଭାସ। ଯେତେବେଳେ ମାନବଜାତି ମହାକାଶରେ ଗ୍ରହ, ଉପଗ୍ରହ ଓ ନକ୍ଷତ୍ରରେ ଜୀବନ ଖୋଜୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜୀବନକୁ ସହଜ କରୁଛି, ସେତେବେଳେ ମଣିଷ-ମଣିଷ ଭିତରେ ହିଂସା, ପ୍ରତିଶୋଧ, କ୍ରୋଧ, ଘୃଣା ଏବଂ ଆଧିପତ୍ୟର ପ୍ରବୃତ୍ତି ଏତେ ଶକ୍ତିଶାଳୀ ହୋଇଛି ଯେ ଏହା ନିଜ ଅସ୍ତିତ୍ୱର ମୂଳଦୁଆ ଧ୍ୱଂସ କରିବାକୁ ପ୍ରସ୍ତୁତ ହେଉଛି। ଗାଜାରୁ ୟୁକ୍ରେନ୍ ଏବଂ ଇରାନ୍‌ରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ଯୁଦ୍ଧ ଦୃଶ୍ୟ ସୂଚାଇଦିଏ ଯେ ଆଧୁନିକ ସଭ୍ୟତାର ଉଜ୍ଜ୍ୱଳତା ତଳେ ଗଭୀର ଅନ୍ଧକାର ରହିଛି, ଯେଉଁଥିରେ ସମ୍ବେଦନଶୀଳତା ଶ୍ୱାସରୁଦ୍ଧ ହେଉଛି।

ଯୁଦ୍ଧର ଦୁଃଖଦ ଦିଗଟି ହେଉଛି ଏହାର ମୂଲ୍ୟ ସେହିମାନେ ବହନ କରନ୍ତି, ଯାହାଙ୍କର ଯୁଦ୍ଧ ସହ କୌଣସି ସିଧାସଳଖ ସମ୍ପର୍କ ନାହିଁ। ନିର୍ଦ୍ଦୋଷ ସାଧାରଣ ନାଗରିକ, ମହିଳା, ଶିଶୁ ଏବଂ ବୃଦ୍ଧ ସମସ୍ତେ ଏହି ହିଂସାର ଶିକାର ହୁଅନ୍ତି। କାବୁଲର ଏକ ହସ୍ପିଟାଲକୁ ଟାର୍ଗେଟକରି ହୋଇଥିବା ପାକିସ୍ତାନର ବିମାନ ଆକ୍ରମଣ କେବଳ ଏକ ସାମରିକ କାର୍ଯ୍ୟ ନୁହେଁ, ବରଂ ମାନବତା ବିରୋଧରେ ଏକ ଗମ୍ଭୀର ଅପରାଧ। ଯେତେବେଳେ ଜୀବନ ରକ୍ଷାର ପ୍ରତୀକ



ଏକ ହସ୍ପିଟାଲ ଧ୍ୱଂସର କେନ୍ଦ୍ର ହୋଇଯାଏ, ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ ବରଂ ସଭ୍ୟତାର ଆତ୍ମା ଉପରେ ଏକ ଜଘନ୍ୟ ଆକ୍ରମଣ। ୪୦୦ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ୪୦୦ ପରିବାରର ଧ୍ୱଂସର କାହାଣୀ, ୪୦୦ ସ୍ୱପ୍ନ ଭାଙ୍ଗିଯିବାର ଯନ୍ତ୍ରଣା। ମିନାବ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଥିବା ବେଳେ ସେଠାରେ କ୍ଷେପଣାସ୍ତ୍ର ଆକ୍ରମଣରେ ମୃତ୍ୟୁ ଲଭିଥିବା କୋମଳମତି ପିଲା ଜୀବନ ବୁଝିବା ପୂର୍ବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଗଲା। ଏହାଦ୍ୱାରା କାହାର କ'ଣ ଲାଭ ହେଲା ତାହା ତ କହିହେବ ନାହିଁ, କିନ୍ତୁ ସେତିକିଟି ପରିବାରର ସଦସ୍ୟମାନେ ଜିଇ ଥାଉ ଥାଉ ଶବ ପାଲଟିଗଲେ।

ଜେନେଭା ସମ୍ମିଳନୀ ଚୁକ୍ତିନାମା ମାଧ୍ୟମରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଇନ ଏବଂ ଯୁଦ୍ଧର ନିୟମଗୁଡ଼ିକରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଯୁଦ୍ଧ ସମୟରେ ସାଧାରଣ ନାଗରିକ, ହସ୍ପିଟାଲ, ସ୍କୁଲ ଏବଂ ଶରଣାର୍ଥୀ ଶିବିରଗୁଡ଼ିକୁ ଟାର୍ଗେଟ କରାଯିବ ନାହିଁ। ଯୁଦ୍ଧର ଭୟାବହତା ମଧ୍ୟରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମାରେ ମାନବିକ ମର୍ଯ୍ୟାଦା ବଜାୟ ରଖାଯିବ। ତଥାପି ଆଜି ଏହି ନିୟମଗୁଡ଼ିକ ଯେଉଁ ନିର୍ଲଜତାର ସହିତ ଉଲ୍ଲଂଘନ କରାଯାଉଛି ତାହା ଚିନ୍ତାଜନକ। ଏହା କେବଳ ନିୟମ ପ୍ରତି ଅବମାନନା ନୁହେଁ, ବରଂ ଏହା ଦର୍ଶାଉଛି ଯେ କ୍ଷମତା ଏବଂ ପ୍ରଭୁତ୍ୱର ରାଜନୀତି ନୈତିକତାକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିସାରିଛି। ଯୁଦ୍ଧର ଅନ୍ତର୍ନିହିତ କାରଣଗୁଡ଼ିକୁ ଯାଞ୍ଚ କରିବା ଦ୍ୱାରା ଜଣାପଡ଼େ ଯେ ଏହା କେବଳ ସୀମା କିମ୍ବା ସମ୍ବଳ ପାଇଁ ସଂଘର୍ଷ ନୁହେଁ, ବରଂ ଏଥିରେ ରାଜନୈତିକ ମହତ୍ତ୍ୱାକାଂକ୍ଷା, ଧାର୍ମିକ ଅସହିଷ୍ଣୁତା, ଆର୍ଥିକ ସ୍ୱାର୍ଥ ଏବଂ ବିଶ୍ୱ କ୍ଷମତା ସନ୍ତୁଳନର ଜଟିଳତା ସାମିଲ ଅଛି। ଜୋର୍ ଯା'ର, ମୁଲକ ତା'ର ନ୍ୟାୟରେ ବଳି ପଡ଼ିଯାଉଛି ମାନବ ମୂଲ୍ୟବୋଧ ଓ ମଣିଷପଣିଆ। ବାସ୍ତବରେ, ଯୁଦ୍ଧ କେବଳ ସୀମାରେ ଲଢ଼ାଯାଏ ନାହିଁ; ଏହାର ଗଭୀର କ୍ଷତ ମାନବତାର ଆତ୍ମା ଉପରେ ଲାଗେ। ଏହା କହିବା ଭୁଲ୍ ହେବ ନାହିଁ ଯେ ଆଜିର ବିଶ୍ୱ ଏପରି ଏକ ସମୟରେ ଠିଆ ହୋଇଛି, ଯେଉଁଠାରେ ପ୍ରଗତି ବିଷୟରେ ବହୁ ଆଲୋଚନା ହେଉଛି, କିନ୍ତୁ ତା' ଭିତରେ ବିନାଶର ପାଦଚିହ୍ନ ସ୍ପଷ୍ଟ ଭାବରେ ଶୁଣାଯାଉଛି। ସମ୍ପ୍ରତି ବିଶ୍ୱରେ ସଂଘଟିତ ହୋଇଥିବା ଯୁଦ୍ଧ କେବଳ ଦୁଇ କିମ୍ବା ତିନୋଟି ଦେଶର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ବିଶ୍ୱ ଅର୍ଥନୀତି, ମାନବ ସମ୍ବେଦନଶୀଳତା ଏବଂ ଆଗାମୀ ପିଢ଼ିର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରୁଛି। ଇତିହାସ ସାକ୍ଷୀ ଅଛି ଯେ ଯୁଦ୍ଧ କେବେ ବି କୌଣସି ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଯୁଦ୍ଧ କେବଳ ଆଉ ଏକ ନୂତନ ଯୁଦ୍ଧର ବୀଜ ବୁଣେ। ଯୁଦ୍ଧରେ ଯଦି କିଏ ହାରେ, ତାହା ହେଉଛି ମାନବତା।

ସତ୍ୟ ହେଉଛି ଯେ ଯୁଦ୍ଧଭୂମିରେ ବାରୁଦର ଗନ୍ଧ ମଧ୍ୟରେ, କରୁଣା ଏବଂ ଦୟା ପ୍ରଥମେ ବଳିଦାନ ଦିଆଯାଏ। ଯେତେବେଳେ ବୋମା ପଡ଼ିଥାଏ, ସେମାନେ ଦେଖନ୍ତି ନାହିଁ ଯେ ତଳେ କିଏ ଅଛି। ଧ୍ୱଂସାବଶେଷ ଗଦା ଉପରେ କାନ୍ଦୁଥିବା ପିଲାମାନେ, ପ୍ରିୟଜନଙ୍କୁ ହରାଇଥିବା ମହିଳାମାନେ ଏବଂ ଅସହାୟ ବୃଦ୍ଧ ବ୍ୟକ୍ତିମାନେ ଯୁଦ୍ଧ କେତେ ନିଷ୍ଠୁର ହୋଇପାରେ ତାହାର ଜୀବନ୍ତ ପ୍ରମାଣ। ଆଜି ଖେଳଣା ସହ ଖେଳିବାକୁ ଚାହୁଁଥିବା ପିଲାମାନେ ଘୃଣା ଏବଂ ବିନାଶର ସ୍ମୃତି ସହ ରହିଯାଇଛନ୍ତି। ଯେଉଁ ଦେଶକୁ ନିର୍ମାଣ କରିବାକୁ ଦଶନ୍ଧି ଦଶନ୍ଧି ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥାଏ, ଯୁଦ୍ଧରେ ତାହା ନିମିଷକ ମଧ୍ୟରେ ଧ୍ୱଂସପ୍ରାପ୍ତ ହୋଇଯାଏ। ଦେଶ ବର୍ଷ ବର୍ଷ ପଛକୁ ଫେରିଯାଏ। ଯେତେବେଳେ ଦେଶଗୁଡ଼ିକ ନିଜ ସ୍ୱାର୍ଥ ଉପରେ ଆଧାରିତ ନିଷ୍ପତ୍ତି ନିଅନ୍ତି, ସେମାନେ ପ୍ରାୟତଃ ମାନବିକ ମୂଲ୍ୟବୋଧକୁ ଅଣଦେଖା କରନ୍ତି। ଏହି ଧାରା ବିଶେଷ ଭାବରେ ବିପଦପୂର୍ଣ୍ଣ ହୋଇଯାଏ, ଯେତେବେଳେ ଶକ୍ତିଶାଳୀ ଦେଶଗୁଡ଼ିକ ସେମାନଙ୍କର ପ୍ରଭାବ ବ୍ୟବହାରକରି ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ପ୍ରଭାବହୀନ କରିଦିଅନ୍ତି। ଯେପରିକି ଜାତିସଂଘ ଭଳି ପ୍ରତିଷ୍ଠାନଗୁଡ଼ିକ ଏବେ କେବଳ ଦର୍ଶକ ହୋଇ ରହିଛନ୍ତି।

ଯୁଦ୍ଧର ଆଉ ଏକ ଭୟଙ୍କର ଦିଗ ହେଉଛି ଶରଣାର୍ଥୀ ସଙ୍କଟ। ଯେତେବେଳେ ଲୋକମାନେ ସେମାନଙ୍କ ଘରୁ ବିସ୍ଥାପିତ ହୁଅନ୍ତି ଏବଂ ଶରଣାର୍ଥୀ ଶିବିରରେ ରହିବାକୁ ବାଧ୍ୟ ହୁଅନ୍ତି, ସେତେବେଳେ ସେମାନଙ୍କ ଜୀବନ ଅସୁରକ୍ଷା, ଅଭାବ ଏବଂ ଅନିଶ୍ଚିତତାରେ ପରିପୂର୍ଣ୍ଣ ହୋଇଯାଏ। ଏହା କେବଳ ପିଢ଼ିଗତ ସଙ୍କଟ ନୁହେଁ, ବରଂ ଭବିଷ୍ୟତ ପାଇଁ ଏକ ଚ୍ୟାଲେଞ୍ଜ, କାରଣ ଏପରି ପରିବେଶରେ ବଢ଼ିବା ଶିଶୁ ଓ ମହିଳାମାନେ ପ୍ରାୟତଃ ହିଂସା ଏବଂ ଅସୁରକ୍ଷାର ଚକ୍ରରେ ଫସିଯାଆନ୍ତି। ଯୁଦ୍ଧ ପ୍ରତି ଏହି ସମ୍ବେଦନହୀନତା ଅତ୍ୟନ୍ତ ଚିନ୍ତାଜନକ। ଧର୍ମ, ଯାହା ମୌଳିକ ଭାବରେ ଶାନ୍ତି, କରୁଣା ଏବଂ ସହାବସ୍ଥାନର ପ୍ରଚାରକରେ, ରାଜନୀତି ଏବଂ କ୍ଷମତାର ଏକ ଉପକରଣ ଭାବରେ ବ୍ୟବହାର ହେଲେ ବିକୃତ ହୋଇଯାଏ। ଏହି ପରିସ୍ଥିତି କେବଳ ସମାଜକୁ ବିଭାଜନ କରେ ନାହିଁ ବରଂ ହିଂସାକୁ ବୈଧ କରିବା ପାଇଁ ମଧ୍ୟ କାମ କରେ। ଏହା ପ୍ରକୃତରେ ଆତ୍ମନିରୀକ୍ଷଣର ସମୟ। ଆମକୁ ବିଚାର କରିବାକୁ ପଡ଼ିବ ଯେ, ଆମର ପ୍ରଗତି ପ୍ରକୃତରେ ଆମକୁ ଅଧିକ ମାନବିକ କରୁଛି କି ନାହିଁ, ନା ଆମେ କେବଳ ଅଧିକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ନୈତିକ ଭାବରେ ପ୍ରତିକୂଳ ହେଉଛୁ। ଯଦି ମାନବତାକୁ ବଞ୍ଚିବାକୁ ଅଛି, ତେବେ ଆମକୁ ଯୁଦ୍ଧର ଉନ୍ମାଦରୁ ଉପରକୁ ଉଠି ଶାନ୍ତି, ସହାବସ୍ଥାନ ଏବଂ କରୁଣାର ପଥ ଗ୍ରହଣ କରିବାକୁ ପଡ଼ିବ।

ମୋ: ୬୩୭୦୫୩୭୩୭୯

# ସଂସ୍କୃତିକୁ ପ୍ରୋତ୍ସାହନ



କିଶୋର ଚନ୍ଦ୍ର ବେହେରା

ଓଡ଼ିଆ ଘରର ଗାଥା-ଗୌରବ, ଚାଲିଚଳଣି, ଖାଦ୍ୟ ପାନୀୟ, ପୋଷାକ ପରିଧାନ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି 'ଓଡ଼ିଆ ପକ୍ଷ-୨୦୨୬'। ପ୍ରତ୍ୟେକ ଜିଲା ଓ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୋଷାକକୁ ନେଇ ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚିତି ରହିଛି। ଖୋର୍ଦ୍ଧାର ଗାମୁଛା, ବୋମକାଇ ପାଟ, କୋଟପାଡ଼ର ପାଟ, ସମ୍ବଲପୁରର ସମ୍ବଲପୁରୀ ଶାଢ଼ି ଓ ପାଟଶାଢ଼ିର ସ୍ୱତନ୍ତ୍ର ସ୍ଥାନ ଅଛି। ସେହିପରି ମାଣିଆବନ୍ଧ ଶାଢ଼ି ନିଜର ପରିଚୟ ବଜାୟ ରଖିଥିବା ବେଳେ ଓଡ଼ିଶାର ଆଦିବାସୀମାନେ ସ୍ୱତନ୍ତ୍ର ବେଶଭୂଷାର ପରିଚୟ ରଖିଥା'ନ୍ତି। ଭାରତୀୟ ସମ୍ଭ୍ରାନ୍ତପଣର ପ୍ରତୀକ ଖଦି. ଯାହା ସ୍ୱଦେଶୀ, ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ବନର ପ୍ରେରଣା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଏହା କେବଳ ଏକ ବସ୍ତ୍ର ନ ଥିଲା, ବରଂ ଥିଲା ଅହିଂସା ଆନ୍ଦୋଳନର ଅସ୍ତ୍ର। ସ୍ୱାଧୀନତା ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଖଦିବସ୍ତ୍ରକୁ ଗାନ୍ଧିଜୀ ବ୍ୟବହାର କରିଥିଲେ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଆୟୁଧ ଭାବରେ। ସ୍ୱାଧୀନତା ସଂଗ୍ରାମକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦିବସ୍ତ୍ର ପରିଧାନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, ଚୁଲି ପରି ଚରଖା ସର୍ବବ୍ୟାପୀ ହେବା ଦରକାର। ତା' ନ ହେଲେ ସହଜରେ ସ୍ୱରାଜ ମିଳିବ ନାହିଁ କି ସୁଧୁରିପାରିବ ନାହିଁ ଦେଶର ଅର୍ଥନୀତି। ଗାନ୍ଧିଜୀଙ୍କ ଦୃଷ୍ଟିରେ ଖଦିବସ୍ତ୍ର ଥିଲା ଏକ ସାଂସ୍କୃତିକ ବିଚାର ଓ ସ୍ୱାବଲମ୍ବନର ସୂତ୍ର।

କପା ଓ ବୟନ ଶିଳ୍ପରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ରହିଛି। ବୟନ ଶିଳ୍ପର ସ୍ୱଦେଶୀ ଶୈଳୀ ପୁରୁଣା ଧାର୍ମିକ ଗ୍ରନ୍ଥରୁ ଅନୁପ୍ରାଣିତ ହୋଇଛି। ବିଶେଷକରି ଭଗବାନ୍ ଶ୍ରୀକୃଷ୍ଣଙ୍କ କଥାବସ୍ତୁକୁ କେନ୍ଦ୍ର କରି ବୁଣାକାରମାନେ ଶାଢ଼ି ବୁଣୁଥିବା ଦେଖିବାକୁ ମିଳିଥାଏ। ଜଗନ୍ନାଥ ସଂସ୍କୃତିରୁ ପ୍ରେରିତ ହୋଇ ଅଧିକାଂଶ ଶାଢ଼ିରେ ଜଗନ୍ନାଥଙ୍କ ଶ୍ରୀମନ୍ଦିର, ଧାର୍ମିକ ଡିଜାଇନ ଓ ପାରମ୍ପରିକ ରଙ୍ଗ ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ ଓଡ଼ିଶା ଏହାର ସିଲ୍କ ଓ କଟନ ପାଇଁ ମଧ୍ୟ ଜଣାଶୁଣା। ଭିନ୍ନ ଭିନ୍ନ ପ୍ରକାରର ଟସର ସିଲ୍କ ଓ କଟନ ଏହା ଉତ୍ପାଦନ କରୁଛି। ଇକତ ରଙ୍ଗ ଓ ବୁଣାର ଶୈଳୀ ପାଇଁ ଏହି ରାଜ୍ୟ ଅଧିକ ଜଣାଶୁଣା। ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଶାଢ଼ି ମଧ୍ୟରେ ସମ୍ବଲପୁରୀ ଶାଢ଼ି ଅନ୍ୟତମ। ଏହି ଶାଢ଼ି ଉପରେ ସାଧାରଣତଃ ପକ୍ଷୀ, ପଶୁ, ରୁଦ୍ରାକ୍ଷ ମାଳା, ଜ୍ୟାମେଟ୍ରିକ ଡିଜାଇନ, ପଶା, ମନ୍ଦିରର ଶିଖର, ଫୁଲ ଆଦି କାରୁକାର୍ଯ୍ୟ



କରାଯାଇଥାଏ। ଏହି ଶାଢ଼ି ଜଗନ୍ନାଥଙ୍କ ମନ୍ଦିରରେ ଠାକୁରଙ୍କୁ ସଜାଯାଉଛି। ବୋମକାଇ ଶାଢ଼ି ପିନ୍ଧିବା ଆରାମଦାୟକ। ସାଧାରଣତଃ ନରମ ରେଶମରେ ବୁଣାଯାଇଥିବା ଏହି ଶାଢ଼ିର ପଣତ ଓ ପାଡ଼ିରେ ରେଶମ ବା ସିଲ୍କ ସୂତାରେ ଏମ୍ବ୍ରୋଡରୀ ଓ ଇକତ ବୟନ କଳାର ସଂଯୋଜନା ଦେଖିବାକୁ ମିଳିଥାଏ। କୋରାପୁଟ ଜିଲାର କୋଟପା ସୂତା ଶାଢ଼ିର ବର୍ଡର ବହୁତ ଟାଣ। ଏହାକୁ ଅର୍ଗାନିକ୍ ଭାବରେ ରଙ୍ଗ କରାଯାଇଥାଏ। ବରଗଡ଼ରେ ବୁଣାଯାଉଥିବା ପଶାପାଳି ଶାଢ଼ି ହେଉଛି ଏକ ଇକତ ଶାଢ଼ି। ଏହି ଶାଢ଼ିର ଡିଜାଇନ ଚେକ୍‌ବୋର୍ଡ ବା ପଶାପାଳିରୁ ଅନୁପ୍ରାଣିତ ହୋଇଛି। ଡବଲ ଇକତରେ ଏହି ଶାଢ଼ି ବୁଣାଯାଏ। ପଶାପାଳି ଶାଢ଼ିର ରଙ୍ଗ ଉଜ୍ଜ୍ୱଳ। ଏହି ଶାଢ଼ି ପଶ୍ଚିମ ଓ ସୋନପୁର, ବରପାଲି, ବାଡ଼ସରର ବୁଣାକାରମାନେ ବୁଣିଥାନ୍ତି। କଟକର ନୂଆପାଟଣାରେ ବୁଣାଯାଉଥିବା ଖଣ୍ଡୁଆ ପାଟ ଶାଢ଼ି ସାଧାରଣତଃ ନରମ ସିଲ୍କ କିମ୍ବା ମାଲଦା ସିଲ୍କ ସୂତାରେ ବୁଣାଯାଏ। ବ୍ରହ୍ମପୁରର ବୁଣାକାରମାନେ ବୟନ କରୁଥିବା ବ୍ରହ୍ମପୁରୀ ଶାଢ଼ି ବା ବ୍ରହ୍ମପୁରୀ ପାଟ ଜିଆଇ ଟ୍ୟାଗ ପାଇଛି। ଏହାର ସ୍ୱାତନ୍ତ୍ର୍ୟ ହେଉଛି ଏହା ପୁରୁଷଙ୍କ ପାଇଁ ଉପଯୁକ୍ତ ଯୋଡ଼ ସହିତ ଆସିଥାଏ। ଏହି ଶାଢ଼ି ବିବାହ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟରେ ପିନ୍ଧିବାକୁ ଅଧିକ ପସନ୍ଦ କରାଯାଏ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟର ପାରମ୍ପରିକ କଳା, ବୁଣାକାର ଏବଂ ଶିଳ୍ପୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରେ । ଏହା ବୁଣାକାରଙ୍କୁ ସୁଧମୁକ୍ତ ଋଣ, ବୟନ ଜ୍ୟୋତି ଯୋଜନା ଏବଂ ବଜାର ସୁବିଧା ଯୋଗାଇବା ସହ ୫୫ଟି ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ଉଭୟ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଣ-ପୋଷାକ ପରିଧାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ମହାବିଦ୍ୟାଳୟରେ ଗଣ-ପୋଷାକ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ସମାନତାର ପ୍ରତୀକ। ମହାବିଦ୍ୟାଳୟଗୁଡ଼ିକରେ ସ୍ଥାନୀୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସହଜ ଓ ସୁଲଭ ମୂଲ୍ୟରେ ମିଳିପାରୁଥିବା କପଡ଼ାକୁ ଛାତ୍ରୀଛାତ୍ରମାନେ ବ୍ୟବହାର କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଥା'ନ୍ତି। ଓଡ଼ିଶାରେ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଷାକ ଭାବରେ ପାରମ୍ପରିକ ଓଡ଼ିଆ ପୋଷାକକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଦ୍ୱାରା "ଆମ ପୋଷକ ଆମ ପରିଚୟ ଦିବସ" ପାଳନ କରି ଓଡ଼ିଆ ଅସ୍ମିତାର ପରିଚୟ ସୃଷ୍ଟି କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ସ୍ଥାନୀୟ କଳାକାର ଓ ବୁଣାକାରଙ୍କୁ ସହଯୋଗ କରିବା ଏବଂ ଓଡ଼ିଶାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଫଳରେ ପାରମ୍ପରିକ ପୋଷାକ ଶିଳ୍ପ ପୁନର୍ଜୀବନ ପାଇପାରିବ। ଓଡ଼ିଆଙ୍କ ମଧ୍ୟରେ ନିଜର ପାରମ୍ପରିକ ପୋଷାକ ପ୍ରତି ଆଗ୍ରହ ବଢ଼ିଲେ ଚାହିଦା ବଢ଼ିବ ଓ ବଜାର ମଧ୍ୟ ବଢ଼ିବ। ବଜାର ବଢ଼ିଲେ ବୁଣାକାରମାନେ ରୋଜଗାର ପାଇବେ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ସିନ୍ଧେଦେବୀ ସ୍ନାତକ
ମହାବିଦ୍ୟାଳୟ.ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮**

## ଏଇ ଭାରତରେ

ସଡ଼କ ପଥରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ନୂଆ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି ଆନ୍ଧ୍ରପ୍ରଦେଶ ଏନ୍‌ଟିଆର୍ ଜିଲାର ଜି. ଶ୍ରୀନିବାସ ରେଡ୍ଡୀ। ଯେ କେହି ଯାତ୍ରା କରୁଥିବା ସମୟରେ ଏହି କ୍ୟୁଆର୍ ସ୍କାନ କଲେ ଆନ୍ଧ୍ରପ୍ରଦେଶର ଯେ କୌଣସି ସ୍ଥାନରେ ଆପଣଙ୍କ ଯାତ୍ରାକୁ ସୁରକ୍ଷିତ କରିପାରିବ। ରେଡ୍ଡୀ ମୋହନ ବାବୁ ୟୁନିଭର୍ସିଟିର ୪ର୍ଥ ବର୍ଷ ଇଞ୍ଜିନିୟରିଂ ଛାତ୍ର। ସବୁ ଛାତ୍ର ଶେଷବର୍ଷ ପ୍ରୋଜେକ୍ଟଗୁଡ଼ିକରେ ବ୍ୟସ୍ତ ଥିବାବେଳେ ଶ୍ରୀନିବାସ ଯାତ୍ରୀଙ୍କ ସୁରକ୍ଷା ପାଇଁ କ୍ୟୁଆର୍ କୋଡ୍ ବିକାଶରେ ବ୍ୟସ୍ତ ରହି ସଫଳତା ପାଇଛନ୍ତି। ଏନ୍‌ଟିଆର୍ ଜିଲା ପୋଲିସ ଏହାକୁ ଗ୍ରହଣ କରିଛି। ଏହି କ୍ୟୁଆର୍ କୋଡ୍‌କୁ ସରକାରୀ ଏବଂ ଭଡ଼ାରେ ଯାଉଥିବା ବେସରକାରୀ ଯାନଗୁଡ଼ିକର ଡ୍ରାଇଭର ସିଟ୍ ପଛପାଖରେ ଲଗାଯାଇଛି। ଯାତ୍ରା ଆରମ୍ଭରେ ଯାତ୍ରୀ ଏହାକୁ ସ୍ମାର୍ଟଫୋନରେ ସ୍କାନ କଲେ ଗାଡ଼ିର ଉପସ୍ଥିତି ଓ ଡ୍ରାଇଭର ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କଣ୍ଟ୍ରୋଲ ରୁମ୍ ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପ ସହ ଶେୟାର ହୋଇପାରୁଛି। ଶ୍ରୀନିବାସ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍‌ଏଏସ୍ ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ଦ୍ୱାରା ଟ୍ରାଫିକ ପୋଲିସ ସହାୟତାରେ ଏହି କ୍ୟୁଆର୍ କୋଡ୍ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଏପ୍ରିଲ ୧୯୭୭

- ପ୍ରଧାନମନ୍ତ୍ରୀ ଓ ବାଚସ୍ପତିଙ୍କ ନିର୍ବାଚନ ସଂକ୍ରାନ୍ତୀୟ ବିବଦମାନ ନିର୍ବାଚନ ବିଲ୍ ରାଜ୍ୟ ସଭାରେ ବିନା ଆଲୋଚନାରେ ଗୃହୀତ।
- ଆସାମରେ କଂଗ୍ରେସ ଦଳର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ ମନେକରି ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ସିଂହଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧୀଙ୍କୁ ଦଣ୍ଡ ଦେବା ପୋଲିସର କାର୍ଯ୍ୟ ନୁହେଁ

ମହାଶୟ,

ମଦୁରାଇରେ ମହିଳା କନ୍‌ଷ୍ଟେବଲ ରେବତୀଙ୍କ ସାକ୍ଷ୍ୟ ପ୍ରଦାନରେ ଦୁଇ ଜଣଙ୍କ ହାଜତ ମୃତ୍ୟୁ ଘଟଣାରେ ନଅ ଜଣ ପୋଲିସଙ୍କୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛି ମଦୁରାଇ ଜିଲା କୋର୍ଟ। ଶୃଙ୍ଖଳିତ ଆଇନ ସଂହିତାର ସମ୍ମାନ ଓ ତା'ର ରକ୍ଷଣାବେକ୍ଷଣରେ ପ୍ରକୃତ ଦଣ୍ଡବିଧି ପ୍ରଦାନ ବ୍ୟବସ୍ଥାର କାର୍ଯ୍ୟକାରିତା ହିଁ ଦେଶପ୍ରେମର ପରିଭାଷା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜକୁ ସର୍ବେସର୍ବା ଭାବୁଥିବା ପୋଲିସର କଠୋର ବ୍ୟବହାର ଯୋଗୁ ଥାନାରେ ହାଜତ ନିର୍ଯାତନା ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଖବର ଦୃଷ୍ଟିଗୋଚର ହେବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ। ମଦୁରାଇ ଜିଲା କୋର୍ଟ ନ୍ୟାୟାଧୀଶ ଦୁଇଜଣଙ୍କ ହାଜତ ମୃତ୍ୟୁର ବିଚାରକୁ ନେଇ କହିଛନ୍ତି, ଏହା ଅତି ଜଘନ୍ୟ ଓ ବିରଳ। ସମ୍ପୃକ୍ତ ନଅଜଣ ପୋଲିସ ଅଧିକାରୀଙ୍କୁ ଯେଉଁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି, ତାହା ଆଇନକୁ ହାତକୁ ନେଉଥିବା ପୋଲିସଙ୍କ ପାଇଁ ଚେତାବନୀ। ପୋଲିସ ଜାଣିବା ଉଚିତ ଯେ ଅପରାଧୀଙ୍କୁ ଦଣ୍ଡଦେବା ସେମାନଙ୍କ କାର୍ଯ୍ୟ ନୁହେଁ, କିଏ ଦୋଷୀ ଓ କିଏ ନିର୍ଦ୍ଦୋଷ ତାହା ନ୍ୟାୟାଳୟ ନିର୍ଣ୍ଣୟ କରିବେ। ପୋଲିସ ଜାଣିବା ଉଚିତ, ସେମାନେ ଆଇନର ରକ୍ଷକ। କେହି ଆଇନ ଉର୍ଦ୍ଧ୍ୱରେ ନାହାନ୍ତି ବୋଲି ଚେତାଇ ଦେଇଛନ୍ତି ମଦୁରାଇ କୋର୍ଟ।

-ଅଶୋକ କୁମାର ଆଢ୍ୟ
ମରାଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା

ଗୋପାଳପୁର/ବ୍ରହ୍ମପୁର,୧୨।୪
(ନବୀନରାଜ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ରବିବାର ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ପଞ୍ଚମା ଗ୍ରାମର ଏକାଦଶୀ ନାୟକ (୬୫)। ଗାଁରେ ଝଡ଼ାଫୁଙ୍କା କରୁଥିବା ଏକାଦଶୀ ଅପରାହ୍ନ ପ୍ରାୟ ୨ଟାରେ ଘରୁ ବାହାରି ନିଜ ପାନବାଡ଼କୁ ସାଇକେଲରେ ଯାଉଥିବା ବେଳେ କମଳିଆ ଆମ୍ବତୋଟାରେ ସଂଘବଦ୍ଧ ଭାବେ ତାଙ୍କ ବେକ ଓ ହାତକୁ ହାଣି ହତ୍ୟା କରାଯାଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ., ସଦର ଏସ୍‌ଡିପିଓ ଓ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇଛି। ଏନେଇ ମୃତ ଏକାଦଶୀଙ୍କ ପୁଅ ଶଙ୍କର ନାହାକଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୧୪୪/୨୬ରେ ଏକ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଏକାଦଶୀ ଝଡ଼ାଫୁଙ୍କା କାମ କରୁଥିବାରୁ ତାଙ୍କ ଉପରେ କାହାର ସନ୍ଦେହ ହୋଇଛି। ଗୁଣିଗାରେଡିକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ସେ ଦିଗରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ହୋଇଛି। ପୋଲିସ ଘଟଣାସ୍ଥଳରୁ ମୃତକଙ୍କ ସାଇକେଲ ଜବତ କରିଛି। ଏକାଦଶୀଙ୍କୁ କିଏ ଓ କାହିଁକି ହତ୍ୟା କଲେ ତାହାକୁ ନେଇ ଅଞ୍ଚଳରେ ନାନା କଳ୍ପନାଜଳ୍ପନା ଜାରି ରହିଛି।


ବ୍ରହ୍ମପୁର ଏସ୍‌ପି ଓ ଏସ୍‌ଡିପିଓ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି,୧୨।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ପାଇକପଡ଼ା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦)। ସେ ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀଭାବେ ଜେଲରେ ଥିଲେ।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଗତ ୨୦୨୧ ଜୁନ୍ ୧୯ରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏ ନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ରହିଥିଲେ। ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଳକୋଡ୍ ୩୦୨ଦଫାରେ ବିଚାରାଧୀନ କଏଦୀ ଭାବରେ ମାମଲା ଚାଲୁଥିଲା। ୮ସେପ୍ଟେମ୍ବର ୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ରବିବାର ଅପରାହ୍ନ ପ୍ରାୟ ୨ଟା ୫୦ରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତ୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୁପକ କୁମାର ନାୟକ ସୂଚନା ଦେଇଛନ୍ତି। ମାତ୍ର ହସ୍ପିଟାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ମୃତକଙ୍କ ଝିଅ ଗୌରୀ ନାୟକ ନୀଳଗିରି ମେଡ଼ିକାଲରେ ପହଞ୍ଚି ବାପାଙ୍କ ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।




# ବିଜେଡି ଜିଲା ଉପସଭାପତି ଗିରଫ

ଚାନ୍ଦବାଲି,୧୨।୪(କିଷାନ ପାତ୍ର)

**ଏନ୍‌ଏସି କାର୍ଯ୍ୟାଳୟରେ ପଶି ଦୁର୍ବ୍ୟବହାର ଅଭିଯୋଗ**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି କାର୍ଯ୍ୟାଳୟରେ ପଶି କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବିଜେଡି ଜିଲା ଉପସଭାପତି ଜିତେନ୍ଦ୍ର ପାଣିଙ୍କୁ ପୋଲିସ ରବିବାର ଗିରଫ କରିଛି। ଗତ ୧ ତାରିଖରେ ଜିତେନ୍ଦ୍ର ଏନ୍‌ଏସି କାର୍ଯ୍ୟାଳୟରେ ପଶି କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ରବିବାର ପୂର୍ବାହ୍ନରେ ପୋଲିସ ଜିତେନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୯/୨୬) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଏହି ଘଟଣାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଛି।

# କିନ୍ନର ବେଶରେ ଚୋରି କରି ଯୁବକ ହଟହଟା

ଚାନ୍ଦବାଲି,୧୨।୪ (ଅଶୋକ ପଣ୍ଡା)

ଦିନରେ ପୁଅ ଡ୍ରେସ୍ ଆଉ ରାତି ହେଲେ ପିନ୍ଧୁଥିଲେ ଝିଅ ପୋଷାକ। ଏପରିକି କିନ୍ନର ବେଶରେ ଚୋରି କରି ଲୋକଙ୍କ ହାତରେ ଧରାପଡ଼ି ଜଣେ ଯୁବକ ହଟହଟା ହୋଇଛନ୍ତି। ଟ୍ରାକ୍ଟରରେ ବାଲି ଲୋଡ୍ କରିବା ସହ ରାସ୍ତା ସଫେଇ ପାଇଁ ତାଙ୍କୁ କୋଦାଳ ଧରାଇଛନ୍ତି ଲୋକେ। ପରେ ଲୋକେ ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳରେ ଶନିବାର ଏଭଳି ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉତ୍ତୁକୁଡା ପଞ୍ଚାୟତ ବୁରୁଜାଲ ଗାଁର ବିଚିତ୍ର ରାଉଳ ନାମକ ଯୁବକ ବେଙ୍ଗାଲୁରୁ ଯିବା ପାଇଁ ଶୁକ୍ରବାର ରାତିରେ ଘରୁ ବାହାରି ଭଦ୍ରକ ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରି ଶୋଇଥିଲେ। ରାତି ୧୧ଟା ବେଳେ ବନ୍ତ ବ୍ଲକ ବଡ଼ବର୍ଚ୍ଛକୟାଁ ଅଞ୍ଚଳର ଜଣେ ଯୁବକ କିନ୍ନର ବେଶରେ ଭଦ୍ରକ ଷ୍ଟେଶନ ନିକଟରେ ଶୋଇଥିବା ବିଚିତ୍ରଙ୍କଠାରୁ ମୋବାଇଲ ସହ ଟଙ୍କା ନେଇଯାଇଥିଲେ। ଘୋଡ଼ାଇ ହୋଇ ଶୋଇଥିବା ଚାଦରକୁ ଟେକିଲା ବେଳକୁ ବିଚିତ୍ରଙ୍କ ନିଦ ଭାଙ୍ଗିଯିବାରୁ ସେ ଦୌଡ଼ିପଳାଇଥିଲେ। ବିଚିତ୍ର ତାଙ୍କୁ ଗୋଡ଼େଇ ଗୋଡ଼େଇ ଷ୍ଟେଶନରୁ ଧରି ଜିଆର୍‌ପି ଜିମା ଦେଇଥିଲେ। ଭଦ୍ରକ ଜିଆର୍‌ପି ଥାନାରେ ଲେଖାପଢ଼ା ପରେ ପୋଲିସ ଉକ୍ତ ଯୁବକଙ୍କୁ ଛାଡ଼ି ଦେଇଥିଲା। ପରେ ବିଚିତ୍ର ଘଟଣା ସମ୍ପର୍କରେ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ବିଚିତ୍ରଙ୍କ ପରିବାର ଲୋକ ଆସିବା ପରେ ସେମାନେ ଉକ୍ତ ଯୁବକଙ୍କୁ ଶନିବାର ସକାଳେ ଭଦ୍ରକରୁ ଚାନ୍ଦବାଲି ଆଣି ଉଗ୍ରତରା ଛକରେ ରଖିଥିଲେ। ମୋବାଇଲ ଓ ଟଙ୍କା ଚୋରି ହେବାରୁ ବିଚିତ୍ର ବେଙ୍ଗାଲୁରୁ ନ ଯାଇ ଘରକୁ ଫେରି ଆସିଥିଲେ। ଉକ୍ତ ଯୁବକ ଚୋରି କରିଥିବା ନ ମାନିବାରୁ ସେମାନେ ରାସ୍ତା ସଫା କାମରେ ତାଙ୍କୁ ଲଗାଇବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଚୋରି କରିବା ଅଭିଯୋଗରେ ଉକ୍ତ ଯୁବକଙ୍କୁ ଚାନ୍ଦବାଲି ଥାନାକୁ ନେଇଯାଇଥିଲା। ପରେ ଷ୍ଟେଶନ ଡାଏରୀ କରି ଉକ୍ତ ଯୁବକଙ୍କୁ ଛାଡ଼ି ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ଗୁଡାରି ଡେପୁଟି ଭାରପ୍ରାପ୍ତ ରେଞ୍ଜର

ନବରଙ୍ଗପୁର, ୧୨।୪
(ସଦାଶିବ ପ୍ରହରାଜ)

- ୨ ଲକ୍ଷ ୩୩ ହଜାର ଟଙ୍କା ଜବତ
- ଗୁଡ଼ାରିରୁ ଟଙ୍କା ନେଇ ଯାଉଥିଲେ ନବରଙ୍ଗପୁର


ସୁକୁମାର ଦୁଃଖୁ

ଗାଡିରେ ଟଙ୍କା ନେଇ ଯାଉଥିବା ବେଳେ ରାୟଗଡ଼ା ଜିଲା ଗୁଡାରି ଡେପୁଟି ରେଞ୍ଜର (ଭାରପ୍ରାପ୍ତ ରେଞ୍ଜର) ସୁକୁମାର ଦୁଃଖୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ଟଙ୍କା ଧରି ନବରଙ୍ଗପୁର ଆସୁଥିବା ବେଳେ ସୂଚନା ପାଇ କୋରାପୁଟ ନବରଙ୍ଗପୁର ଜିଲା ସୀମାନ୍ତ ଇନ୍ଦ୍ରାବତୀ ପୋଲ ନିକଟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରି ତାଙ୍କୁ ଧରିଛି। ତାଙ୍କଠାରୁ ୨ ଲକ୍ଷ ୩୩ ହଜାର ଟଙ୍କା ମିଳିଛି। ରବିବାର ଅଫିସ ଗାଡ଼ି (ଓଡ଼ି୧୮କେ-୭୦୪୧)ରେ ଦୁଃଖୁ ଡ୍ରାଇଭର ନିରଞ୍ଜନ ବେହେରାଙ୍କ ସହିତ ଗୁଡ଼ାରିରୁ ନବରଙ୍ଗପୁର ଆସୁଥିଲେ। ବାଟରେ ବୋରିଗୁମ୍ମାରେ ଅଟକି ଆମ୍ବ କିଣିଥିଲେ। ପରେ ସେ ଯାଉଥିବା ବେଳେ ନବରଙ୍ଗପୁର ଉପକଣ୍ଠ ଇନ୍ଦ୍ରାବତୀ ପୋଲ ନିକଟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରି ଟଙ୍କା ଜବତ କରିଥିଲେ। ଏହି ଟଙ୍କା ସମ୍ପର୍କରେ ଭାରପ୍ରାପ୍ତ ଡେପୁଟି ରେଞ୍ଜର ଦୁଃଖୁଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଭିଜିଲାନ୍ସ ଟିମ୍ ନବରଙ୍ଗପୁର ସେନାପତି ସାହିସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉରେ ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ପ୍ରମିଳା ସୁନା, ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ ପ୍ରମୁଖ ସାମିଲ ଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଜେଲଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧୨।୪
(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରର ଅରୁଣ ଘଡ଼େଇ(୨୫) ବ୍ରହ୍ମପୁରର ଜଣେ ୨୮ ବର୍ଷୀୟା ଯୁବତୀଙ୍କ ସହ ଇନ୍‌ଷ୍ଟାଗ୍ରାମରେ ପରିଚିତ ହେବା ପରେ ତାଙ୍କୁ ପ୍ରେମ କରିଥିଲେ। ଉଭୟଙ୍କ ମଧ୍ୟରେ ୪ ବର୍ଷ ହେଲା ସମ୍ପର୍କ ଗଢ଼ି ଉଠିବାରୁ ଉଭୟେ ବିବାହ ନିଷ୍ପତ୍ତି ନେଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସଫେଇ କାମ କରୁଥିବା ଅରୁଣ ନିୟମିତ ବ୍ୟବଧାନରେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ପରେ ଅରୁଣ ଯୁବତୀଙ୍କୁ ପ୍ରତାରଣା କରି ୧ ମାସ ପୂର୍ବେ ଅନ୍ୟ ଜଣଙ୍କୁ ବିବାହ ପାଇଁ ନିଷ୍ପତ୍ତି ନେବାସହ ତାଙ୍କ ନିର୍ବନ୍ଧ ମଧ୍ୟ ସରିଥିଲା। ଅରୁଣ ପୂର୍ବରୁ ସମ୍ପର୍କ ରଖିଥିବା ଯୁବତୀଙ୍କୁ ବିବାହ ପାଇଁ ମନା କରିଦେଇଥିଲେ। ଅରୁଣ ଅନ୍ୟତ୍ର ବିବାହ କରୁଥିବା ଜାଣିବା ପରେ ଯୁବତୀ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୫୨/୨୬ରେ ମାମଲା ରୁଜୁ କରିଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅରୁଣ ଏବଂ ପୀଡ଼ିତା ଉଭୟଙ୍କ ଡାକ୍ତରୀ ମାଇନା କରାଇବା ପରେ ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି।

# ଭାଙ୍ଗ ଦୋକାନରେ ଗଞ୍ଜେଇ ବିକ୍ରି

**ବିକ୍ରେତାଙ୍କ ସହ ୨ ସହଯୋଗୀ ଗିରଫ**

ତିହିଡ଼ି,୧୨।୪(ସଞ୍ଜିତ ବଳ)

ଦୋକାନ ବାହାରେ ସରକାରୀ ଭାଙ୍ଗ ଦୋକାନ ବୋଲି ସାଇନ ବୋର୍ଡ ଝୁଲୁଥିଲା। ହେଲେ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିଲା। ଭଦ୍ରକ ଜିଲା ତିହିଡ଼ି ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଦୀର୍ଘବର୍ଷ ଧରି ଏହି ବ୍ୟବସାୟ ଚାଲିଥିବା ବେଳେ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଛି। ତିହିଡ଼ି ବଜାରରେ ଥିବା ଏହି ବେଆଇନ ଗଞ୍ଜେଇ ଦୋକାନରୁ ୧୬ କି.ଗ୍ରା. ୩୩୬ ଗ୍ରାମ୍ ଗଞ୍ଜେଇ ସହ ନଗଦ ୪୫,୯୯୫ ଟଙ୍କା ଜବତ କରାଯାଇଛି। ଏଥିସହ ଗଞ୍ଜେଇ ବିକ୍ରେତା ଓ ତାଙ୍କର ୨ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିସାହି ଗ୍ରାମର ମିର୍ଜା ଉରଫାନ ବେଗ୍, ସିରାଜ ଅଲ୍ଲୀ ଓ ତିହିଡ଼ି ଥାନା ଅଧୀନ ମିର୍ଜାପୁର ଗ୍ରାମର ସୟଦ ଅଇରାଜ ବୋଲି ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ଏସ୍‌ଆଇ ଦୀପ୍ତିମଞ୍ଜରୀ ବଡ଼ଜେନାଙ୍କ ରିପୋର୍ଟକ୍ରମେ ଏକ ମାମଲା (ନଂ.୧୧୪/୨୬) ରୁଜୁ ହୋଇଛି।

ଏସ୍‌ଡିପିଓ ସାହୁ ସୂଚନା ଦେଇ କହିଛନ୍ତି, ଶନିବାର ସକାଳେ ତିହିଡ଼ି ବଜାରରେ ଏସ୍‌ଆଇ ବଡ଼ଜେନା ଓ କେତେଜଣ କନ୍‌ଷ୍ଟେବଲ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଭାଙ୍ଗ ଦୋକାନରେ ବେଆଇନ ଭାବେ ଗଞ୍ଜେଇ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ଏ ସମ୍ପର୍କରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇଥିଲେ। ଆଇଆଇସି ନାୟକ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏନେଇ ଜଣାଇବା ପରେ ଚଢଉ କରାଯାଇଥିଲା।




# ଷ୍ଟେଶନରୁ ଅପହରଣ, ଜଟଣୀରୁ ଉଦ୍ଧାର

- ଅନ୍‌ଲାଇନ୍ ଟ୍ରେଡିଂ କାରବାର ପାଇଁ ନେଇଥିଲେ ଟଙ୍କା
- ଅପହୃତ ଉଦ୍ଧାର ସହ ୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

ଅନ୍‌ଲାଇନ୍ ଟ୍ରେଡିଂ କାରବାରକୁ କେନ୍ଦ୍ରକରି ଅପହରଣ ଘଟଣାରେ ଖାରବେଳନଗର ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସରକନ୍ତରାର ଆଶିଷ କୁମାର ନାୟକ, ଡୁମୁଡୁମାର ଚିନ୍ମୟ କୁମାର ବେହେରା, ପ୍ରଣବ ବେହେରା ଏବଂ ଦୀପକ କୁମାର ସାହୁ। ଅପହରଣରେ ବ୍ୟବହୃତ କାରକୁ ମଧ୍ୟ ପୋଲିସ ଜବତ କରିଛି।

ସୂଚନାଯୋଗ୍ୟ, ଶନିବାର ସକାଳ ପ୍ରାୟ ୭ଟା ୩୦ ସମୟରେ ଅଭିଯୋଗକାରୀ ଅମରଦୀପ ଡୁଙ୍ଗ ଡୁଙ୍ଗ ତାଙ୍କ ବନ୍ଧୁ ଆଶିଷ ମିଞ୍ଜଙ୍କ ସହିତ ମାଷ୍ଟର କ୍ୟାଣ୍ଟିନ ନିକଟରେ ଏକ ଓଲା ଗାଡ଼ିରୁ ଓହ୍ଲାଇଥିଲେ। ଏହି ସମୟରେ ଏକ ମହିନ୍ଦ୍ରା ମାରାଜୋ ଗାଡ଼ି ସେଠାରେ ପହଞ୍ଚିଥିଲା। କେହି କିଛି ବୁଝିବା ଆଗରୁ ଅମରଦୀପଙ୍କ ବନ୍ଧୁ ଆଶିଷଙ୍କୁ ବଳପୂର୍ବକ କାରରେ ଅପହରଣ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ମୁଖ୍ୟ ଅଭିଯୁକ୍ତ ବିଭିନ୍ନ ଫୋନ ନମ୍ବରରୁ ଅମରଦୀପଙ୍କୁ ଯୋଗାଯୋଗ କରି ପୀଡିତଙ୍କ ସୁରକ୍ଷିତ ମୁକ୍ତି ପାଇଁ ୧୫ରୁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ପୀଡିତଙ୍କ ମୋବାଇଲ ଟାୱାର ଲୋକେଶନ ସହିତ ବୈଷୟିକ ପ୍ରମାଣ ଆଧାରରେ ପୋଲିସ ଟିମ୍ ଜଟଣୀ ଗେଟ ଅଞ୍ଚଳରେ ପହଞ୍ଚି କାରକୁ ଚିହ୍ନଟ କରିବା ସହ ପୀଡ଼ିତଙ୍କୁ ଗାଡ଼ି ଭିତରୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ସହଯୋଗୀ ଖସିଯିବାରେ ସଫଳ ହୋଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ପୀଡ଼ିତଙ୍କ ସହିତ ଥିବା ବ୍ୟବସାୟିକ ବିବାଦକୁ ନେଇ ଏହି ଅପରାଧ କରାଯାଇଥିବା କଥା କହିଥିଲେ। ପୀଡ଼ିତଙ୍କୁ ଅଭିଯୁକ୍ତମାନେ ଅନଲାଇନ୍ ଟ୍ରେଡିଂ କରିବାକୁ ଟଙ୍କା ଦେଇଥିଲେ। ହେଲେ ପୀଡ଼ିତ ଉକ୍ତ ଟଙ୍କା ଫେରାଇନଥିଲେ। ଫଳରେ ଅଭିଯୁକ୍ତମାନେ ଅପହରଣ ନିଷ୍ପତ୍ତି ନେଇଥିଲେ। ଉପଲବ୍ଧ ରେକର୍ଡ ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଆଶିଷ କୁମାର ନାୟକ ନୟାପଲ୍ଲୀ, ଭରତପୁର ଓ ଭବାନୀପାଟଣା ଟାଉନ ଥାନାରେ ମୋଟ ୩ଟି ମାମଲାରେ ଜଡ଼ିତ ଥିବାବେଳେ ଅଭିଯୁକ୍ତ ଦୀପକ କୁମାର ସାହୁ ଚନ୍ଦନପୁର ଥାନାରେ ୧ଟି ମାମଲାରେ ଜଡ଼ିତ ଅଛନ୍ତି।



ଜବତ କାର୍ ସହ ଗିରଫ ଅଭିଯୁକ୍ତ।

**୦କେଇ ଅଭିଯୋଗରେ ଜଣେ ଗିରଫ**

ଭୁବନେଶ୍ୱର,(ପ୍ରସନଜିତ୍ ସାହୁ): ମିଥ୍ୟା ପ୍ରଲୋଭନ ଦେଖାଇ ଟଙ୍କା ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଚନ୍ଦନପୁର ଅଞ୍ଚଳର ସତିଶ ପ୍ରଧାନ (୩୬)। ସୂଚନାଯୋଗ୍ୟ, ଏକ ଜିମ୍ ପରିସରରେ ସତିଶଙ୍କ ସହ ଗୌରିଶଙ୍କର ବେହେରାଙ୍କର ପରିଚୟ ହୋଇଥିଲା। ପୁରୀର ଏକ ବ୍ୟାଙ୍କରେ ବନ୍ଧକ ଥିବା କିଛି ସୁନା ଅଳଙ୍କାର ନିଲାମ ହେବା କହି ସେ ଗୌରିଶଙ୍କରଙ୍କ ଠାରୁ ୧ ଲକ୍ଷ ୯୮ ହଜାର ଟଙ୍କା ଓ ତାଙ୍କ ଭାଇଙ୍କ ଠାରୁ ମଧ ୧ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### ଓପେପା-ଇସାର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ସେବା ସଂଘ (ଓପେପା-ଇସା)ର ରାଜ୍ୟସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଇଂ. ଦେବଦତ୍ତ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ପଲେଇ, ସାଙ୍ଗଠନିକ ସମ୍ପାଦକ ଭାବେ ଦେବଦତ୍ତ ବାରିକ, କୋଷାଧ୍ୟକ୍ଷ ଭାବେ ରୁଦ୍ର ନାରାୟଣ ମିଶ୍ର, ଉପସଭାପତି ଭାବେ ମନୋଜ କୁମାର ନାୟକ, ଇଂ. ସନତ ବେହେରା ଓ ଅଶୋକ କୁମାର ପଟ୍ଟନାୟକ ଏବଂ ଯୁଗ୍ମ ସମ୍ପାଦକ ଭାବେ ଶ୍ରାବଣୀ ମିଶ୍ର, ମନୋରଞ୍ଜନ ସାହୁ ଓ ରାକେଶ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

### ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

ଓଡିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଶନିବାର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସମ୍ପାଦକ ଜଗନ୍ନାଥ ପାଢୀ ବେଦମନ୍ତ୍ର ପାଠ ସହ ସ୍ୱାଗତ ଭାଷଣ ଏବଂ ବାର୍ଷିକ ଅଧିବେଶନର ବିବରଣୀ ପାଠ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ସମ୍ପାଦକ, ସଭାପତିମାନେ କର୍ପସ ପଣ୍ଡ ଗଠନ, ବ୍ରାହ୍ମଣ କଲ୍ୟାଣ ନିଗମ ପ୍ରତିଷ୍ଠା, ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ନିର୍ମାଣ, ଅନ୍ତତଃ ୨୦ହଜାର ସଭ୍ୟ ସଂଗ୍ରହ ଆଦି କାର୍ଯ୍ୟ କିପରି ସମାପନ ହେବ ତାହାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମହାସଂଘ ପକ୍ଷରୁ ପର୍ଶୁରାମ ଜୟନ୍ତୀ ଓ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏହି ଆଲୋଚନାରେ ପ୍ରମୋଦ ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ଶାନ୍ତନୁ ମିଶ୍ର, ଆର୍ତ୍ତଚରଣ ଦାଶ, କପିଳ ମହାପାତ୍ର, ପରମେଶ୍ୱର ମିଶ୍ର, ପିତମ୍ବର ରଥ, ଜଗଦାନନ୍ଦ ତ୍ରିପାଠୀ, ସ୍ନେହ ନନ୍ଦ, ନରସିଂହ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, କୈଳାସ ଚନ୍ଦ ରଥ, ଗୋପୀନାଥ କର,ଅକ୍ଷୟ ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର ଆଦି ଅଂଶଗ୍ରହଣ କରିଥିଲେ। ମହାସଂଘର ଭୁବନେଶ୍ୱର ଶାଖା ସଭାପତି ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଧୁରୁନି ଗ୍ୟାସ୍ ସଙ୍କଟ, ବନ୍ଦ ହେଲାଣି କ୍ୟାଟରିଂ ସଂସ୍ଥା

## ଆନ୍ଦୋଳନ ଚେତାବନୀ ଦେଲା କ୍ୟାଟରିଂ ଆସୋସିଏଶନ

ଭୁବନେଶ୍ୱର,୧୨।୪(ଅନୁରାଧା ମହାରଣା)




ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ପ୍ରଭାବରେ ଓଡ଼ିଶାରେ କମର୍ସିଆଲ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ଏବେବି ସ୍ୱାଭାବିକ ହୋଇପାରୁନି। ଗ୍ୟାସ୍ ଅଭାବରୁ କ୍ୟାଟରିଂ ବ୍ୟବସାୟ ଘୋର ସମସ୍ୟାର ସମ୍ମୁଖୀନ ହୋଇଛି। ରାଜ୍ୟରେ ୨୦୦୦ରୁ ଅଧିକ କ୍ୟାଟରିଂ ସଂସ୍ଥା କାର୍ଯ୍ୟରତ ଥିବାବେଳେ ଏହି ସେବା ସହ ଜଡ଼ିତ ଲକ୍ଷାଧିକ କର୍ମଚାରୀ ଏବେ ଅନିଶ୍ଚିତତାରେ ଅଛନ୍ତି। ୧୯ କେଜିଆ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ମିଳୁ ନ ଥିବାରୁ ଅନେକ ସଂସ୍ଥା ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ କ୍ୟାଟରିଂ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆସୋସିଏଶନ ପକ୍ଷରୁ କୁହାଯାଇଛି, ସରକାର ଗଣମାଧ୍ୟମରେ ରନ୍ଧନ ଗ୍ୟାସ୍ ଯୋଗାଣରେ କୌଣସି ଅଭାବ ନ ଥିବା କହୁଛନ୍ତି। ମାତ୍ର ବାସ୍ତବରେ ରାଜ୍ୟର ଅଧିକାଂଶ ଗ୍ୟାସ ଏଜେନ୍ସି ନିକଟରେ ସିଲିଣ୍ଡର ଉପଲବ୍ଧ ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ କ୍ୟାଟରିଂ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ୍ କରାଯାଇଥିଲା। ମନ୍ତ୍ରୀ ଶୀଘ୍ର ସମସ୍ୟାର ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ। ମାତ୍ର ଇତିମଧ୍ୟରେ ୭ ଦିନ ବିତିଯାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟୀମାନେ ଘରୋଇ (୧୪ କେଜି) ସିଲିଣ୍ଡର ବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ରହୁଥିବାବେଳେ କମର୍ସିଆଲ (୧୯ କେଜି) ସିଲିଣ୍ଡର ଅଭାବ ଆଉ ଏକ ସମସ୍ୟା ସୃଷ୍ଟି କରୁଥିବା ଆସୋସିଏଶନ କହିଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ କ୍ୟାଟରିଂ ମାଲିକ ଓ କର୍ମଚାରୀ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କ୍ୟାଟରିଂ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାର ତୁରନ୍ତ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇ କ୍ୟାଟରିଂ ବ୍ୟବସାୟୀମାନଙ୍କୁ ସହାୟତା କରିବା ପାଇଁ ଦୃଢ଼ ଦାବି କରିଛି ଆସୋସିଏଶନ। ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବିନୟ ଭୂଷଣ ପଟ୍ଟନାୟକ, ସମ୍ପାଦକ ଦେବୀ ପ୍ରସାଦ ରଥ, ଚେୟାରମାନ ଅନୁପ କୁମାର ବଗାଇ, କୋଷାଧ୍ୟକ୍ଷ ଏମ୍. ଜୟ ପ୍ରସାଦ ରାଓ, ପାଟନେ ନବ ରଞ୍ଜନ ପଟ୍ଟନାୟକ, ଆଡ୍‌ଭାଇଜର ପ୍ରବୋଧ କୁମାର ଦାସ ପ୍ରମୁଖ ଯୋଗଦେଇ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

# ନିଶାଗ୍ରସ୍ତ ଯୁବକଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)



ଜାତୀୟ ରାଜପଥର ଜୟଦେବ ଓଭରବ୍ରିଜ୍ ଉପରେ ଜଣେ ନିଶାଗ୍ରସ୍ତ ଯୁବକ ବିପଦପୂର୍ଣ୍ଣ ଭାବେ ବାଇକ ଚଲାଉଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ଚଳନ୍ତା ବାଇକ୍‌ର ହ୍ୟାଣ୍ଡେଲ ଛାଡି ତା'ଉପରେ ଛିଡା ହେବା ସହ ସିଟ୍ ଉପରେ ପଛୁଆ ଶୋଇ ଯାଉଥିଲେ। ଏପରି ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖି ରାସ୍ତାରେ ଯାଉଥିବା ଲୋକେ ଭୟଭୀତ ହୋଇପଡିଥିଲେ। ଅନେକ ଯାତ୍ରୀ ତାଙ୍କୁ ବାରଣ କରୁଥିଲେ ମଧ ସେ କିଛି ଶୁଣୁ ନ ଥିଲେ। କେହି ଜଣେ ବ୍ୟକ୍ତି ତାହାର ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ଏହାକୁ ପୋଷ୍ଟ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ଏକାଧିକ ବ୍ୟକ୍ତି ମଧ ଉକ୍ତ ଭିଡ଼ିଓକୁ ଆର୍‌ଟିଓ ଏବଂ ପରିବହନ ବିଭାଗକୁ ଟ୍ୱିଟ୍(ବର୍ତ୍ତମାନ ଏକ୍ସ)ରେ ଟ୍ୟାଗ୍ କରିଥିଲେ। ଏଭଳି ଅନେକ ସମୟରେ ରାସ୍ତାରେ ବିପଦପୂର୍ଣ୍ଣ ବାଇକ୍ ଷ୍ଟଣ୍ଟ ଯୋଗୁ ଦୁର୍ଘଟଣା ଘଟୁଥିଲେ ମଧ ସ୍ଥାନୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଅନ୍ୟମାନଙ୍କ ଜୀବନ ବିପଦରେ ପଡୁଛି।

# ଛାତ୍ରୀଛାତ୍ରଙ୍କ ନୈତିକ, ବୌଦ୍ଧିକ ବିକାଶ ଜରୁରୀ




## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

ବାଲିପାଟଣା,୧୨।୪(ଅଭିମନ୍ୟୁ ନାୟକ)

ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ ସ୍ଥାନୀୟ ଅନ୍ନପୂର୍ଣ୍ଣା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଭରତ ଚନ୍ଦ୍ର ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଘନଶ୍ୟାମ ଭୋଳ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ. ଶୁଭେନ୍ଦୁ ସ୍ୱାଇଁ ଯୋଗଦେଇ କହିଥିଲେ, ଉଚ୍ଚମନା ବିଦ୍ୟାର୍ଥୀ ଗଢ଼ିବାରେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରମୁଖ ଭୂମିକା ରହିଛି। ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଡ. ବିଶ୍ୱରଞ୍ଜନ ରଥ ଯୋଗଦେଇ କହିଲେ, ଆଧ୍ୟାତ୍ମିକ ଓ ସଂସ୍କୃତି ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାଦାନ ସହିତ ଅନ୍ୟ ଏକ ଦିଗ ଅଟେ। ଅନ୍ୟତମ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ତଥା ଇଞ୍ଜିନିୟର ଅମ୍ବିକା ପ୍ରସାଦ ମହାନ୍ତି ପରିଚାଳନା କମିଟି ସଦସ୍ୟ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ପିଲାମାନଙ୍କ ମଧ୍ୟରେ ନୈତିକତା ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିର ସମ୍ମାନ କବି ନିଧି ସାହୁ ଏବଂ ସ୍ୱତନ୍ତ୍ର ସରସ୍ୱତୀ ସମ୍ମାନ ସେବା ଅନୁଷ୍ଠାନ ବର୍ନ ଟୁ ହେଲ୍ପକୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନେତାଜୀଙ୍କ ଧାରାରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ୍




ଭୁବନେଶ୍ୱର,୧୩। ୪ (ସୌମ୍ୟରଞ୍ଜନ ରାଉତ)

ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ଆୟୋଜିତ ୪ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ରବିବାର ନେତାଜୀ ଭବନ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବରେ ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, କବି କେଦାର ମିଶ୍ର, ଖବରଦାତା ସୁରେନ୍ଦ୍ର ପାତ୍ର, ଫରୱାର୍ଡ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନୀ ଓ ତାଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିସହ ଭାରତ ବର୍ଷ ବର୍ତ୍ତମାନ ଏକ ଘଡ଼ିସନ୍ଧି ମୁହୂର୍ତ୍ତଦେଇ ଗତି କରୁଛି ବୋଲି ଅଭିଯୋଗ କରିଥିଲେ। ଏଭଳି ସମୟରେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ସୁଭାଷବାଦ ଏବଂ ସମାଜବାଦୀ ଚିନ୍ତାଧାରାକୁ ଆଧାର କରି ସଂଗ୍ରାମ କରିବା ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ଆଜାଦ୍ ହିନ୍ଦ୍ ବାହିନୀର ସିପାହୀମାନେ ନେତାଜୀଙ୍କ ଧାରାରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ୍ କରିଥିଲେ। କର୍ମଶାଳାରେ ଆଜାଦ ହିନ୍ଦ୍ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। କର୍ମଶାଳାରେ ଲକ୍ଷ୍ମୀ ଦୋରା, ଦିଶା ଆଜାଦ୍, ରିଙ୍କି ସାହୁ, ବିକ୍ରମ କାଣ୍ଡିଙ୍କ ସମେତ ଅନ୍ୟାନ ପ୍ରମୁଖଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ଶିଳାଶ୍ରୀର ୧୯ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୨। ୪ (ସୌମ୍ୟରଞ୍ଜନ ରାଉତ)

ଶିଳାଶ୍ରୀର ୧୯ତମ ବାର୍ଷିକ ଉତ୍ସବ ରବିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠାନର ସମ୍ପାଦିକା ବାସନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସାହିତ୍ୟିକ ଡ. ଶ୍ରୀକାନ୍ତ ମିଶ୍ର, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ସାହିତ୍ୟିକ ରବିନାରାୟଣ ନନ୍ଦ, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷା ଡ. ଭାରତୀ ପାଲ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଳାଶ୍ରୀ ପତ୍ରିକାର ବିଷୁବ ସଂଖ୍ୟା 'ଆମେ ଓ ଆମ ସମ୍ପର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ସମାଜସେବା ଓ ପ୍ରବନ୍ଧ ପାଇଁ କାମଦେବ ମହାପାତ୍ର, ଗୀତି କବିତା ପାଇଁ ବସନ୍ତ କୁମାର ଦାସ, ଶିଶୁ ସାହିତ୍ୟ ପାଇଁ ତନୟା ଦାସ ଗୋସ୍ୱାମୀ ଓ କବିତା ପାଇଁ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କୁ 'ଶିଳାଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ବିଶ୍ୱମିତ୍ରା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୭ ଗିରଫ

ଭୁବନେଶ୍ୱର,୧୨।।୪(ପ୍ରସନଜିତ୍ ସାହୁ)

ଗାଡ଼ି ଯାତାୟାତ ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହୋଇଛି। ଶହୀଦନଗର ଥାନା ପୋଲିସ ଘଟଣାର ତଦନ୍ତ କରି ରବିବାର ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିଶ୍ୱେଶ୍ୱର ବସ୍ତିର ଅମିତ ନାୟକ (୨୬), ମୁକେଶ କୁମାର ନାୟକ (୨୬) , ଚିକୁ ନାୟକ (୨୨), କବିତା ଭୋଳ (୫୪), ନର୍ମିଳା ନାୟକ (୫୦), ଚନ୍ଦନ ପାଣିଗ୍ରାହୀ (୨୭) ଓ ରାଜେନ୍ଦ୍ର ପାଣିଗ୍ରାହୀ (୩୫)। ସୂଚନାଯୋଗ୍ୟ, ଶନିବାର ରାତିରେ ବିଶେଶ୍ୱର ବସ୍ତିରେ ଗୋଟିଏ ପକ୍ଷର ସଦସ୍ୟମାନେ ଅନ୍ୟ ପକ୍ଷର ଘରେ ପଶି କଟୁରି, ଲାଠି, ଇଟା ଓ ପଥରରେ ଆକ୍ରମଣ କରିବା ସହିତ ସୁନା ଅଳଙ୍କାର ଛିନତାଇ କରିଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ ପକ୍ଷ ମଧ ଆକ୍ରମଣ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ପାଲଟା ଅଭିଯୋଗ ହୋଇଛି।

# ଅଫୁଟା ବାଣ ବିସ୍ଫୋରଣ,୪ ଆହତ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

ଏକ ଅଫୁଟା ବାଣ ବିସ୍ଫୋରଣ ଘଟି ୪ଜଣ ଆହତ ହୋଇଛନ୍ତି। ଏଥିରେ ୨ ନାବାଳକ ସମେତ ୪ଜଣ ଆହତ ହୋଇଛନ୍ତି। ଦୁଇ ଜଣ ନାବାଳକ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଘଟଣା ଅନୁଯାୟୀ, ପଟିଆ ଶବରସାହି ରାସ୍ତା କଡ଼ରେ ଏକ ଅଫୁଟା କୁମ୍ଭି ବାଣ ପଡିଥିବା ଦେଖି ଦୁଇ ଛୋଟ ବାଳକ ସେହି ବାଣକୁ ହାତରେ ଉଠାଇ ନିକଟ ଏକ ପଥର ଉପରେ ଫୋପାଡ଼ି ଦେଇଥିଲେ। ଫଳରେ ବାଣଟି ଜୋରକରି ଫୁଟିଥିଲା। ଦୁଇ ନାବାଳକଙ୍କ ସହ ନିକଟରେ ଯାଉଥିବା ଦୁଇ ବଡ଼ ଭାଇ ମଧ ଆହତ ହୋଇଥିଲେ। ସେମାନଙ୍କ ଦେହ ସିଜି ଯିବା ସହିତ ଆଖି ପୋଡ଼ିଯାଇଥିଲା। ସ୍ଥାନୀୟ ଲୋକ ପିସିଆରକୁ ସୂଚନାଦେଇ ସେମାନଙ୍କୁ ପ୍ରାଥମିକ ଚିକିତ୍ସାପାଇଁ ନିକଟରେ ଥିବା ଏକ ସରକାରୀ ହସ୍ପିଟାଲକୁ ପଠାଇ ଦେଇଥିଲେ। ସେଠାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ନାବାଳକଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଯୁବକମାନଙ୍କୁ ପ୍ରାଥମିକ ଚିକିତ୍ସାକରାଯାଇ ରବିବାର ରାତିରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଯୁବକ ଦ୍ୱୟ ହେଲେ ଶ୍ରୀବହିର ଏକ ବସ୍ତି ଅଞ୍ଚଳର ସୁକାନ୍ତ ଭୋଇ ଏବଂ ସୁନିଲ ଭୋଇ। ଶନିବାର ରାତିରେ କୌଣସି ବିବାହ ବରଯାତ୍ରୀରେ ବ୍ୟବହାର ହୋଇଥିବା ବାଣ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

# କୋର୍ଟଙ୍କ ରୋକ୍ ସତ୍ତ୍ୱେ ୨୮ ଦୋକାନ ଭାଙ୍ଗିଲା ବିଏମ୍‌ସି

## ଆନ୍ଦୋଳନ ସହ ଆଇନର ଆଶ୍ରୟ ନେବେ ବ୍ୟବସାୟୀ

ଭୁବନେଶର,୧୨।୪ (ବନ୍ଦନା ସେଠୀ)

ଦୀର୍ଘବର୍ଷ ଧରି ଅଶୋକନଗରଠାରେ ପ୍ରାୟ ୫୫ଜଣ ବ୍ୟବସାୟୀ ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ୨୦୧୯ରେ ବିଏମ୍‌ସି ଏମାନଙ୍କୁ ଉଚ୍ଛେଦ ପାଇଁ ଉଦ୍ୟମ କରିବାରୁ ସେମାନେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଖୋର୍ଦ୍ଧା ସିଭିଲ ଜଜ୍ ସିନିୟର ଡିଭିଜନ ଦେୱାନୀ ଅଦାଲତ ଭୁବନେଶ୍ୱର କେସ୍ ନଂ. ୮୭୦-୨୦୧୯ର ଶୁଣାଣି କରି ୫୫ଜଣଙ୍କ ଦୋକାନର ସ୍ଥିତାବସ୍ଥା ବଳାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ଅଦ୍ୟାବଧି ବଳବତ୍ତର ରହିଥିବାବେଳେ ବିଏମ୍‌ସି ପକ୍ଷରୁ ଶନିବାର ୨୮ଟି ଦୋକାନକୁ ଉଚ୍ଛେଦ କରାଯାଇଛି। କୋର୍ଟଙ୍କ ଆଦେଶ ସତ୍ତ୍ୱେ ବିଏମ୍‌ସିର ଏହି ଉଚ୍ଛେଦକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଭୁବନେଶ୍ୱର ଉଠାଦୋକାନ ବ୍ୟବସାୟୀ ସଂଘ ମଧ ଏହାକୁ ବିରୋଧ କରିଛି। କ୍ଷତିଗ୍ରସ୍ତ ୨୮ଜଣ ଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ଦାବି କରିବା ସହ ଆନ୍ଦୋଳନ ଓ ଆଇନଗତ ଲଢ଼େଇ ଚାଲିବ ବୋଲି ସଂଘ ସଭାପତି ସୁର ଜେନା ସୂଚନା ଦେଇଛନ୍ତି। ଶନିବାର ସକାଳେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଦୋକାନ ଉଚ୍ଛେଦ ପାଇଁ ଆସିଥିବାବେଳେ ତାଙ୍କୁ ସଂଘ ସଭାପତି କୋର୍ଟଙ୍କର ନିର୍ଦ୍ଦେଶନାମା ଦେଖାଇଥିଲେ। ଫଳରେ କମିଶନର ଫେରିଯାଇଥିଲେ। ମାତ୍ର କିଛି ସମୟ ପରେ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ଟିମ୍ ସହ ଆସି ସକାଳ ୮ଟା ଭିତରେ ୨୮ଟି ଦୋକାନକୁ ଭାଙ୍ଗି ସାମଗ୍ରୀ ନେଇଯାଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ କ୍ଷତିଗ୍ରସ୍ତ ଦୋକାନୀ ବିଜୟ ସ୍ୱାଇଁ, ପ୍ରମୋଦ ଦେହୁରି, ସନ୍ତୋଷ ନାୟକ, ଅର୍ଜୁନ ସେଠୀ, ରମେଶ ଜେନା, ବଟ ସାହୁ, ଟି. ଶଙ୍କର ରାଓ, ଅଜିତ କୁମାର ବେହେରା ଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ବ୍ୟବସାୟୀ ଓ ଭୁବନେଶର ଉଠା ଦୋକାନୀ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ବୈଠକ ବସିଥିଲା। ଏଥିରେ ଦୋକାନୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ଦାବି କରାଯିବା ସହ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ବାପ ପୁଅ ଗିରଫ

ବାରଙ୍ଗ,୧୨।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲୁହାରଡ଼ରେ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ବାପପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାହ୍ନୁ ନାୟକ(୫୬) ଓ ଅନିଲ ନାୟକ(୨୨)। ଏନେଇ ଥାନାରେ ମାମଲା (ନଂ. ୧୫୦/୨୬) ରୁଜୁ କରାଯାଇଥିବା ଥାନା ଆଇଆଇସି ବିଭୂତି ଭୂଷଣ ମୁଦୁଲି କହିଛନ୍ତି। ଶନିବାର ରାତିରେ ଉକ୍ତ ଗ୍ରାମର ଦୀପକ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଗ୍ରାମରେ ଥିବା ମଙ୍ଗଳା ମନ୍ଦିର ନିକଟରେ ସେ ଓ ତାଙ୍କ ମା' କଥାବାର୍ତ୍ତା ହେଉଥିଲେ। ଏହି ସମୟରେ କାହ୍ନୁ ଓ ତାଙ୍କ ପୁଅ ଅନିଲ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦୀପକ ଏହାକୁ ବିରୋଧ କରିବାରୁ କାହ୍ନୁ ଏକ ଲୁହାରଡ଼ରେ ଆକ୍ରମଣ କରି ଦୀପକଙ୍କୁ ରକ୍ତାକ୍ତ କରିଥିଲେ। ଏହା ପରେ ଉଭୟ କାହ୍ନୁ ଓ ଅନିଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ସଂସ୍କୃତ-ଓଡ଼ିଆ ଅନୁବାଦ ଜାତୀୟ ଆଲୋଚନାଚକ୍ର



ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଏବଂ ଓଡିଆ ବିଭାଗର ମିଳିତ ସହଯୋଗରେ ସଂସ୍କୃତ-ଓଡିଆ ଅନୁବାଦ ପରମ୍ପରା, ପରିବର୍ତ୍ତନ ଓ ସଂଚାର ବିଷୟରେ ଜାତୀୟ ଆଲୋଚନାଚକ୍ର ଶନିବାର ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ସରୋଜକାନ୍ତ ଚୌଧୁରୀ ଏହାକୁ ଉଦ୍‌ଘାଟନ କରି ଭାରତୀୟ ଭାଷାର ଗୁରୁତ୍ୱ ଓ ଅନ୍ତରଶାସ୍ତ୍ରୀୟ ଅଧ୍ୟୟନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଓଡିଆ ବିଭାଗ ମୁଖ୍ୟ ଡା. ମନ୍ମଥନାଥ ଘଡାଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଜ୍ଞାନପରମ୍ପରା ଓ ଅନୁବାଦର ଗୁରୁତ୍ୱ ଉପରେ ମତ ଦେଇଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁବାଦ ସାହିତ୍ୟର ପରମ୍ପରା, ମହର, ଓ ସାମ୍ପ୍ରତିକ ସମୟରେ ତା'ର ଆବଶ୍ୟକତା ବିଷୟରେ କହିଥିଲେ। ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଡା. ଇନ୍ଦ୍ରମଣି ସାହୁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ଡା. ରମେଶ ଚନ୍ଦ୍ର ମଲ୍ଲିକ ମଧ ଅନୁବାଦର ସାହିତ୍ୟିକ ଓ ଦାର୍ଶନିକ ପରିମାଣ ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡ. ବିଭୁତି ଭୂଷଣ ମହାପାତ୍ରଙ୍କ ଲିଖିତ ପୁସ୍ତକ 'ରିସର୍ଚ୍ଚ ମେଥୋଡୋଲୋଜି ଇନ୍ ସାଂସ୍କ୍ରିଟ ଷ୍ଟଡିଜ' ଲୋକାର୍ପଣ ହୋଇଥିଲା। ସଂସ୍କୃତ ବିଭାଗର ମୁଖ୍ୟ ଡ. ସୁରେଶ୍ୱର ମେହେର ସ୍ୱାଗତ ଭାଷଣ, ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ମମତା ମଞ୍ଜରୀ ବାରିକ ଅତିଥି ପରିଚୟ ଓ ସଂସ୍କୃତ ବିଭାଗ ଅଧ୍ୟାପକ ଡ. ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ମାଧୋଙ୍କ ଜୀବନୀ 'ଜୀବନ ତାକର୍ ସ୍ୱାଧୀନତା ଆମର୍'

## ବନ୍ଦନୀୟ ବରପୁତ୍ର ଦିବସ

ଭୁବନେଶ୍ୱର,୧୩। ୪ (ସୌମ୍ୟରଞ୍ଜନ ରାଉତ)



ଶହୀଦ୍ ମାଧୋ ସିଂଙ୍କ ଜୀବନଯାତ୍ରାକୁ ନେଇ ବରଗଡ଼ ଜିଲାର ସମଲେଶ୍ୱରୀ ସଂଘ ପକ୍ଷରୁ ପରିବେଷିତ ନାଟକ 'ଜୀବନ ତାକର୍ ସ୍ୱାଧୀନତା ଆମର୍' ଏକ ଦୃଶ୍ୟ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ଓଡ଼ିଆ ପକ୍ଷ ପାଳନର ୧୨ତମ ଦିବସରେ ରାଜ୍ୟବାସୀ ଆମ ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ସହିଦ୍ ମାଧୋ ସିଂଙ୍କ ଜୀବନଯାତ୍ରାକୁ ନେଇ ବରଗଡ଼ ଜିଲାର ସମଲେଶ୍ୱରୀ ସଂଘ ପକ୍ଷରୁ ନାଟକ 'ଜୀବନ ତାକର୍ ସ୍ୱାଧୀନତା ଆମର୍' ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଥିଲେ ପ୍ରଧାପକ ଚୂଡ଼ାମଣି ରଥ। ସ୍ୱାଧୀନତା ଆନ୍ଦୋଳନରେ ମାଧୋ ସିଂ ଏବଂ ତାଙ୍କ ପରିବାରର ଭୂମିକାକୁ ଖୁବ ସୁନ୍ଦର ଭାବେ କଳାକାରମାନେ ପରିବେଷଣ କରିଥିଲେ। ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅଭିନେତା ପୃଥୀରାଜ ନାୟକ, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତି ଚାରଣ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ବରପୁତ୍ରମାନଙ୍କ ନିର୍ଣ୍ଣାୟକ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତ ୫୦ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରାଜ୍ୟର ବିଭିନ୍ନ ଜିଲାରେ 'ବନ୍ଦନୀୟ ବରପୁତ୍ର' ଦିବସ ପାଳନ କରାଯାଇଥିଲା। ଜିଲା ପ୍ରଶାସନ ଆନୁକୂଲ୍ୟରେ ବରପୁତ୍ରମାନଙ୍କ ଜୀବନୀକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହା ସହିତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ବାପ ପୁଅ ଗିରଫ

ବାରଙ୍ଗ,୧୨।୪(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲୁହାରଡ଼ରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଉକ୍ତ ବାପପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାହ୍ନୁ ନାୟକ(୫୬) ଓ ଅନିଲ ନାୟକ(୨୨)। ଏନେଇ ଥାନାରେ ମାମଲା (ନଂ. ୧୫୦/୨୬) ରୁଜୁ କରାଯାଇଥିବା ଥାନା ଆଇଆଇସି ବିଭୂତି ଭୂଷଣ ମୁଦୁଲି କହିଛନ୍ତି।

ଶନିବାର ରାତିରେ ଉକ୍ତ ଗ୍ରାମର ଦୀପକ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଗ୍ରାମରେ ଥିବା ମଙ୍ଗଳା ମନ୍ଦିର ନିକଟରେ ଦୀପକ ଓ ତାଙ୍କ ମା' କଥାବାର୍ତ୍ତା ହେଉଥିଲେ। ଏହି ସମୟରେ କାହ୍ନୁ ଓ ତାଙ୍କ ପୁଅ ଅନିଲ ଆସି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦୀପକ ଏହାକୁ ବିରୋଧ କରିବାରୁ କାହ୍ନୁ ଏକ ଲୁହାରଡ଼ରେ ଆକ୍ରମଣ କରି ଦୀପକଙ୍କୁ ରକ୍ତାକ୍ତ କରିଥିଲେ। ଏହା ପରେ ଉଭୟ କାହ୍ନୁ ଓ ଅନିଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ବୋଲି ଦୀପକ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ପୋଖରୀରେ ବୁଡ଼ି ଯୁବକ ମୃତ

ବାଙ୍କୀ,୧୨।୪(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ଡମପଡ଼ା ପଞ୍ଚାୟତସ୍ଥିତ ଡାହାଣୀ ଗାଡ଼ିଆ ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ବିଜୟ ଦେହୁରୀ (୩୨)। ପରିବାର ଲୋକେ ଖବର ଦେବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ବିଜୟଙ୍କୁ ଉଦ୍ଧାର କରି ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ବିଜୟ ଦୁଇ ସାଥୀଙ୍କ ସହ ଆମ୍ବ ତୋଳିବାକୁ ଯାଇଥିଲେ। ଆମ୍ବ ତୋଳି ଘରକୁ ଫେରୁଥିବା ବେଳେ ଧଳ ସାହିସ୍ଥିତ ଏକ ବଡ଼ ପୋଖରୀରେ ଗାଧୋଇବା ବେଳେ ଗଭୀର ପାଣିରେ ପହଁରୁଥିବା ବେଳେ ବୁଡ଼ିଯାଇଥିଲେ।

### ଚୋରା ବାଲି ବୋଝେଇ ଗାଡ଼ି ଜବତ

ବାଙ୍କୀ,୧୨।୪(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ବନ୍ଧାଳ ପଞ୍ଚାୟତସ୍ଥିତ ତେନ୍ତୁଳିଆରେ ବ୍ୟାପକ ମାତ୍ରାରେ ଚୋରା ବାଲିଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏନେଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ଯାଉଥିବା ବେଳେ ତାକୁ ପିଛା କରି ବିଟ୍ ହାଉସ୍‌ରେ ଅଟକ ରଖିଥିଲେ। ଜିଲା ଖଣି ବିଭାଗ ଅଧିକାରୀଙ୍କୁ ଏନେଇ ଖବର ଦେବାପରେ ଖଣି ବିଭାଗ ଅଧିକାରୀ ଜବତ ଟ୍ରାକ୍ଟର ଉପରେ ୨ ଲକ୍ଷ ଟଙ୍କା ଫାଇନ କରିଥିବା ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

### ମା 'ଦକ୍ଷିଣକାଳୀଙ୍କ ଭ୍ରମଣୀ ଯାତ୍ରା

ତିଗିରିଆ, ୧୨।୪( ଜାଫର ଖାଁ ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଆରାଧ୍ୟ ଦେବୀ ମା 'ଦକ୍ଷିଣ କାଳୀଙ୍କ ଭ୍ରମଣୀ ଯାତ୍ରା ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଛି। ମା'ଙ୍କ ପ୍ରସିଦ୍ଧ ଖଣ୍ଡା ପାଟଯାତ୍ରାର ୯ ଦିନ ପୂର୍ବରୁ ମାନସିକଧାରୀ ମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଗ୍ରାମର ପୁରୁଣାପୋଖରୀଠାରେ ଘଟ ଉଠା ନୀତି ହୋଇଥାଏ। ଉକ୍ତ ଘଟକୁ ମନ୍ଦିର ବେଢାରେ ସ୍ଥାପନ କରାଯାଇଥାଏ। ଘଟ ଉଠିବାର ୨ ଦିନ ପରେ ପୂର୍ବ ପରମ୍ପରା ଅନୁଯାୟୀ ଭ୍ରମଣୀ ଯାତ୍ରା ଚାଲୁ ରହିଛି।ଏହି ଯାତ୍ରାରେ ମା ଦକ୍ଷିଣ କାଳୀଙ୍କ ପ୍ରତୀକ ଭାବେ ସାମାଜିକ କର୍ମୀ କେଶବ ଚନ୍ଦ୍ର ପାତ୍ର ଦକ୍ଷିଣେଶ୍ୱରୀ ମନ୍ଦିରରୁ ପାରମ୍ପରିକ ବେଶ ଭୂଷାରେ କାଳିସୀ ସୁଶାନ୍ତ ଦାସ ଓ ଶ୍ରୀକାନ୍ତ ଦାସଙ୍କୁ ସଜ୍ଜିତ କରି ଶ୍ରଦ୍ଧାଳୁଙ୍କ ଗହଣରେ ଗ୍ରାମର ବିଭିନ୍ନ ଦେବାଳୟ ପରିକ୍ରମା କରିଥିଲେ। ଏହି ଅବସରରେ ମାନସିକଧାରୀ ଓ ସ୍ଥାନୀୟ ଜନସାଧାରଣ ଘଟକୁ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ନୂଆପାଟଣା ଗ୍ରାମ୍ୟ କମିଟି ସଭାପତି ପ୍ରଫୁଲ୍ଲ କୁମାର ଦତ୍ତ, ସମ୍ପାଦକ ବିଦ୍ୟାଧର ଗୁଇଁ, ସରପଞ୍ଚ ସୋମନାଥ ଦାସଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ବିନା ମଞ୍ଜୁରୀରେ ନିର୍ମାଣ ଚାଲିଛି କ୍ରଶର ୟୁନିଟ୍

## ପରିବେଶ ନିୟମକୁ ଉଲ୍ଲଂଘନ

ତିଗିରିଆ, ୧୨।୪( ଜାଫର ଖାଁ )

ତିଗିରିଆ ତହସିଲ ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତର ଭେଜିଆ ରାଜସ୍ୱ ଗ୍ରାମ ସଂଲଗ୍ନ ଆମ୍ବ ବଗାୟତ, ଚାଷଜମି, ତଇଲା କିସମ ଜମିରେ ଦିନକୁଦିନ ନୂଆ କ୍ରଶର ୟୁନିଟ ମାନ ନିର୍ମାଣ ଚାଲିଛି। ଲୋକଙ୍କ ବିରୋଧ ସତ୍ତ୍ୱେ ବିନା ପରିବେଶ ମଞ୍ଜୁରୀରେ ଏସବୁ ନିର୍ମାଣ କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

ତିଗିରିଆ ଥାନା ଅନ୍ତର୍ଗତ ଭେଜିଆ ରାଜସ୍ୱ ଗ୍ରାମ ସଂଲଗ୍ନ ମରିଚିଆ ସାହି ନିକଟସ୍ଥ ଗୋଡ଼ିତୋଟାଠାରେ ଏକ ତୋଟାରୁ ଆମ୍ବଗଛ କାଟି କ୍ରଶର ୟୁନିଟ ନିର୍ମାଣ ଚାଲିଛି। ଏନେଇ ମରିଚିଆର ଲୋକେ ଭୋଗଡ଼ାର ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।



ଗୋଡ଼ିତୋଟାରେ ନିର୍ମାଣାଧୀନ କ୍ରଶର ୟୁନିଟ ।

ଏହାଦ୍ୱାରା ସେମାନେ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଉଲ୍ଲେଖ କରିଛନ୍ତି। ଏ ବିଷୟରେ ସରପଞ୍ଚ ଶର୍ମିଳା ନାୟକଙ୍କ ପ୍ରତିନିଧି ଅରୁଣ କୁମାର ନାୟକଙ୍କୁ ପଚାରିବାରେ ସେଠାରେ କ୍ରଶର ୟୁନିଟ ହେଲେ ମରିଚିଆ ଓ ପଙ୍କାଳର ଲୋକେ କ୍ରଶର ଧୂଳି ଓ ଗୁଣ୍ଡରେ କଲବଲ ହେବା ସହ ଚାଷଜମି ପ୍ରଭାବିତ ହେବ। ଏଥିପାଇଁ ଉକ୍ତ ସ୍ଥାନରେ କ୍ରଶର ନିର୍ମାଣ ପାଇଁ କାହାକୁ ଅନୁମତି ଦିଆଯାଇନାହିଁ। ନିର୍ମାଣାଧୀନ କ୍ରଶର ପାଖରେ ଥିବା ପଙ୍କାଳ ଗ୍ରାମର ଚାଷୀ ବୁରହାନ ଖାଁ କହିଛନ୍ତି, କ୍ରଶର ହେଲେ ଆମ ଚାଷଜମିରେ ପଥର ଗୁଣ୍ଡସ୍ତର ବଢ଼ିବା ସହ ଘରେ ଚାଲିବା ଅସମ୍ଭାଳ ହୋଇପଡ଼ିବ। ଏ ବିଷୟରେ ତିଗିରିଆ ତହସିଲଦାର ଧର୍ମ ରଞ୍ଜନ ପଣ୍ଡା କହିଛନ୍ତି, ଆଇନ ଅନୁଯାୟୀ ଯାହା ହେବା କଥା ତାକୁ ଗୁରୁତ୍ୱ ଦିଆଯିବ। କିନ୍ତୁ ଲୋକଙ୍କ ସ୍ୱାର୍ଥ ଓ ଚାଷଜମିକୁ ପ୍ରାଥମିକତା ଦିଆଯିବ। ପରିବେଶ ନିୟମ ଜିଲାପାଳଙ୍କ ବିଚାରାଧୀନ ରହିଛି ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ସଚେତନତା

କଟକ,୧୨।୪(କାର୍ତ୍ତିକ ସାହୁ)

କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଏବଂ ତତ୍‌ସମ୍ପର୍କିତ ସଚେତନତା ସମ୍ବନ୍ଧୀୟ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ମାନବ ସମ୍ବଳ ବିଭାଗ ପକ୍ଷରୁ ମିଳିତ ଭାବରେ ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଏ ସମ୍ପର୍କିତ ଆଇନ ଏବଂ ତାହାକୁ ଉପଯୁକ୍ତ ଭାବରେ ବୁଝି ଆବଶ୍ୟକସ୍ଥଳେ କାର୍ଯ୍ୟରେ ଲଗାଇବା କୌଶଳ କର୍ମଚାରୀମାନଙ୍କୁ ସଚେତନ କରାଯାଇଥିଲା। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଦୁଇ ବିଶିଷ୍ଟ ବିଷୟବିତ୍ ଡ. ନିକିତା ପାଇଯୋଶୀ ଏବଂ ଡ. ପ୍ରିୟଙ୍କା ଆନନ୍ଦ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଉପସ୍ଥିତ ରହି ଉକ୍ତ ଆଇନ ସମ୍ବନ୍ଧରେ ବୁଝିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ।



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ସରିଲା ରାମଲୀଳା



ବିଭିନ୍ନ ବେଶଧାରୀ ରାମଲୀଳା କଳାକାରମାନେ ନଗର ପରିକ୍ରମା କରୁଛନ୍ତି।

ଆଠଗଡ,୧୨।୪(ସତ୍ୟ ପ୍ରସାଦ ରଥ)

ଆଠଗଡ ସହରସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀନବମୀଠାରୁ ଚାଲିଥିବା ଶ୍ରୀରାମଲୀଳାର ଶନିବାର ରାତିରେ ରାବଣ ବଧ ହେବା ସହ ରବିବାର ସକାଳେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ପାରମ୍ପାରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମନ୍ଦିରର ପୂଜକ ଭବାନୀ ଶଙ୍କର ପଣ୍ଡାଙ୍କ ପୌରୋହିତ୍ୟରେ ହୋମ ଯଜ୍ଞ ସମାପନ ହୋଇଥିଲା। ପରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସଜ୍ଜିତ କଳାକାରମାନେ ସୁସଜ୍ଜିତ ରଥରେ ନଗର ପରିକ୍ରମା କରିଥିଲେ। ଏହି ସମୟରେ ବିଭିନ୍ନ ସାହି, ବସ୍ତି ଓ ବ୍ୟକ୍ତି ବିଶେଷ ପୁଷ୍ପ, ଧୂପ,ଦୀପ ଦେଇ ବନ୍ଦାପନା କରି ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଘଟ ବିସର୍ଜନ ହୋଇଥିଲା। ଏଥିପାଇଁ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣ ଉତ୍ସବ ମୁଖର ହୋଇପଡିଥିଲା। ଏନେଇ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ସାମୂହିକ ପଂକ୍ତି ହବିଷାନ୍ନ ଭୋଜନ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଆଠଗଡ ଗଡ଼ଜାତରେ ଏହି ରାମଲୀଳା ଅନ୍ୟତମ ଗଣପର୍ବ ଅଟେ। ଏହି ପର୍ବରେ ଶ୍ରଦ୍ଧାଳୁମାନେ ବ୍ରତଧାରଣ ପୂର୍ବକ ଗୃହତ୍ୟାଗ କରି ହବିଷାନ୍ନ ଭୋଜନ କରି ଦିନରେ ରାମାୟଣ ପାଠ କରି ବୈଠକି ଲୀଳା ସମାପନ ପରେ ରାତ୍ରିରେ ଶ୍ରୀ ରାମଲୀଳା ନୃତ୍ୟ ଅଭିନୟ ପରିବେଷଣ ହୋଇଥାଏ। ଆଠଗଡ ଦେବୋତ୍ତର ବିଭାଗ ପକ୍ଷରୁ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆଠଗଡ ଅଞ୍ଚଳର ସର୍ବ ପୁରାତନ ଅନୁଷ୍ଠାନ ଶ୍ରୀଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଦୀର୍ଘ ୮୦ବର୍ଷ ଧରି ଏହି ପର୍ବ ପାଳନ କରାଯାଇ ଆସୁଛି।

ସଂଘର ସମ୍ପାଦକ ପ୍ରତାପ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠାନର ସଭାପତି ପ୍ରଭାକର ପଟ୍ଟନାୟକ,କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ପ୍ରଧାନ, ଉପ ସଭାପତି ଦୁର୍ଗା ପ୍ରସାଦ ସାଇଁ, ସହ ସମ୍ପାଦକ ସୁଧାଂଶୁ ଶେଖର ଦଳେଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆହତ ମାଙ୍କଡ଼ ଉଦ୍ଧାର

## ବନବିଭାଗ ଟିମ୍‌ର ଚିକିତ୍ସା ଜାରି



ତିଗିରିଆ,୧୨।୪(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତସ୍ଥିତ ଗଡ଼ିସାହି ରାମ ମଣ୍ଡପ ସାମ୍ନା ବଟୁ ଧଳଙ୍କ ଘର ପଛ ପଟେ କ୍ଷତାକ୍ତ ଅବସ୍ଥାରେ ପଡିଥିବା ଗୋଟିଏ ମାଙ୍କଡ଼କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠୁ ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତ ମାଙ୍କଡ଼ର ଚିକିତ୍ସା ଆରମ୍ଭ କରିଛି।

ସୂଚନାଯୋଗ୍ୟ, ମାଙ୍କଡ଼ର ମୁହଁକୁ କେହି ଜଣେ ଦୁର୍ବୃତ୍ତ କୌଣସି ମୁନିଆ ଅସ୍ତ୍ରରେ ଆକ୍ରମଣ କରିଥିରୁ ମାଙ୍କଡ଼ କେଉଁଆଡ଼େ ଯାଇ ନପାରି ଉକ୍ତ ସ୍ଥାନରେ ପଡ଼ି ରହିଥିଲା। ମାଙ୍କଡ଼ର ଏଭଳି ଅବସ୍ଥା ଦେଖି ସ୍ଥାନୀୟ ଜନସାଧାରଣ ବନ ବିଭାଗକୁ ସୂଚନା ଦେଇଥିଲେ। ବନପାଳ ପ୍ରଶାନ୍ତ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚିବା ପରେ ବନ ବିଭାଗ ଟିମ୍‌କୁ ଦେଖି ମାଙ୍କଡ଼ଟି ଧରା ଦେଇନଥିଲା। ପରେ ବନପାଳ ପରିଡା ଆଠଗଡ଼ରୁ ଏକ ସ୍ୱତନ୍ତ୍ର ଟିମ୍ ଡକାଇ ମାଙ୍କଡ଼ର ଚିକିତ୍ସା କରିଛନ୍ତି। ଏହି ଘଟଣାକୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବାସହ ଘଟଣାର ତଦନ୍ତ କରି ମାଙ୍କଡ଼କୁ ଏଭଳି ଆକ୍ରମଣ କରିଥିବା ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

# ଭାଜପା ଟାଙ୍ଗୀ ମଣ୍ଡଳର ମିଶ୍ରଣ ପର୍ବ

ମଙ୍ଗୁଳି–ଜଗତପୁର, ୧୨।୪(ମାନସ ସାମଲ)

ଟାଙ୍ଗୀ–ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀସ୍ଥିତ କୋଟସାହି ହାଟପଡିଆରେ ଭାଜପା ଟାଙ୍ଗୀ ମଣ୍ଡଳର ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାଶ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ସଭାପତି ହେମନ୍ତ ସାହୁ, ଆମ୍ବା ଅଧକ୍ଷ ଲକ୍ଷ୍ମଣ ସାହୁ, ଧନେଶର ନାୟକ, ହୃଷୀକେଶ ସାମଲ, ଆମ୍ରେଶ ସାହୁ, ସତ୍ୟବ୍ରତ ସାହୁ, ଅଶିତ କୁମାର ପ୍ରଧାନ, ଶୁଭମ ସାହୁ, ରାଜେଶ ଜେନା, ବାବୁଲି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚପଦା ପଞ୍ଚାୟତର ରଶ୍ମିତା ରାଉତ, କୋଟସାହି ପଞ୍ଚାୟତ ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ, ପ୍ରଦୀପ୍ତ ସ୍ୱାଇଁ, ଗୀତାଞ୍ଜଳି ସ୍ୱାଇଁ, ବିଚିତ୍ର ନନ୍ଦ ଗୋଛାୟତ, ଦୁର୍ଗାପ୍ରସାଦ ଜେନା, ଶ୍ୱେତାମ୍ବର ସ୍ୱାଇଁ, ପ୍ୟାରୀମୋହନ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଶ୍ରୀଧର ଦଳ, କୈଳାସ ଖୁଣ୍ଟିଆ, ପ୍ରଶାନ୍ତ ଦଳ, ସୌଭାଗ୍ୟ ବେହେରା, ଅଭିନାଶ ବେହେରା ପ୍ରମୁଖ କୋରେଇ ବିଧାୟକଙ୍କ ହାତରୁ ଦଳର ଟୋପି, ଉତ୍ତରୀୟ ପକାଇ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ଦଳରେ ଏମାନଙ୍କ ଯୋଗଦାନ ଫଳରେ ଟାଙ୍ଗୀ–ସାଲେପୁର ଭାଜପାର ଶକ୍ତି ବୃଦ୍ଧି ହେବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ଦଖଲ କରିବ ବୋଲି ବିଧାୟକ ଆକାଶ ଦାଶ ନାୟକ କହିଥିଲେ।

# ଯୋଗଦେବେ ମହିମାଗାଦିର ସାଧୁସନ୍ଥ



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ।

## ସାଧୁସନ୍ଥ ସମ୍ମିଳନୀ ପାଇଁ ପ୍ରସ୍ତୁତି

ବାଙ୍କୀ,୧୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମରେ ଚଳିତମାସ ୨୫ ଓ ୨୬ ତାରିଖ ୨ଦିନ ଧରି ସାଧୁସନ୍ଥ ସମ୍ମିଳନୀ ଏକ ପ୍ରସ୍ତୁତି ବୈଠକ ସଭାପତି ମାୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିମାଗାଦି ଯୋରନ୍ଦାରୁ ବହୁ ମହିମାଧର୍ମୀ ସାଧୁସନ୍ଥ ଆସିବା ସହିତ ସାଧୁସନ୍ଥମାନଙ୍କର ସମ୍ମିଳନୀ, ମହାଦୀପ ସଂଯୋଗ ଓ ଗ୍ରାମ ପରିକ୍ରମା ହେବ ବୋଲି ସ୍ଥିର କରାଯାଇଛି। ଏହି ଅବସରରେ ମହିମାଗାଦିର ୨ଜଣ ସାଧୁ ଏଠାକୁ ଆସି ସ୍ଥାନ ନିରୂପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିମାଗାଦିର ବଲ୍କଳଧାରୀ ସାଧୁସନ୍ଥମାନେ ଆସିବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଗ୍ରାମର ସମ୍ପାଦକ ରମେଶ ଚନ୍ଦ୍ର ରାଉତ, ପୂର୍ବତନ କାଉନ୍‌ସିଲର ଗୋପବନ୍ଧୁ ସାହୁ, ଅକ୍ଷୟ କୁମାର ସାମଲ, ପ୍ରସନ୍ନ ପ୍ରଧାନ, ନିରଞ୍ଜନ ପଣ୍ଡା, ଲକ୍ଷ୍ମୀଧର ପରିଡ଼ାଙ୍କ ସମେତ ଏହି ଗ୍ରାମର ସନ୍ଥ ହୃଷୀ ବାବା ଯୋଗଦେଇ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ।

# 'ସାହିତ୍ୟ ହିଁ ଦୁଃଖଯାତନାକୁ ଅମୃତରେ ପରିଣତ କରିପାରେ'

କଟକ,୧୨।୪(କାର୍ତ୍ତିକ ସାହୁ)

ସାହିତ୍ୟ ସର୍ବଦା ଜଗତର ଉନ୍ନତି କାମନା କରେ। ସାହିତ୍ୟ ହିଁ ଜୀବନର ଦୁଃଖଯାତନାକୁ ଅମୃତରେ ପରିଣତ କରିପାରେ। ସାହିତ୍ୟିକ ପାଇଁ ସର୍ଜନା ହେଉଛି ଏକ ମଧୁଚକ୍ର ଏବଂ ସେହି ମଧୁଚକ୍ରର ମଧୁ କେବେ ଶେଷ ହୁଏ ନାହିଁ ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ରବିବାର ୭୭ତମ ବିଷୁବ ମିଳନ ଉତ୍ସବକୁ ସାହିତ୍ୟିକା ଡ. ସୁଲୋଚନା ଦାସ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ କନ୍ନଡ଼ ଔପନ୍ୟାସିକ ବାସୁଧେନ୍ଦ୍ର ବକ୍ତବ୍ୟ ପ୍ରଦାନ କରି କହିଲେ, କର୍ଣାଟକ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଚତୁର୍ଦ୍ଦଶ ଶତାବ୍ଦୀରେ ପ୍ରକାଶିତ ହୋଇଥିବା ଏକ କନ୍ନଡ଼ ପୁସ୍ତକ କନ୍ନଡ଼ ସାଂସ୍କୃତିକ ଇତିହାସର ଉଲ୍ଲେଖନୀୟ ଘଟଣା।

ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା 'ଝଙ୍କାର'ର ମୁଖ୍ୟ ସମ୍ପାଦକ ଡ. ଭର୍ତ୍ତୃହରି ମହତାବ ସ୍ୱାଗତ ଅଭିଭାଷଣ ଦେଇ ବିଷୁବ ମିଳନ କେବଳ ସାହିତ୍ୟିକମାନଙ୍କ ମିଳନ ନୁହେଁ, ବରଂ ସେମାନଙ୍କ ମଧ୍ୟରେ ମତ ଆଦାନପ୍ରଦାନର ମିଳନ ବୋଲି କହିଛନ୍ତି। ପ୍ରଫେସର ଦାଶରଥି ଦାସ ଅଧ୍ୟକ୍ଷତା କରି ଓଡ଼ିଆ ସାହିତ୍ୟ ପ୍ରତି 'ଝଙ୍କାର' ପତ୍ରିକାର ଅବଦାନ ଅତୁଳନୀୟ। ଏହି ଅବସରରେ 'ଗାଁ ମଜ୍‌ଲିସ'ର ଚତୁର୍ଦ୍ଦଶ ଖଣ୍ଡ ଏବଂ 'ବିଗ୍‌ନିଂ ଅଫ୍ ଦି ଏଣ୍ଡ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ବାବାଜୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ଓ କଥାକାର ତରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ଦୀନବନ୍ଧୁ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି



ବାଙ୍କୀ,୧୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ବେଦପୁର ଗ୍ରାମର ଶହୀଦ ଦୀନବନ୍ଧୁ ମଲିକଙ୍କୁ ରବିବାର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ବାଙ୍କୀ ବି.କେ ବିଦ୍ୟାପୀଠ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡେପୁଟି କମାଣ୍ଡାଣ୍ଟ ଏମ୍‌ଏସ୍ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇନ୍‌ସ୍ପେକ୍ଟର ମହିଳା ଓଆରପିଏମ କୁମୁଦିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀନବନ୍ଧୁ ସୈନ୍ୟବିଭାଗରେ ଶ୍ରୀନଗରଠାରେ କାର୍ଯ୍ୟରତ ଥିଲା ବେଳେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ହୋଇଥିଲେ। ତାଙ୍କର ଏହି ମହାନ ବଳିଦାନ ପାଇଁ ସଭାରେ ପତ୍ନୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବି.କେ, ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣୀ ଦାସ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଅବସରପ୍ରାପ୍ତ ଜୁନିୟର୍ କମିଶନର ଅଫିସର ସନ୍ତୋଷ କୁମାର ପଟ୍ଟନାୟକ ଯୋଗଦେଇ ଶହୀଦଙ୍କର ସ୍ମୃତିଚାରଣ କରିଥିଲେ। ମାତୃଭୂମିକୁ ବଞ୍ଚାଇବା ଏବଂ ଦେଶକୁ ରକ୍ଷା କରିବା ଦାୟିତ୍ୱରେ ରହି ନିଜ ଦେଶକୁ ବଳିଦାନ ପାଇଁ ସେ ଶହୀଦ ହୋଇଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଗଦାଧରଙ୍କ ପାଲା ବାଙ୍କୀମାଟିକୁ ଆହୁରି ଆଗକୁ ନେଇଛି

ତାଳବସ୍ତ,୧୨।୪(ସୁବ୍ରତ କୁମାର ନାୟକ):

ବାଙ୍କୀ ଉପଖଣ୍ଡ ତାଳବସ୍ତ ଗ୍ରାମପଞ୍ଚାୟତ ମଝିସାହିର ପୁଅ ସଂସ୍କୃତ ପାଲା ଗାୟକ ପଣ୍ଡିତ ଗଦାଧର ଦାଶ(୬୮) ରବିବାର ପୁରୀ ଜିଲାର ବ୍ରହ୍ମଗିରି ନିକଟସ୍ଥ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଣିକପାଟଣା ଗ୍ରାମରେ ଭାବ କୁଣ୍ଡଳେଶ୍ୱରଙ୍କ ପବିତ୍ର ପୀଠରେ ମାଣିକପାଟଣା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୭ତମ ମାଣିକ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଉକ୍ତ ଆଧ୍ୟାତ୍ମିକ ସାରସ୍ୱତ ସମାବେଶରେ ଦାଶଙ୍କୁ ଗିର୍ବାଣବାଣୀ ବିଶାରଦ ଉପାଧିରେ ଭୂଷିତ କରାଯାଇଥିଲା। ଏହି ମହୋତ୍ସବକୁ ପୂର୍ବତନ ସାଂସଦ ତଥା ବରିଷ୍ଠ କବି ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କବି ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତ ରାୟ ମୁଖ୍ୟବକ୍ତା, ବିଶିଷ୍ଟ ବ୍ୟକ୍ତି ଶଶାଙ୍କଶେଖର ଚୂଡ଼ାମଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପଣ୍ଡିତ ଗଦାଧର ଦାଶ ଜଣେ ଆଦର୍ଶ ଶିକ୍ଷକ, କବି ଓ ପ୍ରତିଷ୍ଠିତ ସଂସ୍କୃତ ପାଲାଗାୟକ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ କେବଳ ସଂସ୍କୃତ ଭାଷାରେ ପାଲା ପରିବେଷଣ କରି ତାଙ୍କ ପ୍ରତିଭାର ଅମ୍ଳାନ ସ୍ୱାକ୍ଷର ଆଣିଦେଇଛି। ତାଳବସ୍ତରେ ୧୯୫୮ରେ ଜନ୍ମିତ ଗଦାଧର ତାଳବସ୍ତ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ପାସ୍ ପରେ ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ ବିଦ୍ୟାପୀଠରେ ଅଧ୍ୟୟନ ସମୟରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିଲ୍ଲୀ, ପଶ୍ଚିମବଙ୍ଗ, ଜମ୍ମୁ–କଶ୍ମୀର, କର୍ଣାଟକ, କେରଳ ଆଦି ରାଜ୍ୟ ଏବଂ ଉପରାଷ୍ଟ୍ରପତି ଭବନରେ ସଂସ୍କୃତ ଭାଷାରେ ପାଲା ପରିବେଷଣ କରି ପ୍ରତିଭାର ପରିଚୟ ଦେଇଛନ୍ତି । କାଳିଜାଈ, ଚନ୍ଦ୍ରଭାଗା, ମେଘ, ପଞ୍ଚଶିଳା, ନିରୁପମା ଆଦି ଅନେକ ସଂସ୍କୃତ କାବ୍ୟ କବିତା ପୁସ୍ତକ ରଚନା କରିଛନ୍ତି । ଗଦାଧର ଦାଶଙ୍କ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟର ପ୍ରତିଷ୍ଠିତ ଅନେକ କବି, କଳାକାର ଓ ସାହିତ୍ୟିକ ଉପସ୍ଥିତ ଥିଲେ।



ମାଣିକ ମହୋତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

# ନିରାକାରପୁର ରେଳଫାଟକ ପାଇଁ ଲୋକେ ହଇରାଣ

ନିରାକାରପୁର,୧୨।୪(ମାନସ ଚନ୍ଦ୍ର ପଟ୍ଟନାୟକ)



**ଓଭରବ୍ରିଜ୍ ନିର୍ମାଣ ପାଇଁ ତେଜୁଛି ଦାବି**

- ଅଟକି ରହୁଛି ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ଗାଡ଼ି
- ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ପହଞ୍ଚିବା ବିଳମ୍ବ ହେଉଛି

ଶ୍ରୀକ୍ଷେତ୍ର ପୁରୀ ସହିତ ରାଜ୍ୟର ଦକ୍ଷିଣ ଭାଗକୁ ସଂଯୋଗ କରୁଥିବା ନୂଆ ଜଗନ୍ନାଥ ସଡ଼କରେ ଯାନବାହନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୧୬ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକଠାରୁ ନିରାକାରପୁର ବଜାର ଦେଇ ପୁରୀକୁ ସଂଯୋଗ କରୁଥିବା ଏହି ରାସ୍ତାରେ ନିରାକାରପୁର ଷ୍ଟେଶନ ନିକଟବର୍ତ୍ତୀ ୨୧୯ ନମ୍ବର ରେଳ ଫାଟକ ଏବେ ସଡ଼କଯାତ୍ରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପ୍ରତି ୧୦ରୁ ୧୫ମିନିଟ ବ୍ୟବଧାନରେ ଉଭୟ ପାର୍ଶ୍ୱରୁ ଟ୍ରେନ୍ ଚଳାଚଳ ଯୋଗୁ ଏହି ଫାଟକର ଦୁଇ ପାର୍ଶ୍ୱରେ ସଡ଼କ ଯାତ୍ରୀମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ଗାଡ଼ି ଅଟକି ରହୁଥିବା ଦେଖିବାକୁ ମିଳୁଛି। ବେଳେବେଳେ ଫାଟକ ବନ୍ଦ ଯୋଗୁ ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ଏଠାରେ ରେଳ ଓଭରବ୍ରିଜ ନିର୍ମାଣ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର ଧରିଛି।

ସୂଚନା ଅନୁଯାୟୀ, ଏହି ରେଳପଥରେ ଉଭୟ ପାର୍ଶ୍ୱରୁ ଦୈନିକ ପ୍ରତି ୧୦ରୁ ୧୫ ମିନିଟ ବ୍ୟବଧାନରେ ଅନେକ ଟ୍ରେନ ଯାତାୟାତ କରିଥାଏ। ଫଳରେ ବାରମ୍ବାର ରେଳଫାଟକ ବନ୍ଦ ହେଉଥିବାରୁ ଉଭୟ ପାର୍ଶ୍ୱରେ ପ୍ରାୟ ୧/୨କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଅଟକି ରହେ। ବେଳେବେଳେ ଅପେକ୍ଷାରତ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟେ। ଛାତ୍ରୀଛାତ୍ରମାନେ ସ୍କୁଲ ସମୟଠାରୁ ଏକଘଣ୍ଟା ପୂର୍ବରୁ ବାହାରିଥିଲେ ମଧ୍ୟ ଠିକ ସମୟରେ ଶିକ୍ଷାନୁଷ୍ଠାନରେ ପହଞ୍ଚିବା କଷ୍ଟକର ହୋଇପଡ଼େ। ସେହିପରି ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ଗାଡ଼ି ଅଟକି ରହୁଛି। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ରବିବାର ଅସମ୍ଭାଳ ଖରାରେ ଏହି ରେଳଫାଟକ ବନ୍ଦ ରହିବାରୁ ଲୋକେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏଠାରେ ବ୍ରିଜ୍ ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ, ଜିଲାପାଳ, ସାଂସଦ, ବିଧାୟକ ଏବଂ ରେଳ ବିଭାଗ ଅଧିକାରୀଙ୍କୁ ଭେଟି ଓ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି। ସେହିପରି ଗତ ବର୍ଷ ଅକ୍ଟୋବର ୧୫ରେ ଆମେ ଏକ ଟିମ୍ ଯାଇ ଜିଲାପାଳଙ୍କୁ ଭେଟି ତୁରନ୍ତ ଆବଶ୍ୟକ ଜମି ଅଧିଗ୍ରହଣ ଶେଷକରି ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ କରିବାକୁ ଅନୁରୋଧ କରିଥିଲୁ, ତଥାପି କାହିଁକି ବିଳମ୍ବ ହେଉଛି ବୋଲି ସାମାଜିକକର୍ମୀ ଆଲୋକ ରଞ୍ଜନ ଛୋଟରାୟ ପ୍ରଶ୍ନ କରିଛନ୍ତି। ଏନେଇ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର କହିଛନ୍ତି, ସମ୍ପୃକ୍ତ ଜାଗାର ନୂଆ ଡିମାର୍କେଶନ କରିବା ପାଇଁ ଆମକୁ କୁହାଯାଇଛି। ଆମେ ଖୁବ୍‌ଶୀଘ୍ର ତାହା କରି ଦେବୁ।



ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲି ବଜାରରେ ରବିବାର ଶାମୁକାପାଟଣାସ୍ଥିତ ୟୁଥ୍ ଆଇକନ୍ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପଥଚାରୀଙ୍କୁ ଦହିପଣା ବଣ୍ଟନ କରାଯାଉଛି। (ଫଟୋ– ଦେବବ୍ରତ ହୋତା)

## ଆନ୍ଦୋଳନ ଚେତାବନୀ ଦେଲା କ୍ୟାଟରିଂ ଆସୋସିଏଶନ

ଭୁବନେଶ୍ୱର,୧୨।୪(ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ପ୍ରଭାବରେ ଓଡ଼ିଶାରେ କମର୍ସିଆଲ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ଏବେବି ସ୍ୱାଭାବିକ ହୋଇପାରୁନି। ଗ୍ୟାସ୍ ଅଭାବରୁ କ୍ୟାଟରିଂ ବ୍ୟବସାୟ ଘୋର ସମସ୍ୟାର ସମ୍ମୁଖୀନ ହୋଇଛି। ରାଜ୍ୟରେ ୨୦୦୦ରୁ ଅଧିକ କ୍ୟାଟରିଂ ସଂସ୍ଥା କାର୍ଯ୍ୟରତ ଥିବାବେଳେ ଏହି ସେବା ସହ ଜଡ଼ିତ ଲକ୍ଷାଧିକ କର୍ମଚାରୀ ଏବେ ଅନିଶ୍ଚିତତାରେ ଅଛନ୍ତି। ୧୯ କେଜିଆ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ମିଳୁ ନ ଥିବାରୁ ଅନେକ ସଂସ୍ଥା ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତ ବୋଲି କ୍ୟାଟରିଂ ଆସୋସିଏଶନ ଅଫ୍ ଓଡ଼ିଶା ଅଭିଯୋଗ ଆଣି ଉଦ୍‌ବେଗ ପ୍ରକାଶ କରିଛି। ଗ୍ୟାସ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାଟରିଂ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବିନୟ ଭୂଷଣ ପଟ୍ଟନାୟକ, ସମ୍ପାଦକ ଦେବୀ ପ୍ରସାଦ ରଥ, ଚେୟାରମାନ ଅନୁପ କୁମାର ବଗାଇ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ଦଣ୍ଡ ଠାକୁରଙ୍କ ମହାମେଳଣ ମହୋତ୍ସବ



**ବାଣପୁର, ୧୨।୪ (ଦିଲ୍ଲୀପ କୁମାର ସ୍ୱାଇଁ)**

ବିପୁଳ ଜନ ସମାଗମ ମଧ୍ୟରେ ବାଣପୁରର ଐତିହାସିକ ପଲଟଣ ପଡ଼ିଆରେ ରବିବାର ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୧୩ ଦଣ୍ଡ ଠାକୁରଙ୍କ ମହାମେଳଣ ମହୋତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରଥମେ ପାଟପଟୁଆରରେ ସ୍ଥାନାଧିପତି ରାଜରାଜେଶ୍ୱର ଦେବ ବଡହନ୍ତୁଆଡ଼ ଆସ୍ଥାନରେ ବିଜେ କରିଥିଲେ। ପରେ କପିଳେଶ୍ୱର ଦେବ ମାଟିଆ ପୋଖରୀ, ବାଲୁଙ୍କେଶ୍ୱର ଦେବ ବିଧାରପୁର, ଭେଟିନାଥ ଦେବ ଭେଟେଶ୍ୱର, ଗୁପ୍ତେଶ୍ୱର ଦେବ ଗାଲୁଆ, ଝାଡ଼େଶ୍ୱର ଦେବ ଭୀମପୁର, ନୀଳକଣ୍ଠେଶ୍ୱର ଦେବ ଅରାଙ୍ଗ, ପଞ୍ଚ ମହାଦେବ ଖାରିଆପଲ୍ଲୀ, ଭକ୍ତ ରାଜେଶ୍ୱର ଦେବ ସାନହନ୍ତୁଆଡ, ନାଗରାଜ ଦେବ ବୋରିଗାଁ, ଗାଦିଶ୍ୱର ଦେବ ବେରୁଆଁ ବାଡ଼ି, ଗୁପ୍ତେଶ୍ୱର ଦେବ ବଡ଼ଶିରେଇପୁର ଏବଂ ଜଗତେଶ୍ୱର ଦେବ ମଙ୍ଗଳପୁର ଦଣ୍ଡ ଠାକୁର ପାଟ ପଟୁଆର ସହ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଠାକୁରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ହରିବୋଲ ହୁଳହୁଳି ଶବ୍ଦରେ ମେଳଣ ପଡ଼ିଆ କମ୍ପିଉଠିଥିଲା। ଠାକୁରମାନଙ୍କ ପୂଜା ଆଳତି ସମ୍ପନ୍ନ ପରେ ଦଣ୍ଡ ଠାକୁରମାନଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋଟିଏ ପୀଠରେ ଠାକୁରମାନଙ୍କୁ ଏକତ୍ର ଦର୍ଶନ କରି ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ଦିନତମାମ୍ ପଡ଼ିଆରେ ସଂକୀର୍ତ୍ତନ ଓ ଭଜନ ସମାରୋହ ଚାଲିଥିବା ବେଳେ ଅପରାହ୍ଣରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା। ଶିଶିର ଦାସ, ବାଳମୁକୁନ୍ଦ ଦାସ, ଶିବଶଙ୍କର ପଣ୍ଡା ଓ ସହଦେବ ନାୟକଙ୍କ ସମେତ ଶ୍ରୀ ଶ୍ରୀ ଦଣ୍ଡ ଠାକୁର ମହାମେଳଣ କମିଟିର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ପଡ଼ିଆରେ ଦଣ୍ଡଯାତ୍ରାର ମୁଖ୍ୟ ସୁଆଙ୍ଗ ଚଢେୟା ଚଢେୟାଣୀ ଦଣ୍ଡୁଆଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହା ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

## ମହାପାଟଦେଈ କାଳିକା ମହୋତ୍ସବ

ବେଗୁନିଆ,୧୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଦୁର୍ଗାମଣ୍ଡପ ନିକଟରେ ଚାଲିଥିବା ମହାପାଟଦେଈ କାଳିକା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଲୋକନାଥ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଲିୟାରସିଂହ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶିଶିର କୁମାର ଛୁଆଲସିଂହ, ରମେଶ ପ୍ରଧାନ ଓ କାଳନ୍ଦୀ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ଯୋଡ଼ି ରଖିବାକୁ ସୁଯୋଗ ଦେଇଥାଏ ବୋଲି କହିଥିଲେ। ପରେ ସ୍ଥାନୀୟ କଳାକାର ଓ ଭୁବନେଶ୍ୱର ନୃତ୍ୟାଙ୍ଗନା ଡ୍ୟାନ୍ସ ଗ୍ରୁପ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତି ଭାବମୟ ପରିବେଶ ମଧ୍ୟରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱନାଥ ସୁନ୍ଦରାୟ, କ୍ଷୀରୋଦ କୁମାର ପରିଡ଼ା ଏବଂ ସରୋଜ କୁମାର ବେହେରା ପରିଚାଳନା କରିଥିଲେ।

## ଚତୁର୍ଥ ସନ୍ଧ୍ୟାରେ ମନ ମୋହିଲା ନୃତ୍ୟ



ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ବାପ ପୁଅ ଗିରଫ

ବାରଙ୍ଗ,୧୨।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଉକ୍ତ ବାପପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାହ୍ନୁ ନାୟକ ଓ ଅନିଲ ନାୟକ। ଏନେଇ ଥାନାରେ ମାମଲା (ନଂ. ୧୫୦/୨୬) ରୁଜୁ କରାଯାଇଥିବା ଥାନା ଆଇଆଇସି ବିଭୂତି ଭୂଷଣ ମୁଦୁଲି କହିଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ମଙ୍ଗଳା ମନ୍ଦିର ନିକଟରେ ଦୀପକ ନାୟକ ଓ ତାଙ୍କ ମା' କଥାବାର୍ତ୍ତା ହେଉଥିଲେ। ଏହି ସମୟରେ କାହ୍ନୁ ଓ ତାଙ୍କ ପୁଅ ଅନିଲ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଦୀପକ ଏହାକୁ ବିରୋଧ କରିବାରୁ କାହ୍ନୁ ଲୁହାରଡ଼ରେ ଆକ୍ରମଣ କରି ଦୀପକଙ୍କୁ ରକ୍ତାକ୍ତ କରିଥିଲେ।

## ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ରଙ୍କ ସ୍ମୃତିସଭା

ବାଣପୁର, ୧୨।୪(ଦିଲୀପ କୁମାର ସ୍ୱାଇଁ)



ସ୍ମୃତିସଭାରେ ଉପସ୍ଥିତ ଅତିଥି ଏବଂ ଖବରଦାତାମାନେ।

ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ରଙ୍କ ପରଲୋକରେ ଚିଲିକାର ବିଭିନ୍ନ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ପକ୍ଷରୁ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ପ୍ରାର୍ଥନା ଓ ସ୍ମୃତିସଭା ବାଣପୁରସ୍ଥିତ ଶ୍ରୀରଙ୍କନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ସଭା ପରିଚାଳନା କରିଥିଲେ। ପୁରୁଷୋତ୍ତମ ମହାପାତ୍ର, ଶେଷଦେବ ମହାରଣା, ରବୀନ୍ଦ୍ରନାଥ ମାନସିଂ, ଗୋଲକ ବିହାରୀ ପରିଡ଼ା, ଶ୍ରୀନିବାସ ଆଚାରୀ, ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଡ. ଚିନ୍ତାମଣି ମିଶ୍ର, ସୁଶାନ୍ତ ଦାଶ, ରଙ୍କନାଥ ସେଠୀ, ବିଚିତ୍ରାନନ୍ଦ ବେହେରା, ଅଶୋକ ନନ୍ଦ, ବୈରାଗୀ ଚରଣ ବଳ, ରାଜେନ୍ଦ୍ର ପ୍ରସାଦ ରଥ, କୈଳାସ ଚନ୍ଦ୍ର ଲାଠି, ଜୟନ୍ତ ମିଶ୍ର, ବାବା ପଦ୍ମପାଦ ଦାସ, ନନ୍ଦ କିଶୋର ମିଶ୍ର, ଅନନ୍ତ ଚରଣ ଖଟେଇ, କିଶୋର ଚନ୍ଦ୍ର ପ୍ରଧାନ, ନାରାୟଣ ସ୍ୱାଇଁ, ବିଜୟ ପ୍ରଧାନ, ପ୍ରଦୀପ ଦାସ, ବିଷ୍ଣୁପ୍ରିୟା ବାରିକ, ଦେବରାଜ ସାହୁ, ନବକିଶୋର ପ୍ରଧାନ, ମନୁ ବସ୍ତି, ସୁନୀଲ ସୁବୁଦ୍ଧି, ଅମିତାଭ ପଟ୍ଟଯୋଷୀ, ଦିଗମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀରଙ୍କନାଥ ଦେବଙ୍କ ମନ୍ଦିରରେ ବେଦପାଠ କରାଯାଇଥିଲା। ସମସ୍ତେ ତାଙ୍କ ବାସଗୃହକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ରାମାଭିଷେକ ନୀତି ସହ ସରିଲା ସାହିଯାତ



ଗୌଡ଼ବାଡ଼ ସାହିରୁ ହନୁମାନଙ୍କ ସହ ରାମ, ଲକ୍ଷ୍ମଣ ନନ୍ଦୀ ଗ୍ରାମକୁ ଯାଉଛନ୍ତି।

**ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)**

**ମହାପ୍ରଭୁଙ୍କ ନକ୍ଷତ୍ର ବନ୍ଦାପନା**

ବୈଶାଖ କୃଷ୍ଣପକ୍ଷ ଦଶମୀ ତିଥି ରବିବାର ଶ୍ରବଣା ମକର ନକ୍ଷେତ୍ର ଅନୁଯାୟୀ, ଶ୍ରୀମନ୍ଦିରରେ ରାମାଭିଷେକ ନୀତି ସମ୍ପନ୍ନ ହୋଇଛି। ଅପରପକ୍ଷରେ ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ଆଗତ କରାଯାଇଥିଲା। ଶ୍ରୀଜଗନ୍ନାଥବଲ୍ଲଭ ମଠ ସମ୍ମୁଖରେ ନୀତି ସମ୍ପନ୍ନ କରାଯାଇଛି। ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ଡାକିଯିବା ପରେ ଦକ୍ଷିଣୀ ଘରୁ ଶ୍ରୀମଦନମୋହନ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ନକ୍ଷେତ୍ର ବନ୍ଦାବନା ଅନୁଷ୍ଠିତ ହୋଇଥିଲା।

ବଡ଼ବାଡ଼ରେ ମୁଦିରସ୍ତ, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ନକ୍ଷେତ୍ର ବନ୍ଦାପନା ନୀତି ସମ୍ପାଦନା କରିଥିଲେ। ବଡ଼ଠାକୁରଙ୍କ ନକ୍ଷେତ୍ର ଏବଂ ରାଶି ଲାଗିରେ ନକ୍ଷତ୍ର ବନ୍ଦାପନା ପଡ଼ିଥିବାରୁ ବଳଭଦ୍ରଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ନକ୍ଷତ୍ର ବନ୍ଦାବନା ସମ୍ପନ୍ନ ହୋଇ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ଶ୍ରୀମଦନମୋହନଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯିବା ସହିତ ପ୍ରତିହାରୀ ସେବକମାନେ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ଦ୍ୱାର ନିକଟରେ ଶ୍ରୀମଦନମୋହନଙ୍କୁ ଶୀତଳଭୋଗ ମଣୋହି ପରେ ଦ୍ୱାର ଫିଟାଯାଇଥିଲା। ମହାଜନସେବକମାନେ ଠାକୁରଙ୍କୁ ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଅନ୍ୟାନ୍ୟ ନୀତି ବଢ଼ି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ସମ୍ପନ୍ନ ହେବା ପରେ ମହାଜନସେବକ ମାନେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ଭରତ, ଶତ୍ରୁଘ୍ନ, ହନୁମାନ ଏବଂ ବିଶିଷ୍ଟ ଭୂମିକାରେ ୪ଜଣ ଯୁବକ ରହିଥିଲେ। ନୀତି ସମ୍ପନ୍ନ ହେବା ପରେ ମହାଜନସେବକ ଠାକୁରଙ୍କୁ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ସମ୍ପନ୍ନ ହୋଇଥିଲା। ଅପରପକ୍ଷରେ ଗୌଡ଼ବାଡ଼ ସାହି ପକ୍ଷରୁ ଯାତ ବାହାରିଥିଲା।

## ଗୁଜରାଟୀଙ୍କ ହାତରେ ଓଡ଼ିଶାର ଶିଳ୍ପ: ଭକ୍ତ ଦାସ

ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧାରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ, ବିଶାଳ ଶୋଭାଯାତ୍ରା**



କଂଗ୍ରେସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ଓଡ଼ିଶାରେ ଗୁଜରାଟୀ ଶିଳ୍ପପତି ଓ ଠିକାଦାରଙ୍କ ରାଜ୍ ଚାଲିଛି। ରାତି ପାହିଲେ ବିମାନବନ୍ଦରରେ ଏମାନଙ୍କ ଭିଡ଼ ଜମୁଛି। ଓଡ଼ିଶା ସରକାର ଓଡ଼ିଆ ଅସ୍ମିତା କଥା କହି ଗୁଜରାଟୀଙ୍କ ହାତକୁ ରାଜ୍ୟର ଶିଳ୍ପ ଟେକିଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ରବିବାର ସ୍ଥାନୀୟ ବିଡିଏ କଲୋନିରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ କର୍ମୀଙ୍କୁ ଭକ୍ତ ଉତ୍ସାହିତ କରିଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

ଭକ୍ତ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦୁର୍ବଳ ଅର୍ଥନୀତି ଯୋଗୁ ଟଙ୍କାର ମୂଲ୍ୟ ହ୍ରାସ ପାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ସରକାର ସମୟରେ ଦେଶର ଅର୍ଥନୀତି ସୁଦୃଢ ଥିବାବେଳେ ମୋଦି ସରକାରଙ୍କ ଅମଳରେ ଦେଶର ଅର୍ଥନୈତିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଓଡ଼ିଶାରେ ଭାଜପା ସରକାର ସମୟରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି। ଚାଷୀଙ୍କୁ ଇନ୍‌ପୁଟ ସହାୟତା ଦେବା ଆଳରେ କଟ୍‌ନୀଛଟ୍‌ନୀକୁ ପ୍ରଶ୍ରୟ ଦେଇ ଶୋଷଣ କରିଛନ୍ତି। ରାଜ୍ୟର ଅମୂଲ୍ୟ ଖଣିଜ ସମ୍ପଦ ଆଦାନୀଙ୍କ ଭଳି ଶିଳ୍ପପତିଙ୍କ ହାତକୁ ଟେକିଦେଇଛନ୍ତି। ଏବେ ଗ୍ୟାସ୍ ଅଭାବରୁ ଲୋକେ ହଇରାଣ ହେଉଛନ୍ତି। ବେକାରି ଓ ଦାଦନ ସମସ୍ୟା ବଢୁଛି। ଓଡ଼ିଆ ଅସ୍ମିତାରେ ଓଡ଼ିଆ ନିଜ ସମ୍ମାନ ଖୋଜୁଛି ବୋଲି କହି ଭକ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପଟେ କଂଗ୍ରେସ କର୍ମୀମାନେ ଆରୋପ ପ୍ରତ୍ୟାରୋପ ଛାଡ଼ି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପାଇଁ ଏକାଠି ହୋଇ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅପରାହ୍ଣରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ର, ଯୁବ, ମହିଳା ଓ ସେବାଦଳର ଶତାଧିକ କର୍ମୀ ସ୍ଥାନୀୟ ଗୋଡ଼ିପୋଖରୀ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ବିଡିଏସ୍ଥିତ ନୂତନ କଂଗ୍ରେସ ଭବନରେ ପହଞ୍ଚିଥିଲେ। ପିସିସି ସଭାପତିଙ୍କ ସମେତ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଶିଶିର ପରିଡ଼ା, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସୋନାଲି ସାହୁ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁ, ସିଦ୍ଧାର୍ଥ ରାଉତରାୟ, ଅଶୋକ ମଙ୍ଗରାଜ, ରଣଜିତ ମହାପାତ୍ର ଏବଂ ବିଭିନ୍ନ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ସାମିଲ ଥିଲେ। ଜିଲା କାର୍ଯ୍ୟାଳୟ ଜିଲାବାସୀଙ୍କ ସ୍ୱର ହେବା ସହ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବ ବୋଲି ରାଜୀବ କହିଥିଲେ।

**ବ୍ରାଉନ୍ ସୁଗାର ଜବତ, ଜଣେ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି )-ବ୍ରାଉନ୍ ସୁଗାର ବିକ୍ରି ଅଭିଯୋଗରେ ବାସେଲୀସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୋଲିସ୍ ଜେଲ୍ ହାଜତକୁ ପଠାଇ ଦେଇଛି। ଅଭିଯୁକ୍ତ ହେଲେ ଲୋକନାଥ ରୋଡ୍ ଥାନପତି ଲେନ୍‌ର ଭବାନୀ ଶଙ୍କର ମହାରଣା (୩୦)। ପୋଲିସ୍ ତାଙ୍କଠାରୁ ୧୬.୫୫ ଗ୍ରାମ ବ୍ରାଉନ୍‌ସୁଗାର, ୫୮୦ ଟଙ୍କା, ୨ଟି ମୋବାଇଲ୍ ଜବତ କରିଛି। ଏ ନେଇ ପୋଲିସ ଥାନାରେ କେସ୍ (ନଂ.୧୨୭/୨୬)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ସ୍କୁଲ୍‌ରେ ଭୋଜି ନେଇ ଅଭିଯୋଗ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସରକାରୀ ଭୋଳାନାଥ ବିଦ୍ୟାଳୟ ପରିସରରେ ନିର୍ବନ୍ଧ ଭୋଜି ହୋଇଥିବା ନେଇ ଅଭିଯୋଗ ହୋଇଛି। ରବିବାର ବିଦ୍ୟାଳୟ ଛୁଟି ସମୟ ଦେଖି ନିର୍ବନ୍ଧ ଭୋଜିର ଆସର ଜମିଥିଲା। ସରକାରଙ୍କ ପକ୍ଷରୁ ସରକାରୀ ବିଦ୍ୟାଳୟ ମଧ୍ୟରେ ବେସରକାରୀ ଭାବେ ଭୋଜି ଭାତ, ବୈଠକ, କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ଯଦି କୌଣସି କାର୍ଯ୍ୟକ୍ରମ ହୁଏ, ତାହେଲେ ଶିକ୍ଷା ବିଭାଗର ଅନୁମତି ଆଣିବାକୁ ପଡ଼ିଥାଏ। ସରକାରୀ ନିୟମ କାର୍ଯ୍ୟକାରୀ ହେବା ପରଠାରୁ ଏ ସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି। କିନ୍ତୁ ସବୁ ସରକାରୀ ନିର୍ଦ୍ଦେଶନାମାକୁ ଜଳାଞ୍ଜଳି ଦେଇ ଭୋଳାନାଥ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟର କିଛି ପୂର୍ବତନ ଶିକ୍ଷକମାନେ ଏଭଳି ଭୋଜିରେ ଆୟୋଜନ କରିଥିବା ଜଣାପଡ଼ିଛି । କାହା ନିର୍ଦ୍ଦେଶରେ ଭୋଜି ଭାତ କରିବାକୁ ଅନୁମତି ପ୍ରଦାନ କରିଥିଲେ ତାହା ବିଭାଗୀୟ ତଦନ୍ତ କଲେ ଜଣାପଡ଼ିବ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ସୂଚନା ମିଳିନାହିଁ। ଏପରି କାର୍ଯ୍ୟକୁ ବିଦ୍ୟାଳୟର ପୁରାତନ ଛାତ୍ର ନାପସନ୍ଦ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଆୟୋଜକମାନେ ଏହା ନିର୍ବନ୍ଧ ପାଟି ନୁହେଁ, ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ବୋଲି ମତ ରଖିଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ, ଅନେକ ସମୟରେ ବିଭିନ୍ନ ବେସରକାରୀ କାର୍ଯ୍ୟକ୍ରମ ବିଦ୍ୟାଳୟ ମଧ୍ୟରେ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

### ବିଶ୍ୱଶାନ୍ତି ଶକ୍ତି ମହାଯଜ୍ଞ ଶେଷ

ସାକ୍ଷୀଗୋପାଳ,୧୨।୪(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ବେଣାକେରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଢୁଗୁରେଇ ଠାକୁରାଣୀ, କରୁଣାମୟୀ ମା'ଙ୍କ ତ୍ରିଦିନାତ୍ମକ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଦି ପାଲା, ଭଜନ ପରିବେଷଣ କରି ଅଗଣିତ ଶ୍ରଦ୍ଧାଳୁଙ୍କ ମନ ଜିଣିଥିଲେ। ପରିଚାଳନା କମିଟି ଦକ୍ଷତାର ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱଶାନ୍ତି ଶକ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଭକ୍ତଗଣଙ୍କ ସୁଖ ଶାନ୍ତି ପାଇଁ ଠାକୁରାଣୀଙ୍କ କୃପାଭିକ୍ଷା କରିଥିଲେ। ବେଣାକେରା ଗ୍ରାମବାସୀଙ୍କ ପକ୍ଷରୁ କର୍ତ୍ତା ଭାବେ ଶିବପ୍ରସାଦ ରାଉତରାୟ ଓ ଧର୍ମପତ୍ନୀ ଗୀତାଞ୍ଜଳି ରାଉତରାୟ, ପୂଜକ ଭାବେ ମାଗୁଣି ପୁଷ୍ପାଳକ ପୂଜା କାର୍ଯ୍ୟ ସଞ୍ଚାଳନ କରିଥିଲେ।

### ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ବାଲେଶ୍ୱର ଚାମ୍ପିୟନ

ଗୋପ,୧୨।୪(ଭାରତୀଭୂଷଣଉପାଧ୍ୟାୟ)

ଗୋପ ଆଥ୍‌ଲେଟିକ୍ ଆସୋସିଏଶନ ଓ ୬ଷ୍ଠ ଭବାନୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଗୋପ ଭଲିବଲ କ୍ଲବକୁ ୨/୧ ସେଟରେ ପରାସ୍ତ କରି ବାଲେଶ୍ୱର ଭଲିବଲ୍ କ୍ଲବ ଚଳିତବର୍ଷ ଚାମ୍ପିୟନ ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ଗୋପ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ୬ଷ୍ଠ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର କ୍ଲବ, ଭୁବନେଶ୍ୱର ରେନେବୋ କ୍ଲବ, ଭୁବନେଶ୍ୱରର କିଟ୍ ଭଲିବଲ କ୍ଲବ ସହିତ ୬ଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଏହି ଭଲିବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ୍‌ରେ ଗୋପ ଭଲିବଲ କ୍ଲବ ସହିତ ବାଲେଶ୍ୱର ଭଲିବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଭଲିବଲ କ୍ଲବ୍ ୨/୧ ସେଟ୍‌ରେ ବିଜୟୀ ହୋଇ ଚଳିତବର୍ଷ ମା' ଭବାନୀ ଚାମ୍ପିୟନ ଟ୍ରଫି ଗ୍ରହଣ କରିଥିଲା। ବିଳମ୍ବିତ ରାତିରେ ବରିଷ୍ଠ ଖେଳାଳି କୃଷ୍ଣଚନ୍ଦ୍ର ପୃଷ୍ଟି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ବଂଶୀବାଦକ ମୋହିନୀ ମୋହନଙ୍କୁ ଗୁରୁକୁଳ ସମ୍ମାନ

ସାକ୍ଷୀଗୋପାଳ,୧୨।୪(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)



ବଂଶୀବାଦକ ମୋହିନୀ ମୋହନଙ୍କୁ ଗୁରୁକୁଳ ସମ୍ମାନ ପ୍ରଦାନ କରାଯାଉଛି ।

ସ୍ଥାନୀୟ ବୀରଗୋବିନ୍ଦପୁର ବଡ଼ହାଟ ଗ୍ରାମରେ ଅବସ୍ଥିତ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ନୃତ୍ୟ ସଙ୍ଗୀତରେ ଭରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁକୁଳ ଉତ୍ସବ – ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ୱନାମଧନ୍ୟ ବଂଶୀ ବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକଙ୍କୁ 'ଗୁରୁକୁଳ ସମ୍ମାନ ୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଛି। ଜୀବନବ୍ୟାପୀ ସାଧନା ପାଇଁ ଗୁରୁକୁଳ ପକ୍ଷରୁ ପୁଷ୍ପ ଗୁଚ୍ଛ, ଉପଢ଼ୌକନ ସହ ୨୫ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏବଂ ସିଏମ୍‌ଡି, ଓପିଏଚଡବ୍ଲୁସି ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ରଥ, ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ଡ. ବିଜୟ କୁମାର ଜେନା ପ୍ରମୁଖ ମନୋରମ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ପ୍ରାରମ୍ଭରେ ଗୁରୁ ଶ୍ରୀନିବାସ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦ ଶାସ୍ତ୍ରୀୟ ବଂଶୀ ବାଦନ (ସପ୍ତରଙ୍ଗ) ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବଂଶୀ ବିଭାଗର ଛାତ୍ରୀଛାତ୍ରଙ୍କ ପରିବେଷଣ ବେଶ୍ ମନଛୁଆଁ ହୋଇଥିଲା। ଗୁରୁ ସଚ୍ଚିଦାନନ୍ଦ ଦାସ ମର୍ଦ୍ଦଳରେ ସହଯୋଗ କରିଥିଲେ। କଟକ ଜିଲା ଗୁଆଳିର ସୂର୍ଯ୍ୟ ଗୁରୁକୁଳ କଳାକାରମାନେ ବୃନ୍ଦ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ ତାଙ୍କ ହାସ୍ୟ ରସାତ୍ମକ ଶବ୍ଦାବଳୀ ରେ ଦର୍ଶକ ମାନଙ୍କୁ ଆନନ୍ଦ ପ୍ରଦାନ କରିଥିଲେ। ଗଞ୍ଜାମର ଲୋକକଳା ଗୁରୁ ଆଲୋକ ବିଶୋଇ ଓ ସାଥି ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଏହି କାର୍ଯକ୍ରମକୁ ସଂଯୋଜନା କରିଥିବା ବେଳେ, ଗୁରୁକୁଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି'।

# ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା

ବଲଙ୍ଗା,୧୨।୪(କେଦାରେଶ୍ୱର ନନ୍ଦ)

ଯୌତୁକ ଦାବିରେ ବଲଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ମାଡ଼ମାରି ଘରୁ ବାହାର କରିଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ୧୧୩/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଚନ୍ଦ୍ରାଦେଇପୁର ଗ୍ରାମର ଗୋବିନ୍ଦ ମାଟିଙ୍କ ପତ୍ନୀ ପୂଜା ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨ବର୍ଷ ତଳେ ପୂଜା ଓ ଗୋବିନ୍ଦ ପରସ୍ପରକୁ ଭଲ ପାଇ ଉଭୟ ପରିବାର ସହମତିରେ ମନ୍ଦିରରେ ବିବାହ ହୋଇଥିଲା। ବିବାହର କିଛି ଦିନ ଭଲରେ ଚଳିବା ପରେ ସ୍ୱାମୀ, ଶାଶୁ ଓ ଦିଅର, ନଣନ୍ଦମାନେ ମିଶି ପୂଜାଙ୍କୁ ବାପଘରୁ ୨ଲକ୍ଷ ଟଙ୍କା ଆଣିବାକୁ ଚାପ ପକାଇଥିଲେ। ପୂଜା ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ପୂଜାଙ୍କୁ ମାଡ଼ ମାରିବାରୁ ସେ ତାଙ୍କ ୨ ଯାଆଁଳା ଶିଶୁପୁତ୍ରଙ୍କୁ ଧରି ବାପଘର ଗୋପ ଓଲମରା ଗ୍ରାମକୁ ଯାଇ ରହିଥିଲେ। ଗତ କିଛିଦିନ ତଳେ ଶାଶୁଘର ଲୋକେ ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ ପୂଜା ଶାଶୁଘରକୁ ଫେରିଥିଲେ। ସେହିଦିନ ରାତିରେ ଶାଶୁଘର ଲୋକେ ପୂଜାଙ୍କୁ ନିର୍ଦ୍ଧୁମ୍ ମାଡ଼ମାରି ଜୀବନରେ ମାରିବାକୁ ଉଦ୍ୟମ କରିଥଲେ। ପୂଜା କୌଣସି ଉପାୟରେ ସେମାନଙ୍କ କବଳରୁ ଖସିଆସି ଘର ବାରିପଟେ ଲୁଚି ବାପଘରକୁ ଖବର ଦେଇଥିଲେ। ଖବରପାଇ ପୂଜାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ପୂଜାକୁ ନେଇଥିଲା ବେଳେ ଶାଶୁଘର ଲୋକେ ୨ ଶିଶୁ ପୁତ୍ରଙ୍କୁ ଛାଡ଼ି ନ ଥିଲେ। ବାରମ୍ବାର ଭଦ୍ର ଲୋକଙ୍କ ଦ୍ୱାରା ସମାଧାନ ପାଇଁ ଚେଷ୍ଟା କରି ବିଫଳ ହେବା ପରେ ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ୧୪ରେ ମା' ଗଡ଼ଚଣ୍ଡୀଙ୍କ ପ୍ରସିଦ୍ଧ ଖାଇଫୋଡ଼ ଯାତ୍ରା



ସାକ୍ଷୀଗୋପାଳ,୧୨।୪ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଭୀମପୁର ଗ୍ରାମର ଗଡ଼ଚଣ୍ଡୀ ଓ ଦାଶ ବିଦ୍ୟାଧରପୁର ଜୟଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ଖାଇଫୋଡ଼ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିରକୁ ରଙ୍ଗ କରାଯିବା ସହ ଆଲୋକୀକରଣ, ଫୁଲସଜ୍ଜା, ଛାୟାପ୍ରଦ ଓ ବ୍ୟାରିକେଡ୍ ମନ୍ଦିର ସମ୍ମୁଖରେ କରାଯାଇଛି।

ମାସାଧିକ ସମୟ ପବିତ୍ରତାର ସହିତ ମାନସିକ କରିଥିବା ପାଟୁଆମାନେ ରବିବାର ଦେବୀଙ୍କ ମନ୍ଦିର ସମ୍ମୁଖରେ ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ପ୍ରତିବର୍ଷ ପଣାସଂକ୍ରାନ୍ତି ଅବସରରେ ମାନସିକଧାରୀ ପାଟୁଆ ପିଠିରେ ଖଣ୍ଡାଫୋଡ଼ି ଖାଇରେ ବୁଲିବେ। ଏହି କଷ୍ଟକର ଦୃଶ୍ୟ ଦେଖିବା ଓ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ସେଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହି ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଓ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବା ପାଇଁ ମା' ଗଡ଼ଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରାଯାଇଛି। ଟ୍ରଷ୍ଟ ବୋର୍ଡର ସଦସ୍ୟ ନିରଞ୍ଜନ ହୋତା, ଦେବେନ୍ଦ୍ର ରଥ, ଧୁଣା ସାହୁ, ଭ୍ରମର ରାଉତ ଏବଂ ଭୀମପୁର ଗ୍ରାମବାସୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ସକାଳୁ ଦେବୀଙ୍କୁ ମାଜଣା, ଟାହିଆ ଲାଗି ଓ ପଣାଭୋଗ ପରେ ଢୋଲ, ମହୁରୀ, ଘଣ୍ଟ, କାହାଳୀ, ଝୁଣାଧୁପ ସହିତ ଦେବୀଙ୍କ କାଳିଶି ଉଭାହେବେ। ସକାଳ ୭ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ, ୮ଟାରେ ସୂର୍ଯ୍ୟ ପାଟୁଆ ନୀତି, ପୂର୍ବାହ୍ନ ୧୧ଟାରେ କାଳିଶି ବିଜେ, ମଧ୍ୟାହ୍ନ ୧୨ଟାରେ ଖାଇକୁ ଆଜ୍ଞାମାଳ ବିଜେ ଏବଂ ଅପରାହ୍ନ ୧ଟାରେ ନଳିତା ପୋଖରୀଠାରେ ମୁଖ୍ୟ ଆକର୍ଷଣ 'ଖାଇଫୋଡ଼ା' ନୀତି ସହିତ ଅପରାହ୍ନ ୨ଟାରେ ପାଟୁଆମାନେ ଖାଇରେ ବୁଲିବାକୁ ନୀତି ଚୂଡ଼ାନ୍ତ ହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ପୋଲିସ ମୁତୟନ, ପାନୀୟଜଳ ଯୋଗାଣ, ପରିମଳ ଓ ଆଶୁ ଚିକିତ୍ସା କେନ୍ଦ୍ର ସହିତ ସେବା ଶିବିର ଖୋଲାଯିବ।

### କରେଣ୍ଟ ଲାଗି ଯୁବକଙ୍କ ମୃତ୍ୟୁ - ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି

ନିମାପଡ଼ା,୧୨।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଦଳିତସାହି ଗ୍ରାମର ସୁବାସ ଭୋଇ(୩୪)ଙ୍କର ରବିବାର ସକାଳେ କରେଣ୍ଟ ଲାଗି ମୃତ୍ୟୁ ଘଟିଛି। ଶନିବାର ରାତିରେ କାଳବୈଶାଖୀ ବେଳେ ସର୍ଭିସ ତାରଟି ଗାଁଦାଣ୍ଡରେ ଛିଣ୍ଡି ପଡ଼ିଥିଲା। ସୁବାସ ରବିବାର ସକାଳେ ତାଙ୍କ ପଡ଼ିଶା ଘରକୁ ଯିବାବେଳେ ତାରଟିକୁ ଟେକିଦେବା ବେଳେ କରେଣ୍ଟ ଲାଗି ଗୁରୁତର ହୋଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସୁବାସଙ୍କୁ ଉଦ୍ଧାରକରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ୍ ପଠାଇଛି। ଏ ନେଇ ମୃତ ସୁବାସଙ୍କ ବାପା ଶବର ଭୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ କେସ୍ ନଂ.୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୁବାସଙ୍କର ଏହି ଅକାଳ ମୃତ୍ୟୁକୁ ନେଇ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ତହସିଲ୍‌ଦାର ଓ ଆର୍‌ଆଇଙ୍କୁ ଅବଗତ କରିଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବରିଷ୍ଠ ଭାଜପା ନେତା ପ୍ରଭାତ କୁମାର ନାୟକ, ଦାମୋଦର ବେହେରା, ମନୋରଞ୍ଜନ ସାହୁ, ସମିତିସଭ୍ୟା ତିଳୋତ୍ତମା ବାରିକ, ଅଜୟ ଭୋଇଙ୍କ ସମେତ ଦଳିତସାହିର ଗ୍ରାମବାସୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ଠାରେ ଦୃଢ଼ଦାବିକରିଛନ୍ତି।

### ଖୁଣ୍ଟରେ ପିଟିହେଲା କାର୍

ଯୋଗେଶ୍ୱରପୁର,୧୨।୪(ରଶ୍ମିରଞ୍ଜନସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ରଙ୍ଗତୋଟା ବସ୍ତି ନିକଟରେ ଜଣେ କାର ଡ୍ରାଇଭର୍ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଏନେଇ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି। ଗାଡ଼ି ଡ୍ରାଇଭର ନିଶାସକ୍ତ ଥିବା ଜଣାପଡ଼ିଛି।

# ବିଜେଡିର ସାଂଗଠନିକ ସମାବେଶ



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୧୨।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଆସନ୍ତା ୧୭ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଓ ନେତୃତ୍ୱ ସମାବେଶ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ସୁବ୍ରତ ଛାଟୋଇ, ଜିଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ଦଳର ନଗର ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ ବିଜେଡି ସଭାପତି ମହେଶ୍ୱର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, କୁଞ୍ଜଲତା ସାମଲ, ବରିଷ୍ଠ ବିଜେଡି ନେତା ନିରଞ୍ଜନ ମହାପାତ୍ର, ସତ୍ୟବାଦୀ ମହାପାତ୍ର, ଯୁବନେତା ସୁଜିତ୍ ବେହେରା ପ୍ରମୁଖ ଯୋଗଦେଇ ସଫଳତାର ସହ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ କରାଯିବା, ଏହି ଅବସରରେ ଏକ ବିଶାଳ ପଦଯାତ୍ରା ସହର ପରିକ୍ରମା କରିବା ଓ ଏକ ଦଳୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ, ସୁଦୃଢ଼, କ୍ରିୟାଶୀଳ କରିବାକୁ ନେତୃବୃନ୍ଦମାନେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଖୁବ୍‌ଶୀଘ୍ର ବିଭିନ୍ନ ପଞ୍ଚାୟତରେ ଦଳର ନୂତନ କମିଟି ଗଠନ କରାଯିବ ବୋଲି ନେତୃବୃନ୍ଦ କହିଥିଲେ। ବୈଠକରେ ଶତାଧିକ ଦଳୀୟ କର୍ମୀ ଓ ନିର୍ବାଚନମଣ୍ଡଳୀର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଜମି କିଣି ୨ ବ୍ୟକ୍ତି ଠକେଇର ଶିକାର

ବଲଙ୍ଗା,୧୨।୪(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ କୁଆଁରପୁର ମୌଜାରେ ଥିବା ଏକ ଜମିକୁ କିଣି ୨ଜଣ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୧୧୨/୨୬ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଉକ୍ତ ଥାନା ଅନ୍ତର୍ଗତ ବାଲିଆ ଶାସନ ଗ୍ରାମର ଗଣେଶ ସାହୁ ଓ ନିମାପଡ଼ା ଥାନା ଅନ୍ତର୍ଗତ ଶୁନୁଗୋରଡ଼ି ଗ୍ରାମର ଅଶୋକ କୁମାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରାଉରକେଲା ସେକ୍ଟର ୬ରେ ରହୁଥିବା ବିଭୂତି ଭୂଷଣ ରଣବୀର ନାମକ ବ୍ୟକ୍ତିଙ୍କ ନାମରେ କୁଆଁରପୁର ମୌଜାରେ ଖାତା ନମ୍ବର ୫୩୦/୭୦, ପ୍ଲଟ୍ ୧୪୪ରେ ୧୬ ଡିସିମିଲ ଜମି ରହିଛି। ଉକ୍ତ ଜମି ବିକ୍ରି ହେବ ବୋଲି କେତେଜଣ ଭଦ୍ର ଲୋକଙ୍କଠାରୁ ଶୁଣିବା ପରେ ଅଶୋକ ଓ ଗଣେଶ ଉକ୍ତ ଜମିକୁ କିଣିବା ପାଇଁ ଇଚ୍ଛା ପ୍ରକାଶ କରି ରଣବୀରଙ୍କଠାରୁ ବୁଝିବା ପାଇଁ କୁଆଁରପୁରସ୍ଥିତ ରଣବୀରଙ୍କ ମଉସା ବାବାଜୀ ପଲେଇଙ୍କ ନିକଟକୁ ଯାଇଥିଲେ। ଏହି ଜମି ବାବାଜୀ ତାଙ୍କ ଦଖଲରେ ରଖିଥିବା ଓ ଜମିରେ କୌଣସି ବିବାଦ ନ ଥିବା ପ୍ରକାଶ କରିଥିଲେ। ପରେ ଉକ୍ତ ଜମି କିଣିବା ପାଇଁ ପ୍ରଥମେ ଗଣେଶ ତାଙ୍କ ଆକାଉଣ୍ଟରୁ ରଣବୀର, ତାଙ୍କ ପତ୍ନୀ ଓ ପୁଅଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ପୃଥକ୍ ପୃଥକ୍ ଭାବେ ୧୦ଲକ୍ଷ ଟଙ୍କା ଟ୍ରାନ୍ସଫର କରିବା ସହ ନଗଦ ୫ଲକ୍ଷ ୫୦ ହଜାର ଟଙ୍କା କ୍ୟାଶ୍ ରଣବୀରଙ୍କୁ ଦେଇଥିଲେ। ଗତ ବର୍ଷ ଫେବୃଆରୀ ୧୮ ତାରିଖରେ ନିମାପଡ଼ା ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଜମି ରେଷ୍ଟ୍ରି ହୋଇଥିଲା। ତେବେ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଜମିର ପଟ୍ଟା ଗଣେଶ ଓ ଅଶୋକଙ୍କୁ ମିଳି ନ ଥିଲା। ବୁଝାବୁଝି କରିବାରେ ଏହି ଜମି ଉପରେ ବିବାଦ ଥିବାରୁ ପଟ୍ଟା ବାହାରି ପାରିବନି ବୋଲି ଜାଣିବାକୁ ପାଇଥିଲେ। ପରେ ଉଭୟ ନିରାଶ ହୋଇ ରଣବୀରଙ୍କୁ ଫୋନ ଯୋଗେ ଟଙ୍କା ଫେରସ୍ତ ମାଗିବାରେ ସେ ଦିନ ଗଡ଼ାଇଥିଲେ। ଶେଷରେ କୌଣସି ଉପାୟ ନ ପାଇ ଗଣେଶ ଓ ଅଶୋକ ରଣବୀରଙ୍କ ମଉସା ବାବାଜୀଙ୍କୁ କହିବାରୁ ସେ କହିଛନ୍ତି, ପୁତୁରା ଟଙ୍କା ଫେରାଇବନି, ତମ ହାତରେ କ'ଣ ହେବ କର। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# କୋଣାର୍କରେ ଲୋକକଳା ମହୋତ୍ସବ




ମହୋତ୍ସବର ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

କୋଣାର୍କ,୧୨।୪(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ଉତ୍ସବର ସମାହାର କୋଣାର୍କ ଲୋକକଳା ମହୋତ୍ସବ-୨୦୨୬ ରବିବାର କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡିଶା କଲଚର୍ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଦୂରଦର୍ଶନର ଟେକ୍ନିକାଲ ନିର୍ଦ୍ଦେଶକ ବାସୁଦେବ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ବିଶିଷ୍ଟ ସମାଜସେବୀ ଡ. ତ୍ରିଲୋଚନ ବରାଳ, ସହ ସଂଯୋଜକ ଭାଜପା ସାଂସ୍କୃତିକ ପ୍ରକୋଷ୍ଠ କୃତୀବାସ ରଥ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶା ସଭାପତି ନଙ୍ଗୁଳି ବାବା, ପରିବେଶବିତ୍ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ କଳାକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପରିଚୟ ସେମାନେ ଆମର ଗର୍ବ ଓ ଗୌରବ ବୋଲି କହିଥିଲେ। ଏହି ଅବସରରେ ୨ ଶହରୁ ଊର୍ଦ୍ଧ୍ୱ କଳାକାର, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ଅଭିନେତା, ସମାଜସେବୀ ଓ ସାହିତ୍ୟିକଙ୍କୁ କୋଣାର୍କ ରତ୍ନ, ଧର୍ମପଦ ସ୍ମୃତି ସମ୍ମାନ, ଅର୍କଶ୍ରୀ ସମ୍ମାନ ଆଦି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବିହାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ନିରାକାର ମହାରଣା ଧନ୍ୟବାଦ ଦେଇଥିଲେ।

# ନୂଆ ଆଦର୍ଶ ଆଚରଣ ବିଧିକୁ ଏଆଇଏସ୍ଏଫର ବିରୋଧ

କୋଣାର୍କ,୧୨।୪(ଜ୍ୟୋତିରାଜ ମହାନ୍ତି)

କ୍ୟାମ୍ପସ ମଧ୍ୟରେ ଛାତ୍ରୀଛାତ୍ରଙ୍କ ସଭା, ସମିତି, ଧାରଣା, ପ୍ରତିବାଦ ଓ ହରତାଳ ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତିକୁ ଅନିର୍ବାଯ୍ୟ କରାଯାଇଥିବା ଆଦର୍ଶ ଆଚରଣ ବିଧିକୁ ବିରୋଧ କରି ରବିବାର ଏଆଇଏସ୍ଏଫ୍ ପୁରୀ ଜିଲା ପକ୍ଷରୁ କୋଣାର୍କ ମେଡିକାଲ ଛକ ନିକଟରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପପୁ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ହରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ବିକ୍ଷୋଭରେ ଆଦର୍ଶ ଆଚରଣ ବିଧିର ସଂଶୋଧନ, ଛାତ୍ର ସଂସଦ ନିର୍ବାଚନକୁ ସୁନିଶ୍ଚିତ କରିବା, ସ୍କୁଲ ଓ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ଯାତାୟାତ ସୁବିଧା ଦେବା ପରି ମୁଖ୍ୟ ଦାବିଗୁଡ଼ିକ ଉଠାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସାଗର ପ୍ରଧାନ, ସତ୍ୟଜିତ୍ ମାହାରୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ମୁନା ସେଠୀ, ଦେବାଶିଷ ମହାପାତ୍ର, ତ୍ରିନାଥ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ପରିବର୍ତ୍ତନ କରି ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ସୁନିଶ୍ଚିତ କରା ନ ଗଲେ ରାଜ୍ୟର ପ୍ରତି କ୍ୟାମ୍ପସରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଫଟୋରେ ଖବର




ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ସାମୂହିକ ବ୍ରତୋପନୟନରେ ବ୍ରହ୍ମଚାରୀମାନେ ।




ପୁରୀ ସଦାଶିବ ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)







# ସବୁଜ ବଳୟରେ ବିକାଶର ପଦଚିହ୍ନ

ଓଡ଼ିଶାର ରାଜଧାନୀରୁ ଏବେ ହାସଲ କରିଛି ଜାତୀୟ ଓ ବିଶ୍ୱସ୍ତରୀୟ ପରିଚୟ। ଐତିହ୍ୟ, କଳା, ସଂସ୍କୃତି, ସାହିତ୍ୟ, ପର୍ଯ୍ୟଟନ, ଶାସନ ରାଜନୀତି, ଶିଳ୍ପ, ବ୍ୟବସାୟ, ଶିକ୍ଷା, କୃଷି, କ୍ରୀଡ଼ା, ସ୍ୱାସ୍ଥ୍ୟ ସେବା, ଗବେଷଣା, ବୈଷୟିକ ଜ୍ଞାନକୌଶଳ, ଦକ୍ଷତା ଓ ପ୍ରଯୁକ୍ତି ବିଦ୍ୟା ଆଦି ସବୁକ୍ଷେତ୍ରରେ ସଫଳତାର ଫର୍ଦ୍ଦ ଆଜି ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି। ନିଯୁକ୍ତି, ନବସୃଜନ, ସହରୀକରଣ ଓ ରୂପାନ୍ତରୀକରଣରେ ମଧ୍ୟ ଦେଶରେ ନୂଆ ଆଶା ସୃଷ୍ଟି କରିଛି। ମନ୍ଦିର ମାଳିନୀ ଭୁବନେଶ୍ୱରରୁ ସ୍ମାର୍ଟ ସିଟିର ଏ ଲମ୍ବା ଯାତ୍ରା ମଧ୍ୟରେ ବଢ଼ିଛି ସହରର କାୟା, ବଦଳିଛି ପରିବେଶ। ଆଉ ବିକାଶର ଧାରା ଭିତରେ ସୁଃଖଦ ଜୀବନର ଅନ୍ୱେଷଣ ରାଜଧାନୀବାସୀଙ୍କୁ ପ୍ରତି ମୁହୂର୍ତ୍ତରେ ନୂଆ ଅନୁଭୂତି ଦେଉଛି। ବର୍ଷ ପରେ ବର୍ଷ ବିତୁଥିବାବେଳେ ସବୁଜ ବଳୟ ଭିତରେ ଆଗକୁ ବଢ଼ୁଛି ଏହି କଂକ୍ରିଟ ସହର ଭୁବନେଶ୍ୱର।



୧୯୪୮ ଏପ୍ରିଲ ୧୩ରେ ମାତ୍ର ୪୦ହଜାର ଲୋକଙ୍କୁ ନେଇ ପ୍ରତିଷ୍ଠା ହୋଇଥିଲା ରାଜଧାନୀ ଭୁବନେଶ୍ୱର। ଏବେ ଏହାର ଜନସଂଖ୍ୟା ୧୨ଲକ୍ଷ ପାର୍ କରିଥିବାବେଳେ ଦିଲ୍ଲୀ, ମୁମ୍ବାଇ ଆଦି ମେଟ୍ରୋ ସିଟି ଭଳି ସେବା ସହ ସବୁଠୁ ପସନ୍ଦ ଯୋଗ୍ୟ ବାସୋପଯୋଗୀ ସହରର ମାନ୍ୟତା ପାଇଛି। ପୁରୁଣା ବର୍ଷର ଅନୁଭୂତି, ନୂଆ ଯୋଜନା ଓ ସ୍ୱପ୍ନକୁ ନେଇ ଭୁବନେଶ୍ୱର ସୋମବାର ପାଳନ କରୁଛି '୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ'। ଏଥିପାଇଁ ଦୁଇଦିନ ଧରି ବିଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



## ପ୍ରଥମଥର ଖୋଲିଲା ଭିଜା ଆବେଦନ କେନ୍ଦ୍ର

ବିଦେଶ ଯିବାକୁ ଚାହୁଁଥିବା ବ୍ୟକ୍ତି ଓ ଛାତ୍ରୀଛାତ୍ରଙ୍କୁ ଏଣିକି ରାଜ୍ୟ ବାହାରକୁ ଯାଇ ଭିଜା ଆବେଦନ କରିବାକୁ ପଡିବ ନାହିଁ। ବରମୁଣ୍ଡା ବିଏସ୍ଏବିଟିରେ ଭିଜା ଆବେଦନ କେନ୍ଦ୍ର ଖୋଲାଯାଇଛି। ସରକାରଙ୍କ ସହଯୋଗରେ ଭିଏଫ୍ଏସ୍ ଗ୍ଲୋବାଲ ସଂସ୍ଥାର ପରିଚାଳନାରେ ଏହି ଆପ୍ଲିକେଶନ ସେଣ୍ଟର କାର୍ଯ୍ୟ କରୁଛି। ପ୍ରଥମ ପର୍ଯ୍ୟାୟରେ ଏହି ସେଣ୍ଟରରୁ ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ସୁଇଜରଲାଣ୍ଡ, ୟୁକେ, ଇସ୍ତୋନିଆ, ଇଟାଲି, ମାଲ୍ଟା, ଜାପାନ, ମରୋକୋ ଏବଂ ଇଜିପ୍ଟ ଭଳି ୧୦ଟି ଦେଶକୁ ଯିବାପାଇଁ ଭିଜା ସୁବିଧା ମିଳୁଛି। ଏପ୍ରିଲ ୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ।

## ରେଳ ଷ୍ଟେଶନରେ ବିମାନବନ୍ଦର ଅନୁଭୂତି



ବିଶ୍ୱସ୍ତରୀୟ ରୂପ ପାଉଛି ଭୁବନେଶ୍ୱର ରେଳ ଷ୍ଟେଶନ। ଯୁଦ୍ଧକାଳୀନଭିତ୍ତିରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଷ୍ଟେଶନର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ନୂତନ କୋଠାର ପ୍ରଥମ ପର୍ଯ୍ୟାୟ କାମ ସରିଛି। ଏଥିସହ ମାଷ୍ଟରକ୍ୟାଣ୍ଟିନ୍ ପାର୍ଶ୍ୱରୁ କଟକରୋଡ୍ ପାର୍ଶ୍ୱକୁ ସଂଯୋଗ କରୁଥିବା ଏୟାର କନ୍‌କୋର୍ସ କାର୍ଯ୍ୟକ୍ଷମ ହୋଇଛି। ସେଠାରେ ଯାତ୍ରୀଙ୍କ ପାଇଁ ବିମାନବନ୍ଦର ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେଉଛି। ପ୍ଲାଟଫର୍ମକରୁ ଏୟାର କନ୍‌କୋର୍ସକୁ ଯିବା ପାଇଁ ଲିଫ୍ଟ ଓ ଏସ୍କାଲେଟର ଲାଗିଛି। ସେହିପରି ଟିକେଟ୍ ବୁକିଂ କାଉଣ୍ଟର ସହିତ ଭେଣ୍ଡିଂ ମେଶିନ୍ ପ୍ରତିଷ୍ଠା ହୋଇଛି। ବିମାନବନ୍ଦର ଭଳି ଏଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି।

## ଭୁବନେଶ୍ୱର ଏବେ ଏମର୍ଜିଂ ମଡର୍ନ ସିଟି



ଭୁବନେଶ୍ୱରକୁ ଏକ ସୁନ୍ଦର ସହରରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିଲୁ ଏବଂ ଏହାକୁ ସାକାର କରିବାକୁ ଅନେକ ପଦକ୍ଷେପ ମଧ୍ୟ ନେଇଛୁ। ପୂର୍ବାପେକ୍ଷା ସହରର କଳେବର ବୃଦ୍ଧି ପାଇଛି। ଏବେ ଏହା ଏକ ଏମର୍ଜିଂ ମଡର୍ନ ସିଟିରେ ପରିଣତ ହୋଇଛି। ବିଶେଷକରି ଜଳବାୟୁ ସ୍ଥିରତା, ଅନ୍ତର୍ଭୁକ୍ତ ସହର ଏବଂ ସବୁ ବର୍ଗର ଲୋକଙ୍କ ରହିବା ପାଇଁ ସରକାର ବହୁ ଯୋଜନା ହାତକୁ ନେଇଛନ୍ତି। ସେହିପରି ଆଗାମୀ ଦିନରେ କିପରି ସହରରେ ଡ୍ରେନେଜ୍ ବ୍ୟବସ୍ଥା ଉନ୍ନତ ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ।

- ସୁଲୋଚନା ଦାସ, ମେୟର

## ଜଳମଗ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାଷ୍ଟରପ୍ଲାନ୍ ଆବଶ୍ୟକ



ଗତ ୩୦ ବର୍ଷ ହେବ ମୁଁ ଭୁବନେଶ୍ୱରରେ ରହିଆସୁଛି। ୧୯୭୨ରେ ବାଣୀବିହାରରେ ପାଠ ପଢୁଥିଲି। ସେହି ସମୟରେ ଭୁବନେଶ୍ୱରରେ ଏତେ ଘର ନ ଥିଲା। ଚାରିଆଡ଼େ ଗଛଲତା ଥିଲା। ଫଳରେ ମୁକ୍ତବାୟୁ ମିଳୁଥିଲା। ମାତ୍ର ଏବେ ସବୁଜ ବନାନୀ ଘେରା ସହର କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଛି। ୩୦ ବର୍ଷ ଭିତରେ ସହରର ଅନେକ ଅଗ୍ରଗତି ହୋଇଛି। ରାସ୍ତାଘାଟ ନିର୍ମାଣ ସହିତ ଶପିଂ ମଲ୍, ସିନେମା ହଲ୍, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦି ଗଢ଼ିଉଠିଛି। ତେବେ ଅନେକ ଉନ୍ନତି ସହିତ ସହରରେ ଆଜି ମଧ୍ୟ ବହୁତ ସମସ୍ୟା ରହିଛି। ବିଶେଷକରି ସହରରେ ଉପୁଜୁଥିବା ଜଳମଗ୍ନ ଲାଗି ସ୍ଥାୟୀ ସମାଧାନ ପାଇଁ ମାଷ୍ଟରପ୍ଲାନ୍ ଆବଶ୍ୟକ।

-ନିଶାକର ରାଉତ, ବରିଷ୍ଠ ନାଗରିକ

## ମୁମ୍ବାଇ, ଦିଲ୍ଲୀ ସହ ଭୁବନେଶ୍ୱର ତାଳ ଦେଇ ଚାଲିଛି



ଛୋଟବେଳୁ ଭୁବନେଶ୍ୱରରେ ରହୁଛି। ଆଗ ଅପେକ୍ଷା ଭୁବନେଶ୍ୱର ବହୁତ ବଦଳି ଯାଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ମୁମ୍ବାଇ, ଦିଲ୍ଲୀ ଭଳି ମେଟ୍ରୋ ସହିତ ଭୁବନେଶ୍ୱର ଏବେ ତାଳ ଦେଇ ଚାଲିଛି। ଭୁବନେଶ୍ୱରରେ ବହୁ ବଡ଼ ବଡ଼ କମ୍ପାନୀ ଆସିବା ସହିତ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛନ୍ତି। ସେହିପରି ଏଠାକାର ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ବାହାର ରାଜ୍ୟରୁ ଲୋକମାନେ ଭୁବନେଶ୍ୱରକୁ ଆସୁଛନ୍ତି। ବିଶ୍ୱସ୍ତରରେ ଏବେ ଭୁବନେଶ୍ୱର ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି।

-ରୋଜାଲିନ୍ ସାହୁ, କର୍ମଜୀବୀ

## ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୁବନେଶ୍ୱର ବହୁ ସୁନାମ ଅର୍ଜନ କରିଛି। କ୍ୟାପିଟାଲ ହସ୍ପିଟାଲକୁ 'ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ' (ପିଜିଆଇଏମ୍ଇଆର୍) ଭାବେ ବିକଶିତ କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ ପାନ୍‌କ୍ରିୟାସ୍ କ୍ୟାନ୍‌ସରର ବିରଳ ଲାପାରୋସ୍କୋପି ଅସ୍ତ୍ରୋପଚାର କରି ସଫଳତା ହାସଲ କରିଛି। ସେହିପରି ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସହିତ ଅତ୍ୟାଧୁନିକ ରୋବୋଟିକ ସର୍ଜରି ବ୍ୟବସ୍ଥା ଆରମ୍ଭ କରିଛି।

## ବସ୍ତିରୁ କୋଠାଘର

ଭୁବନେଶ୍ୱରରେ ପଞ୍ଜୀକୃତ ଭାବେ ୪୩୬ଟି ବସ୍ତି ରହିଛି। ପୂର୍ବରୁ ଏମାନେ ରାସ୍ତାକଡ଼, ଖାଲିଜାଗାରେ ଜବରଦଖଲ କରି ଝାଟିମାଟି ଘରେ ରହୁଥିବାବେଳେ ଏବେ ସେମାନଙ୍କ ରହଣିରେ ପରିବର୍ତ୍ତନ ଆସିଛି। ବସ୍ତିବାସିନ୍ଦାଙ୍କ ନୂଆ ଠିକଣା ପାଲଟିଛି ଆପାର୍ଟମେଣ୍ଟ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଡିଏ ନିର୍ମାଣ କରିଥିବା ଆପାର୍ଟମେଣ୍ଟଗୁଡ଼ିକରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥଇଥାନ କରାଯାଇଛି। ଉତ୍କଳ ହସ୍ପିଟାଲ ନିକଟ, କେୟାର ହସ୍ପିଟାଲ ନିକଟ, ଶହୀଦନଗର, ସୁବୁଦ୍ଧିପୁର ଭଳି ଜନବହୁଳ ସ୍ଥାନରେ 'ନୀଳମାଧବ ଆବାସ ଯୋଜନା', 'ଶାନ୍ତି ନଗର ଆବାସ ଯୋଜନା', 'ମହାବୀର ଆବାସ ଯୋଜନା', 'କେଶରୀ ରେସିଡେନ୍ସି' ଭଳି ବିଭିନ୍ନ ଆପାର୍ଟମେଣ୍ଟ ନିର୍ମାଣ କରାଯାଇ ରାଜୀବ ଆବାସ ଯୋଜନା(ରେ') ଏବଂ ନନ୍‌ରେ' ହିତାଧିକାରୀଙ୍କୁ ଥଇଥାନ କରାଯାଇଛି।




## ସୁଖଦ ଅନୁଭୂତି ଦେଉଛି ପାର୍କ

ରାଜଧାନୀବାସୀଙ୍କୁ ସୁଖଦ ଅନୁଭୂତି ଦେବାକୁ ପାର୍କରେ ନବୀକରଣ ସହ ବିଭିନ୍ନ ଉନ୍ନୟନ କାମ କରାଯାଇଛି। ସହରରେ ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ), ବିଜୁ ପଟ୍ଟନାୟକ ଶକ୍ତି ଉଦ୍ୟାନ, ସାଇନ୍ସ ପାର୍କ, ବୁଦ୍ଧ ପାର୍କ, ଏକାମ୍ର କାନନ, ଆନନ୍ଦ ବନ, ଜୟଦେବ ବାଟିକା, ମହାତ୍ମା ଗାନ୍ଧୀ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ ଭଳି ୫୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ପାର୍କ ରହିଛି। ଲୋକମାନେ ଯେପରି ନିଜ ଆଖପାଖରେ ପାର୍କର ସୁବିଧା ପାଇ ପାରିବେ ସେଥିପାଇଁ ସହରର ବିଭିନ୍ନ ସ୍ଥାନରେ ୧୧୩ରୁ ଊର୍ଦ୍ଧ୍ୱ ମିନି ପାର୍କ ତିଆରି ହୋଇଛି। ଏହାବାଦ୍ ଶିଶୁଙ୍କ ପାଇଁ ୮୨ଟି ଶିଶୁ ଉଦ୍ୟାନ ମଧ୍ୟ ତିଆରି ହୋଇଛି। ଏଠାରେ ସେମାନଙ୍କ ଖେଳିବା ପାଇଁ ଦୋଳି, ସ୍ଲାଇଡ୍ ଭଳି ବିଭିନ୍ନ ଖେଳ ଉପକରଣ ସ୍ଥାପନ କରାଯାଇଛି।

## ଫିଟ୍ ରଖୁଛି ମୁକ୍ତାକାଶ ବ୍ୟାୟାମଶାଳା

ସମୟ ସହ ତାଳଦେଇ ବଦଳିବାରେ ଲାଗିଛି ସହରର ରୂପରେଖ। ନିଜକୁ ଫିଟ୍ ତଥା ସୁସ୍ଥ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲାଯାଇଛି ଓପନ୍‌ଜିମ୍ ବା ମୁକ୍ତାକାଶ ବ୍ୟାୟାମଶାଳା। ସହରର ପ୍ରାୟ ୯୧ଟି ସ୍ଥାନରେ ମୁକ୍ତାକାଶ ବ୍ୟାୟାମଶାଳା ରହିଥିବାବେଳେ ବିଭିନ୍ନ ପାର୍କ ଏବଂ କମ୍ୟୁନିଟି ସେଣ୍ଟର ପାଖ ଖାଲି ସ୍ଥାନରେ ଏହାକୁ ସ୍ଥାପନ କରାଯାଇଛି। ଯେଉଁଠାରେ ଯୁବକଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିନା ମୂଲ୍ୟରେ ବ୍ୟାୟାମ କରୁଛନ୍ତି।

## ନୂଆ ସହର, ନୂଆ ଆଶା

ଭୁବନେଶ୍ୱରରେ ନିର୍ମାଣ ହେଉଛି ଆଉ ଏକ ନୂଆ ସହର। ଗୋଠପାଟଣା, ମଳିପଡା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିରେ ଏହି ମେଗା ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି। ଏହାକୁ ଟ୍ରାନ୍ସିଟ୍-ଓରିଏଣ୍ଟେଡ୍ ସହରୀ ହବ୍ ଭାବେ ଗଢାଯିବ। ସହର ନିର୍ମାଣ ସରିବା ପରେ ଏହା ଚାକିରି ସୁଯୋଗ ସୃଷ୍ଟି କରିବା ସହିତ ସମସ୍ତ ବର୍ଗର ଲୋକଙ୍କ ପାଇଁ ସୁଲଭ ଗୃହ, ଆବଶ୍ୟକ ସାମ୍ପ୍ରଦାୟିକ ସୁବିଧା ସହ ଅନ୍ତର୍ଭୁକ୍ତିମୂଳକ ସହରୀ ଜୀବନକୁ ପ୍ରୋତ୍ସାହିତ କରିବ।

## ଆଇଟି ହବ୍ ହେବ ବରମୁଣ୍ଡା ବସ୍ ଟର୍ମିନାଲ

ଖୁବ୍‌ଶୀଘ୍ର ବରମୁଣ୍ଡାସ୍ଥିତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍ଏବିଟି) ବଡ ପରିବହନ ଓ ବ୍ୟବସାୟ ପେଣ୍ଠସ୍ଥଳୀରେ ପରିଣତ ହେବ। ଖୁବ୍‌ଶୀଘ୍ର ଏଠାରେ ଆଇଟି ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବା ସହିତ ଏଠାରେ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଗୋଟିଏ ଛାତ ତଳେ ପରିବହନ, ସେବା ଓ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ମିଶ୍ରଣ ହେବ।

## ସହରବାସୀଙ୍କ ପାଇଁ ସ୍ୱପ୍ନର ଘର



ସହଜ ଓ ସୁଲଭ ମୂଲ୍ୟରେ ଲୋକଙ୍କୁ ରାଜଧାନୀରେ ସେମାନଙ୍କ ସ୍ୱପ୍ନର ଘର ଦେବ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଏଥିପାଇଁ ବିଡିଏ ହାଉସିଂ ପ୍ରୋଜେକ୍ଟରେ ସୁବୁଦ୍ଧିପୁର ଅଞ୍ଚଳରେ 'ଏକାମ୍ର ରେସିଡେନ୍ସି ପ୍ରକଳ୍ପ'ର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ଆଧୁନିକ, ସୌନ୍ଦର୍ଯ୍ୟପୂର୍ଣ୍ଣ ତଥା ମନୋରମ ବାସସ୍ଥାନ ଭାବେ ଡିଜାଇନ କରାଯାଇଛି। ୭.୩୬ ଏକର ଜାଗାରେ ତିନିଟି ଟାୱାର (ବି+ଜି+୧୨ ମହଲା)ରେ ୪୧୬ଟି ୨ ବିଏଚ୍‌କେ ଓ ୨୮୮ଟି ୩ ବିଏଚ୍‌କେ ବିଶିଷ୍ଟ ଫ୍ଲାଟ୍ ରହିଛି। ଏଥିସହ ପ୍ରକଳ୍ପରେ କମ୍ୟୁନିଟି ହଲ୍, ରୁଫଟପ୍ ସୁଇମିଂ ପୁଲ, ୱାକିଂ ଟ୍ରାକ୍, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟ୍‌ନେସ ସେଣ୍ଟର, ସୌରପ୍ୟାନେଲ ଜୋନ୍, ସୁନ୍ଦର ଲ୍ୟାଣ୍ଡସ୍କେପ ଆଦିର ବ୍ୟବସ୍ଥା ରହିଛି। ଏଥିରେ ୧୦୦ ଫୁଟ ଚଉଡ଼ା ଆପ୍ରୋଚ ରୋଡ୍ ଏବଂ ପର୍ଯ୍ୟାପ୍ତ ବେସ୍‌ମେଣ୍ଟ ପାର୍କିଂ ସୁବିଧା ରହିଛି।







୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟକୁ ଆଲୋକମାଳାରେ ସଜାଯାଇଛି।

(ଫଟୋ: ବିକାଶ ନାୟକ ଓ ମନୋରଞ୍ଜନ ମିଶ୍ର)

# ଲଘୁ ଖଣିଜଦ୍ରବ୍ୟର ଚୋରାଚାଲାଣ: ପ୍ରଶାସନ ଚୁପ୍

**ବାଣପୁର,୧୨।୪(ଦିଲ୍ଲୀପ କୁମାର ସ୍ୱାଇଁ)**



■ ଫିଟ୍‌ନେସ୍ ଓ ନମ୍ବରବିହୀନ ଗାଡ଼ିରେ ସାମଗ୍ରୀ ପରିବହନ

■ ଶୋଚନୀୟ ହେଉଛି ରାସ୍ତା, ଘଟୁଛି ଦୁର୍ଘଟଣା

ବାଣପୁର ବ୍ଲକରେ ମାଙ୍କଡ଼ାପଥର, ଲଘୁ ଖଣିଜଦ୍ରବ୍ୟର ଚୋରା ଚାଲାଣ ବଢ଼ିଚାଲିଛି। ସୁନାଖଳାଠାରୁ ଗମ୍ଭାରୀମୁଣ୍ଡା ରାସ୍ତାରେ ପ୍ରତ୍ୟହ ଚୋରା ଲଘୁ ଖଣିଜ ଦ୍ରବ୍ୟ ଓ ମାଙ୍କଡା ପଥର ବୋଝେଇ ଗାଡ଼ି ଚଳାଚଳ କରୁଛି। ଖଣି ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଜାଣତରେ ସବୁ ଚାଲିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ବିଭିନ୍ନ ସମୟରେ ଗଣ୍ଡଗୋଳ ଓ ଦୁର୍ଘଟଣା ଘଟିବା ସହ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି।

ସୂଚନା ମୁତାବକ, ବାଣପୁର ବ୍ଲକ ଅଧୀନ ତୋରସିଂହ-ରୋପଡ଼ା ରାସ୍ତାରେ ଥିବା ଦୀର୍ଘ ୪୦ ବର୍ଷର ପୁରୁଣା ହାତୀନାଳ ପୋଲ ୩ ମାସତଳେ ଏକ ମାଟି ବୋଝେଇ ହାଇୱା ଗାଡ଼ି ଯିବାବେଳେ ଭୁଶୁଡ଼ି ପଡ଼ିଥିଲା। ଫଳରେ ୧୫ ଗ୍ରାମର ବାସିନ୍ଦା ଓ ଛାତ୍ରୀଛାତ୍ର ଯାତାୟାତ ପାଇଁ ହଇରାଣ ହୋଇଥିଲେ। ପରେ ମାଟି ରାସ୍ତା କରାଯାଇଥିଲା। ଶନିବାର ଭୋର ୬ଟାରେ ପଥର ବୋଝେଇ ଟ୍ରକ ସେହି ବାଟଦେଇ ଯିବାବେଳେ ମାଟି ଦବି ଟ୍ରକଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ିର ଡ୍ରାଇଭର ଓ ହେଲ୍‌ପରଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ଗାଡ଼ିର ନମ୍ବର ପ୍ଲେଟରେ ଗ୍ରିସ୍ ମରାହୋଇ ତାକୁ ଏକ କପଡ଼ାରେ ଘୋଡ଼ାଇ ରଖିବା ନେଇ ସମସ୍ତଙ୍କର ସନ୍ଦେହ ହୋଇଥିଲା। ସମ୍ପୃକ୍ତ ଗାଡ଼ିର ଫିଟନେସ୍ ଅବଧି ୨୦୨୪ ଅଗଷ୍ଟ ୧ରୁ, ଇନ୍‌ସ୍ୟୁରାନ୍ସ ୨୦୨୬ ମାର୍ଚ୍ଚ ୩୦ରୁ ଏବଂ ପଲ୍ୟୁଶନ ପ୍ରମାଣପତ୍ର ଅବଧି ୨୦୨୫ ଅକ୍ଟୋବର ୫ରୁ ଶେଷ ହୋଇସାରିଥିବା ଜଣାପଡ଼ିଛି। ଏହିଭଳି ପ୍ରାୟ ଅନେକ ଗାଡ଼ିରେ ବେଆଇନ ଭାବେ ମାଙ୍କଡ଼ାପଥର ଓ ଲଘୁ ଖଣିଜ ଦ୍ରବ୍ୟ ବୋଝେଇ କରାଯାଇ ପରିବହନ ହେଉଛି। ପ୍ରଶାସନ ଚୁପ ରହୁଥିବାରୁ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି। ଚଣ୍ଡେଶ୍ୱର, ବଡ଼ପୋଖରିଆ, ସୋରଣ, ହାତବରଡ଼ି, ସଲପଡିହ, କଂସାଗଡ଼, ଗମେଇଁ, ବାହାଡ଼ାଟାଙ୍ଗୀରେ ଥିବା ଖଣିରୁ ଏହି ଅଞ୍ଚଳକୁ ଅବାଧରେ ମାଙ୍କଡ଼ା ପଥର, ମୋରମ ଓ ମାଟି ଚାଲାଣ ହେଉଛି। ଅନ୍ୟପଟେ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ବେଆଇନ ପଥର ଖଣିରେ ମେଶିନ ଯୋଗେ ମାଙ୍କଡ଼ାପଥର କଟାଚାଲିଥିବାବେଳେ ପୋଲିସକୁ ସୂଚନା ଦେଲେ ମଧ୍ୟ ପଥର ମାଫିଆମାନଙ୍କ ପାଖରେ ଆଗେ ଖବର ପହଞ୍ଚିଯାଉଛି। ଫଳରେ ପୋଲିସ ଆସିବା ପୂର୍ବରୁ ଖଣି ମାଫିଆମାନେ ସେଠାରୁ ଚମ୍ପଟ ମାରୁଛନ୍ତି। ତେଣୁ ପୋଲିସ ପ୍ରଶାସନ ଉପରେ ଜନସାଧାରଣଙ୍କ ଭରସା ତୁଟିଯାଉଛି। ସେହିପରି ଖଣିରେ ଚଢ଼ାଉ ନ କରିବା ପାଇଁ ପୋଲିସକୁ ମାସିକିଆ ବଟି ଦିଆଯାଉଥିବା ଶୁଣିବାକୁ ମିଳୁଛି। ତୋରସିଂହ ଗ୍ରାମର ସାମାଜିକ କର୍ମୀ ଅଶୋକ ଭୋଳ କହିଛନ୍ତି, ଦିନରାତି ଏହି ରାସ୍ତା ଦେଇ ନାଚୁଣୀ ଥାନାଠାରୁ ଆରମ୍ଭକରି ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ୍ ଦେଇ ମାଙ୍କଡ଼ା ପଥର, ମାଟି ଓ ମୋରମ ଚୋରା ଚାଲାଣ ହେଉଛି। ପୋଲିସ ଓ ପ୍ରଶାସନକୁ ଲାଞ୍ଚ ଦେଇ କାରବାର ହେଉଥିବାରୁ ଲୋକେ ଅଭିଯୋଗ କଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା କହିଛନ୍ତି, ଆମ ପକ୍ଷରୁ ଚେକିଂ କରାଯାଉଛି। ଯଦି କୌଣସି ନମ୍ବରବିହୀନ ଗାଡ଼ିରେ ପଥର କିମ୍ବା ଲଘୁଖଣିଜ ଦ୍ରବ୍ୟ ଚାଲାଣ ହେଉଛି, ତାହାହେଲେ ଆମକୁ ଖବର ଦେଲେ ଆମେ ଧରିବୁ। ସେହିପରି ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି, ଓଲଟିପଡ଼ିଥିବା ସମ୍ପୃକ୍ତ ଟ୍ରକ୍‌ର କାଗଜପତ୍ର ସମ୍ପର୍କରେ ରାଜ୍ୟ ପରିବହନ ବିଭାଗରୁ ରିପୋର୍ଟ ଆସିଲେ ଜଣାପଡ଼ିବ। ଗାଡ଼ିର ମାଲିକ ଏପର୍ଯ୍ୟନ୍ତ ଥାନାକୁ ଆସିନାହାନ୍ତି। ଏହାସତ୍ତ୍ୱେ ଏକ କେସ୍ (ନଂ.୧୨୫/୨୬) ରୁଜୁ କରାଯାଇ ତଦନ୍ତ ଚାଲିଛି।

# ମେଟ୍ରୋ ରେଳ ପ୍ରକଳ୍ପ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ: ଭକ୍ତ

**ଖୋର୍ଦ୍ଧା,୧୨।୪:(ପ୍ରଭାତ ପାଣିଗ୍ରାହୀ)**

ମେଟ୍ରୋ ରେଳ ପ୍ରକଳ୍ପର ଅନିଶ୍ଚିତତା ନେଇ ପିସିସି ସଭାପତି ଭକ୍ତଚରଣ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ କହିଛନ୍ତି। ରବିବାର ଖୋର୍ଦ୍ଧାରେ କଂଗ୍ରେସ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ସେ ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ଭକ୍ତ କହିଛନ୍ତି, ଭୁବନେଶ୍ୱର ରାଜଧାନୀ ହୋଇଥିବାରୁ ରାତି ପାହିଲେ ପ୍ରବଳ ଜନସମାଗମ ରହୁଛି। ଏବେ ପ୍ରତି ୫ମିନିଟରେ ଟ୍ରାଫିକ ସମସ୍ୟା ବଢୁଛି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମୁଖ୍ୟତଃ ଟ୍ରାଫିକ ସମସ୍ୟାର ସମାଧାନ ହେବ। ଏହି ପ୍ରକଳ୍ପ ନେଇ ଭାଜପାର ନେତା ଓ ମନ୍ତ୍ରୀଙ୍କ ମଧ୍ୟରେ କଥାରେ ତାଳମେଳ ରହୁନାହିଁ। ମେଟ୍ରୋ ପ୍ରକଳ୍ପ ବାତିଲ ନିଷ୍ପତ୍ତିକୁ ନେଇ ରାଜ୍ୟରେ ଶାସକ ଦଳରେ ସୃଷ୍ଟି ହୋଇଥିବା ମତଭେଦ ପଦାରେ ପଡ଼ିଛି। ଏ ସରକାରଙ୍କ କୌଣସି ସ୍ଥିରତା ନାହିଁ। ମେଟ୍ରୋ ପ୍ରକଳ୍ପ ନେଇ କଂଗ୍ରେସ ଆଗରୁ ନିଜ ସ୍ପଷ୍ଟୀକରଣ ରଖିଛି। ମୁଖ୍ୟମନ୍ତ୍ରୀ ଏବେ ମୌନତା ଭାଙ୍ଗି ସ୍ପଷ୍ଟୀକରଣ ଦିଅନ୍ତୁ।

ସୂଚନାଯୋଗ୍ୟ, ଭୁବନେଶ୍ୱର ଏମ୍‌ପି ତଥା ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେହିଭଳି ବିଜେଡିର ରାଜ୍ୟ ସଭା ସଦସ୍ୟ ଡ. ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏନେଇ ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି, ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ସମସ୍ତ ଶ୍ରେୟ ନେଇଯିବେ। ସେହି ଡରରେ ବର୍ତ୍ତମାନର ଭାଜପା ସରକାର ଏହାକୁ ବାତିଲ କରିଛନ୍ତି। ଏହା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଯଦି ଜୟପୁର ମେଟ୍ରୋ ଫେଜ-୨ କେନ୍ଦ୍ର ସହଯୋଗରେ ସମ୍ଭବ ହୋଇପାରୁଛି, ତେବେ ଓଡ଼ିଶାରେ କାହିଁକି ନୁହେଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ଛେନାପୋଡ଼ ଦିବସ ପାଳିତ

**ଟାଙ୍ଗୀ,୧୨।୪(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀଦୁର୍ଗା ସୁଇଟ୍ସ ପରିସରରେ ଶନିବାର ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ରାମଚନ୍ଦ୍ର ପରିଡ଼ା, ଉପସଭାପତି ଦୁର୍ଗାପ୍ରସାଦ ଦାଶ, ସମ୍ପାଦକ ସରୋଜ କୁମାର ପାଇକରାୟ, କୋଷାଧ୍ୟକ୍ଷ କମଳ ଲୋଚନ ପାଇକରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ କୁମାର ନାଇଡୁ, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ବେହେରା, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ସଂଘ ସମ୍ପାଦକ ପାଇକରାୟ ଓ ବରିଷ୍ଠ ଖବରଦାତା ମନୋଜ କୁମାର ନାଇଡୁ ଛେନାପୋଡ଼ କିଭଳି ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାବାସୀଙ୍କ ପରମ୍ପରା ଯେତିକି ବଳିଷ୍ଠ, ସେତିକି ସ୍ୱାଦିଷ୍ଟ ସେମାନଙ୍କ ଖାଦ୍ୟ ସାମଗ୍ରୀ। ପିଲାଙ୍କଠାରୁ ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଛେନାପୋଡ଼ ଖାଇବାକୁ ଆଗ୍ରହୀ ବୋଲି ମତ ପ୍ରକାଶ ପାଇଥିଲା। ଛେନାପୋଡ଼ କଟାଯାଇ ଛେନାପୋଡ଼ ଦିବସ ପାଳନ ସହ ସମସ୍ତଙ୍କୁ ବଣ୍ଟାଯାଇଥିଲା।



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଉଛି।

# କାଳିକା ଠାକୁରାଣୀଙ୍କ ପୀଠରେ ଦଣ୍ଡମେଳଣ



କାଳିକା ଠାକୁରାଣୀଙ୍କ ପୀଠରେ ଦଣ୍ଡୁଆମାନେ ପୂଜାର୍ଚ୍ଚନା କରୁଛନ୍ତି।

**କଳାପଥର,୧୨।୪(ଗଙ୍ଗାଧର ସାହୁ)**

ଧଳାପଥର ପଞ୍ଚାୟତ ଅଧୀନ ଠଣପଲ୍ଲୀ ଗ୍ରାମର ମା' କାଳିକା ଠାକୁରାଣୀଙ୍କ ପୀଠରେ ୭୫ତମ ଦଣ୍ଡମେଳଣ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ ଏବଂ ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ। ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧା ଓ ନିଷ୍ଠାର ଉତ୍ସବ ଦଣ୍ଡପର୍ବର ପ୍ରାଚୀନତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶିଶିର କୁମାର ଆଚାର୍ଯ୍ୟ ଏବଂ ଆଲୋକ କୁମାର ସାହୁ ଯୋଗଦେଇ ପଲ୍ଲୀ ସଭ୍ୟତାରେ ଦଣ୍ଡନାଚ ପରମ୍ପରା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯିବା ଉପରେ ମତ ରଖିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଦଣ୍ଡ ଠାକୁର ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିବା ପରେ ଦଣ୍ଡନାଚ ଆରମ୍ଭ ହୋଇଥିଲା। ଗ୍ରାମ ଯୁବକ ସଂଘର କଳାକାରମାନେ ନାଟକ ପରିବେଷଣ କରିଥିଲେ। ପ୍ରଥମ ଦିବସରେ ଧ୍ରୁବ ଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ଗୁହାରି ଶୁଣ ଦୀନବନ୍ଧୁ', ଦ୍ୱିତୀୟ ଦିବସରେ ନାଟକ 'ଆସିଛି ଏକା-ଯିବି ମୁଁ ଏକା' ମଞ୍ଚସ୍ଥ ହୋଇଥିଲା। ଦଣ୍ଡଉତ୍ସବରେ କଳାପଥର, ଖଜୁରୀପଦା, ଲେମ୍ବୁରୀ, ଲୁହାଗୋଡ଼ି, କୃଷ୍ଣପଲ୍ଲୀ, କାଦୁଆପଡ଼ା, ଆରିକମା, କରଡପଲ୍ଲୀ, ଗେଡ଼ିଆ ପଲ୍ଲୀ, ଖାରଡ଼ପଲ୍ଲୀ, ମଣିପୁର ଆଦି ଗ୍ରାମର ଦଣ୍ଡ ଠାକୁର ଯୋଗଦେଇଥିଲେ। ରାତ୍ରରେ ଦଣ୍ଡନାଚ ହୋଇଥିଲା। ପାଟ ଭକତ ସର୍ବେଶ୍ୱର ମହାପାତ୍ର, ପୂଜକ ଧ୍ରୁବ ଚରଣ ମହାପାତ୍ର, ବଳରାମ ମହାପାତ୍ର, ପାଟ ଦଣ୍ଡୁଆ ନାରାୟଣ ସାହୁ, କୁଳ ବେହେରା, କୁବେର ସାହୁ, ରଜନ ବେହେରା, ବିଶ୍ୱନି ବେହେରା, ସୁବଳ ସ୍ୱାଇଁଙ୍କ ସହଯୋଗରେ ଦଣ୍ଡନାଚ ପରିବେଷଣ ହୋଇଥିଲା। ଗ୍ରାମବାସୀଙ୍କ ତରଫରୁ ଫକୀର ଚରଣ ପ୍ରଧାନ, ଭାଗିରଥୀ ଦାଶ, ଲକ୍ଷ୍ମଣ ପ୍ରଧାନ, ପହଲି ପ୍ରଧାନ, ଦୁଃଖୀଶ୍ୟାମ ମହାପାତ୍ର ଏବଂ ରାଜକିଶୋର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ଭାଜପା ନିଜ ନେତା, ବିଧାୟକଙ୍କୁ ନୈତିକତା ଶିକ୍ଷା ଦେଉ'

**ବିଧାୟକ ଜଗଦ୍ଦେବଙ୍କ ବ୍ୟବହାର ଠିକ୍ ନୁହେଁ: ସୋନାଲି**

**ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କଂଗ୍ରେସ ନେତ୍ରୀ ସୋନାଲୀ ସାହୁଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ ଏବଂ ବୈବାହିକ ବିଷୟ ଉଠାଇବା ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ ପ୍ରତିକ୍ରିୟା ରଖିଛନ୍ତି। ରବିବାର ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ସେ କହିଛନ୍ତି, ନାରୀଙ୍କୁ ସମ୍ମାନ ଦେବା କଥା କହୁଥିବା ଭାଜପା ସରକାର ନିଜ ନେତା ଓ କର୍ମୀଙ୍କୁ ନୈତିକତା ପାଠ ପଢାନ୍ତୁ। ମହିଳାଙ୍କୁ ଅସମ୍ମାନ କରିବା କୌଣସି ଲୋକଙ୍କ ଅଧିକାର ନାହିଁ। ନାରୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ ଠିକ ନୁହେଁ। ଯିଏ ନାରୀଙ୍କୁ ସମ୍ମାନ ଦେଇ ଜାଣିନାହିଁ, ସେ ନିଜ ମାଆ ଭଉଣୀଙ୍କୁ ସମ୍ମାନ ଦେବା ଜାଣିନାହିଁ। ଏଭଳି ବ୍ୟକ୍ତିଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର ହେବାର ଆବଶ୍ୟକତା ରହିଛି ବୋଲି ଭକ୍ତ କହିଛନ୍ତି। ଅନ୍ୟପଟେ ସୋନାଲି କହିଛନ୍ତି, ବିଧାୟକ ଜଗଦ୍ଦେବ ଓ ମୁଁ ଉଭୟ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛୁ। ଉଭୟ ଭାଇ ଭଉଣୀ ସଦୃଶ। ରାଜନୀତିରେ ବୟାନବାଜି ହେବା ସ୍ୱାଭାବିକ। ତେବେ ବିଧାୟକ ଜଗଦ୍ଦେବ ଆକ୍ରୋଶମୂଳକ ଭାବେ ବ୍ୟକ୍ତିଗତ ଆକ୍ଷେପ କରିବା ନିନ୍ଦନୀୟ। ଲୋକଙ୍କ ମୌଳିକ ସମସ୍ୟା ନେଇ ସ୍ୱର ଉତ୍ତୋଳନ କରିବା ମୋର ଦାୟିତ୍ୱ। ତେବେ ବିଧାୟକଙ୍କ ବ୍ୟବହାର ଓ କାର୍ଯ୍ୟକଳାପ ଠିକ ନୁହଁ ବୋଲି ସୋନାଲି କହିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)**

ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଶନିବାର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସମ୍ପାଦକ ଜଗନ୍ନାଥ ପାଢ଼ୀ ସ୍ୱାଗତ ଭାଷଣ ଏବଂ ବାର୍ଷିକ ଅଧିବେଶନର ବିବରଣୀ ପାଠ କରିଥିଲେ। କର୍ପସ ଫଣ୍ଡ୍ ଗଠନ, ବ୍ରାହ୍ମଣ କଲ୍ୟାଣ ନିଗମ ପ୍ରତିଷ୍ଠା, ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ନିର୍ମାଣ, ସଭ୍ୟ ସଂଗ୍ରହ ଆଦି ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ପର୍ଶୁରାମ ଜୟନ୍ତୀ ଓ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ମହାସଂଘର ଭୁବନେଶ୍ୱର ଶାଖା ସଭାପତି ରମାକାନ୍ତ ମିଶ୍ର, ପ୍ରମୋଦ ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ଶାନ୍ତନୁ ମିଶ୍ର, କପିଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବିପ୍ର ତତ୍ତ୍ୱ ମଞ୍ଜରୀ' ପୁସ୍ତକ ଲୋକାର୍ପିତ

**ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)**

ସାହିତ୍ୟିକ, ଗବେଷକ, ଭାଷାବିତ୍ ତଥା ଆଧ୍ୟାତ୍ମବାଦୀ ଲଡୁକିଶୋର ଦାଶଙ୍କ ରଚିତ 'ବିପ୍ର ତତ୍ତ୍ୱ ମଞ୍ଜରୀ' ପୁସ୍ତକର ଲୋକାର୍ପଣ ସ୍ଥାନୀୟ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରିଥିଲେ। ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଟି ଆମ ସନାତନ ଧର୍ମର ସଂସ୍କାର, ଆଚାର ବିଚାର ବ୍ୟବହାର ଉପରେ ଆଧାରିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ମନୋଜ କୁମାର ଶତପଥୀ ଯୋଗଦେଇ ପୁସ୍ତକଟି ବ୍ରାହ୍ମଣ ସମାଜକୁ ଦିଗଦର୍ଶନ ଦେବା ସହ ସନାତନ ଧର୍ମଧାରାକୁ ସଂସ୍କାରିତ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର ଯୋଗଦେଇ ବିପ୍ର ତତ୍ତ୍ୱସଂହିତାର ନୀତିଗତ ଗୂଢ଼ ତଥ୍ୟ ମନୁଷ୍ୟ ଜୀବନ ପାଇଁ ଅତୀବ ଉପାଦେୟ ଏବଂ ସହଜ ତଥା ସରଳ ଭାଷାରେ ଏହା ବୋଧଗମ୍ୟ ହୋଇଛି ବୋଲି ମତ ରଖିଥିଲେ। ପୁସ୍ତକଟି ବ୍ରାହ୍ମଣଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପର୍ଯ୍ୟବସିତ ବୋଲି ପୁସ୍ତକର ଲେଖକ ଲଡୁ କିଶୋର ଦାଶ କହିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ ଭୀମସେନ ପ୍ରଧାନ, ସାହିତ୍ୟିକ ସମରେନ୍ଦ୍ର ବଳିଆରସିଂହ ଏବଂ କବୟିତ୍ରୀ ବିଳାସିନୀ ଦାଶ ପୁସ୍ତକର ଲେଖକଙ୍କ ଆଧ୍ୟାତ୍ମିକ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। କବି ଶାନ୍ତିଲତା ଦେବୀ, ଅନସୂୟା ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ରାଜକିଶୋର ବଳିଆରସିଂହ, ଶ୍ରୀଧର ଦାଶ, ପ୍ରଫୁଲ୍ଲ ଦାଶ, ନୀଳାଦ୍ରି ଜଗଦ୍ଦେବ ପ୍ରମୁଖ କବିତା ପାଠ କରିଥିଲେ। ପୁସ୍ତକର ପ୍ରକାଶକ ଡା. ମନୋରଞ୍ଜନ ଦାଶ ଓ ଆଇନଜୀବୀ ଜ୍ୟୋତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ଭସ୍ମୀଭୂତ ହେଲା ସ୍ୱର୍ଣ୍ଣଲଙ୍କା, ଜଳିଲା ରାବଣଙ୍କ ଅହଂକାର

**ଚମ୍ପାଇଲୋ 'ଅନଙ୍ଗ ରାମଲୀଳା'ରେ ଲଙ୍କାପୋଡ଼ି**

**ବୋଲଗଡ଼,୧୨।୪(ଦେବବ୍ରତ ହୋତା)**





ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ପ୍ରସିଦ୍ଧ 'ଅନଙ୍ଗ ରାମଲୀଳା' ମହୋତ୍ସବର ଶନିବାର ସନ୍ଧ୍ୟାରେ ହୃଦୟସ୍ପର୍ଶୀ 'ଲଙ୍କାପୋଡ଼ି' ଦୃଶ୍ୟ ମଞ୍ଚସ୍ଥ ହୋଇଯାଇଛି। ଗୁରୁ ସୁଶାନ୍ତ ମତ୍ତଗଜସିଂହଙ୍କ ସଂଯୋଜନାରେ ମଞ୍ଚସ୍ଥ ଏହି ନାଟକରେ କିଷ୍କିନ୍ଧା କାଣ୍ଡର ସମାପ୍ତି ଓ ଲଙ୍କାକାଣ୍ଡର ରୋମାଞ୍ଚକର ଶୁଭାରମ୍ଭ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନାଟକର ସବୁଠାରୁ ଭାବପୂର୍ଣ୍ଣ ଦୃଶ୍ୟ ଥିଲା ଅଶୋକ ବନରେ ମାତା ସୀତାଙ୍କୁ ହନୁମାନଙ୍କ ଦର୍ଶନ। ମାତାଙ୍କ ଶୋକାକୁଳ ଅବସ୍ଥା ଦେଖି ହନୁମାନ ପ୍ରଭୁ ଶ୍ରୀରାମଙ୍କ ଦତ୍ତ 'ସନ୍ଦେଶ ମୁଦ୍ରିକା' ପ୍ରଦାନ କରିଥିଲେ। ମୁଦ୍ରିକା ପାଇ ମାତା ସୀତା ନିଜ ପ୍ରଭୁଙ୍କ ପରିଚୟ ପାଇବା ସହ ଭାବବିହ୍ୱଳ ହେବା ଦୃଶ୍ୟ ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା। ଏହିଠାରୁ ହିଁ ହନୁମାନଙ୍କ ଲଙ୍କା ବିଜୟର ପ୍ରକୃତ ସଂକଳ୍ପ ଆରମ୍ଭ ହୋଇଥିଲା। ଲଙ୍କା ପ୍ରବେଶ ସମୟରେ ବାଟରେ ଅସୁରୁଣୀ ସୁରସା ଓ ସିଂହିକା ହାବୁଡ଼ରେ ପଡ଼ି ହନୁମାନ ତାଙ୍କୁ ସଂହାର କରିବା ଦୃଶ୍ୟ ବେଶ୍ ରୋମାଞ୍ଚକର ଥିଲା। ମୈନାକ ପର୍ବତ ଗିରିଦେବତା ହନୁମାନଙ୍କୁ ବାଟରେ ଅଟକାଇ ବିଶ୍ରାମ ସହ ଫଳାହାର ପାଇଁ ଅନୁରୋଧ କରିବା ଦେବ ଭକ୍ତର ପବିତ୍ର ସମ୍ପର୍କକୁ ଦର୍ଶାଇଥିଲା। ଲଙ୍କାରେ ଦ୍ୱାରପାଳଙ୍କ କଡ଼ା ପ୍ରହରା ସତ୍ତ୍ୱେ ହନୁମାନ ଚତୁରତାର ସହ ପ୍ରବେଶ କରିବା ଏବଂ ପରେ ଦ୍ୱାରପାଳମାନେ ହନୁମାନ କେମିତି ଖସିଗଲେ ସେ ନେଇ ଭାଳେଣି ପଡ଼ିବା ଦୃଶ୍ୟରେ ହାସ୍ୟରସ ଖେଳିଯାଇଥିଲା। ଲଙ୍କଦେବୀ ବଡ ପଟୁଆର ନିଆଁ ହୁଳା ଧରି ଗାଁ ବୁଲି ମଞ୍ଚ ନିକଟରେ ହନୁମାନଙ୍କୁ ପ୍ରବେଶରେ ବାଧା ଦେଇ ମାଡ଼ ଖାଇବା ଦୃଶ୍ୟରେ ଦର୍ଶକମାନେ ଭରପୂର ମଜାନେଇଥିଲେ। ଅଶୋକ ବନ ଧ୍ୱଂସ ପରେ ରାବଣ ପୁତ୍ର ଅକ୍ଷୟ କୁମାରଙ୍କ ସମେତ ଅନେକ ଅସୁର ହନୁମାନଙ୍କ ହାତରେ ନିହତ ହୋଇଥିଲେ। ଶେଷରେ ମହାବଳୀ ଇନ୍ଦ୍ରଜିତ ନାଗଫାଶ ବନ୍ଧନରେ ହନୁମାନଙ୍କୁ ବନ୍ଦୀ କରି ରାଜସଭାକୁ ଆଣିଥିଲେ। ହନୁମାନଙ୍କ ଲାଙ୍ଗୁଡ଼ରେ ରାବଣ ନିଆଁ ଲଗାଇବା ପରେ ସେ ସବୁଆଡ଼େ ବୁଲି ଲଙ୍କାକୁ ଜାଳିପୋଡ଼ି ଛାରଖାର କରିଦେଇଥିଲେ। ରାବଣ ସମ୍ମୁଖରେ ଦେବତା ଓ ଅପସରାଙ୍କ ନୃତ୍ୟ ତାଙ୍କ ଚରମ ଅହଂକାରକୁ ପ୍ରତିପାଦିତ କରିଥିଲା। ଭୁଲ ପାଇଁ କିପରି ଏକ ବିରାଟ ସାମ୍ରାଜ୍ୟ ଧ୍ୱଂସ ପାଏ, ତାହା ଲଙ୍କାଦହନ ଦୃଶ୍ୟରୁ ଶିକ୍ଷା ମିଳିଥିଲା। ହନୁମାନଙ୍କ ଦ୍ୱାରା ସ୍ୱର୍ଣ୍ଣ ଲଙ୍କା ଭସ୍ମ ପରେ, ପୁଣି ଥରେ ଦେବଶିଳ୍ପୀ ବିଶ୍ୱକର୍ମା ସ୍ୱର୍ଣ୍ଣ ଲଙ୍କାକୁ ସଜାଇବା ଦୃଶ୍ୟ ସହ ନାଟକର ସମାପ୍ତ ହୋଇଥିଲା। ବିଶିଷ୍ଟ ପୋଥିଗାୟକ ଅଇଁଠୁ ରଣଜିତସିଂହ ଓ ଶଙ୍କର ବଳିୟାରସିଂହଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ର କୃତ ପୋଥି ଗାନ କରାଯାଇଥିଲା। ଗୋବିନ୍ଦ ଚମ୍ପତି, ଅକ୍ଷୟ ରାଉତରାୟ, ଭୋଳା ଜଗଦେବ, ଅତୁଲ୍ ବେହେରା, ଶୁଭ ରାଉତରାୟ, ବାପି ରାଉତରାୟ ପ୍ରମୁଖ ସୁନ୍ଦର ଅଭିନୟ କରି ପ୍ରଶଂସା ସାଉଁଟିଥିଲେ। ବାବୁ ପାଲଟା ସିଂ, ବନ୍ଧୁଆ ଜେନା,ବାନାମ୍ବର ଜଗଦ୍ଦେବ, ଦୀପକ ଜେନା, ନକୁଳ ରଣସିଂହ, କୈଳାସ ଚମ୍ପତି, ନକୁଳ ରାୟ, କାବୁ ବରାଡ, ଆନନ୍ଦ ସମାନ୍ତରାୟ, ଗୌତମ ଜେନା, ଝରିଆ ବରାଡ ଓ ଜଗନ୍ ସାମନ୍ତ ପ୍ରମୁଖ ରୂପସଜ୍ଜା ଓ ପୋଥି ପାଳିଆ ଭାବେ ସହଯୋଗ କରିଥିଲେ।




୧୨।୪।୨୦୨୬

| | |
|---|---|
| ୬,୩୨,୦୮୫ ଟଙ୍କା | |
| ସୁନା | ୫.୭୦୦ ଗ୍ରାମ୍ |
| ରୁପା | ୧୦୦ ଗ୍ରାମ୍ |

# ରାମାଭିଷେକ ନୀତି ସହ ସରିଲା ସାହିଯାତ

## ମହାପ୍ରଭୁଙ୍କ ନକ୍ଷତ୍ର ବନ୍ଦାପନା

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ କୃଷ୍ଣପକ୍ଷ ଦଶମୀ ତିଥି ରବିବାର ଶ୍ରବଣା ମକର ନକ୍ଷତ୍ର ଅନୁଯାୟୀ, ଶ୍ରୀମନ୍ଦିରରେ ରାମାଭିଷେକ ନୀତି ସମ୍ପନ୍ନ ହୋଇଛି। ଅପରପକ୍ଷରେ ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ଆଗତ କରାଯାଇଥିଲା। ଶ୍ରୀଜଗନ୍ନାଥବଲ୍ଲଭ ମଠ ସମ୍ମୁଖରେ ନୀତି ସମ୍ପନ୍ନ କରାଯାଇଛି। ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ଡାକିଯିବା ପରେ ଦକ୍ଷିଣୀ ଘରୁ ଶ୍ରୀମଦନମୋହନ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ନକ୍ଷତ୍ର ବନ୍ଦାବନା ଅନୁଷ୍ଠିତ ହୋଇଥିଲା।

ବଡ଼ବାଡ଼ରେ ମୁଦିରସ୍ତ, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ନକ୍ଷତ୍ର ବନ୍ଦାପନା ନୀତି ସମ୍ପାଦନା କରିଥିଲେ। ବଡ଼ଠାକୁରଙ୍କ ନକ୍ଷତ୍ର ଏବଂ ରାଶି ଲାଗିରେ ନକ୍ଷତ୍ର ବନ୍ଦାପନା ପଡ଼ିଥିବାରୁ ବଳଭଦ୍ରଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ନକ୍ଷତ୍ର ବନ୍ଦାବନା ସମ୍ପନ୍ନ ହୋଇ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ଶ୍ରୀମଦନମୋହନଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯିବା ସହିତ ପ୍ରତିହାରୀ ସେବକମାନେ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ଦ୍ୱାର ନିକଟରେ ଶ୍ରୀମଦନମୋହନଙ୍କୁ ଶୀତଳଭୋଗ ମଣୋହି ପରେ ଦ୍ୱାର ଫିଟାଯାଇଥିଲା। ମହାଜନସେବକମାନେ ଠାକୁରଙ୍କୁ ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଅନ୍ୟାନ୍ୟ ନୀତି ବଢ଼ି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ମହାଜନସେବକମାନେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା। ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ଭରତ, ଶତ୍ରୁଘ୍ନ, ହନୁମାନ ଏବଂ ବିଶିଷ୍ଟ ଭୂମିକାରେ ୪ଜଣ ଯୁବକ ରହିଥିଲେ। ନୀତି ସମ୍ପନ୍ନ ହେବା ପରେ ମହାଜନସେବକ ଠାକୁରଙ୍କୁ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ସମ୍ପନ୍ନ ହୋଇଥିଲା। ଅପରପକ୍ଷରେ ଗୌଡ଼ବାଡ଼ ସାହି ପକ୍ଷରୁ ଯାତ ବାହାରିଥିଲା।



ଗୌଡବାଡ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ପାଇଁ ବାହାରିଥିବା ବେଶଧାରୀ ।

## ସଂକ୍ଷେପରେ

### ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ରହିବ ରଥଖଳା

ପ୍ରସ୍ତୁତି କରାଯାଉଛି ବୋଲି ସୂଚନା ଦେଲେ ଜିଲ୍ଲାପାଳ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ। ଏଥିପାଇଁ ଶ୍ରୀନହର ସମ୍ମୁଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଖଳା ପ୍ରସ୍ତୁତ କରାଯାଉଛି। ରଥଖଳାରେ ବିଶ୍ୱକର୍ମା ମହାରଣା ଦାରୁବିଗ୍ରହଙ୍କ ନିମନ୍ତେ ରଥ ନିର୍ମାଣ କରିବେ। ଭୋଇ ସେବାୟତ ସହଯୋଗ କରିବେ। ତେବେ ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ରହିବ ରଥଖଳା। ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ କରିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ଏଥିପାଇଁ ମଧ ସମସ୍ତ ପ୍ରସ୍ତୁତି କରାଯାଉଛି ବୋଲି ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

### ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ମହାବିଦ୍ୟାଳୟରେ ପୂର୍ବତନ ଚେୟାରମ୍ୟାନ୍ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୧୦ମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରେକ୍ଷାଳୟରେ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭେଷଜ ବିଶେଷଜ୍ଞ ଡ. ଏମ୍ ଆର୍ ମହାନ୍ତି, ହୋମିଓପାଥିକ ଔଷଧ ବିଶେଷଜ୍ଞ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ, ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ ଓ ଅଧ୍ୟକ୍ଷ ଡ. ନିକୁଞ୍ଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ରୋଜି ପ୍ରିୟଦର୍ଶିନୀ, ଅଧ୍ୟାପକ ଯଶସ୍ୱୀ ରାୟ, ଅସିତ୍ କୁମାର ଷଡ଼ଙ୍ଗୀ ଓ ସିଦ୍ଧେଶ୍ୱର ପ୍ରସାଦ ପାଢୀଯୋଶୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବିଦୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।




କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କୁ ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଅଲ୍ ଇଣ୍ଡିଆ ଥିଏଟର କାଉନସିଲ୍‌ର ଜାତୀୟ ଅଧିବେଶନ ଶେଷ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଅଲ ଇଣ୍ଡିଆ ଥିଏଟର କାଉନ୍ସିଲର ଜାତୀୟ ଅଧିବେଶନ ପୁରୀସ୍ଥିତ ହୋଟେଲ ସୂର୍ଯ୍ୟ ବିଚ୍ ଇନ୍‌ରେ ଶନିବାରଠାରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ଏଥିରେ ଦେଶର ୧୯ଟି ରାଜ୍ୟର କଳାକାର ଅଂଶଗ୍ରହଣ କରିଛନ୍ତି। ସମସ୍ତ ଅତିଥି କଳାକାରଙ୍କୁ ଏଆଇଟିସିର ଜାତୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଲ୍ ଇଣ୍ଡିଆ ଥିଏଟର କାଉନସିଲ୍‌ର ସମସ୍ତ ପଦାଧିକାରୀ ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି ସମ୍ମେଳନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ରାଜଗୋପାଳ ପାଢ଼ୀ କହିଛନ୍ତି, "କଳାକାରଙ୍କ ସମ୍ମୁଖରେ ରୋଜଗାରର ସଙ୍କଟ ରହିଥିଲେ ମଧ୍ୟ ଆମେ ସମସ୍ତେ ରଙ୍ଗମଞ୍ଚକୁ ଜୀବନ୍ତ ରଖିବା ପାଇଁ କାମ କରୁଛୁ।" ରେଲ୍‌ୱେରେ କଳାକାରଙ୍କୁ ମିଳୁଥିବା ରିହାତି ବନ୍ଦ ହୋଇଯାଇଥିବାରୁ, ତାହାକୁ ପୁନର୍ବାର ଆରମ୍ଭ କରିବା ପାଇଁ ସେ ଆଶ୍ୱାସନା ଦେବା ସହ କଳାକାରମାନଙ୍କୁ ପେନ୍‌ସନ ମିଳିବା ଉଚିତ ବୋଲି କହିଥିଲେ। ପରେ ସ୍ମରଣିକା 'ଦର୍ପଣ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜାତୀୟ ସାଧାରଣ ସମ୍ପାଦକ ସତୀଶ କୁନ୍ଦନ ଗତ ୩ବର୍ଷର କାର୍ଯ୍ୟ ବିବରଣୀ ଉପସ୍ଥାପନ କରି ସଙ୍ଗଠନ ଗଠନରେ ଆସିଥିବା ଅସୁବିଧା ଏବଂ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ଉପାଧ୍ୟକ୍ଷ ମହମ୍ମଦ ନିଜାମ କହିଛନ୍ତି, ଏହା ଦେଶର ପ୍ରଥମ କଳାକାର ସଙ୍ଗଠନ ଯେଉଁଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହୁଏ। ନାଟକ ଏବଂ କର୍ମଶାଳା ମାଧ୍ୟମରେ ଆମେ ସମାଜରେ ପରିବର୍ତ୍ତନ ଆଣିବାକୁ ଚାହୁଁଛୁ। ଜାତୀୟ ଅଧ୍ୟକ୍ଷ ଅଶୋକ ମେହେର କହିଛନ୍ତି, ଆମେ ମାତ୍ର ୫ଟି ରାଜ୍ୟରୁ ଆରମ୍ଭ କରିଥିବା ଏହି ସଙ୍ଗଠନ ଆଜି ୧୯ଟି ରାଜ୍ୟରେ ପହଞ୍ଚିଛି। କୋଷାଧ୍ୟକ୍ଷ ସୁନୀଲ ଦତ୍ତ ବିଶ୍ୱକର୍ମା ୨୦୨୫–୨୬ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ। ଜାତୀୟ ସଂଯୋଜକ ଅଶୋକ ମାନବ ସଙ୍ଗଠନକୁ ଏକ ପରିବାର ଭଳି ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ।

## ଆଦି କଳା ମହୋତ୍ସବ ଉଦ୍‌ଯାପିତ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

କଲ୍‌ଚରାଲ ଡେଭ୍‌ଲପ୍‌ମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ 'ଆଦି କଳା ମହୋତ୍ସବ' ରବିବାର ଶେଷ ହୋଇଛି। ଅଲ୍ ଇଣ୍ଡିଆ ଆର୍ଟ ଆଣ୍ଡ କଲ୍‌ଚରାଲ କମିଟି ଓ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସମଗ୍ର ଭାରତ ବର୍ଷରୁ ଶତାଧିକ ନୃତ୍ୟଶିଳ୍ପୀ ଭାଗ ନେଇ ସମ୍ବଲପୁରୀ, ଭୋଜପୁରୀ, କଥକ, ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଛନ୍ତି। ଏଥିସହ ବାଂଲାଦେଶ, ଭୁଟାନ୍ ଓ ନେପାଳରୁ ଆସିଥିବା ଅତିଥି ଶିଳ୍ପୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଅଲ୍ ଇଣ୍ଡିଆ ଆର୍ଟ ଆଣ୍ଡ କଲ୍‌ଚରାଲ କମିଟି ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅନୁଷ୍ଠାନର ସଭାପତି ଡ. ଚୈତନ୍ୟ ପାଇକ, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ଯାତ୍ରା କଳାକାର ସମରେନ୍ଦ୍ର ପଣ୍ଡା, ନିରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ପତି ଓ ହାଇକୋର୍ଟ ଅଧିବକ୍ତା ଅସୀମ ଅମିତାଭ ଦାସ, ଡ. ଅର୍ପିତା ଚାଟାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ କଳା ସଂସ୍କୃତିର ମହନୀୟତା ସମ୍ପର୍କରେ କହିଥିଲେ। ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକଙ୍କୁ 'ଆଦିକଳା ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ରାମକୃଷ୍ଣ ମହାପାତ୍ର, ଶରତ ମହାନ୍ତି, ସବିତା ହରିଚନ୍ଦନ, ତୁଷାରକାନ୍ତ ବେହେରା, ହିମାଂଶୁ ମଲ୍ଲିକ, ନିରୁପମା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଚିକିତ୍ସା ଅବହେଳାରୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଫଳରେ ମେଡିକାଲ୍‌ରେ ଉତ୍ତେଜନା ଦେଖାଦେଇଛି। ଡାକ୍ତରଙ୍କ ଅବହେଳା ଓ ଭୁଲ ଇଞ୍ଜେକ୍ସନ ଫଳରେ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ହସ୍ପିଟାଲରେ ପ୍ରାୟ ୪ଘଣ୍ଟା ମୃତଦେହ ରଖି ପ୍ରତିବାଦ କରିଥିଲେ।

ସୂଚନାଯୋଗ୍ୟ, ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପି ନରସେୟାଙ୍କ ପୁତ୍ର ପି ଗୌତମ (୧୩)ଙ୍କ ଥାଲାସେମିଆ ଓ ୟୁରିନ୍ ଜନିତ ସମସ୍ୟା ଯୋଗୁ ପରିବାର ଲୋକେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଶିଶୁପୁତ୍ରକୁ ଚିକିତ୍ସାରେ ବିଳମ୍ବ କରାଇଥିଲେ। ଇଞ୍ଜେକ୍ସନ ଦେବା ପରେ ଶିଶୁପୁତ୍ରର ଦେହ ଅଧିକ ଖରାପ ହୋଇ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ କହିବା ସହ ଏକ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ସିଟି ଡିଏସ୍‌ପି, ଟାଉନ ଥାନା ଅଧିକାରୀ, କୁମ୍ଭାରପଡ଼ା ଥାନା ଅଧିକାରୀ ମେଡିକାଲ୍‌ରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ସେପଟେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି, ଚିକିତ୍ସାରେ ଅବହେଳା ହୋଇନାହିଁ, ଯଦି ପରିବାର ଲୋକ ଅଭିଯୋଗ କରିଛନ୍ତି ସେ ନେଇ ତଦନ୍ତ କରାଯାଉଛି। ଶିଶୁ ପୁତ୍ରଟି ଥାଲାସେମିଆ ରୋଗରେ ପୀଡ଼ିତ ଥିଲେ। ଠିକ୍ ସମୟରେ ରକ୍ତ ନେଇ ନ ଥିବାରୁ ରକ୍ତ ଅଭାବ ଯୋଗୁ ମୃତ୍ୟୁ ଘଟିଛି।

## ଭକ୍ତଙ୍କଠାରୁ ସୁନା ଲକେଟ୍ ଲୁଟ୍, ୨ ଗିରଫ

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ଚୋରି ଘଟଣାରେ ସିଂହଦ୍ୱାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମାଝୀ ସାହିର ଦୀପକ ମହାନ୍ତି ଓ କୁମ୍ଭାରପଡ଼ା ଥାନା ଅଞ୍ଚଳର ଅକ୍ଷୟ ନାୟକ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ସୁନା ଲକେଟ ଜବତ୍ କରିଛି। ଏନେଇ ପୋଲିସ କେସ୍ ନମ୍ବର ୯୪/୨୬ ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଗତ ୬ ତାରିଖ ଦିନ ନୟାଗଡ଼ ଜିଲାର ସୁଧୀର କୁମାର ମହାରଣା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଇଥିଲେ। ସେ ଆନନ୍ଦବଜାର ଦେଇ ଯାଉଥିବା ବେଳେ ଅଭିଯୁକ୍ତ ପୁଅ ବେକରୁ ସୁନା ଚେନ ଲୁଟି ନେଇଥିଲେ। ସମୟ ଅଭାବରୁ ସେହି ଦିନ ତାଙ୍କ ପରିବାର ସହିତ ଫେରି ଯାଇଥିଲେ। ଶନିବାର ପୁରୀ ଆସି ସିଂହଦ୍ୱାର ପୋଲିସ ଷ୍ଟେଶନରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଆଧାରରେ ତୁରନ୍ତ ମାମଲା ରୁଜୁ କରାଯାଇଥିଲା। ସିଂହଦ୍ୱାର ପୋଲିସର ଏକ ସ୍ୱତନ୍ତ୍ର ଦଳ ସିସି କ୍ୟାମେରା ଖୋଜାଖୋଜି କରିଥିଲେ। ପୋଲିସ ଉଭୟ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା। ରବିବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଓଡ଼ିଆ ଭାଷା ସାହିତ୍ୟ ପାଇଁ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ




ଆଲୋଚନାଚକ୍ରରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ଅନ୍ୟମାନେ ।

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଜିଲା ପ୍ରଶାସନ, ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ସହଭାଗିତାରେ ୟୁଥ୍ ହଷ୍ଟେଲ ପରିସରରେ 'ବନ୍ଦନୀୟ ବରପୁତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଛନ୍ତି, ଆମ ଭାଷା, ସାହିତ୍ୟ, ସଂସ୍କୃତି ଯେତିକି ମହାନ୍ ଓ ସମୃଦ୍ଧ ଏହାକୁ ଗୌରବ କରିବାରେ ଆମ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ। ଭାଷାକୁ ସମୃଦ୍ଧ କରିବାରେ ରୀତିଯୁଗର ପଞ୍ଚସଖା ଓ ସତ୍ୟବାଦୀର ପଞ୍ଚସଖାଙ୍କ ଅବଦାନ ଚିରସ୍ମରଣୀୟ।

ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରତିଭା ବୀରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଅଧିବକ୍ତା ବିନୟ ନୃସିଂହ ମହାପାତ୍ର, ଅଧିବକ୍ତା ରଚିତା ରାଉତରା, ପ୍ରାକ୍ତନ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଏକ ଚମତ୍କାର ଭାଷା। ଏହାର ସୁରକ୍ଷା, ପ୍ରଚାର ପ୍ରସାର ଓ ବ୍ୟାପକ ବ୍ୟବହାର ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି କହିଥିଲେ। ପ୍ରାରମ୍ଭରେ ବିପିନ ବିହାରୀ ଦଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଡ. ହେମନ୍ତ ଛୋଟରାୟ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରଫେସର କାର୍ତ୍ତିକ କୁମାର ଦାସ, ସଦାଶିବ ମିଶ୍ର, ଦେବେନ ଦାଶ, ବିଜୟ କୁମାର ପଣ୍ଡା, ବିଶ୍ୱବନ୍ଧୁ ଦାସ, ସୁବ୍ରତ ଜେନା, ଐଶ୍ୱର୍ଯ୍ୟ ଦାଶ, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ଦାମୋଦର ମହାନ୍ତି, ସୁରେଶ ପଟ୍ଟନାୟକ, ଅନନ୍ତ ପ୍ରଧାନ, ମିନତି ମିଶ୍ର, ପ୍ରଭାସିନୀ ମିଶ୍ର, ମିନତି ପଟ୍ଟନାୟକ, ରଶ୍ମିତା ଦାସ ମହାପାତ୍ର, ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସନ୍ଦୀପ କର୍ମକାର ଧନ୍ୟବାଦ ଦେଇଥିଲେ।

## ୧୨ ଦିନରେ ପହଞ୍ଚିଲା ସଚେତନତା ପଦଯାତ୍ରା

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

### ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ପୁରୀବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ସଚେତନତା ପଦଯାତ୍ରା ୧୨ ଦିନରେ ପହଞ୍ଚିଛି। ପୁରୀ ସହର ଓ ସଦରବାସୀଙ୍କ ଆସ୍ଥା ଓ ଅଧିକାରର ସ୍ୱରକୁ ନେଇ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ପରିସର ନିକଟରେ ସମାପ୍ତ ହୋଇଥିଲା। ପଥେ ପଥେ ଜୟ ଜଗନ୍ନାଥ ଧ୍ୱନି ଓ ଭକ୍ତିଭାବରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ପୂର୍ବପରି ଦର୍ଶନ ବ୍ୟବସ୍ଥା ପାଇଁ ଦାବି ଜୋରଦାର ଉଠିଥିଲା। ଏହି ପଦଯାତ୍ରା ପୁରୀ ସହର ଓ ସଦରବାସୀଙ୍କ ମନରେ ଥିବା ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ଓ ସ୍ୱାଭାବିକ ଅଧିକାରର ଏକ ସଂଯୁକ୍ତ ପ୍ରତୀକ ଭାବେ ପରିଣତ ହୋଇଥିଲା। ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ସୁମିତ୍ରା ବାରିକ, ପ୍ରାନ୍ତସେନି ଜେନା, ରାଧେଶ୍ୟାମ ରଥ, ପ୍ରସନ୍ନ ଦାସ, ସରସ୍ୱତୀ ପାତ୍ର, ଦାଶରଥି ପ୍ରସାଦ ଦାଶ, ବିଦ୍ୟୁଲତା ଆଚାର୍ଯ୍ୟ, ନୀହାରିକା ତ୍ରିପାଠୀ, ଜଗନ୍ନାଥ ମହାନ୍ତି, ରଶ୍ମିରଞ୍ଜନ ପାତ୍ର ଓ ସତ୍ୟ ନାରାୟଣ ସାହୁ ପ୍ରମୁଖ ଭାଗ ନେଇଥିଲେ। ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ଦର୍ଶନ ଅଧିକାର ପୁନଃ ସ୍ଥାପିତ ହେବା ପର୍ଯ୍ୟନ୍ତ ଏହି ସଚେତନତା ଅଭିଯାନ ଜାରି ରହିବ।



ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ପାଇଁ ପଦଯାତ୍ରା ।

## ଗୋପ ବ୍ଲକ ଭାଜପାର କାର୍ଯ୍ୟକାରିଣୀ ବୈଠକ

### ମୁଁ କ୍ଷମତାଲୋଭୀ ନୁହେଁ: ସମୀର

ଗୋପ,୧୨।୪ (ଭାରତୀ ଭୂଷଣ ଉପାଧ୍ୟାୟ)

ମୁଁ ଗୋଟାଏ ନୁହେଁ, ଦୁଇ ଦୁଇଟା ବିଧାୟକଙ୍କୁ ତିଆରି କରିଛି। ମୁଁ ମଧ ୩ଥର ବିଧାୟକ ହେବା ସହ ମନ୍ତ୍ରୀ ହୋଇ ସାଧାରଣ ଲୋକଙ୍କ ସେବା ଦୀର୍ଘ ୪୫ ବର୍ଷ ଧରି କରିଆସୁଛି। ମୁଁ କ୍ଷମତା ଲାଗି ରାଜନୀତିରେ ନାହିଁ ବୋଲି ରବିବାର ପୁରୀ–କୋଣାର୍କ ବେଳାଭୂମି ରାସ୍ତାର ଜୋସେଫ ଗାର୍ଡେନଠାରେ ଅନୁଷ୍ଠିତ ଗୋପ ବ୍ଲକ ଭାଜପାର କାର୍ଯ୍ୟକାରିଣୀ ବୈଠକରେ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉପସ୍ଥିତ ଶତାଧିକ ଦଳୀୟ କର୍ମୀଙ୍କୁ ଏପରି ବାର୍ତ୍ତା ଦେଇଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୋ ନେତୃତ୍ୱରେ ଗୋପ ବ୍ଲକ ଦଖଲ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିଛିଦିନ ଧରି ନିମାପଡ଼ା ନିର୍ବାଚନମଣ୍ଡଳୀରେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ମଧ୍ୟରେ ହେଉଥିବା ଦଳୀୟ କନ୍ଦଳ ଉଗ୍ରରୂପ ନେଇଥିବା ବେଳେ ପଞ୍ଚାୟତ ନିର୍ବାଚନରେ ମୋ ନେତୃତ୍ୱରେ ଓ ମୋ ପ୍ରାର୍ଥୀ ଲଢ଼ିବେ ବୋଲି କହିଛନ୍ତି। ସମୀର ରଞ୍ଜନ ଦାଶ ଦେଶର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ମନମୋହନ ସାମଲ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ ଥିବାବେଳେ ଆମେ ତାଙ୍କ ନେତୃତ୍ୱରେ କାମ କରିବା ବୋଲି କର୍ମୀମାନଙ୍କୁ ସୂଚନା ଦେଇଛନ୍ତି। ଯୁବ ନେତୃତ୍ୱ ତଥା ଏରବଙ୍ଗର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକାରିଣୀ ବୈଠକରେ ନିମାପଡ଼ା– ଗୋପ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ଯୁବ ନେତୃତ୍ୱ ମନ୍‌ଦୀପ ପାଇକରାୟ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ଓ ଦ୍ୱିଜବର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭାଜପା ସରକାର ସମୟରେ ଆମେ ଦଳ ପାଇଁ ଅଲୋଡ଼ା ହୋଇ ରହିଥିବା ବେଳେ ଆଗାମୀ ଦିନରେ ଆମେ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ପୂର୍ବରୁ ଯେପରି ନିର୍ବାଚନ ପରିଚାଳନା ହେଉଥିଲା, ସେହିପରି କରାଯିବ ବୋଲି କହିଥିଲେ। ୧୪ ପଞ୍ଚାୟତରେ ବିକାଶ କେମିତି ହୁଏ ତାହା ଜାଣିପାରୁ ନାହିଁ ବୋଲି କହିବା ସହ ରାସ୍ତାଘାଟ, ପିଇବା ପାଣି, ଆଲୋକୀକରଣ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨ବର୍ଷ ପଛରେ ବୋଲି କହିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମୀର ରଞ୍ଜନ ଦାଶ ୱାର୍ଡ ବୈଠକ ଅନୁଷ୍ଠିତ କରିବା ପାଇଁ ଏକ କମିଟି ଗଠନ କରିଥିବା ବେଳେ ନିଜେ ପ୍ରତି ୱାର୍ଡକୁ ପଦଯାତ୍ରା କରି ତାଙ୍କ ୧୫ ବର୍ଷ ବିଧାୟକତ୍ୱ ସମୟରେ ହୋଇଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଗାଁ ଗାଁରେ ମତବ୍ୟକ୍ତ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ୧୪ଟି ପଞ୍ଚାୟତର ପ୍ରାୟ ୫୦୦ରୁ ଅଧିକ ନେତୃତ୍ୱ, କର୍ମୀ ଉପସ୍ଥିତ ଥିଲେ।




ବୈଠକରେ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

## ସଂକ୍ଷେପରେ

### ଦେଶୀମଦ ଜବତ, ୨ ଗିରଫ



ଚୌଦ୍ୱାର,୧୨।୪(ଆଶୁତୋଷ ଦାସ)

ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ରବିବାର ଚୌଦ୍ୱାର ଥାନା ଅଧୀନ ପଦାଗାଁ ଓ ଗୋଡିପାଟଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭୫ ଲିଟର ଚୋରା ଦେଶୀମଦ ସହିତ ଏକ ସ୍କୁଟିକୁ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛ। ଗିରଫ ଅଭିଯୁକ୍ତମାନେ ହେଲେ ଗୋଡିପାଟଣାର ସୁକାନ୍ତ ଜେନା ଓ ବିଶ୍ୱାନାଥ ସାହୁ। ଅଞ୍ଚଳରେ ଚୋରାମଦ କାରବାର ହେଉଥିବା ଖବର ପାଇ ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା ଓ ରାଜକୃଷ୍ଣ ବିଶ୍ୱାଳ, ସୁନୀଲ ବଳ, ଗୀତାଞ୍ଜଳି ବେହେରାଙ୍କ ଏକ ଟିମ୍ ଚଢ଼ାଉ କରିଥିଲେ।

### ସଭ୍ୟତା ବଢୁଛି, ହେଲେ ସଂସ୍କୃତି କମିବାରେ ଲାଗିଛି

କଣ୍ଟାପଡା,୧୨।୪(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଆଦିକୁଣ୍ଡିସ୍ଥିତ ସେଣ୍ଟ ଜାଭିଏର୍ସ ସିନିୟର ସେକେଣ୍ଡାରି ସ୍କୁଲର ବାର୍ଷିକୋତ୍ସବ କିଡୋ-ଫ୍ରେଜି ୨୦୨୬ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ସଭ୍ୟତା ବଢ଼ିବାରେ ଲାଗିଛି, ହେଲେ ସଂସ୍କୃତି ଓ ସଂସ୍କାର କମିବାରେ ଲାଗିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ସୁବାସ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଓ ଡିଏଭି ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଭୋଳାନାଥ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍କୁଲ ଅଧ୍ୟକ୍ଷ ମିର ଅବଦୁଲ କଲିମ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ବିବେକାନନ୍ଦ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ବିଦ୍ୟାଳୟ, ବ୍ଲକ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଜ୍ୟୋତି ପ୍ରକାଶ ଲେଙ୍କା ଓ ନିର୍ଦ୍ଦେଶିକା ସରିତା ଜୟନ୍ତୀ ଲେଙ୍କା ପରିବହନ ସେବାରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କପିଳେଶ୍ୱର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ କୁନିକୁନି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କ ସ୍ୱରକୁ ଶାଣିତ କରିବ'

କଟକ,୧୨।୪(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ମାଛୁଆ ବଜାରସ୍ଥିତ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଉଛନ୍ତି।

ଲୋକ ସଭା ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦେଶକୁ ଏକ ନୂଆ ଦିଗ ଦେବ। ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କ ସ୍ୱରକୁ ଆହୁରି ଶାଣିତ କରିବ। ପୂର୍ବ ଅପେକ୍ଷା ଏବେ ମହିଳା ଅଧିକ ସଶକ୍ତ ହୋଇଛନ୍ତି। ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି ହୋଇଛନ୍ତି। ଏପରିକି ମହିଳାମାନେ ଏବେ ନୀତି ହିତାଧିକାରୀରୁ ନୀତି ନିର୍ମାତା ବନିବେ ବୋଲି କଟକ ମାଛୁଆ ବଜାରସ୍ଥିତ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି, ୧୯୯୬ରୁ ୨୦୨୩ ସେପ୍ଟେମ୍ବର ଯାଏ ବିଭିନ୍ନ ରାଜନୈତିକ ଦଳ ସରକାରକୁ ଆସିଛନ୍ତି। ଏପରିକି ମହିଳା ସଂରକ୍ଷଣ ନେଇ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ, ହେଲେ କେହି ଏହାକୁ କାର୍ଯ୍ୟକାରୀ କରି ପାରିନାହାନ୍ତି। ଏହି ବିଲକୁ କେବେ ମଞ୍ଜୁରୀ ଦିଆଯାଇ ନ ଥିଲା । କିନ୍ତୁ ନାରୀ ଶକ୍ତି ବନ୍ଦନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେବା ସହ ଭାଜପା ସରକାର ସମୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ସଂସଦରେ ଆସନ୍ତା ୧୬ ରୁ ୧୮ ତାରିଖ ଏହି ଐତିହାସିକ ଆଲୋଚନା କରାଯିବ। ଏହାକୁ ଐତିହାସିକ ଦିନ ଭାବେ ଉତ୍ସବ ରୂପରେ ପାଳନ କରିବା ସହ ସକାରାତ୍ମକ ପରିବେଶ ସୃଷ୍ଟି କରିବାକୁ ସେ ନିବେଦନ କରିଛନ୍ତି। ମହିଳା ମୋଦି ଶାସନର ପ୍ରାଣକେନ୍ଦ୍ର। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳାଙ୍କ ମାଲିକାନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନରେ ଘରେ ଘରେ ପାଇପ ଯୋଗେ ପାନୀୟ ଜଳ, ଜନଧନ ଯୋଜନାରେ ବ୍ୟାଙ୍କ ଖାତା, ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ମହିଳା ସ୍ୱାଭିମାନ ଓ ସଶକ୍ତୀକରଣର ସୁଦୃଢ଼ ମୂଳଦୁଆ ଉପରେ ମାତୃଶକ୍ତି ବନ୍ଦନ ଆଦି ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣର ସୁଦୃଶ୍ୟ ଅଟ୍ଟାଳିକା ଠିଆ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଏଥିରେ ଭାଜପା ନେତ୍ରୀ ପ୍ରତିଭା ଶତପଥୀ, ମଧୁସ୍ମିତା ପ୍ରଧାନ, ପ୍ରବୀଣା ମହାପାତ୍ର, ଗୀତା ଦାସ, ସୁରେଖା ସୁନ୍ଦରୀ ସ୍ୱାଇଁ, ରଶ୍ମି ମହାପାତ୍ର, ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାଇଲେ ୮୦ ହଜାର ଟଙ୍କାର ଲାପଟପ୍

କଟକ,୧୨।୪(କାର୍ତ୍ତିକ ସାହୁ)




ଯାତ୍ରୀଙ୍କୁ ଲାପଟପ୍ ବ୍ୟାଗ୍ ଫେରସ୍ତ କରାଯାଉଛି।

**ଅଟୋ ଡ୍ରାଇଭରଙ୍କ ସାଧୁତା**

କଟକ ରେଳଷ୍ଟେଶନ ଅଞ୍ଚଳରେ ଯାତ୍ରୀ ପରିବହନ କରୁଥିବା ଜଣେ ଅଟୋ ଡ୍ରାଇଭରଙ୍କ ସାଧୁତା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ଅଟୋରେ ଯାଉଥିବା ବେଳେ ଜଣେ ବ୍ୟକ୍ତି ଭୁଲବଶତଃ ଛାଡ଼ି ଯାଇଥିବା ୮୦ ହଜାର ଟଙ୍କାର ଏକ ଲାପଟପ୍ ବ୍ୟାଗ୍ ସେ ଆର୍‌ପିଏଫ୍‌କୁ ହସ୍ତାନ୍ତର କରି ନିଜ ମହାନତାର ପରିଚୟ ଦେଇଛନ୍ତି। ଅଟୋ ଡ୍ରାଇଭର ଜଣକ ହେଲେ ଗଣେଶ ସ୍ୱାଇଁ।

ସୂଚନାନୁସାରେ, ଚିତ୍ତରଞ୍ଜନ ପାଣି ନାମକ ବ୍ୟକ୍ତି ନିଜ ସାଙ୍ଗମାନଙ୍କ ସହ ହାଓଡ଼ାରୁ ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ (ନଂ-୧୨୦୭୩)ରେ ଆସି ଶନିବାର କଟକ ରେଳଷ୍ଟେଶନରେ ଓହ୍ଲାଇଥିଲେ। ସେମାନେ ବାହାରକୁ ଆସିବା ପରେ ଷ୍ଟେଶନର ପୂର୍ବ ପାର୍ଶ୍ୱ ଫାଟକ ନିକଟରୁ ଏକ ଅଟୋ ଭଡ଼ା କରି ଗନ୍ତବ୍ୟସ୍ଥଳକୁ ଯାଇଥିଲେ। କୌଣସି କାରଣବଶତଃ ସେ ତାଙ୍କ ଲାପଟପ୍ ବ୍ୟାଗଟିକୁ ଅଟୋରେ ଛାଡ଼ି ଯାଇଥିଲେ। ସେଥିରେ ଗୋଟିଏ ଲାପଟପ୍ ଓ ଗୋଟିଏ ଆପଲ ଆଇପୋଡ୍ ରହିଥିଲା, ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ। ତେବେ ଏ ବାବଦରେ ଅଟୋ ଡ୍ରାଇଭର ଅବଗତ ନ ଥାଇ ସେମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ପୁଣି ଷ୍ଟେଶନକୁ ଫେରିଥିଲେ। ଅଟୋ ଡ୍ରାଇଭର ଗଣେଶ ଓ ଅନ୍ୟ ଜଣେ ଅଟୋରେ ବ୍ୟାଗ୍‌ଟି ଥିବା ଦେଖିଥିଲେ। ସେମାନେ ତୁରନ୍ତ ବ୍ୟାଗ୍‌ଟିକୁ କଟକ ଆର୍‌ପିଏଫ୍ ପୋଷ୍ଟରେ ଜମା କରିଦେଇଥିଲେ। ଏହି ସମୟ ମଧ୍ୟରେ ଯାତ୍ରୀ ଜଣକ ଲାପଟପ୍ ବ୍ୟାଗ ହଜାଇ ଦେଇଥିବା ଜାଣିବା ପରେ ସେ ରାତି ପ୍ରାୟ ୮ଟାରେ ରେଳଷ୍ଟେଶନ ପୂର୍ବ ଫାଟକ ନିକଟରେ ପହଞ୍ଚିଥିଲେ। ସେ ସେଠାରେ ଥିବା ଅଟୋଷ୍ଟାଣ୍ଡରେ ହଜେଇଥିବା ବ୍ୟାଗକୁ ଖୋଜିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଟୋ ଡ୍ରାଇଭର ଗଣେଶ ବ୍ୟାଗ୍‌ଟିକୁ ଆର୍‌ପିଏଫ୍ ପୋଷ୍ଟରେ ଜମା କରିଦେଇଥିବା ତାଙ୍କୁ କହିଥିଲେ। ପରେ ଯାତ୍ରୀ ଜଣକ ଆର୍‌ପିଏଫ୍ ପୋଷ୍ଟକୁ ଯାଇ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିଥିଲେ। ଆର୍‌ପିଏଫ୍ ପୋଷ୍ଟ ପକ୍ଷରୁ ସତ୍ୟାସତ ତନଖି କରାଯିବା ପରେ ସମ୍ପୃକ୍ତ ଅଟୋ ଡ୍ରାଇଭରଙ୍କ ଉପସ୍ଥିତିରେ ଯାତ୍ରୀଙ୍କୁ ତାଙ୍କ ହଜିଥିବା ଲାପଟପ୍ ବ୍ୟାଗ୍ ହସ୍ତାନ୍ତର କରାଯାଇଥିଲା। ଅଟୋ ଡ୍ରାଇଭରଙ୍କ ଏଭଳି ସାଧୁତାକୁ ଉପସ୍ଥିତ ସମସ୍ତେ ବହୁ ଭାବେ ପ୍ରଶଂସା କରିଥିଲେ। ଏଭଳି ସାଧୁ କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିବ ବୋଲି ମତପ୍ରକାଶ ପାଇଥିଲା।

## ଜୀବିତ ବ୍ୟକ୍ତି ଆଧାର କାର୍ଡରେ ମୃତ

**ଓସିଏସି ଯାଇ ନିରାଶ ହୋଇ ଫେରିଲେ**

କଟକ ସଦର,୧୨।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମହିଳା, ପୁରୁଷଙ୍କ ପାଖକୁ ଗତ ୮ ତାରିଖରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଯୋଗାଣ ବିଭାଗରୁ ମେସେଜ ଆସିଥିଲା। ଏଥିରେ ସେହି ବ୍ୟକ୍ତିମାନେ ମୃତ ହୋଇଥିବାରୁ ସେମାନଙ୍କ ଆଧାର କାର୍ଡ କାଟି ଦିଆଯାଇଥିଲା। ଫଳରେ ଶହ ଶହ ଲୋକ କଟକ ସଦର ବିଡିଓଙ୍କୁ ଦେଖା କରିଥିଲେ। ଭୁବନେଶ୍ୱର ଯାଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର୍‌ରେ ଆଧାର କାର୍ଡ ପୁନଃପଞ୍ଜୀକରଣ ପାଇଁ କୁହାଯାଇଥିଲା। ପରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ କେତେଜଣ ମହିଳା ଓ ଛାତ୍ରୀଙ୍କୁ ଭୁବନେଶ୍ୱର ଓସିଏସି ସେଣ୍ଟରକୁ ଯାଇଥିଲେ। କଟକ ସଦର ଅଞ୍ଚଳର ମାତ୍ର ୧୫ଜଣଙ୍କୁ ଆଧାର ଫଟୋ ଉଠାଇବା ଓ ବାୟୋମେଟ୍ରିକ କରାଯାଇଥିଲା। ମାତ୍ର ସେମାନେ ଘରେ ନ ପହଞ୍ଚୁଣୁ ଡେମୋଗ୍ରାଫି ପାଇଁ ଆଧାରକୁ ଅଗ୍ରାହ୍ୟ କରିଦିଆଗଲା ବୋଲି ମୋବାଇଲକୁ ମେସେଜ ଆସିଲା। ଆଧାର ସଂଖ୍ୟା ୯୧୨୫୬୬୯୧୬୮୭୬ରେ ଜଣେ ମହିଳା ଏହି ମେସେଜ ପାଇବା ପରେ ପୁଣି କମ୍ପ୍ୟୁଟର କେନ୍ଦ୍ରକୁ ଫେରିଥିଲେ। ମାତ୍ର କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନ ଥିଲା। ଶେଷରେ ୨ ମାସ ପରେ ଆଉ ଥରେ ଆସିବା ପାଇଁ ୧୫ଜଣଙ୍କୁ କୁହାଯାଇଥିଲା। ଏହି ସମୟରେ କମ୍ପ୍ୟୁଟର କେନ୍ଦ୍ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟିବା ପାଇଁ ନାୟକ ଚେଷ୍ଟା କରି ବିଫଳ ହେଲେ। କେଉଁ ସୂତ୍ରକୁ ସୂଚନା ପାଇ ଆଧାର କାର୍ଡଧାରୀଙ୍କୁ ମୃତ ଘୋଷଣା କରିଦିଆଯାଇଛି ଏହାର ତଦନ୍ତ ଆବଶ୍ୟକତା ରହିଛି। ଯେଉଁମାନଙ୍କ ଆଧାର ସମ୍ପୂର୍ଣ୍ଣ କଟିଗଲା, ସେମାନେ ରାଶନ କାର୍ଡ ଚାଉଳ, ବ୍ୟାଙ୍କରୁ ଟଙ୍କା ଉଠାଇ ପାରିବେ ନାହିଁ। ଥରେ କାର୍ଡ କାଟିଲେ ଏହାର ସଂଶୋଧନ କେବଳ ଭୁବନେଶ୍ୱରରେ ହୋଇପାରୁଛି। ପ୍ରାଧିକୃତ ଜନସେବା କେନ୍ଦ୍ର ଏହି ସଂଶୋଧନ କରିବା ପାଇଁ କ୍ଷମତା ପାଇନାହାନ୍ତି।

## ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସୁରକ୍ଷିତ ମାତୃତ୍ୱ ଦିବସ




ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୧୨।୪(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଶିଶୁ ଓ ମା'ର ଯତ୍ନ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବହିର୍ବିଭାଗରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମା' ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସମ୍ବନ୍ଧରେ ଉପସ୍ଥିତ ପ୍ରସୂତିଙ୍କୁ ଅବଗତ କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ହସ୍ପିଟାଲର ନିର୍ଦ୍ଦେଶକ (କ୍ଲିନିକାଲ) ଡା. ପ୍ରମୋଦ କୁମାର ମିଶ୍ର, ନର୍ସିଂ ସ୍କୁଲର ସହକାରୀ 'ଡିନ୍' ଏନ୍. ପ୍ରେମଲତା ଦେବୀ, ସହକାରୀ ପ୍ରାଧାପିକା ସଙ୍ଗୀତା ନାୟକ ଏବଂ ବିଏସ୍‌ସି (ନର୍ସିଂ) ଷଷ୍ଠ ସେମିଷ୍ଟାର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସିଏମ୍ ଟ୍ରଫି ଫୁଟବଲ: ପ୍ରାଚୀ ନୋଡାଲ, ବ୍ରାଇଟ୍ ଷ୍ଟାର ବିଜୟୀ

କଟକ,୧୨।୪(କୁମାରଶ୍ରୀ)

ସିଏମ୍ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଦୁଇ ମ୍ୟାଚ୍‌ରେ ପ୍ରାଚୀ ନୋଡାଲ୍ ଏକାଡେମୀ ଏବଂ ଇଲେଭେନ ବ୍ରାଇଟ୍ ଷ୍ଟାର ଦଳ ବିଜୟୀ ହୋଇଛନ୍ତି। ସ୍ଥାନୀୟ ସତ୍ୟବ୍ରତ ଗ୍ରାଉଣ୍ଡରେ ବାଳିକା ବର୍ଗର ମ୍ୟାଚ୍‌ରେ କାଜିବଜାର ହାଇସ୍କୁଲ ଏବଂ ପିଏମ୍ ଶ୍ରୀ ପ୍ରାଚୀ ନୋଡାଲ ଏକାଡେମୀ ଭିତରେ ମୁକାବିଲା ହୋଇଥିଲା। ଏଥିରେ ୧-୦ ଗୋଲ୍‌ରେ ପ୍ରାଚୀ ନୋଡାଲ ଏକାଡେମୀ ସହଜ ବିଜୟ ହାସଲ କରିଥିଲା। ସନ୍ଧ୍ୟାରେ ବାଳକ ବର୍ଗର ମ୍ୟାଚ୍‌ରେ ରୋହିତ ଫୁଟବଲ ଏକାଡେମୀକୁ ଭେଟିଥିଲା ଇଲେଭେନ ବ୍ରାଇଟ ଷ୍ଟାର ଦଳ। ଏଥିରେ ବ୍ରାଇଟ ଷ୍ଟାର ପ୍ରାଧାନ୍ୟ ବିସ୍ତାର କରି ୪-୦ ଗୋଲ୍‌ର ଏକତରଫା ବିଜୟ ହାସଲ କରିଥିଲା।

## ୧୮, ୧୯ରେ ଚୌଦ୍ୱାରରେ ବିରାଟ ମହୋତ୍ସବ




ଖବରଦାତା ସମ୍ମିଳନୀରେ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଚୌଦ୍ୱାର,୧୨।୪(ଆଶୁତୋଷ ଦାସ)

ଚୌଦ୍ୱାରରେ ଅନୁଷ୍ଠିତ ହେବାକୁ ଯାଉଛି ବିରାଟ ମହୋତ୍ସବ। ବିରାଟ ମହୋତ୍ସବ ସମିତି ପକ୍ଷରୁ ଆସନ୍ତା ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଏହି ମହୋତ୍ସବ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ପୌର ଟାଉନହଲରେ ଅନୁଷ୍ଠିତ ହେବ ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପୂର୍ବରୁ ଏହା କପାଳେଶ୍ୱରସ୍ଥିତ ଖେଳପଡିଆରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବା ବେଳେ ବିଭିନ୍ନ କାରଣକୁ ନେଇ ସ୍ଥାନ ପରିବର୍ତ୍ତନ କରାଯାଇଛି। ଏଥି ନିମନ୍ତେ ସମସ୍ତ ଚୌଦ୍ୱାର ନଗରବାସୀ ସାହାଯ୍ୟ ଓ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଶ୍ରୀକାନ୍ତ ପାକଳ, ସୁରେଶ କୁମାର ରାଉତରାୟ, ବିଷ୍ଣୁଚରଣ ପରିଡା, ସୁବାସ ଦଳାଇ, ନାରାୟଣ ସ୍ୱାଇଁ, ପ୍ରଦ୍ୟୁମ୍ନ ତରାଇ, କଲିମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ



ମଙ୍ଗୁଳି-ଜଗତପୁର,୧୨।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭୟରପୁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଟେଟ୍ରାହେଡ୍ରନ ଏଜୁକେଶନାଲ ଟ୍ରଷ୍ଟ, ଟାଙ୍ଗୀ ଓ ରଘୁନାଥଜୀଉ କ୍ଲବ, ଭୟରପୁର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଯୁବ ରେଡ୍‌କ୍ରସ କଟକ ଜିଲା ସଂଯୋଜିକା ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଶ୍ରୀରାମ ମନ୍ଦିର କମିଟି ପକ୍ଷରୁ ବଂଶୀଧର ମହାନ୍ତି, ବିଜୟ କୁମାର ମହାପାତ୍ର, ହେମନ୍ତ କୁମାର ଓଝା, ଦିଲୀପ କୁମାର ସାହୁ ପ୍ରମୁଖ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ଜଣ ରକ୍ତଦାନ କରିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ କେନ୍ଦ୍ର କଟକ ପକ୍ଷରୁ ଅରୁଣ ଖୁଣ୍ଟିଆ, ସୁନିଲ ଖଣ୍ଡାଇ, ବିଜୟ ସ୍ୱାଇଁ, ପ୍ରକାଶ ମଲ୍ଲିକ ଓ କୀର୍ତ୍ତନ ବହିଦାର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରଘୁନାଥଜୀଉ କ୍ଲବ ସଭାପତି ରତି ରଞ୍ଜନ ସାହୁ ଓ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଶ୍ୱରଞ୍ଜନ ସାହୁ, ଲିଲିବାଳା ମହାନ୍ତି, ପ୍ରକାଶ ପ୍ରଧାନ, ଧନଞ୍ଜୟ ବେହେରା, ରଞ୍ଜିତ ବେହେରା, ପ୍ରଭାତ ରଞ୍ଜନ ମହାନ୍ତି, ସନ୍ଦୀପ ମହାପାତ୍ର, ସଂଗ୍ରାମ ବେହେରା, ବଳରାମ ସାହୁ, ସୌମ୍ୟ ରଞ୍ଜନ ସାହୁ, ଶୁଭମ୍ ଜ୍ୟୋତି ସାହୁ ଓ ଗୌରବ କୁମାର ସାହୁଙ୍କ ସହ ରଘୁନାଥଜୀଉ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଚିତ୍ରଭୂମି ଆର୍ଟ ଏକାଡେମୀ ଉଦ୍‌ଘାଟିତ

କଟକ ସଦର,୧୨।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଶ୍ରୀରାମଠାରେ ରବିବାର ଚିତ୍ରଭୂମି ଆର୍ଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଏକାଡେମୀରେ ସ୍ଥାନୀୟ ଅଞ୍ଚଳର କୁନି ପ୍ରତିଭାମାନେ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ଶିକ୍ଷା କରି ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରି ପାରିବେ। ଛୋଟ ପିଲାମାନେ ମୋବାଇଲ ଛାଡ଼ି କଳା ପ୍ରତି ଆକୃଷ୍ଟ କରିବା ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନକୁ ଡ. ରୁଦ୍ର ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟ କୁଜଙ୍ଗର ଅଧ୍ୟକ୍ଷା ଡ. ବନପ୍ରଭା ପରିଡା, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅନିଲ ଦାସ ଯୋଗଦେଇଥିଲେ। ଅନୁଷ୍ଠାନ ପରିଚାଳକ ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନ ନିର୍ଦ୍ଦେଶକ ଶିକ୍ଷାବିତ ଶ୍ୟାମ ସୁନ୍ଦର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ଚିତ୍ରଭୂମି ଆର୍ଟ ଏକାଡେମୀ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।




## ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ସର୍ବସମ୍ମୁଖକୁ ଆଣିବାକୁ ଗୁରୁତ୍ୱ

କଟକ,୧୨।୪(ଶିଳ୍ପା ପ୍ରିୟଦର୍ଶିନୀ)



୧୭ତମ ରାଜ୍ୟସ୍ତରୀୟ ବିବିଧ ପ୍ରତିଭା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର।

**୧୭ତମ ରାଜ୍ୟସ୍ତରୀୟ ବିବିଧ ପ୍ରତିଭା ପ୍ରତିଯୋଗିତା**

କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୭ତମ ସାତସାହି କଟକ ନୃତ୍ୟୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ବିବିଧ ପ୍ରତିଭା ପ୍ରତିଯୋଗିତା ସେକେଣ୍ଡାରି ବୋର୍ଡ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୌମିତ୍ର ଲେଙ୍କା, ହିନ୍ଦୁ ସେନାର ରାଜ୍ୟ ସଭାପତି ଯୁବ ସମାଜସେବୀ ଦେବାଶିଷ ରାଉତ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ କହିଛନ୍ତି। ପ୍ରତିଯୋଗିତାରେ ମିନି ସବ୍‌ଜୁନିୟର, ଜୁନିୟର, ସିନିୟର ଓ ସୁପର ସିନିୟର ବିଭାଗରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାସହ କୃତୀ ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ବାଲିଯାତ୍ରା ଡଳ ପଡିଆରେ ଆସନ୍ତା ମେ' ୧୩ରୁ ୨୪ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ୧୭ତମ ସାତସାହି କଟକ ନୃତ୍ୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଉଲ୍ଲାସ ସେନ, ଡା. ଦୁର୍ଗା ଚରଣ ଦାଶ, ସବିତା ମହାନ୍ତି, ରଶ୍ମିରଞ୍ଜନ ତ୍ରିପାଠୀ, ପଦ୍ମାଳୟା ବ୍ରାହ୍ମଚାରୀ, ସୁଶାନ୍ତ ପାତ୍ର, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ, ବିଶ୍ୱଜିତ ସେନାପତି, ସତ୍ୟ ପ୍ରସାଦ ବଳସାମନ୍ତ, ଅମୀର ଖାନ, ସନ୍ଦୀପ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# କାଳବୈଶାଖୀକୁ ଦୋଷ ଦେଲା ପୋଲିସ ମୁଖ୍ୟାଳୟ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

**ଥାନା ସିସିଟିଭି ଅଚଳ ଘଟଣା**

- ବଜ୍ରପାତ, ଝଡ଼ ବର୍ଷା ପ୍ରଭାବରେ ସାମୟିକ ଅଚଳ ହୋଇଛି
- ଅଚଳ ଥିଲେ ଜଣାଇବାକୁ ଏସ୍‌ପି, ଡିସିପିଙ୍କୁ କୁହାଯାଇଛି



ରାଜ୍ୟର ୨୬ ଥାନା ଓ ୩୨ ଫାଣ୍ଡିରେ ସିସିଟିଭି କ୍ୟାମେରା ନାହିଁ। ସେହିଭଳି ୨୯୭ଟି ଥାନା ଓ ୨୭ ଫାଣ୍ଡିରେ ସିସିଟିଭି ଅଚଳ ହୋଇପଡ଼ିଛି। ଏଥିସହ ବହୁ ଥାନା ସମ୍ପୂର୍ଣ୍ଣ ଅଫ୍‌ଲାଇନ୍‌ରେ ରହିଛି। ହେଲେ ଥାନାରେ ଲାଗିଥିବା ସିସିଟିଭି ଅଚଳ ହେବା ଏବଂ କ୍ରାଇମ୍ ଆଣ୍ଡ୍ କ୍ରିମିନାଲ ଟ୍ରାକିଙ୍ଗ୍ ନେଟ୍‌ୱର୍କିଂ ସିଷ୍ଟମ (ସିସିଟିଏନ୍‌ଏସ୍) କାମ ନ କରିବା ପ୍ରସଙ୍ଗକୁ ନେଇ ଓଡ଼ିଶା ପୋଲିସ ମୁଖ୍ୟାଳୟ ଅଜବ ଯୁକ୍ତି ବାଢ଼ିଛି। ସବୁଦୋଷ କାଳବୈଶାଖୀ ଉପରେ ଲଦି ଦେଇ ନିଜ ସହ ଓକାକ ଏବଂ ସିସିଟିଭି ଲଗାଇବା ଓ ପରିଚାଳନା ଦାୟିତ୍ୱ ନେଇଥିବା ମୁମ୍ବାଇ ସଂସ୍ଥାକୁ ଜନମାନସରେ କ୍ଲିନ୍ ସାର୍ଟିଫିକେଟ ଦେବାକୁ ଚେଷ୍ଟା କରୁଛି। ଥାନାରେ ସିସିଟିଭି ଓ ସିସିଟିଏନ୍‌ଏସ୍ ସ୍ଥାପନରେ ବଡ଼ ଧରଣର ଦୁର୍ନୀତି ନେଇ ଅଭିଯୋଗ ଉଠୁଥିବାରୁ ପୋଲିସ ମୁଖ୍ୟାଳୟର ସ୍ପଷ୍ଟୀକରଣ ଆଉଏକ ସନ୍ଦେହ ସୃଷ୍ଟି କରୁଛି।

ରବିବାର ଦିଆଯାଇଥିବା ସ୍ପଷ୍ଟୀକରଣରେ ଉଲ୍ଲେଖ ରହିଛି ଯେ, ବିଗତ କିଛିଦିନ ଧରି ରାଜ୍ୟର କିଛି ସ୍ଥାନରେ ବାରମ୍ବାର କାଳବୈଶାଖୀ ଯୋଗୁ ବଜ୍ରପାତ ଓ ଝଡ଼ବର୍ଷା ପ୍ରଭାବରେ କିଛି ଥାନାରେ ସିସିଟିଭି କ୍ୟାମେରା ସାମୟିକ ଭାବେ ଖରାପ ହୋଇଥିବା ଖବର ପ୍ରାପ୍ତହୋଇଛି। ଏହି ସମ୍ପର୍କରେ ପ୍ରତିଦିନ ଜିଲା ଏସ୍‌ପିମାନଙ୍କ ତରଫରୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ)କୁ ଅବଗତ କରାଯାଇ ଖରାପ ଥିବା ସିସିଟିଭିଗୁଡିକୁ ତୁରନ୍ତ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ୬୪୫ଟି ଥାନା ଓ ୨୯୫ଟି ଫାଣ୍ଡି ମଧ୍ୟରୁ ୨୬୩ଟିରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ ସଫଳତାର ସହିତ ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଖରାପ ହୋଇଥିବା କ୍ୟାମେରା ସମ୍ପର୍କରେ ରିପୋର୍ଟ ମିଳିଲେ ୨୪ ଘଣ୍ଟା ମଧ୍ୟରେ ସେଗୁଡିକୁ ପୁନଃ ସଚଳ କରାଯିବାକୁ ଓକାକକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସିସିଟିଭି ବ୍ୟବସ୍ଥାକୁ ନିୟମିତ ନିରୀକ୍ଷଣ କରାଯାଉଛି ଏବଂ ପ୍ରାଥମିକତା ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ଥାନା ଇନ୍ସପେକ୍ଟରଙ୍କ ମାଧ୍ୟମରେ ସମସ୍ତ ସିସିଟିଭି କ୍ୟାମେରା ସଦା ସଚଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଏବଂ ଖରାପ ହୋଇଥିଲେ ତୁରନ୍ତ ରିପୋର୍ଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି।

କିନ୍ତୁ ବାସ୍ତବରେ ସ୍ଥିତି ପୂରା ଅଲଗା। ଥାନାରେ ସିସିଟିଭି ଅଚଳ ହେଲେ ଥାନା ଇନ୍ସପେକ୍ଟର ଏସ୍‌ପିଙ୍କୁ ଜଣାଉଛନ୍ତି। ଏସ୍‌ପି ଓକାକଙ୍କୁ ଜଣାଇବା ପରେ ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗଜପତି ଏବଂ କନ୍ଧମାଳ ଜିଲାରେ କାର୍ଯ୍ୟରତ କେତେଜଣ ଇନ୍ସପେକ୍ଟର କହିଛନ୍ତି, ସିସିଟିଭି ଅଚଳ ହେଲେ ସଜାଡ଼ିବାକୁ ଜଣାଇଲେ ମଧ୍ୟ କିଛି ହେଉନାହିଁ। ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ଯେଉଁମାନେ ମେଣ୍ଟେନାନ୍ସ ପାଇଁ ଠିକା ନେଇଛନ୍ତି ସେମାନେ ମନମାନି କରୁଛନ୍ତି। ଉପାନ୍ତ ଅଞ୍ଚଳର ଥାନା କଥା ଛାଡନ୍ତୁ, ରାଜଧାନୀରେ ମଧ୍ୟ ଥାନା ସିସିଟିଭି ଅଚଳ ହେଲେ ସଜାଡ଼ିବାକୁ ବହୁଦିନ ଲାଗୁଛି। ଏଭଳି ଅବହେଳା କରୁଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଆମକୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡନ୍ତା ନାହିଁ ବୋଲି ଜଣେ ଇନ୍ସପେକ୍ଟର କହିଛନ୍ତି।




ସୁରଭି ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଜାତୀୟସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ 'ଏକାମ୍ର ନୃତ୍ୟ ମହୋତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

# ଶିକ୍ଷକ ବଦଳି ପୋର୍ଟାଲ ଖୋଲିବାକୁ ଏନ୍‌ପିଏସ୍ ଶିକ୍ଷକ ସଂଘର ଅନୁରୋଧ

ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

୨୦୨୬–୨୭ ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ହେଲେ ଏଯାଏ ୨୦୨୫–୨୬ ଶିକ୍ଷାବର୍ଷର ମାଧ୍ୟମିକ ଶିକ୍ଷକ ବଦଳି ପ୍ରକ୍ରିୟା ଶେଷ ହୋଇ ନ ଥିବା ବେଳେ ଚଳିତବର୍ଷର ବଦଳି ପୋର୍ଟାଲ ଖୋଲିନାହିଁ। ପ୍ରତିବର୍ଷ ଫେବୃଆରୀରେ ଅନ୍‌ଲାଇନ ବଦଳି ପୋର୍ଟାଲ ଖୋଲିବ ଏବଂ ଜୁନ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଏହାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ ବୋଲି ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପ୍ରତିବର୍ଷ ସମୟସୀମା ନିର୍ଦ୍ଦିଷ୍ଟ ଥିଲେ ମଧ୍ୟ ବଦଳି ପ୍ରକ୍ରିୟା ବିଳମ୍ବ ହେଉଛି। ଏହା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦୈନନ୍ଦିନ ଜୀବନରେ ବହୁ ପ୍ରଭାବ ପକାଉଛି। ଅନେକ ଶିକ୍ଷକ ନିଜ ଘରୁ ୫୦୦ରୁ ୬୦୦ କି.ମି. ଦୂରରେ କାର୍ଯ୍ୟରତ ଥିବାରୁ ବୟସ୍କ ଓ ରୋଗୀ ମାତାପିତାଙ୍କୁ ଛାଡ଼ି ରହିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନେ ଗଭୀର ମାନସିକ ଚାପ ଓ ପରିବାରିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ଦୁର୍ବାର ଛାତ୍ର ଆନ୍ଦୋଳନର ଆହ୍ୱାନ ଦେଲା ଏଆଇଡିଏସ୍‌ଓ

ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

**ଉଚ୍ଚଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧିକୁ ବିରୋଧ**

ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ହେଲେ ଆରମ୍ଭରୁ ଏହାକୁ ବିଭିନ୍ନ ଛାତ୍ର ସଙ୍ଗଠନ ବିରୋଧ କରୁଛି। ଅନ୍ୟତମ ପ୍ରମୁଖ ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ଏହାକୁ ଚରମ ଛାତ୍ର–ଶିକ୍ଷକ ସ୍ୱାର୍ଥ ବିରୋଧୀ ବୋଲି କହିବା ସହ ରାଜ୍ୟ ସରକାରଙ୍କ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛି। ସଂଗଠନର ଓଡ଼ିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା ସହିତ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରିବାକୁ ଦାବି କରିଛନ୍ତି। ଏଥିସହ ଦୁର୍ବାର ଛାତ୍ର ଆନ୍ଦୋଳନ ପାଇଁ ସେମାନେ ଆହ୍ୱାନ ଦେଇଛନ୍ତି।

ସୋମନାଥ କହିଛନ୍ତି, ରାଜ୍ୟରେ ନୂଆ ସରକାର ଆସିବା ପରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଆହୁରି ଚରମ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଛି। ଶିକ୍ଷା ଓ ସଭ୍ୟତା ବିରୋଧୀ ଜାତୀୟ ଶିକ୍ଷା ନୀତି–୨୦୨୦କୁ ଲାଗୁ କରିବା ଦିନରୁ ପାଠପଢ଼ାଠାରୁ ଆରମ୍ଭ କରି ପରୀକ୍ଷା ଓ ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ହଜାର ହଜାର ସଂଖ୍ୟାରେ ପ୍ରଫେସର, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଅନ୍ୟପଟେ ଫି' ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫଫାଇନାନ୍ସରେ ପରିଣତ କରିବା, ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବରେଟୋରି ଅବ୍ୟବସ୍ଥା, ଗବେଷଣାରେ ଅନୁଦାନ ହ୍ରାସ ଭଳି ବହୁବିଧ ସମସ୍ୟା ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାକୁପଡୁଛି। ରାଜ୍ୟ ସରକାର ଗୋଟିଏ ପଟେ ଛାତ୍ରସଂସଦ ନିର୍ବାଚନକୁ ବନ୍ଦ କରି ରଖିଥିବାବେଳେ ଅନ୍ୟପଟେ ହିଟଲରୀ ଶାସନ ସମ ଅତ୍ୟନ୍ତ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

# ୧୮ରେ କିଟ୍‌ରେ 'ଫେମିନା ମିସ୍ ଇଣ୍ଡିଆ' ଗ୍ରାଣ୍ଡ୍ ଫିନାଲେ

ଭୁବନେଶ୍ୱର,୧୨।୪
(ଅନୁରାଧା ମହାରଣା)

ଆସନ୍ତା ୧୮ ତାରିଖରେ ପ୍ରଥମଥର କିଟ୍‌ରେ ଅନୁଷ୍ଠିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆର ଗ୍ରାଣ୍ଡ୍ ଫିନାଲେ। ଏଥିପାଇଁ ସାରା ଦେଶରୁ ଯୋଗ୍ୟତା ଅର୍ଜନ କରିଥିବା ୩୦ଜଣ ରାଜ୍ୟ ବିଜେତା ରବିବାର କ୍ୟାମ୍ପସରେ ପହଞ୍ଚିଛନ୍ତି। ଏହି ଅବସରରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲର ମହାନିର୍ଦ୍ଦେଶକ ଏସ୍. ଏସ୍. ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗର ସହମତିକ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍‌ରେ ସମୟ ବିତାଇବେ। କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ଏହା ବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ। ସେହିପରି ୧୪ ତାରିଖରେ ଏହି ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରାରେ ଓଡ଼ିଆ ନବବର୍ଷ ପାଳନ କରିବେ।




'ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ'ରେ ଯୋଗଦେବାକୁ ଆସିଥିବା ରାଜ୍ୟ ବିଜେତାଙ୍କୁ ରବିବାର କିଟ୍ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଜୟନ୍ତ



@ କରୁଣା



@ ଚିକୁନ୍



@ ପ୍ରଦୀପ୍ତ



@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କୁ ସମ୍ମାନ ଦେଉଥିବା ସମାଜ ଶକ୍ତି, ମର୍ଯ୍ୟାଦା ସହ ଅଗ୍ରଗତି କରେ

ଭୁବନେଶ୍ୱର,୧୨।୪(ସୁଚିସ୍ମିତା ସାହୁ)

ମହିଳା ସଶକ୍ତୀକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ। ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଓ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ। ମହିଳାମାନେ ପରିବାରର ଭିତ୍ତିକ ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନଭୂତିଶୀଳ ଓ ପ୍ରଗତିଶୀଳ ସମାଜର ନୀରବ ସ୍ଥପତି। ଆଜିର ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛନ୍ତି। ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଏବଂ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି।

ରବିବାର ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଏହି ରୂପାନ୍ତରଣ ରାଜ୍ୟ ଓ କେନ୍ଦ୍ରସ୍ତରରେ ପ୍ରଗତିଶୀଳ ନୀତି ଏବଂ ଦୂରଦର୍ଶୀ ନେତୃତ୍ୱ ଦ୍ୱାରା ସମ୍ଭବ ହୋଇପାରିଛି। ମହିଳାମାନେ ଆର୍ଥିକ, ସାମାଜିକ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କଲେ ହିଁ ସମାବେଶୀ ବିକାଶ ସମ୍ଭବ। ମହିଳା ନେତୃତ୍ୱାଧୀନ ବିକାଶ ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଦ ଟାଇମ୍ସ ଅଫ୍ ଇଣ୍ଡିଆ ଭୁବନେଶ୍ୱରର ରେସପନ୍ସ ହେଡ୍ ପ୍ରଜ୍ଞାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ଓ ବ୍ୟୁରୋ ଚିଫ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଥରି ଉଠୁଥିଲା ଜାହାଜ, ମୁଣ୍ଡ ଉପରେ ଯାଉଥିଲା କ୍ଷେପଣାସ୍ତ୍ର'

କଟକ,୧୨।୪(କୁମାରଶ୍ରୀ)

**ହର୍ମୁଜ ପ୍ରଣାଳୀରୁ ଫେରିଲେ ନାବିକ ଅଶୋକ**



ଅଶୋକ ଦୀକ୍ଷିତ

ମଧ୍ୟପ୍ରାଚ୍ୟ ଯୁଦ୍ଧର ବିଭୀଷିକା ଭିତରୁ ସୁରକ୍ଷିତ ଭାବେ କଟକ ଫେରିଛନ୍ତି ଓଡ଼ିଆ ନାବିକ ଅଶୋକ ଦୀକ୍ଷିତ। ଏକ କମ୍ପାନୀ ପକ୍ଷରୁ ଜାହାଜ ନେଇ ଏଲ୍‌ଏନ୍‌ଜି (ଲିକ୍ୟୁଫାଏଡ୍ ନ୍ୟାଚୁରାଲ ଗ୍ୟାସ) ଏବଂ ଏଲ୍‌ପିଜି (ଲିକ୍ୟୁଫାଏଡ ପେଟ୍ରୋଲିୟମ ଗ୍ୟାସ୍) ଆଣିବାକୁ ସାଉଦିଆରବ ଯାଇଥିବା ବେଳେ ହର୍ମୁଜ ପ୍ରଣାଳୀରେ ଫସି ରହିବା ସମୟର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତକୁ ବଖାଣିଛନ୍ତି ନାବିକ ଅଶୋକ। ପ୍ରତି କ୍ଷଣରେ ଜୀବନ ଯିବାର ଭୟ ରହିଥିଲା। ମୁଣ୍ଡ ଉପରେ ଅତିକ୍ରମ କରୁଥିବା କ୍ଷେପଣାସ୍ତ୍ର ଦେଖି ଘରକୁ ଆଉ ନ ଫେରିବା ଆଶଙ୍କା ଥିଲା। କ୍ଷେପଣାସ୍ତ୍ର ଆକ୍ରମଣ ଏବଂ ଏହାର ଭଗ୍ନାଂଶ ପଡି ଜାହାଜ ଥରି ଉଠୁଥିଲା ବୋଲି ଅଶୋକ କହିଛନ୍ତି।

ନାବିକ ଅଶୋକଙ୍କ ଘର କଟକ ସିଡିଏ ଅଞ୍ଚଳରେ। ସେ କହିଛନ୍ତି, ଗତ ଫେବୃଆରୀ ୨୪ରେ ଜାହାଜ ନେଇ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ସାଉଦିଆରବର ରାସ ତାନୁରା ପୋର୍ଟରେ ପହଞ୍ଚିଥିଲେ। ମାତ୍ର କାର୍ଗୋ ପ୍ରସ୍ତୁତ ନ ଥିବାରୁ ଅପେକ୍ଷା କରିବାକୁ କୁହାଯାଇଥିଲା। ୨୬ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କମ୍ପାନୀ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା ଯେ କତାର ଚାଲିଯିବାକୁ। ୨୭ରେ ଜାହାଜ କତାର୍‌ରେ ପହଞ୍ଚିଥିଲା। ଏହାପର ଦିନ ସକାଳେ ସେଠାକାର ଏକ ଏଲ୍‌ଏନ୍‌ଜି ଟର୍ମିନାଲ ଉପରେ କ୍ଷେପଣାସ୍ତ୍ର ପଡ଼ିଥିଲା। ସାଇରନ୍ ବାଜି ଉଠିଥିଲା। ଡାକବାଜିରେ କୁହାଯାଇଥିଲା କି ସମସ୍ତ ନାବିକ ଏବଂ କର୍ମଚାରୀମାନେ ସୁରକ୍ଷିତ ଭାବେ କ୍ରୁଜ ଭିତରକୁ ଚାଲିଯିବାକୁ। ହେଲେ ଏଲ୍‌ଏନ୍‌ଜି ଲୋଡ୍ ଚାଲିଥିବାରୁ ଅଧାରୁ କାମ ବନ୍ଦ କରିବା ସମ୍ଭବପର ହୋଇ ନ ଥିଲା। କିଛି ସମୟ ପରେ ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜି ଟର୍ମିନାଲକୁ ବନ୍ଦ କରି ଦିଆଯାଇଥିଲା। ଏହା ଭିତରେ ଖବର ଆସିଥିଲା କି ହର୍ମୁଜ ପ୍ରଣାଳୀ ବନ୍ଦ କରିଦିଆଗଲା। ଏପଟେ ମୁଣ୍ଡ ଉପରେ ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ର ଯାଉଥିବା ଦେଖୁଥାଉ। ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଭୟର ବାତାବରଣ ଭିତରେ ଦିନରାତି କଟୁଥାଏ। ସେହିଦିନ କତାରର ଏଲ୍‌ଏନ୍‌ଜି ଟର୍ମିନାଲକୁ ଆକ୍ରମଣ କରି ନଷ୍ଟ କରିଦିଆଗଲା। ଆମ ଜାହାଜର ୧୦/୧୨ ନଟିକାଲ ମାଇଲ୍ ଦୂରରେ ଏକ କ୍ଷେପଣାସ୍ତ୍ର ପଡ଼ିଥିଲା। ଅନ୍ୟପଟେ କିଛି କ୍ଷେପଣାସ୍ତ୍ରକୁ ନଷ୍ଟ କରି ଦିଆଯାଉଥାଏ। ଯାହାର ଭଗ୍ନାଂଶଗୁଡିକ କିଛି ଜାହାଜ ଉପରେ ପଡୁଥାଏ। ଜୀବନ ବଞ୍ଚାଇ ଫେରିବା ସମ୍ଭବପର ନୁହେଁ ବୋଲି ମନରେ ଆଶଙ୍କା ଆସି ସାରିଥାଏ। ଜାହାଜରେ ଥିବା ସମସ୍ତ ଲୋକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥାନ୍ତି। ୨୫ ତାରିଖରେ କମ୍ପାନୀ ପକ୍ଷରୁ କୁହାଗଲା କି ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଏକ ପଏଣ୍ଟରେ ପହଞ୍ଚିବାକୁ। ଯେଉଁଠାକୁ ଭାରତୀୟ ନୌସେନା ବାହିନୀ ଆସିବ ଏବଂ ସମସ୍ତଙ୍କୁ ଉଦ୍ଧାର କରିବ। ଜାହାଜ ଧରି ୨୬ ତାରିଖରେ ଉକ୍ତ ପଏଣ୍ଟରେ ପହଞ୍ଚିଗଲୁ। ହେଲେ ସେଠାକୁ ଆସିବା ବେଳକୁ ଜାଣିଲୁ ଯେ ଏହି ପଏଣ୍ଟ ଉପରେ ଅନେକଥର ଆକ୍ରମଣ ହୋଇଛି। ଦୁଇ ଦିନ ସେଠାରେ ଅପେକ୍ଷା କରିବା ପରେ ଆମକୁ ଉଦ୍ଧାର କରାଯାଇଥିଲା ବୋଲି ଅଶୋକ କହିଛନ୍ତି।



**ଆଶା ଭୋସ୍‌ଲେ, ଭାରତୀୟ ସଙ୍ଗୀତ ଜଗତର ଅନ୍ୟତମ ଲୋକପ୍ରିୟ କଣ୍ଠଶିଳ୍ପୀ। ସଂଗୀତ ପ୍ରତି ସମର୍ପିତ ଏହି ଗାୟିକା ଭଜନ, ଗଜଲ, ଶାସ୍ତ୍ରୀୟ ସଙ୍ଗୀତ, ପପ୍ ମ୍ୟୁଜିକ୍ ଆଦିରେ ନିଜର ସ୍ୱକୀୟତା ପ୍ରତିପାଦନ କରିଛନ୍ତି। ଦୀର୍ଘ ୮୦ ବର୍ଷରୁ ଊର୍ଦ୍ଧ୍ୱ କାଳ ୨୦ଟି ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇ ନିଜ କଣ୍ଠର ଯାଦୁରେ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଏହି ପ୍ରଖ୍ୟାତ ଗାୟିକାଙ୍କ ପରଲୋକ ହୋଇଯାଇଛି ସତ, କିନ୍ତୁ କାଳଜୟୀ ଅନେକ ଗୀତ ତାଙ୍କୁ ସବୁଦିନ ଶ୍ରୋତାଙ୍କ ପାଖରେ ସ୍ମରଣୀୟ କରି ରଖିବ।**

# ଅପାସୋରା ଆଶା



ପରିବାର ସଦସ୍ୟଙ୍କ ସହ ଆଶା।

## ସଙ୍ଗୀତ ପରିବାରରେ ଜନ୍ମ

ମହାରାଷ୍ଟ୍ରର ସାନଗ୍ଲିସ୍ଥିତ ଗୋର୍‌ଠାରେ ୧୯୩୩ ସେପ୍ଟେମ୍ବର ୮ରେ ଜନ୍ମଗ୍ରହଣ କରିଥିଲେ ଆଶା ଭୋସଲେ। ତାଙ୍କ ପିତା ପଣ୍ଡିତ ଦିନାନାଥ ମଙ୍ଗେସକର ମରାଠୀ ସଙ୍ଗୀତ ଜଗତରେ ଜଣେ ବିଶିଷ୍ଟ ଗାୟକ ଏବଂ ଅଭିନେତା ଥିଲେ। ତାଙ୍କର ଥିଲେ ଚାରି ଝିଅ-ଲତା, ମୀନା, ଆଶା ଏବଂ ଉଷା। ପିଲାଟି ଦିନରୁ ସେ ସଙ୍ଗୀତମୟ ପର ପରିବେଶରେ ସମୟ ବିତାଇଥିଲେ, ଯାହା ଭବିଷ୍ୟତରେ ତାଙ୍କୁ ଜଣେ ଗାୟିକା ହେବାକୁ ପ୍ରେରିତ କରିଥିଲା। ଏଥି ସହ ବଡ଼ ଭଉଣୀ ଲତା ମଙ୍ଗେସକର ମଧ୍ୟ ତାଙ୍କ ପାଇଁ ପ୍ରେରଣା ସାଜିଥିଲେ। ତେବେ ଜନ୍ମ ପରେ ତାଙ୍କର ନାମ ଥିଲା ଆଶା ମଙ୍ଗେସକର। କିନ୍ତୁ ବିବାହ ପରେ ସେ ତାଙ୍କର ସାଙ୍ଗିଆ ବଦଳାଇ ଆଶା ଭୋସଲେ ନାମରେ ପରିଚିତ ହୋଇଥିଲେ।

## ସଂଘର୍ଷରୁ ଜୀବନ ଆରମ୍ଭ

ଆଶା ଥିଲେ ଦିନାନାଥ ମଙ୍ଗେସକରଙ୍କ ତୃତୀୟ କନ୍ୟା। ଦିନାନାଥଙ୍କର ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୯ ବର୍ଷ ବୟସ ହୋଇଥିଲା। ଏହି ସମୟରେ ତାଙ୍କର ପରିବାର ପୁଣେରୁ କୋଲ୍ହାପୁରରୁ ଆସିଥିଲେ। ସେଠାରେ କିଛିଦିନ ରହିବା ପରେ ସେମାନେ ମୁମ୍ବାଇ ଆସିଥିଲେ। ତେଣୁ ଏଭଳି ଏକ ଘଡିସନ୍ଧି ସମୟରେ ଉଭୟ ଲତା ଏବଂ ଆଶା ପରିବାର ଚଳାଇବାକୁ ଗୀତ ଗାଇବାକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ତେଣୁ ପିଲାଟି ଦିନରୁ ଆଶାଙ୍କୁ ଏକ ସଂଘର୍ଷମୟ ଜୀବନ କଟାଇବାକୁ ପଡିଥିଲା। ପରିଶ୍ରମ କେବେ ବୃଥା ଯାଏନା। ଶେଷରେ ନିଜର ଉଦ୍ୟମ ବଳରେ ଆଶା ନିଜକୁ ଜଣେ ନାମୀ ଗାୟିକା ଭାବରେ କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ।

## ଚର୍ଚ୍ଚିତ ଚଳଚ୍ଚିତ୍ର ଗୀତ

- ଉଡେ ଜବ୍ ଜବ୍ ଜୁଲଫେ ତେରି (ନୟା ଦୌର)
- ଚୁରା ଲିୟା ହେ ତୁମନେ ଯୋ ଦିଲ କୋ (ୟାଦୌଁ କି ବାରାତ୍‌)
- ପିୟା ତୁ ଅବ୍ ତୁ ଆଜା (କାରାୱାନ)
- ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା)
- ଓ ହସୀନା ଜୁଲଫୱାଲି (ତିସରି ମଞ୍ଜିଲ)
- ଏ ମେରା ଦିଲ୍ ୟାର କା ଦିୱାନା (ଡନ୍)
- ଇନ୍ ଆଖୋଁ କା ମସ୍ତି (ଉମରାଓ ଜାନ୍)
- ପରଦେ ମେଁ ରହନେ ଦୋ (ଶିକାର)
- ଅବ୍ ନା ଜାଓ ଛୋଡ୍ କର (ହମ୍ ଦୋନୋ)
- କହେଦୋ ତୁନେ ୟା ଚୁପ୍ ରହୁଁ (ଦିୱାର)
- ରଙ୍ଗିଲା ରେ (ରଙ୍ଗିଲା)
- ଧୂପ୍ ମେଁ ନିକଲା ନା କରୋ ରୂପ କି ରାନୀ (ଗିରଫ୍‌ତାର)
- ମାର୍ ଗୟି ମୁଝେ ତେରି ଜୁଦାଇ (ଜୁଦାଇ)
- ଲେ ଗୟି ଲେ ଗୟି (ଦିଲ୍ ତୋ ପାଗଲ ହେ)
- ଜରାସା ଝୁମ୍ ଲୁ ମେଁ (ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ)
- ଏକ ହସିନା ଥି ଏକ ଦିୱାନା ଥା (କର୍ଜ)
- ଜୱାନୀ ଜାନେମନ ହସୀନା ଦିଲରୁବା (ନମକ ହଲାଲ)

## ମରାଠୀ ଫିଲ୍ମରେ ପ୍ରଥମ ସୁଯୋଗ

ସେତେବେଳେ ଆଶାଙ୍କୁ ହୋଇଥାଏ ମାତ୍ର ୧୦ ବର୍ଷ। କିନ୍ତୁ ଏହି ବୟସରେ ତାଙ୍କୁ ଗାୟିକା ହେବାର ସୁଯୋଗ ମିଳିଥିଲା। ୧୯୪୩ରେ ସେ 'ମାଝା ବଲ' ଶୀର୍ଷକ ଏକ ମରାଠୀ ଫିଲ୍ମ ପାଇଁ ଗୀତ ଗାଇଥିଲେ। ଆଉ ଗୀତଟି ଥିଲା –'ଚଲା ଚଲା ନବ ବାଲା'। ପରବର୍ତ୍ତୀ ସମୟରେ ଅନେକ ମରାଠୀ ଚଳଚ୍ଚିତ୍ର ଲାଗି ସେ ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ।

## ୧୬ ବର୍ଷ ବୟସରେ ବିବାହ

ଆଶାଙ୍କୁ ୧୬ ବର୍ଷ ବୟସ ହୋଇଥିବାବେଳେ ଗଣପାତ୍ରୋ ଭୋସଲେଙ୍କ ସହ ଘରୁ ଲୁଚି ଚାଲିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ବିବାହ (୧୯୪୯) କରିଥିଲେ। ଗଣପାତ୍ରୋ ତାଙ୍କଠାରୁ ବୟସରେ ୨୦ ବର୍ଷ ବଡ଼ ଥିଲେ। ଏହି ବୈବାହିକ ଜୀବନ ମାତ୍ର ୧୧ ବର୍ଷ ତିଷ୍ଠି ରହିଥିଲା। ଏପରିକି ୧୯୬୦ରେ ଗର୍ଭବତୀ ଥିବା ବେଳେ ତାଙ୍କୁ ଘରକୁ ଫେରିବାକୁ ପଡିଥିଲା। ୧୯୮୦ରେ ତାଙ୍କଠାରୁ ଛଅ ବର୍ଷ ସାନ ତଥା ସଙ୍ଗୀତ ନିର୍ଦ୍ଦେଶକ ଆର୍.ଡି.ବର୍ମନଙ୍କ ସହ ହାତକୁ ଦି' ହାତ ହୋଇଥିଲେ। କିଛି ବର୍ଷ ପରେ ଦୁହେଁ ଅଲଗା ରହୁଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଡିଭୋର୍ସ ହୋଇ ନ ଥିଲା। ୧୯୯୪ରେ ଆର୍.ଡି. ବର୍ମନ ମୃତ୍ୟୁବରଣ କରିଥିଲେ। ଆଶାଙ୍କର ଦୁଇଟି ପୁଅ (ହେମନ୍ତ, ଆନନ୍ଦ) ଏବଂ ଗୋଟିଏ ଝିଅ (ବର୍ଷା) ଅଛନ୍ତି।



ଆର୍‌ଡି ବର୍ମନ(ବାମ) ଓ କିଶୋର କୁମାରଙ୍କ ସହ ଆଶା



ଭଉଣୀ ଲତା ମଙ୍ଗେସକରଙ୍କ ସହ ଆଶା

## ଆଶାଙ୍କ କଣ୍ଠରେ ଓଡ଼ିଆ ଗୀତ...

ଓଡ଼ିଆ ଚଳଚ୍ଚିତ୍ର ଆରତି (୧୯୮୧)ରେ ସଂଯୋଜିତ 'ଜହ୍ନ ଗୋ ତୁମେ ଝୁରନା' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ବାସୁଦେବ ରଥଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ଆଶା ଭୋସଲେ। ସେହିପରି 'ଝିମି ଝିମି ତା ମଜା ଡାକିଲେ ନ ଛାଡ଼ିବୁ'(ସମୟ), 'ମୁଁ ହଜିଛି ତୁମ ଆଖିର' (ସନ୍ଧ୍ୟାତାରା) ଏବଂ ସ୍ୱରୂପ ନାୟକଙ୍କ ରଚିତ ଓ ଆର୍.ଡି. ବର୍ମନଙ୍କ ସ୍ୱର ସଂଯୋଜିତ 'ତୋ ନାଁରେ ପିନ୍ଧିଲି ଶାଢ଼ି' (ମା') ଭଳି ଓଡ଼ିଆ ସିନେମା ଗୀତ ସେ ମଧ୍ୟ ଗାଇଛନ୍ତି। ୧୯୬୮ରେ ମୁକ୍ତିଲାଭ କରିଥିବା 'ଅରୁନ୍ଧତୀ' ଚଳଚ୍ଚିତ୍ର ପାଇଁ ଆଶା ଗାଇଥିଲେ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜିତ ଗୀତ 'ରସିଆରେ, ଯା'ରେ ଯା' କହିଯା'। ୧୯୮୪ରେ ପରଦାକୁ ଆସିଥିବା ଗୁରୁ ମହାନ୍ତି ଓ କମଳ ପଟ୍ଟନାୟକଙ୍କ ଯୁଗ୍ମ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଫିଲ୍ମ 'ରାଧା'ର 'ଏ ମନ ପିଆଲାରେ ଭରିଦିଅ ପୀରତି ମଦିରା' ଗୀତଟିକୁ ମଧ୍ୟ ଆଶା ଗାଇଥିଲେ। ଅନ୍ୟପକ୍ଷରେ ଶଙ୍କର-ଏଶାନ୍-ଲୟଙ୍କ ସଙ୍ଗୀତ ସଂଯୋଜନାରେ 'ବନ୍ଦେ ଉତ୍କଳ ଜନନୀ' ଏବଂ 'ଟୋପାଏ ସିନ୍ଦୂର ଦି ପଟ ଶଙ୍ଖା'ର 'ମଇନା ମଇନା' ଗୀତ ପାଇଁ ମଧ୍ୟ ଆଶା କଣ୍ଠଦାନ କରିଥିଲେ।

## 'ଳ' ପାଇଁ କାଳିଆ ହେଲା ମଣିମା

### ଆଶା ଗାଇଥିବା ଓଡ଼ିଆ ଭଜନ 'ମଣିମା' ସମ୍ପର୍କରେ ଗୀତିକାର ବାପୁ ଗୋସ୍ୱାମୀ ଯାହା କହନ୍ତି...

୨୦୧୬ ମସିହାର ଶେଷ ଭାଗ। ତା' ପର ବର୍ଷ ରଥଯାତ୍ରାକୁ ଲକ୍ଷ୍ୟ ରଖି ଲତା ମଙ୍ଗେସକର ଗାଇବା ଲାଗି ୭ଟି ଭଜନ ପ୍ରସ୍ତୁତ କରି ସଙ୍ଗୀତ ନିର୍ଦ୍ଦେଶକ ଦେବୀତୋଷ ଆଚାର୍ଯ୍ୟଙ୍କ ସହ ମୁମ୍ବାଇ ଯାଇଥିଲୁ। ସେଠାରେ ଲତାଙ୍କ ପି.ଏ.ଙ୍କୁ ଭେଟି ଏ ବିଷୟରେ ସବିଶେଷ କଥା ହେଲୁ। ମାତ୍ର ତାଙ୍କ ଡାକ୍ତର ଲତା ଗାଇବା ପାଇଁ ଏବେ ସମର୍ଥ ନୁହନ୍ତି ବୋଲି ରୋକ୍‌ଠୋକ୍ ଜଣାଇ ଦେଲେ। ତେଣୁ ଆମେ ନିରୁପାୟ ହୋଇ ଫେରିବା ପାଇଁ ଚିନ୍ତା କଲୁ। ସେଠାରୁ ବାହାରି ଆସିବା ବେଳକୁ ସେହି ପି.ଏ. କହିଲେ, 'ଆପଣମାନେ ଆଶା ତାଇଙ୍କ ପାଇଁ ବି ଚେଷ୍ଟା କରିପାରିବେ। ଆମେ ସେଇଠି ପୁଣି ଚିନ୍ତା କଲୁ ଯେ ଲତା ନ ହେଲେ ଆଶା ଗାଇଲେ ବି ଚଳିଯିବ। ତେଣୁ ଆମେ ତାଙ୍କ କଥାରେ ରାଜି ହେବା ପରେ ସେ ଯୋଗାଯୋଗ କରାଇଦେଲେ। ଆମେ ଯାଇ ଆଶା ଭୋସଲେଙ୍କୁ ଭେଟିଲୁ। ତାଙ୍କୁ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ ମହାପ୍ରସାଦ ଦେଲୁ। ଏସବୁ ପାଇ ସେ ଅତ୍ୟନ୍ତ ଆନନ୍ଦିତ ହେଲେ। ଏଥିସହ ଜଗନ୍ନାଥଙ୍କ ଭଜନ ଗାଇବା ପାଇଁ ସମ୍ମତି ପ୍ରଦାନ କରି କମ୍ପୋଜିଶନ କରି ପଠାଇବାକୁ କହିଲେ। ସେଇଠୁ ଆମେ ଭୁବନେଶ୍ୱର ଫେରି ଆସିଲୁ ଏବଂ କମ୍ପୋଜିଶନ ପ୍ରସ୍ତୁତ କରି ପୁଣି ମୁମ୍ବାଇ ଗଲୁ। ସେଠାରେ ଆଶା ଆମ କମ୍ପୋଜିଶନ ଶୁଣିବା ପରେ ଖୁସି ହେଲେ ଏବଂ ଭଜନ ଗାଇବାକୁ ହଁ ଭରିଲେ। ସେଠାରେ ମୁଁ ତାଙ୍କୁ କେତୋଟି ଶବ୍ଦର ଅର୍ଥ ବୁଝାଇଲି। କିନ୍ତୁ ତାଙ୍କର 'ଳ' ଅକ୍ଷରଟି ଉଚ୍ଚାରଣରେ ଅସୁବିଧା ହେବାରୁ 'କାଳିଆ' ଶବ୍ଦକୁ ବଦଳାଇ 'ମଣିମା' କରାଗଲା। ସେ ଗାଇଥିବା ଗୀତଟି ଥିଲା 'ତୁମେ ଏକା ସାଆନ୍ତ ବୋଲି...ଦୁଃଖ ମୁଁ ଯାଇଛି ଭୁଲି ...ମଣିମା..'। ସେ ଗାଇବା ପରେ ସେଠାରେ ଉପସ୍ଥିତ ଥିବା ସଙ୍ଗୀତ ନିର୍ଦ୍ଦେଶକଙ୍କ ସମେତ ସମସ୍ତେ ଖୁସି ହୋଇଗଲୁ। ଗୀତଟି ଶୁଣିବା ପରେ ଆମେ ଲତା ଏବଂ ଆଶାଙ୍କ ସ୍ୱରରେ କିଛି ଫରକ ଜାଣିପାରି ନ ଥିଲୁ। ଏବେବି ସେ କଥା ମୋ ସ୍ମୃତିରେ ସଜଳ ହୋଇ ରହିଛି।

## ଚର୍ଚ୍ଚାରେ ମା' ଭୂମିକା

ଆଶା କେବଳ ଜଣେ ଗାୟିକା ନ ଥିଲେ, ଅଭିନୟରେ ବି ନିଜ ଦକ୍ଷତା ଦେଖାଇଥିଲେ। ମରାଠୀ ସିନେମା 'ମାଇ'ରେ ସେ ପ୍ରଥମ ଥର ପାଇଁ ଅଭିନୟ କରିଥିଲେ। ଏଥିରେ ୭୯ ବର୍ଷ ବୟସ୍କା ଆଶା ଜଣେ ଆଲଜିମର୍ସ ପୀଡିତା ମା' ରୋଲ୍ ଲାଗି ବେଶ୍ ପ୍ରଶଂସା ସାଉଁଟିଥିଲେ।

## ମାରାଥନ ଗାୟିକା କ୍ୟାରିୟର

୧୯୪୩ରେ ଆଶାଙ୍କର ଚଳଚ୍ଚିତ୍ରରେ ଗୀତ ଗାଇବା ଆରମ୍ଭ ହୋଇଥିଲା। ସେ ସମୟର ବିଶିଷ୍ଟ ସ୍ୱର ସଂଯୋଜକ ଓ.ପି.ନାୟାର, ଏସ୍.ଡି.ବର୍ମନ, ଆର୍.ଡି.ବର୍ମନ, ଖୟାମଙ୍କ ବ୍ୟତୀତ ମହମ୍ମଦ ରଫି, ମାନ୍ନା ଦେ, କିଶୋର କୁମାର, ମୁକେଶ, ହରିହରନଙ୍କ ଭଳି ନାମୀ ଗାୟକଙ୍କ ସହ ସେ ଗୀତ ଗାଇଛନ୍ତି। ବିଶେଷଭାବରେ ତାଙ୍କର ପପ୍ ମ୍ୟୁଜିକ ଆଜିର ଯୁବପିଢ଼ିଙ୍କୁ ମଧ୍ୟ ବେଶ୍ ମତୁଆଲା କରିଛି।

## ଆଶାଙ୍କ ବିୟୋଗରେ ଶୋକ

ଆଶା ଭୋସ୍‌ଲେଙ୍କ ଦେହାନ୍ତ ଖବର ଶୁଣି ଗଭୀର ମର୍ମାହତ ବୋଲି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ନବୀନ ସାମାଜିକ ଗଣମାଧ୍ୟମ ଏକ୍ସ'ରେ କହିଛନ୍ତି, ଆଶା ଭୋସ୍‌ଲେଙ୍କ ସୁମଧୁର କଣ୍ଠ ସଙ୍ଗୀତପ୍ରେମୀମାନଙ୍କ ଅନେକ ପିଢ଼ିକୁ ମୋହିତ କରିଥିଲା। ଭାରତୀୟ ସଙ୍ଗୀତ ଜଗତରେ ସେ ଯେଉଁ ଗୌରବମୟ ଐତିହ୍ୟ ଛାଡ଼ିଯାଇଛନ୍ତି, ତାହା ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ନବୀନ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବହୁ ଭାଷାରେ ହଜାର ହଜାର ଗୀତ ଗାଇ ସଂଗୀତପ୍ରେମୀଙ୍କ ହୃଦୟରେ ଆଶା ଭୋସ୍‌ଲେ ଛାପ ଛାଡ଼ିଯାଇଛନ୍ତି। କେବଳ ଫିଲ୍ମ ସଙ୍ଗୀତ ନୁହେଁ ବରଂ ଶାସ୍ତ୍ରୀୟ ସଙ୍ଗୀତ, ଆଧୁନିକ ପପ୍, ଗଜଲ ଏବଂ ଲୋକଗୀତ କ୍ଷେତ୍ରରେ ବି ସେ ଲୋକଙ୍କ ହୃଦୟ ଜିଣିଥିଲେ। ତାଙ୍କ ବିୟୋଗରେ ସଂଗୀତ ଜଗତ ଲାଗି ଅପୂରଣୀୟ କ୍ଷତି ବୋଲି ମନମୋହନ କହିଛନ୍ତି।



ଭଉଣୀ ଲତା ମଙ୍ଗେସକରଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରୁଛନ୍ତି ଆଶା

## ସମ୍ମାନ-ପୁରସ୍କାର

ଆଶା ଭୋସଲେ ପ୍ରଥମ ଥର ପାଇଁ ୧୯୬୭ରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ ଆଉ ଫିଲ୍ମଟି ଥିଲା 'ଦଶ ଲାଖ'। ଏହାବ୍ୟତୀତ ୧୯୬୯(ଶିକାର), ୧୯୭୨ (କାରାୱାନ), ୧୯୭୩ (ହରେ ରାମା ହରେ କ୍ରିଷ୍ଣା), ୧୯୭୪ (ନୈନା), ୧୯୭୫ (ପ୍ରାଣ ଯାଏ ବଚନ ନା ଯାଏ), ୧୯୭୯ (ଡନ୍) ପାଇଁ ଫିଲ୍ମ ଫେୟାର ଏବଂ ୧୯୯୬ରେ 'ରଙ୍ଗିଲା' ଲାଗି ସ୍ୱତନ୍ତ୍ର ଭାବରେ ଏହି ପୁରସ୍କାର ପାଇଥିଲେ। 'ଉମରାଓ ଜାନ୍' ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ସମେତ ସେ ଦୁଇ ଥର ଆଇଫା ପୁରସ୍କାର ମଧ୍ୟ ପାଇଛନ୍ତି। ୨୦୦୦ ମସିହାରେ ସେ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୮ରେ ପଦ୍ମଭୂଷଣ ସମ୍ମାନ ପାଇଥିଲେ। ୧୯୯୭ ଏବଂ ୨୦୦୬ରେ ଦୁଇ ଥର ଗ୍ରାମୀ ପୁରସ୍କାର ନୋମିନେଶନ ତାଲିକାରେ ସେ ସ୍ଥାନ ପାଇଥିଲେ।

**ନାଇଜେରିଆ ବାୟୁସେନାର ଆକ୍ରମଣ: ଶତାଧିକ ମୃତ**

ଜିହାଦି ବିଦ୍ରୋହୀଙ୍କୁ ଟାର୍ଗେଟ କରି ନାଇଜେରିଆ ବାୟୁସେନା ଭୁଲ୍‌ବଶତଃ ଉତ୍ତର ନାଇଜେରିଆର ଏକ ସ୍ଥାନୀୟ ମାର୍କେଟରେ ଆକ୍ରମଣ କରିବାରୁ ଶତାଧିକ ବାସିନ୍ଦା ନିହତ ହେବା ସହ ଅନେକେ ଆହତ ହୋଇଛନ୍ତି। ଏୟାରଷ୍ଟ୍ରାଇକ୍‌ରେ ପ୍ରାୟ ୧୦୦ ଜଣ ପ୍ରାଣ ହରାଇଥିବା ସ୍ଥାନୀୟ ବାସିନ୍ଦାଙ୍କଠାରୁ ଆମନେଷ୍ଟି ଇଣ୍ଟରନ୍ୟାଶନାଲ ସ୍ପଷ୍ଟ ହୋଇଥିବା କହିଛି। ଉକ୍ତ ଅଞ୍ଚଳ ଜିହାଦୀ ଉଗ୍ରପନ୍ଥୀଙ୍କ କେନ୍ଦ୍ରସ୍ଥଳ।



ନୂଆଦିଲ୍ଲୀର ମଣ୍ଡି ହାଉସ୍‌ଠାରେ ରବିବାର ଏଆଇସିସି ପକ୍ଷରୁ ଆୟୋଜିତ 'ରନ୍ ଫର୍ ଆମ୍ବେଡ୍‌କର, ରନ୍ ଫର୍ କନ୍‌ଷ୍ଟିଚ୍ୟୁଶନ'କୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାକୁ ଗୃହର ନେତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ

ନୂଆଦିଲ୍ଲୀ,୧୨।୪(ପି.ଟି.)

ପାର୍ଲାମେଣ୍ଟଓରାଜ୍ୟବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ଯଥାର୍ଥ ଭାବନା ସହ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୨୦୨୯ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବା ଜରୁରୀ। ତେଣୁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ଏକ ସ୍ୱରରେ ମହିଳା ସ୍ଥାନ ସଂରକ୍ଷଣ ଆଇନ ଉପରେ ଅଣାଯାଇଥିବା ସଂଶୋଧନକୁ ଗୃହୀତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

ଆସନ୍ତା ୧୬ରୁ ୧୮ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବସିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହର ନେତାମାନଙ୍କୁ ପତ୍ର ଲେଖି କହିଛନ୍ତି, କୌଣସି ସମାଜ ସେତେବେଳେ ପ୍ରଗତି କରିଥାଏ, ଯେତେବେଳେ ମହିଳାମାନଙ୍କୁ ପ୍ରଗତି କରିବା, ନିଷ୍ପତ୍ତି ନେବା ଏବଂ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ। ଭାରତର ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବା ଯାତ୍ରାରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ତଥା ସକ୍ରିୟ ଭୂମିକା ନେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପାଇଁ ହ୍ୱିଇପ୍ ଜାରିକଲା ଭାଜପା



ନରେନ୍ଦ୍ର ମୋଦି

ସ୍ୱତନ୍ତ୍ର ଅଧିବେଶନ ପାଇଁ ଭାଜପା ପକ୍ଷରୁ ଏହାର ସମସ୍ତ ଏମ୍‌ପିଙ୍କ ନିମନ୍ତେ ୩ ଧାଡ଼ିଆ ହ୍ୱିଇପ୍ ଜାରି କରାଯାଇ ସେମାନଙ୍କୁ ଉଭୟ ଗୃହରେ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି ଅଧିବେଶନରେ ମହିଳା ସ୍ଥାନ ସଂରକ୍ଷଣ ସଂଶୋଧନ ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ଆଶା କରାଯାଉଛି। ୧୬ରୁ ୧୮ ଉଭୟ ଗୃହରେ କେନ୍ଦ୍ରମନ୍ତ୍ରୀ ଓ ସଦସ୍ୟମାନେ ଉପସ୍ଥିତ ରହିବା ବାଧ୍ୟତାମୂଳକ। ସେମାନଙ୍କୁ ଏହି ସମୟ ମଧ୍ୟରେ ଛୁଟି ମଞ୍ଜୁର କରାଯିବ ନାହିଁ। ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ହ୍ୱିଇପ୍‌ରେ କୁହାଯାଇଛି।

# ହର୍ମୁଜ୍ ଅବରୋଧ କରିବାକୁ ଟ୍ରମ୍ପଙ୍କ ଧମକ



ଡୋନାଲ୍ଡ ଟ୍ରମ୍ପ

ଇସ୍‌ଲାମାବାଦ/ୱାଶିଂଟନ,୧୨।୪

ପାକିସ୍ତାନର ଇସ୍‌ଲାମାବାଦଠାରେ ଇରାନ ଏବଂ ଆମେରିକା ମଧ୍ୟରେ ଦୀର୍ଘ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ବିନା ଚୁକ୍ତିନାମାରେ ଶେଷ ହୋଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମଧ୍ୟକୁ ଜାହାଜ ପ୍ରବେଶ ଓ ପ୍ରସ୍ଥାନକୁ ତୁରନ୍ତ ସେନା ଦ୍ୱାରା ଅବରୋଧ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଧମକ ଦେଇଛନ୍ତି। ଇରାନ ଯୁଦ୍ଧ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ବିଶ୍ୱ ତୈଳ ଯୋଗାଣର ୨୦ ପ୍ରତିଶତ ପରିବହନ ହେଉଥିଲା। ଉକ୍ତ ସଂକୀର୍ଣ୍ଣ ସାମୁଦ୍ରିକ ପଥକୁ ନିୟନ୍ତ୍ରଣକୁ ନେବା ଲାଗି ଟ୍ରମ୍ପ ଚାହିଁଛନ୍ତି। ଏହାକୁ ଅବରୋଧ କରାଗଲେ ଯୁଦ୍ଧ ପାଇଁ ଇରାନ ପାଉଥିବା ପାଣ୍ଠିର ମୁଖ୍ୟ ଉତ୍ସ ବନ୍ଦ ହୋଇଯିବ ବୋଲି ଟ୍ରମ୍ପ ଆଶାବାଦୀ ଅଛନ୍ତି। ଇରାନକୁ ଟୋଲ୍ ପୈଠ କରିଥିବା ପ୍ରତ୍ୟେକ ଜାହାଜକୁ ଅନ୍ତର୍ଜାତୀୟ ଜଳରାଶିରେ ଆମେରିକୀୟ ନୌସେନା ଅନୁଧ୍ୟାନ କରିବେ। ଯେଉଁମାନେ ବେଆଇନ ଭାବେ ଇରାନକୁ ଟୋଲ୍ ଦେଉଥିବେ, ସେମାନଙ୍କୁ ଗଭୀର ସମୁଦ୍ରରେ ସୁରକ୍ଷିତ ଯାତ୍ରା ପାଇଁ ଅନୁମତି ଦିଆଯିବ ନାହିଁ। ଉପଯୁକ୍ତ ସମୟରେ ଇରାନକୁ ଧ୍ୱଂସ କରିଦେବା ପାଇଁ ଆମେରିକା ପ୍ରସ୍ତୁତ ରହିଥିବା ଟ୍ରମ୍ପ କହିଛନ୍ତି। ଯୁଦ୍ଧ ବନ୍ଦ ଲାଗି ଆଲୋଚନା ବିଫଳ ହେବାର ମୁଖ୍ୟ କାରଣ ତେହରାନ୍‌ର ଆଣବିକ ଆକାଂକ୍ଷା ବୋଲି ସେ କହିଛନ୍ତି।

ଯୁଦ୍ଧ ଆରମ୍ଭ ହେବା ଦିନରୁ ପ୍ରଥମ ଥର ପାଇଁ ଶନିବାର ଆମେରିକାର ୨ଟି ଯୁଦ୍ଧଜାହାଜ ମାଇନ୍ ଖୋଜି ବାହାର କରିବା କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଯାଇଥିବା ଆମେରିକା ସେନା ପକ୍ଷରୁ କୁହାଯାଇଥିଲା। ଇରାନ ସହ ଡିଲ୍ ହେଉ କି ନ ହେଉ, ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ମାଇନ୍‌ମୁକ୍ତ କରିବୁ ବୋଲି ଟ୍ରମ୍ପ ରବିବାର ସକାଳେ କହିଥିଲେ। ତେବେ ଇରାନର ମିଳିତ ସାମରିକ କମାଣ୍ଡ ଏହି ଖବରକୁ ଖଣ୍ଡନ କରିଥିବା ସେଠାକାର ଗଣମାଧ୍ୟମ କହିଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରିବା ଯୁଦ୍ଧରେ ଇରାନର ସବୁଠୁ ବଡ଼ ରଣନୀତି ଥିଲା। ଇନ୍ଧନ ପରିବହନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ୍ ଦେଇ ଦୈନିକ ଶତାଧିକ ଜାହାଜ ଚଳାଚଳ କରିଥାନ୍ତି। ଅସ୍ତ୍ରବିରତି ପରଠାରୁ ଉକ୍ତ ପ୍ରଣାଳୀ ଦେଇ ମାତ୍ର ୧୨ଟି ଜାହାଜ ଅତିକ୍ରମ କରିଥିବା ଜଣାପଡ଼ିଛି।

ଦୀର୍ଘ ଆଲୋଚନା ସତ୍ତ୍ୱେ ଉଭୟ ଦେଶ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ଅସ୍ତ୍ରବିରତି ଘୋଷଣାର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରବିବାର ଟ୍ରମ୍ପଙ୍କ ଧମକ ପରେ ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଆଶଙ୍କା ପ୍ରକାଶ ପାଇଛି। ଆଲୋଚନାରୁ କୌଣସି ନିଷ୍କର୍ଷ ନ ମିଳିବା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଥିଲେ।



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଆମେରିକା ଯୁଦ୍ଧ ଜାହାଜ।

### ଆଲୋଚନାର ମୋଡ଼ ବଦଳାଇଲା ନେତାନ୍ୟାହୁଙ୍କ ଫୋନ୍‌କଲ୍

ତେହରାନ୍,୧୨।୪

ପାକିସ୍ତାନରେ ଆମେରିକା ଓ ଇରାନ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଶନିବାର ଆଲୋଚନା ଜାରି ରହିଥିବାବେଳେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଫୋନ୍ କରିଥିଲେ। ଉକ୍ତ ଫୋନ୍ କଲ୍ ଆଲୋଚନାର ମୋଡ଼ ବଦଳାଇଦେଲା ବୋଲି ଇରାନ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଆବ୍ବାସ ଆରାଗଚି ରବିବାର ଅଭିଯୋଗ କରିଛନ୍ତି। ନେତାନ୍ୟାହୁଙ୍କ ଫୋନ୍ କଲ୍ ଆମେରିକା-ଇରାନ ବୁଝାମଣାରୁ ଧ୍ୟାନ ହଟାଇ ଇସ୍ରାଏଲ୍ ସ୍ୱାର୍ଥ ପ୍ରତି ନଜର ଦିଆଯାଇଥିଲା ବୋଲି ଆରାଗଚି Xରେ ଲେଖିଛନ୍ତି। ତେବେ ଭାନ୍ସଙ୍କୁ ନେତାନ୍ୟାହୁ ଫୋନ୍ କରିବା ଖବରକୁ ୱାଶିଂଟନ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଖଣ୍ଡନ କରିନାହିଁ।

### ଚାଇନାକୁ ୫୦% ଟାରିଫ୍ ଚେତାବନୀ

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଯଦି ଚାଇନା ଇରାନକୁ ସାମରିକ ସହଯୋଗ ଦିଏ, ତେବେ ଏହା ଉପରେ ନୂଆ ଟାରିଫ୍ ଲଗାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଫକ୍ସ ନ୍ୟୁଜ୍‌ର ସନ୍‌ଡେ ମର୍ନିଂ ଫିଉଚର୍ସକୁ ଏକ ସାକ୍ଷାତକାର ଦେଇ ଟ୍ରମ୍ପ କହିଛନ୍ତି, ଇରାନକୁ ସହଯୋଗ କରୁଥିବା ଦେଶଗୁଡ଼ିକ ଉପରେ ୫୦% ପ୍ରତିଶତ ଶୁଳ୍କ ଲାଗୁହେବ। ଚାଇନାକୁ ଲକ୍ଷ୍ୟ କରି ସେ ଏହା କହିଥିବା ଜଣାପଡ଼ିଛି। ଟ୍ରମ୍ପ କହିଛନ୍ତି, ଚାଇନା କାନ୍ଧରେ ରଖି ନିକ୍ଷେପ କରାଯାଉଥିବା ବିମାନ ବିଧ୍ୱଂସୀ ମିଶାଇଲ୍ ଇରାନକୁ ଯୋଗାଉଥିବା ସେ ଏକ ରିପୋର୍ଟରୁ ଜାଣିବାକୁ ପାଇଛନ୍ତି। ତେବେ ଏହା କେତେଦୂର ସତ୍ୟ, ସେ ନେଇ ସେ ନିଶ୍ଚିତ ନୁହନ୍ତି। ସେମାନେ ଆରମ୍ଭରେ ଏଭଳି କରୁଥାଇପାରନ୍ତି, ତେବେ ଆଉ କରିବେ ନାହିଁ ବୋଲି ଭାବୁଥିବା ଆମେରିକା ରାଷ୍ଟ୍ରପତି କହିଛନ୍ତି। ଯଦି ସେମାନେ ଇରାନକୁ ସାମରିକ ସହାୟତା ଦେଉଥିବା ଧରାପଡ଼ନ୍ତି, ତେବେ ୫୦ ପ୍ରତିଶତ ଟାରିଫ୍ ଲଗାଯିବ ବୋଲି ଟ୍ରମ୍ପ ଦୋହରାଇଛନ୍ତି।

ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଟ୍ରମ୍ପଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲା। ଅନ୍ୟପକ୍ଷରେ ଆମେରିକା ପକ୍ଷ ଅଯଥାର୍ଥ ଦାବି ଉପସ୍ଥାପନ କଲେ ବୋଲି ଇରାନ କହିଥିଲା।

## ଚାଲାଣ ଉଦ୍ୟମ ବେଳେ ଚଳନ୍ତା ଟ୍ରେନ୍‌ରୁ ୧୬୩ ନାବାଳକ ଉଦ୍ଧାର

ଭୋପାଳ,୧୨।୪(ପି.ଟି.)

ବିହାର ଓ ମହାରାଷ୍ଟ୍ରରୁ ଚୋରାଚାଲାଣ ହେଉଥିବା ୧୬୩ ଜଣ ନାବାଳକଙ୍କୁ ମଧ୍ୟପ୍ରଦେଶର କାଟ୍‌ନି ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ରେଲ୍‌ୱେ ପୋଲିସ ଉଦ୍ଧାର କରିଛି। ପିଲାମାନଙ୍କ ବୟସ ୬ରୁ ୧୩ ବର୍ଷ ମଧ୍ୟରେ। ସେମାନଙ୍କୁ ଶ୍ରମିକ ଭାବେ କାମ କରାଇବା ପାଇଁ ବିହାରର ଅରାରିଆ ଅଞ୍ଚଳରୁ ମହାରାଷ୍ଟ୍ରର ଲାତୁର ନିଆଯାଉଥିଲାବେଳେ ଶନିବାର ରାତିରେ ଶିଶୁ କଲ୍ୟାଣ କମିଟିଠାରୁ ସୂଚନା ପାଇ ରେଲ୍‌ୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସରକାରୀ ରେଲ୍‌ୱେ ପୋଲିସ (ଜିଆର୍‌ପି) ସେମାନଙ୍କୁ ଅଟକାଇଥିଲା। ପାଟନା-ପୂର୍ଣା ଏକ୍ସପ୍ରେସ୍‌ରେ ବିନା ଟିକେଟ ଓ ଦସ୍ତାବିଜ୍ ସହ ନାବାଳକମାନଙ୍କ ସାଙ୍ଗରେ ଯାଉଥିବା ୮ ଜଣଙ୍କୁ କାଟ୍‌ନି ଷ୍ଟେଶନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଯବାନମାନେ ଅଟକାଇଥିଲେ।

## ସୁନ୍ଦରୀ ସ୍ତ୍ରୀ, ୧ ବିଲିୟନ ଡଲାର

### ତୁର୍କୀ ନିକଟରେ ଉଗାଣ୍ଡା ସେନାମୁଖ୍ୟଙ୍କ ବିଚିତ୍ର ଦାବି

କାମ୍ପାଲା,୧୨।୪

ଉଗାଣ୍ଡା ସେନାମୁଖ୍ୟ ଜେନେରାଲ ମୁହୁଜି କେଇନେରୁଗାବା ତୁର୍କୀ ନିକଟରେ ୨ଟି ବିଚିତ୍ର ଦାବି କରିଛନ୍ତି। ତାଙ୍କର ପ୍ରଥମ ଦାବି ହେଲା ସୋମାଲିଆର ଆତଙ୍କବାଦୀଙ୍କ ବିରୋଧରେ ଦୀର୍ଘବର୍ଷ ଧରି ଲଢ଼େଇ କରିଆସିଥିବା ଉଗାଣ୍ଡାକୁ ସାମରିକ ଅବଦାନ ପାଇଁ ୧ ବିଲିୟନ ଡଲାର ପ୍ରଦାନ କରାଯାଉ ଏବଂ ଦ୍ୱିତୀୟ ଦାବି ହେଲା ତାଙ୍କ ସହ ବିବାହ ପାଇଁ ଦେଶର ସବୁଠୁ ସୁନ୍ଦରୀ ମହିଳାଙ୍କୁ ହସ୍ତାନ୍ତର କରାଯାଉ। ତାଙ୍କର ଏଭଳି ଦାବି ପରିହାସର ଖୋରାକ ଯୋଗାଇଛି। ତେବେ କେଇନେରୁଗାବାଙ୍କ ଏଭଳି ବିଚିତ୍ର ଦାବି ନୂଆ ନୁହେଁ। ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କୁ ବିବାହ କରିବା ବଦଳରେ ସେ ୨୦୨୨ରେ ଇଟାଲୀକୁ ୧୦୦ ଗାଈ ଯାଚିଥିଲେ।

## ଅରୁଣାଚଳରେ ଚାଇନାର କଳ୍ପିତ ନାମକରଣକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୨।୪

ଅରୁଣାଚଳପ୍ରଦେଶର ବିଭିନ୍ନ ସ୍ଥାନକୁ ଚାଇନା କଳ୍ପିତ ନାମ ଦେବା ପାଇଁ ଉଦ୍ୟମ ଚଳାଇଥିବାବେଳେ ରବିବାର ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଅରୁଣାଚଳପ୍ରଦେଶର ଉକ୍ତ ଅଞ୍ଚଳଗୁଡ଼ିକ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି ଓ ରହିବ। ଏଭଳି ମିଛ ଦାବିକରି ଅକାଟ୍ୟ ବାସ୍ତବତାକୁ ବଦଳାଯାଇପାରିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ବେଜିଂ ପକ୍ଷର ଏଭଳି କାର୍ଯ୍ୟ ଭାରତ-ଚାଇନା ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର ଓ ସ୍ୱାଭାବିକ କରିବା ଲାଗି ଚାଲିଥିବା ପ୍ରୟାସରେ ବାଧା ସୃଷ୍ଟି କରିବ। ଚାଇନା ଏଭଳି କାର୍ଯ୍ୟରୁ ଦୂରେଇ ରହିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍ ଶୁଣାଣି ଆଜି



ନୂଆଦିଲ୍ଲୀ,୧୨।୪(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦାଏର ଅନେକ ପିଟିଶନ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହେବ। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରିବେ ବୋଲି ୧୩ ତାରିଖ ପାଇଁ ଥିବା ସର୍ବୋଚ୍ଚ ଅଦାଲତଙ୍କ କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ଏପ୍ରିଲ ୨୩ ଓ ୨୯ରେ ୨ପର୍ଯ୍ୟାୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ମାତ୍ର ଅଳ୍ପ କିଛିଦିନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାକୁ ରଦ୍ଦ କରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିସହିତ ଅନ୍ୟ ପିଟିଶନ୍‌ର ଶୁଣାଣି ୧୩ରେ କରିବା ପାଇଁ ଗତ ୧୦ ତାରିଖରେ ଶୀର୍ଷ ଅଦାଲତ ରାଜି ହୋଇଥିଲେ। ପଶ୍ଚିମବଙ୍ଗର ମାଲଦା ଜିଲାରେ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବା ୭ ଜଣ ନ୍ୟାୟିକ ଅଫିସରଙ୍କୁ ଘେରାଉ କରାଯିବା ଘଟଣାକୁ ସୁପ୍ରିମକୋର୍ଟ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିବାବେଳେ ଏହାର ଶୁଣାଣି ମଧ୍ୟ ସୋମବାର ହେବାକୁ ଯାଉଛି। ନ୍ୟାୟିକ ଅଫିସରଙ୍କୁ ଘେରାଉ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବା ପାଇଁ ଗତ ୬ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ବିହାରର ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଶିବରାଜ ଭାଜପା ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୧୨।୪

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ଯିବା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହାକୁ ନେଇ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଭାଜପା ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ଏଥିପାଇଁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ଆସନ୍ତା ୧୫ରେ ପାଟନାରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଉତ୍ସବ ଅନୁଷ୍ଠିତ ହେବା ସମ୍ଭାବନା ଥିବାବେଳେ ଏହାର ୩ ଦିନ ପୂର୍ବରୁ ଭାଜପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ଲାଗି ନିଷ୍ପତ୍ତି ନେଇଛି। ଭାଜପାରୁ ଜଣଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳ ଉଦ୍ୟମ ଚଳାଇଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଶ୍ରେୟାସୀ ସିଂ ଏବଂ ସଞ୍ଜୀବ ଚୌରାସିଆଙ୍କ ନାମ ଚର୍ଚ୍ଚାରେ ରହିଛି।

## ଟ୍ରକ୍ ମାଡ଼ିଯାଇ ୫ ଆଦିବାସୀଙ୍କ ମୃତ୍ୟୁ

ଭୋପାଳ,୧୨।୪

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲାର ଆଦିବାସୀବହୁଳ ଅଞ୍ଚଳ ଗଡ଼ସରାଇରେ ରବିବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ିଯାଇ ୫ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଆଦିବାସୀ ଲୋକମାନେ ଏକ ପାରିବାରିକ ଉତ୍ସବରେ ଯୋଗଦେଇ ଗାଁକୁ ଫେରୁଥିବାବେଳେ ରାତି ୧ଟା ୩୦ ମିନିଟ୍ ସମୟରେ କିକ୍ରା ତଲାବଠାରେ ଦୁର୍ଘଟଣା ଘଟିଥିଲା। ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଟ୍ରକ୍ ମାଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି।



ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମଦୁରାଇ କେନ୍ଦ୍ରୀୟ ନିର୍ବାଚନମଣ୍ଡଳୀର ଟିଭିକେ ପ୍ରାର୍ଥୀ ଭିଏମ୍‌କେ ମୁସ୍ତାଫାଙ୍କ ନିମନ୍ତେ ଜଣେ ବ୍ୟକ୍ତି ରବିବାର ଗରିଲା ପୋଷାକରେ ନିର୍ବାଚନ ପ୍ରଚାର କରୁଛନ୍ତି।

# ସର୍ବୋଚ୍ଚ ସ୍ତର ଛୁଇଁପାରେ ତୈଳ ଦର



ବିଏସ୍ଇ ସେନ୍ସେକ୍ସ
୭୭, ୫୫୦(+୯୧୮)



୧ ଡଲାର = ୯୩.୦୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୫.୨୦ ଡଲାର

**ନୂଆଦିଲ୍ଲୀ, ୧୨।୪**



ଆମେରିକା ଏବଂ ଇରାନ୍ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଏବେ ତୈଳ ଯୋଗାଣ ଶୃଙ୍ଖଳକୁ ନେଇ ବୈଶ୍ୱିକ ସ୍ତରରେ ଚିନ୍ତା ବଢ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ନିଜ ନୌସେନାକୁ ନିର୍ଦ୍ଦେଶ ଦେଇ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଜାହାଜ ଚଳାଚଳ କ୍ଷେତ୍ରକୁ ନିୟନ୍ତ୍ରଣକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଇରାନୀୟ ତୈଳବାହୀ ଜାହାଜଗୁଡିକୁ ବନ୍ଦ କରିବା ସହ ଇରାନ୍‌ର ପ୍ରମୁଖ ତୈଳ ଉତ୍ପାଦନ ପ୍ଲାଣ୍ଟ ଉପରେ ତୁରନ୍ତ ଆକ୍ରମଣ କରିବାକୁ କହିଛନ୍ତି। ସେପଟେ ୬୦୦ରୁ ଅଧିକ ତୈଳବାହୀ ଜାହାଜ ହର୍ମୁଜ୍ ପାର୍ ହେବାକୁ ଅପେକ୍ଷାରେ ରହିଛନ୍ତି। ଯଦି ଆଗକୁ ସ୍ଥିତି ଖରାପ ହୁଏ ତେବେ ତୈଳ ଯୋଗାଣ ଶୃଙ୍ଖଳ ସମ୍ପୂର୍ଣ୍ଣ ବ୍ୟାହତ ହେବ ବୋଲି ଆଶଙ୍କା ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ପ୍ରମୁଖ ତୈଳ ବିଶୋଧନକାରୀ କମ୍ପାନୀ ଏବେଠୁ ସତର୍କତା ଅବଲମ୍ବନ କରି ତୈଳ ଉତ୍ପାଦନକୁ ନେଇ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ କରି ଆମେରିକା ନିଜ ଉତ୍ପାଦିତ ଏବଂ ଭେନେଜୁଏଲାରୁ ପାଉଥିବା ତୈଳ ବିକ୍ରି କରିବାକୁ ମସୁଧା ଚଳାଇଛି। ହେଲେ ଉପସାଗରୀୟ ଦେଶଗୁଡ଼ିକରୁ ତୈଳ ଯୋଗାଣ ବନ୍ଦ ହେଲେ ଭାରତ ସମେତ ଚାଇନା ଏବଂ ଅନ୍ୟ ବହୁ ଏସୀୟ ଦେଶ ସମେତ ୟୁରୋପରେ ତୈଳ ସଙ୍କଟ ଉତ୍କଟ ହେବ ବୋଲି କୁହାଯାଉଛି। ଫଳରେ ଆଗକୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ସର୍ବୋଚ୍ଚ ସ୍ତର ଛୁଇଁବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ଜୁଏଲେରି ବ୍ୟବସାୟ ସବୁଠୁ ନିରାପଦ

**ପ୍ରାୟ ୩୦ ବର୍ଷ ପୂର୍ବେ ପ୍ରତିଷ୍ଠିତ 'ଶୁଭଲାଭ ଜୁଏଲର୍ସ' ଓଡ଼ିଶାର ଏକ ପ୍ରମୁଖ ଜୁଏଲେରି ବ୍ରାଣ୍ଡ୍ ଭାବରେ ପରିଚିତ। ଏକ ଛୋଟ ଦୋକାନରୁ ଆରମ୍ଭ ହୋଇଥିବା ଏହି ସଂସ୍ଥାର ଏକାଧିକ ଷ୍ଟୋର ଏବେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି। ଗ୍ରାହକମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ହୀରା ଏବଂ ସୁନା ଅଳଙ୍କାର ଯୋଗାଇଦେବା ପାଇଁ ପ୍ରତିବଦ୍ଧ 'ଶୁଭଲାଭ ଜୁଏଲର୍ସ'ର ପ୍ରତିଷ୍ଠାତା ସଞ୍ଜୀବ ହଂସଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର...**



ସଞ୍ଜୀବ ହଂସ





**ପ୍ରଃ ପ୍ରତିଯୋଗିତାପୂର୍ଣ୍ଣ ଭୁବନେଶ୍ୱର ବଜାରରେ ଶୁଭଲାଭ ଜୁଏଲର୍ସର ଉପସ୍ଥିତି ଏତେ ପ୍ରଭାବଶାଳୀ କିପରି ହୋଇପାରିଛି?**

ଉ- ଆମେ ଯେତେବେଳେ ଶୁଭଲାଭ ଜୁଏଲର୍ସ ଆରମ୍ଭ କରିଥିଲୁ, ସେତେବେଳେ ବଜାରରେ ଏକ ବଡ଼ ଅଭାବ ଦେଖିଥିଲୁ। ଅଧିକାଂଶ ବଡ଼ ବ୍ରାଣ୍ଡଗୁଡ଼ିକ ଅଳ୍ପ ବଜେଟର ଗ୍ରାହକଙ୍କ ଉପରେ ବିଶେଷ ଧ୍ୟାନ ଦେଉ ନ ଥିଲେ। ଆମେ ସେହି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ସେବା, ସ୍ୱଳ୍ପ ମୂଲ୍ୟ ଏବଂ ନିର୍ଭରଯୋଗ୍ୟ ଗୁଣବତ୍ତା ପ୍ରଦାନ କରିବା ଉପରେ ଧ୍ୟାନ ଦେଲୁ। ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବା ଏବଂ ବିଶ୍ୱାସ ଜନ୍ମାଇବା ଦ୍ୱାରା ଆମେ ଏକ ଗ୍ରାହକ ଗୋଷ୍ଠୀ ସହ ବଜାରରେ ଦୃଢ଼ ପରିଚୟ ସୃଷ୍ଟି କରିପାରିଲୁ।

**ପ୍ରଃ ଭୂ-ରାଜନୈତିକ ଉତ୍ତେଜନା ଏବଂ ଦରଦାମ ବୃଦ୍ଧି ଯୋଗୁ ସୁନାର ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ କିଣାକିଣିକୁ କେତେ ପ୍ରଭାବିତ କରିଛି?**

ଉ- ବର୍ତ୍ତମାନ ସୁନା ମୂଲ୍ୟ ଆକାଶଛୁଆଁ ହୋଇଛି। ଶେୟାର ବଜାରରେ ଅନିଶ୍ଚିତତାର ସମୟରେ ଲୋକେ ସୁନାକୁ ନିରାପଦ ନିବେଶ ଭାବରେ ଦେଖୁଛନ୍ତି। ଶେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଗ୍ରାହକମାନେ ସ୍ୱାଭାବିକ ଭାବେ ସୁନାକୁ ଏକ ସୁରକ୍ଷିତ ନିବେଶ ଭାବେ ଗ୍ରହଣ କରନ୍ତି। ତଥାପି ବର୍ଦ୍ଧିତ ମୂଲ୍ୟ ଚାହିଦା ଉପରେ ପ୍ରଭାବ ପକାଇଛି ଏବଂ ଗ୍ରାହକଙ୍କ କ୍ରୟ ଶୈଳୀରେ ପରିବର୍ତ୍ତନ ଆଣିଛି। ଗ୍ରାହକମାନେ ଏବେ ହାଲୁକା ଓ କମ୍ ମୂଲ୍ୟର ଅଳଙ୍କାର କିଣୁଛନ୍ତି। ମୋଟ କ୍ରୟ ମୂଲ୍ୟ ସ୍ଥିର ରହିଥିଲେ ମଧ୍ୟ ସୁନାର ପରିମାଣ କମିଛି, ଯାହା ବର୍ତ୍ତମାନର ବଜାରରେ ଗ୍ରାହକଙ୍କ ସତର୍କତାକୁ ଦର୍ଶାଉଛି।

**ପ୍ରଃ ସୁନା, ହୀରା ଏବଂ ରୁପା ଅଳଙ୍କାର ମଧ୍ୟରେ ଗ୍ରାହକଙ୍କ ପସନ୍ଦରେ କୌଣସି ପରିବର୍ତ୍ତନ ଦେଖାଯାଉଛି କି?**

ଉ-ବର୍ତ୍ତମାନ ଗ୍ରାହକମାନେ ବ୍ରାଣ୍ଡେଡ୍ ଜୁଏଲେରି ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ବିଶେଷକରି ଜେନ୍-ଜି ଗ୍ରାହକମାନେ ଜାତୀୟ ସ୍ତରର ବ୍ରାଣ୍ଡ ପସନ୍ଦ କରୁଛନ୍ତି। ଏହି ଟ୍ରେଣ୍ଡ୍ ସହ ତାଳଦେବା ପାଇଁ ଆମେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର 'ଇନ୍ଦ୍ରିୟା' ଷ୍ଟୋର ସହ ମିଶି ବ୍ୟବସାୟ ସମ୍ପ୍ରସାରଣ କରିଛୁ।

**ପ୍ରଃ ପୁରୁଣା ସୁନା ବଦଳ କାର୍ଯ୍ୟକ୍ରମ ଗ୍ରାହକଙ୍କୁ ବଜାୟ ରଖିବା ଏବଂ ବ୍ୟବସାୟିକ ପ୍ରକ୍ରିୟାରେ କେତେ ଗୁରୁତ୍ୱପୂର୍ଣ୍ଣ?**

ଉ- ସୁନାର ମୂଲ୍ୟ ବୃଦ୍ଧି ହେତୁ ପୁରୁଣା ସୁନା ବଦଳରେ ନୂଆ ସୁନା କିଣିବାକୁ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ଏକ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବାଏବ୍ୟାକ୍ ନୀତି ବ୍ୟବସାୟ ବୃଦ୍ଧି ଏବଂ ଗ୍ରାହକଙ୍କ ବିଶ୍ୱାସ ବଜାୟ ରଖିବାରେ ବହୁତ ସାହାଯ୍ୟ କରୁଛି।

**ପ୍ରଃ ଏହି ବ୍ୟବସାୟରେ ଆସିବାକୁ କିପରି ମନ ବଳାଇଥିଲେ? ନୂଆ ଉଦ୍ୟୋଗୀମାନଙ୍କୁ ଆପଣ କେଉଁ ପରାମର୍ଶ ଦେବେ?**

ଉ- ପ୍ରଯୁକ୍ତି ଏବଂ ଅନ୍‌ଲାଇନ ମାଧ୍ୟମ ଯୋଗୁ ଆଜିକାଲି ଅଧିକାଂଶ ବ୍ୟବସାୟ ପାଇଁ କିଛି ନା କିଛି ବିପଦ ରହୁଛି। ମାତ୍ର ଜୁଏଲେରି ବ୍ୟବସାୟ ଏହାଠାରୁ ଅପେକ୍ଷାକୃତ ନିରାପଦ। ଗ୍ରାହକମାନେ ଅଳଙ୍କାର ସ୍ପର୍ଶ କରି ଏବଂ ଦେଖି କିଣିବାକୁ ପସନ୍ଦ କରନ୍ତି। ଏହା ଏକ ଲୋ-ରିସ୍କ ବ୍ୟବସାୟ ଏବଂ ସୁନାର ମୂଲ୍ୟ ସମୟ ସହିତ ବଢୁଥିବାରୁ ଦୀର୍ଘକାଳୀନ ସ୍ଥିରତା ପ୍ରଦାନ କରେ। ନୂଆ ଉଦ୍ୟୋଗୀମାନଙ୍କୁ ଏହି ପରାମର୍ଶ ଦେବି ଯେ, ଉଚ୍ଚ ଗୁଣବତ୍ତା, ସ୍ୱଚ୍ଛତା ଏବଂ ଗ୍ରାହକ ସେବା ମାଧ୍ୟମରେ ଶୁଭ୍‌ଲାଭ୍ ଜୁଏଲର୍ସ ଓଡ଼ିଶାର ଜୁଏଲେରି ବଜାରରେ ନିଜର ସ୍ଥାନ ସୁଦୃଢ଼ କରିଛି। ଅନ୍ୟମାନେ ମଧ୍ୟ ଏହି ଦିଗରେ ସତର୍କ ରହିବା ଉଚିତ।

# ପ୍ରଭାବିତ ହୋଇପାରେ ଷ୍ଟକ୍ ବଜାର

**ଇରାନ୍-ଆମେରିକା ଆଲୋଚନା ବିଫଳ**

**ମୁମ୍ବାଇ, ୧୨।୪**



ଯୁଦ୍ଧ ବନ୍ଦ ଲାଗି ଇରାନ୍ ଓ ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ଆଲୋଚନା ଏକ ପ୍ରକାର ବିଫଳ ହୋଇଛି। ଇସ୍‌ଲାମାବାଦଠାରେ ପ୍ରାୟ ୨୧ ଘଣ୍ଟା ଧରି ଚାଲିଥିବା ଆଲୋଚନାକୁ ନେଇ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲାବେଳେ ଉଭୟ ପକ୍ଷ ନିଜ ନିଜ ସର୍ତ୍ତକୁ ନେଇ ଅଟଳ ରହିଛନ୍ତି। ଫଳରେ ଯୁଦ୍ଧ ବନ୍ଦ ହେବା ସହ ପଶ୍ଚିମ ଏସିଆ ସ୍ଥିତିରେ ପରିବର୍ତ୍ତନ ଏବଂ ବୈଶ୍ୱିକ ଇନ୍ଧନ ଯୋଗାଣ ସ୍ୱାଭାବିକ ହେବାକୁ ନେଇ ଯେଉଁ ଆଶା ରହିଥିଲା ତାହା ମଉଳିଯାଇଛି। ଏଭଳି ସ୍ଥିତିରେ ଆଗକୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଘଟିବା ସହ ପୁଞ୍ଜି ବଜାର ମଧ୍ୟ ପୁଣି ଅସ୍ଥିରତା ମଧ୍ୟକୁ ଠେଲି ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଗତ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ଷ୍ଟ୍ରେଟ୍ ସ୍ୱାଭାବିକ କରିବା ଲକ୍ଷ୍ୟରେ ବୁଝାମଣା କରିବାକୁ ଇରାନ୍‌କୁ ସୁଯୋଗ ଦେବା ସହ ୧୪ ଦିନର ଯୁଦ୍ଧ ବିରତି ଘୋଷଣା କରିଥିଲେ। ଟ୍ରମ୍ପଙ୍କ ଏହି ଘୋଷଣାର କିଛି ସମୟ ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇବା ସହ ପୁଞ୍ଜି ବଜାର ସ୍ଥିତିରେ ମଧ୍ୟରେ ଦ୍ରୁତ ପରିବର୍ତ୍ତନ ଘଟିଥିଲା। ବିଶେଷକରି ଭାରତୀୟ ଶେୟାର ବଜାର ଉପରେ ଗତ ସପ୍ତାହରେ ସକାରାତ୍ମକ ପ୍ରଭାବ ପଡ଼ିବା ସହିତ ଉଭୟ ବିଏସ୍ଇ ଏବଂ ଏନ୍ଏସ୍ଇ ତାଲିକାଭୁକ୍ତ କମ୍ପାନୀଗୁଡିକର ଶେୟାର କାରବାର ପୂର୍ବ ତୁଳନାରେ ବୃଦ୍ଧି ପାଇଥିଲା। ଏପରିକି ଗୋଟିଏ ପର୍ଯ୍ୟାୟ କାରବାର ଦିବସରେ ବିଏସ୍ଇ ସେନ୍‌ସେକ୍ସ ୯୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ହାରାହାରି ଭାବେ ଗତ ସପ୍ତାହ ସେନ୍‌ସେକ୍ସ କାରବାର ୫.୭୭ ପ୍ରତିଶତ ବୃଦ୍ଧି ପାଇବା ସହ ଏଥିରେ ୪୨୩୦ ପଏଣ୍ଟ ବୃଦ୍ଧି ଘଟିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ମଧ୍ୟ ୧୩୩୭ ପଏଣ୍ଟ ବୃଦ୍ଧି ପାଇଥିଲା। କିନ୍ତୁ ଯୁଦ୍ଧ ଆଲୋଚନା ବିଫଳ ହେବା ପରେ ଏବେ ନିବେଶକ ଶଙ୍କାଗ୍ରସ୍ତ ହୋଇପଡ଼ିଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡ଼ିବ ବୋଲି କୁହାଯାଉଛି। ବିଶେଷକରି ତୈଳ ଦର ବୃଦ୍ଧି ଶେୟାର ବଜାରକୁ ମାତ୍ରାଧିକ ପ୍ରଭାବିତ କରିବା ନେଇ ବଜାର ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଦେଇଛନ୍ତି। ଏବେଠାରୁ ନିବେଶକମାନେ ସତର୍କତା ଅବଲମ୍ବନ କରିବା ଆରମ୍ଭ କରିଦେଇଥିବାରୁ ସୋମବାର ଶେୟାର ବଜାର ଖୋଲିବା ପରେ ଏହାର ପ୍ରଭାବ ତୁରନ୍ତ ଅନୁଭୂତ ହେବ ବୋଲି କୁହାଯାଇଛି।

# ୮ ପ୍ରମୁଖ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ୪.୧୩ ଲକ୍ଷ କୋଟି ବୃଦ୍ଧି

**ମୁମ୍ବାଇ, ୧୨।୪:** ଗତ ସପ୍ତାହରେ ବିଏସ୍ଇ ତାଲିକାଭୁକ୍ତ କମ୍ପାନୀଗୁଡିକ ମଧ୍ୟରୁ ବ୍ୟାଙ୍କିଙ୍ଗ , ଟେଲିକମ ଏବଂ ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଙ୍କ ଶେୟାର ଭଲ ପ୍ରଦର୍ଶନ କରିଥିଲା। ଏହାକୁ ନେଇ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୮ଟି କମ୍ପାନୀର ବଜାର ପୁଞ୍ଜି (ଏମ୍-କ୍ୟାପ୍)ରେ ଅନ୍ୟୂନ ୪ ଲକ୍ଷ ୧୩ ହଜାର କୋଟି ଟଙ୍କା ବୃଦ୍ଧି ହୋଇଛି। ସପ୍ତାହକ ମଧ୍ୟରେ ବିଏସ୍ଇ ସେନସେକ୍ସରେ ୪୨୩୦ ପଏଣ୍ଟ ବୃଦ୍ଧି ଘଟିଥିଲାବେଳେ ନିଫ୍ଟିରେ ୧୩୩୭ ପଏଣ୍ଟ ବୃଦ୍ଧି ହୋଇଥିଲା। ଫଳରେ ଅନେକ କମ୍ପାନୀଙ୍କ ବଜାର ପୁଞ୍ଜି ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ତେବେ ଅଧିକ ଫାଇଦା ଉଠାଇବା କ୍ଷେତ୍ରରେ ଏଚ୍‌ଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ ସବୁଠୁ ଆଗରେ ରହିଛନ୍ତି। କିନ୍ତୁ ଯୁଦ୍ଧ ବୁଝାମଣା ବିଫଳ ହୋଇଥିବାରୁ ସୋମବାର ଆରମ୍ଭହେବାକୁ ଥିବା କାରବାର ପର୍ଯ୍ୟାୟରେ ଭାରତୀୟ ଶେୟାର ବଜାରରେ ପୁଣିଥରେ ନକାରାତ୍ମକ ସ୍ଥିତି ଉପୁଜିପାରେ ବୋଲି ଆଶଙ୍କା ଦେଖାଯାଇଛି।



# ୪%ରେ ପହଞ୍ଚିବ ଖାଉଟି ମୁଦ୍ରାସ୍ଫୀତି



**ନୂଆଦିଲ୍ଲୀ, ୧୨।୪**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଇନ୍ଧନ ମୂଲ୍ୟରେ ବୃଦ୍ଧି ହେବା ପରେ ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବାର ଆଶଙ୍କା ବଢ଼ିଛି। ଗତ ଫେବୃଆରୀରେ ଖାଉଟି ମୁଦ୍ରାସ୍ଫୀତି ୩.୨ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲାବେଳେ ଖାଉଟି ମୂଲ୍ୟସୂଚୀ(ସିପିଆଇ) ଆଧାରରେ ଏହା ମାର୍ଚ୍ଚରେ ୩.୫ରୁ ୪ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି। ସୋମବାର କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ କରାଯିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ ରହିଛି। ହେଲେ ଘରୋଇ ଗ୍ୟାସ୍ ଏବଂ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡରରେ ବୃଦ୍ଧି ହୋଇଛି। ଘରୋଇ ଗ୍ୟାସ୍‌ରେ ୬୦ ଟଙ୍କା ବୃଦ୍ଧି ହେବା ସହ ବ୍ୟବସାୟିକ ସିଲିଣ୍ଡର ମୂଲ୍ୟ ୧୧୫ ଟଙ୍କା ବଢ଼ିଛି। ଏହାକୁ ନେଇ ହୋଟେଲ ଓ ରେଷ୍ଟୁରାଣ୍ଟ କ୍ଷେତ୍ର ପ୍ରଭାବିତ ହୋଇଛି। ଏହାଦ୍ୱାରା ଖାଉଟି ମୁଦ୍ରାସ୍ଫୀତି ପୂର୍ବ ତୁଳନାରେ ଅଧିକ ହେବ ବୋଲି କୁହାଯାଇଛି।

# ଭାରତ ବିଶ୍ୱର ଦ୍ୱିତୀୟ ବୃହତ ସୌରଶକ୍ତି ବଜାର

**ନୂଆଦିଲ୍ଲୀ, ୧୨।୪**



ସୌରଶକ୍ତି କ୍ଷେତ୍ରରେ ଚଳିତ ବର୍ଷ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ବଜାର ଭାବେ ପ୍ରତିଷ୍ଠାଲାଭ କରିବାକୁ ଯାଉଛି। ବିଶେଷକରି ସୌରଶକ୍ତି ଉତ୍ପାଦନ ଓ ୟୁନିଟ୍ ପ୍ରତିଷ୍ଠା ସହିତ ଉପଯୋଗ କ୍ଷେତ୍ରରେ ଭାରତ ଦ୍ୱିତୀୟ ବୃହତ ରାଷ୍ଟ୍ରଭାବେ ମାନ୍ୟତା ପାଇବ ବୋଲି ନ୍ୟାଶନାଲ ସୋଲାର ଏନର୍ଜି ଫେଡେରଶନ ଅଫ୍ ଇଣ୍ଡିଆ(ଏନ୍ଏସଇଏଫ୍ଆଇ) ପକ୍ଷରୁ କୁହାଯାଇଛି। ଗତ ୧୪ ମାସ ମଧ୍ୟରେ ଭାରତ ୫୦ ଜିଗାୱାଟ ସୌରଶକ୍ତି ଉତ୍ପାଦନ କରି ଏହାର ମୋଟ ଉତ୍ପାଦନ କ୍ଷମତା ୧୫୦ ଜିଗାୱାଟ୍‌ରୁ ଅଧିକ ସ୍ତରରେ ପହଞ୍ଚାଇବା ଏକ ମାଇଲଖୁଣ୍ଟ ହୋଇଛି ବୋଲି ଏହି ମହାସଂଘ କହିଛି। ଏହିକ୍ରମରେ ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ସହିତ ଅତିରିକ୍ତ ଶକ୍ତି ଉତ୍ପାଦନ କରିବା ଲାଗି ପଦକ୍ଷେପ ନେଇଛି ଏବଂ ଜୀବାଶ୍ମ ଇନ୍ଧନ ତୁଳନାରେ ଏବେ ସୌରଶକ୍ତି ଉତ୍ପାଦନକୁ ଗୁରୁତ୍ୱ ଦେଇଛି। ଭାରତରେ ୫୦ ଜିଗାୱାଟ ଶକ୍ତି ଉତ୍ପାଦନ ଲାଗି ୧୧ ବର୍ଷ ଲାଗିଥିଲାବେଳେ ଏବେ ୧୪ ମାସରେ ଏହି ପରିମାଣର ସୌରଶକ୍ତି ଉତ୍ପାଦନ କରାଯିବା ନିଶ୍ଚିତ ଭାବେ ଭାରତର ସାମର୍ଥ୍ୟକୁ ପ୍ରତିପାଦିତ କରିଛି ବୋଲି ଏନ୍ଏସଇଏଫ୍ଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରମଣ୍ୟମ ପୁଲିପକା କହିଛନ୍ତି। ଏହିକ୍ରମରେ ୨୦୩୦ ସୁଦ୍ଧା ଦେଶର ଅଣ ଜୀବାଶ୍ମ ଇନ୍ଧନ ଉତ୍ପାଦନ କ୍ଷମତା ୫୦୦ ଜିଗାୱାଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

# ରାଉରକେଲାରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନୂଆ ଷ୍ଟୋର





**ରାଉରକେଲା, ୧୨।୪ (ଦିନେଶ ମିଶ୍ର)**

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସ ତାହାର ପ୍ରଥମ ଷ୍ଟୋରର ଶୁଭାରମ୍ଭ କରିଛି। ସୂକ୍ଷ୍ମ ଅଳଙ୍କାର କାରିଗରିରେ ୮୭ ବର୍ଷର ଏକ ପରମ୍ପରା ସହିତ ଏହି ବ୍ରାଣ୍ଡ ରାଉରକେଲାକୁ କେବଳ ଡିଜାଇନର ଏକ ବୃହତ ଚୟନ ନୁହେଁ, ବରଂ ସ୍ଥାୟୀ ବିଶ୍ୱାସ, ସାଧୁତା ଏବଂ ଡିଜାଇନର ଶ୍ରେଷ୍ଠତାର ଆଶ୍ୱାସନା ମଧ୍ୟ ଆଣିଛି। ଶୁଭାରମ୍ଭ ଉତ୍ସବରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶୁଭଙ୍କର ସେନ ଓ ଅଭିନେତ୍ରୀ ଭୂମି ପେଡନେକର ଉପସ୍ଥିତ ରହିଥିଲେ। ଏକ ଆଧୁନିକ ଅଳଙ୍କାର ପ୍ରତିଷ୍ଠାନ ଭାବେ ପ୍ରଶସ୍ତ ୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହି ଷ୍ଟୋରରେ ସୁନା, ହୀରା ଓ ପ୍ଲାଟିନମ ସଂଗ୍ରହରେ ସେନକୋର ସ୍ୱତନ୍ତ୍ର କାରିଗରି ପ୍ରଦର୍ଶିତ ହୋଇଛି। ପାରମ୍ପରିକ ଡିଜାଇନଠାରୁ ଆରମ୍ଭ କରି ସୂକ୍ଷ୍ମ ସମସାମୟିକ ସୃଷ୍ଟି ପର୍ଯ୍ୟନ୍ତ ଏହି ଷ୍ଟୋର ଗ୍ରାହକମାନଙ୍କୁ ଏକ ଉନ୍ନତ ଓ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବ ବୋଲି ଶୁଭଙ୍କର କହିଛନ୍ତି।

ମାର୍କେଟିଂ ଓ ଡିଜାଇନ ମୁଖ୍ୟ ତଥା ନିର୍ଦ୍ଦେଶିକା ଜୋଇତା ସେନ କହିଛନ୍ତି, ଅକ୍ଷୟ ତୃତୀୟା ପୂର୍ବରୁ ରାଉରକେଲାରେ ଷ୍ଟୋର ଖୋଲିବା ଆମ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ଆଣିଦେଇଛି।

# ଏଲ୍‌ପିଜି କଳାବଜାର: ୨୧୯ ବିତରକଙ୍କୁ ଜରିମାନା

**ନୂଆଦିଲ୍ଲୀ,୧୨।୪**

ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତି ମଧ୍ୟରେ ଦେଶରେ ଶକ୍ତି ଯୋଗାଣ ଏବଂ ଇନ୍ଧନର ଉପଲବ୍ଧିକୁ ସୁନିଶ୍ଚିତ କରିବା ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ବର୍ତ୍ତମାନର ଇନ୍ଧନ ଯୋଗାଣ ସ୍ଥିତି ବିଷୟରେ ସୂଚନା ଦିଆଯାଇଛି। କଳା କାରବାର ଏବଂ ବ୍ୟାପକ ହୋର୍ଡିଂକୁ ରୋକିବା ଲାଗି ଶନିବାର ଦେଶବ୍ୟାପୀ ୨୭୦୦ରୁ ଅଧିକ ଚଢ଼ାଉ କରାଯାଇଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ୨୧୯ ଏଲପିଜି ବିତରକଙ୍କ ଉପରେ ଜରିମାନା କରିବା ସହ ୫୬ ବିତରକଙ୍କ ଲାଇସେନ୍ସ ରଦ୍ଦ କରିଛନ୍ତି। ପେଟ୍ରୋଲିୟମ ଏବଂ ଗ୍ୟାସ ମନ୍ତ୍ରଣାଳୟର ସୂଚନା ଅନୁସାରେ ପ୍ରାୟ ୯୮% ଏଲ୍‌ପିଜି ବୁକିଂ ଅନଲାଇନ୍ ମାଧ୍ୟମରେ ହେଉଛି। ସିଲିଣ୍ଡର ଚୋରି ରୋକିବା ପାଇଁ ଡେଲିଭରି ପ୍ରମାଣନ କୋଡ୍ (ଡିଏସି) ଆଧାରିତ ବିତରଣ ୯୩%କୁ ବୃଦ୍ଧି ପାଇଛି। ଶନିବାର ୫୨.୩ ଲକ୍ଷରୁ ଅଧିକ ଘରୋଇ ସିଲିଣ୍ଡର ବିତରଣ କରାଯାଇଛି। ପ୍ରବାସୀ ଶ୍ରମିକମାନଙ୍କ ପାଇଁ ୫ କେଜି ଏଫ୍‌ଟିଏଲ୍ ସିଲିଣ୍ଡରର ଯୋଗାଣ ଦ୍ୱିଗୁଣିତ କରାଯାଇଛି। ମନ୍ତ୍ରଣାଳୟ ସୂଚନାନୁସାରେ 'ହର୍ମୁଜ ପ୍ରଣାଳୀ' ପ୍ରଭାବିତ ହେଉଥିବାରୁ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ଉପଲବ୍ଧତା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏ କ୍ଷେତ୍ରରେ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟ ନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ପେଟ୍ରୋଲିୟମ ଉତ୍ପାଦର ମହଜୁଦ ଏବଂ କଳାବଜାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରମାନଙ୍କୁ କ୍ଷମତା ଦିଆଯାଇଛି। ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ମିଥ୍ୟା ଖବର ରୋକିବା ଏବଂ ସାମାଜିକ ଗଣମାଧ୍ୟମରେ ଠିକ୍ ସୂଚନା ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯାଉଛି। ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ କଣ୍ଟ୍ରୋଲ ରୁମ୍ ଏବଂ ଜିଲା ସ୍ତରୀୟ ମନିଟରିଂ କମିଟି ଗଠନ କରିଛନ୍ତି। ପ୍ରାକୃତିକ ଗ୍ୟାସ ଯୋଗାଣ ଏବଂ ପିଏନଜି ସମ୍ପ୍ରସାରଣକୁ ସ୍ୱାଭାବିକ ରଖିବା ଲାଗି ଘରୋଇ ପିଏନଜି ଏବଂ ସିଏନଜି ପରିବହନ ପାଇଁ ୧୦୦% ଯୋଗାଣକୁ ପ୍ରାଥମିକତା ଦିଆଯାଇଛି। ସାର କାରଖାନାଗୁଡ଼ିକୁ ଗ୍ୟାସ ଯୋଗାଣ ୫% ବୃଦ୍ଧି କରାଯାଇ ୯୫%କୁ ଅଣାଯାଇଛି। ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ବାଣିଜ୍ୟ ଏଲପିଜି ବଦଳରେ ପିଏନଜି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ୨୦୨୬ ମାର୍ଚ୍ଚରୁ ବର୍ତ୍ତମାନ ସୁଦ୍ଧା ୪.୨୪ ଲକ୍ଷରୁ ଅଧିକ ନୂତନ ପିଏନଜି ସଂଯୋଗ ଦିଆଯାଇଛି। ଅନ୍ୟପଟେ ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟି ଲିଟର ପିଛା ୧୦ ଟଙ୍କା ହ୍ରାସ କରିଛନ୍ତି ଏବଂ ଖୁଚୁରା ବଜାରରେ ତୈଳ ଦର ଅପରିବର୍ତ୍ତିତ ରହିଛି।

# ଅକ୍ଷୟ ତୃତୀୟାରେ ଭଲ କାରବାର ପାଇଁ ବ୍ୟବସାୟୀ ଉତ୍ସାହିତ

**ମୁମ୍ବାଇ, ୧୨।୪**

ବର୍ଷକର ଗୋଟିଏ ଦିନରେ ସାରା ଦେଶରେ ଯେତିକି ସୁନା ଅଳଙ୍କାର କ୍ରୟ ହୋଇଥାଏ ତାହା ଅନ୍ୟ କୌଣସି ଦିନରେ ହୋଇ ନ ଥାଏ। ସେହି ଦିନଟି ହେଉଛି ଅକ୍ଷୟ ତୃତୀୟା। ଚଳିତ ବର୍ଷ ଏପ୍ରିଲ ୧୯ରେ ଅକ୍ଷୟ ତୃତୀୟା ପଡୁଥିଲାବେଳେ ଏହି ଦିନରେ ଭଲ କାରବାର ହେବ ବୋଲି ବ୍ୟବସାୟୀ ଉତ୍ସାହିତ ରହିଛନ୍ତି। କାରଣ ଏବେ ପୂର୍ବ ତୁଳନାରେ ସୁନା ମୂଲ୍ୟ ଅପେକ୍ଷାକୃତ କମ୍ ରହିଥିବାରୁ ଗ୍ରାହକମାନଙ୍କ ସୁନା ଅଳଙ୍କାର କିଣିବା ପ୍ରତି ଆଗ୍ରହ ବଢିବ। ଗତ ଜାନୁଆରୀରେ ୧୦ ଗ୍ରାମ୍ ସୁନା ମୂଲ୍ୟ ୧.୮୦ ଲକ୍ଷ ନିକଟବର୍ତ୍ତୀ ହୋଇଥିଲା। କିନ୍ତୁ ଏବେ ଏହା ୧.୫୦ ଲକ୍ଷ ପାଖାପାଖି ରହିଛି। ତେଣୁ ଏହି ଅକ୍ଷୟ ତୃତୀୟାରେ ଭଲ ବ୍ୟବସାୟ ହେବ ବୋଲି ଭାରତୀୟ ସ୍ୱର୍ଣ୍ଣ ଏବଂ ଅଳଙ୍କାର ବ୍ୟବସାୟ ସଂଘ କହିଛି।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No.9001/12/2627: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୧୩.୦୪.୨୦୨୬ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-9001/9013/1/26-27/0002

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**ସମଗ୍ର ଶିକ୍ଷା, ଗଞ୍ଜାମ, ଛତ୍ରପୁର - ୭୬୧୦୨୦**
ଫୋନ : ୦୬୮୧୧-୨୬୦୮୩୩, ଇମେଲ-dpcganjamssa.opepa@nic.in

**Order No.1001/GE/2026** **Dated. 10.04.2026**

**Advertisement for Various Post of KGBV Type-III, Samagra Shiksha, Ganjam**

**No.27001/15/2627** : Applications are invited from eligible female candidates for engagement of different categories of staff i.e. Warden, Accountant & Part-Time-Teachers in Kasturba Gandhi Balika Vidyalaya (KGBV Type-III) of Ganjam District. The number of vacant post in different KGBVs, prescribed application form and other details can be downloaded from the district website www.ganjam.odisha.gov.in and OSEPA website www.osepa.odisha.gov.in. The interested candidates fulfilling the eligibility criteria are requested to visit the website and apply on or before 27.04.2026 through Speed Post/Registered Post only to the District Project Coordinator, Samagra Shiksha, Ganjam, Chatrapur-761020.

By order of
Collector-cum-Chairman,
SS, Ganjam
**Sd./- DEO-cum-District Project Coordinator, SS, Ganjam**

OIPR-27001/27081/1/26-27/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଉଥ ଏସିଆନ ଜୁ ଜିତଷ୍ଣୁ: ଅନୁପମାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର,୧୨।୪(ଅନାଦି କର)**

ଶ୍ରୀଲଙ୍କାର ଦିଗାନାଠାରେ ଚାଲିଥିବା ଏସିଆନ ଜୁ ଜିତଷ୍ଣୁ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୫୨ କେଜି ସିନିୟର ମହିଳା ଫାଇଟିଙ୍ଗ ସିଷ୍ଟମ ବିଭାଗରେ ଏହି ସଫଳତା ପାଇଛନ୍ତି। ସେହିପରି ଅମରେଶ୍ୱର ସ୍ୱାଇଁ ୫୬ କେଜି ଓ ସ୍ୱରାଜ ଜାନି ୬୯ କେଜି ପୁରୁଷ ଫାଇଟିଙ୍ଗ ସିଷ୍ଟମ ବିଭାଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ରବିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ମିଳିଛି। ଫଳରେ ଓଡ଼ିଶାର ମୋଟ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ଏଥିରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ରହିଛି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ ଜୁ-ଜିତଷ୍ଣୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ସ୍ୱର୍ଣ୍ଣ ପଦକ ବିଜୟୀ ଅନୁପମା ସ୍ୱାଇଁ (ବାମ) ଓ ଅନ୍ୟମାନେ।

# ଗମ୍ଭୀରଙ୍କୁ ୭, ଅଂଶୁଲଙ୍କୁ ୫ ଉଇକେଟ

**କଟକ,୧୨।୪(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର-ଏ ୭୯ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ୨୧୬ରନରେ ଅଲଆଉଟ ହୋଇଥିଲା। ଲିଙ୍ଗରାଜ ଘୋଷ ୬୨ରନ ଏବଂ ସ୍ୱରାଜ କର ଅପରାଜିତ ୫୭ରନ କରିଥିଲେ। ମୟୂରଭଞ୍ଜର ଗମ୍ଭୀର ପିଙ୍ଗୁଆ ୭ଟି ଉଇକେଟ ଦଖଲ କରିଥିଲେ। ଜବାବରେ ମୟୂରଭଞ୍ଜ ୧୩୭ରନରେ ଅଲଆଉଟ ହୋଇଥିଲା। ୩ ଉଇକେଟ ଅକ୍ତିଆର କରିଥିବା ବିଜୟୀ ଦଳର ରେଶବ ଶର୍ମା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନିମପୁର ଗ୍ରାଉଣ୍ଡରେ ଯାଜପୁର ୧୨୯ରନରେ ମାଲକାନଗିରିକୁ ହରାଇଥିଲା। ଯାଜପୁର ପକ୍ଷରୁ ଧାର୍ଯ୍ୟ


ଗମ୍ଭୀର ପିଙ୍ଗୁଆ

୨୨୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମାଲକାନଗିରିର ଇନିଂସ ୯୯ରନରେ ସୀମିତ ରହିଥିଲା। ବିଜୟୀ ଯାଜପୁର ପକ୍ଷରୁ ଅଂଶୁଲ ବାରିକ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ଗଞ୍ଜାମ ୨ ଉଇକେଟରେ ସୁନ୍ଦରଗଡକୁ, ବାଲେଶ୍ୱର ୬ ଉଇକେଟରେ ଅନୁଗୋଳକୁ, କଟକ-ଏ ୨ରନରେ ନବରଙ୍ଗପୁରକୁ, କୋରାପୁଟ ୧୦ ଉଇକେଟରେ ବୌଦ୍ଧକୁ ହରାଇଛି।

# ରାଜ୍ୟ ଓପନ ଚେସ୍: କୌସ୍ତୁଭ ଚାମ୍ପିୟନ


କୌସ୍ତୁଭ ଦାଶଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୨।୪ (ବିଜୟ ରଣା)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ତତ୍ତ୍ୱାବଧାନରେ ଅରାତି ୬୪ ସ୍କୋୟାର ଫାଉଣ୍ଡେଶନ ତରଫରୁ କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର କୌସ୍ତୁଭ ଦାଶ ୬.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ବେଳେ ପୁରୀର ରାଜେଶ ନାୟକ (୬.୦) ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ତନ୍ମୟ ତ୍ରିପାଠୀ ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ପ୍ରତ୍ୟେକ ୫.୫ ପଏଣ୍ଟ ସହ ତୃତୀୟରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ୭ମ ଓ ୮ମ ସ୍ଥାନ ହାସଲ କରିଛନ୍ତି। ରଞ୍ଜିତା ଭଟ୍ଟାଚାର୍ଜୀ ଶ୍ରେଷ୍ଠ ମହିଳା ଖେଳାଳି ଏବଂ ନଟବର ଦାସ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ବାଳିକା ବିଭାଗରେ ଦେବସ୍ମିତା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୫ବର୍ଷରୁ କମ୍ ବିଭାଗରେ ସ୍ୱସ୍ତିକ ତ୍ରିପାଠୀ, ୧୩ ବର୍ଷରୁ କମ୍ ବିଭାଗରେ ଧୃତିମାନ ଦେ, ୧୧ ବର୍ଷରୁ କମ୍ ବିଭାଗରେ ସିଦ୍ଧାର୍ଥ ମଲ୍ଲିକ, ୯ ବର୍ଷରୁ କମ୍ ବିଭାଗରେ ଅର୍ପଣ ସାହୁ ଏବଂ ୭ ବର୍ଷରୁ କମ୍ ବିଭାଗରେ ଅବନୀତ ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅରାତି-୬୪ ସ୍କୋୟାର ଫାଉଣ୍ଡେଶନର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପଦେଷ୍ଟା ଅସିତ ମୁଖାର୍ଜୀ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ମାରାଥନ

# ବରୱାଲ ୪୮ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ

**ରୋଟ୍ଟରଡାମ୍, ୧୨।୪ (ପି.ଟି.)**

ସାୱନ ବରୱାଲ ଏଠାରେ ରବିବାର ଅନୁଷ୍ଠିତ ଏନ୍‌ଏନ୍ ମାରାଥନରେ ଭାରତୀୟ ଆଥଲେଟ୍‌ରେ ସବୁଠାରୁ ଲମ୍ବା ସମୟ ଧରି ରହିଥିବା ୪୮ବର୍ଷର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରି ଇତିହାସ ସୃଷ୍ଟି କରିଛନ୍ତି। ବରୱାଲ ୨ ଘଣ୍ଟା ୧୧ ମିନିଟ ଓ ୫୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରି ୨୦ତମ ସ୍ଥାନରେ ରହିଥିଲେ। ଏହାଦ୍ୱାରା ସେ ୧୯୭୮ରେ ଶିବନାଥ ସିଂଙ୍କ ନାମରେ ୨:୧୨:୦୦ ଟାଇମିଂରେ ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।

# କ୍ରିପା ଜିତିଲେ ପ୍ୟାରିସ ମାରାଥନ

**ପ୍ୟାରିସ, ୧୨।୪ (ଏପି.)**

ଇଟାଲୀର ୟେମେନ୍‌ବର୍ହାନ କ୍ରିପା ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନ ରେସ୍ ଜିତିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରାୟ ୬୦,୦୦୦ ଧାବକଙ୍କ ମଧ୍ୟରେ ସେ ଦ୍ରୁତତମ ବିବେଚିତ ହୋଇଛନ୍ତି। ମହିଳା ରେସ୍‌ରେ ଇଥିଓପିଆର ଶୁରି ଡିମାଇଜ୍ ମହିଳା ରେସ୍‌ରେ ଅନୁଆ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫ୍ରାନ୍ସ ରାଜଧାନୀରେ ଅନୁଷ୍ଠିତ ୪୨.୧୯୫ କିଲୋମିଟର (୨୬.୨ ମାଇଲ) ବିଶିଷ୍ଟ ଦୂରତାକୁ ଡିମାଇଜ ୨ ଘଣ୍ଟା, ୧୮ ମିନିଟ ଓ ୩୪ ସେକେଣ୍ଡରେ ଶେଷ କରିଥିଲେ। ପ୍ୟାରିସରେ ଏହା ପୂର୍ବରୁ ରେକର୍ଡ ରହିଥିବା ଦ୍ରୁତତମ ମହିଳା ଟାଇମିଂଠାରୁ ୧ ମିନିଟ ଆଗୁଆ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ ଡିମାଇଜ୍। ସେ ନିଜ ଦେଶର ମିସ୍‌ଗାନେ ଆଲେମାୟେହୁ ଏବଂ କେନିଆର ମାଗ୍‌ଡେଲିନ୍ ମାସାଇଙ୍କଠାରୁ ଆଗରେ ରହି ରେସ୍ ଶେଷ କରିଥିଲେ।

# ପାରାମାଉଣ୍ଟ ଚାମ୍ପିୟନ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାରକୁ ୪ ଉଇକେଟରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରେଡ୍ ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ସର୍ବାଧିକ ୮୭ ଓ ଶ୍ରେୟାଂଶ ବିଧାର ୩୫ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ପରିଡ଼ା ୩ଟି ଓ ବିଜୟ ସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭରରେ ୬ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ନେଇଥିଲା। କ୍ରିଷ୍ଣା ସାସମଲ ୫୨ ଏବଂ ପ୍ରତୀକ୍ଷିତ ପ୍ରଧାନ ଓ ସ୍ୱାଗତ ମିଶ୍ର ୩୭* ରନ ଲେଖାଏ ସ୍କୋର କରିଥିଲେ। ରେଡ୍ ଷ୍ଟାର ପକ୍ଷରୁ କ୍ଷୀରୋଦ ଭଞ୍ଜ ୨ଟି ଉଇକେଟ ନେଇଥିଲେ। ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପାଇଥିଲେ। ତୁଫେଲ ଅହମଦ ଶ୍ରେଷ୍ଠ ଫିଲ୍ଡର, ସମରଜିତ ସାହୁ ଶ୍ରେଷ୍ଠ ଉଇକେଟ କିପର, ଶୁଭମ୍ ପରିଡ଼ା ଶ୍ରେଷ୍ଠ ବୋଲର, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଆର୍‌ଏସ୍‌ଏସ୍ ପୂର୍ବାଞ୍ଚଳ ମୁଖ୍ୟ ଗୋପାଳ ପ୍ରସାଦ ମହାପାତ୍ର, ତପନ କୁମାର ପାଢ଼ୀ ଓ ହାଇ-ଟେକ୍ ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ସୁରେଶ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ଉପସଭାପତି ବଲ୍ଲବ ଚନ୍ଦ୍ର ସାହୁ, ସହଯୋଗୀ ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ପାରାମାଉଣ୍ଟ ଦଳ।

# ଅଲ୍‌କାରାଜଙ୍କୁ ହରାଇ ସିନର ଚାମ୍ପିୟନ

**ମୋନାକୋ, ୧୨।୪ ଏପି):** ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜଙ୍କୁ ୭-୬ (୫), ୬-୩ ସେଟ୍‌ରେ ହରାଇ ଜାନିକ ସିନର ପ୍ରଥମ ଥର ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟାଇଟଲ ଜିତିଛନ୍ତି। ଏତଦ୍‌ବ୍ୟତୀତ ସେ ତାଙ୍କର ସବୁଠାରୁ ବଡ଼ ଟେନିସ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହଟାଇ ପୁନର୍ବାର ନମ୍ବର-୧ ର୍ୟାଙ୍କିଙ୍ଗକୁ ଫେରିଛନ୍ତି। ଚାରିଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସିନର ୭ଥର ଗ୍ରାଣ୍ଡସ୍ଲାମ ବିଜେତା ଅଲ୍‌କରାଜଙ୍କୁ ସେମାନଙ୍କ ୯ମ ଫାଇନାଲରେ ଭେଟିଥିଲେ। ଦୁଇ ଖେଳାଳିଙ୍କୁ ଅନେକ 'ସିନ୍‌କାରାଜ' ପ୍ରତିଦ୍ୱନ୍ଦ୍ୱିତା କହିଥାନ୍ତି। ରବିବାର ଏହି ବିଜୟ ଦ୍ୱାରା ଅଲ୍‌କାରାଜଙ୍କୁ ବିପକ୍ଷରେ ସିନରଙ୍କ ହେଡ୍-ଟୁ-ହେଡ୍ ବିଜୟ ସ୍ଥିତି ୧୦-୭ରେ ପହଞ୍ଚିଛି।

# ଇଣ୍ଡିଆନ ଆଥଲେଟିକ୍ସ ସିରିଜରେ ଓଡ଼ିଶା ଆଥଲେଟଙ୍କ ସଫଳତା

**ରାଞ୍ଚି, ୧୨।୪ (ପି.ଟି.):** ଇଣ୍ଡିଆନ ଆଥଲେଟିକ୍ସ ସିରିଜର ଚତୁର୍ଥ ଲେଗ୍‌ରେ ଓଡ଼ିଶା ଆଥଲେଟମାନେ ସଫଳତା ହାସଲ କରିଛନ୍ତି। ରବିବାର ଓଡ଼ିଶାର ନ୍ୟାଶନାଲ ଇନ୍‌ଡୋର ଚାମ୍ପିୟନ ସାରୁନ ପାୟାସିଂ (୭.୪୬ ମିଟର) ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟ ଜିତିଛନ୍ତି। ମହେନ୍ଦ୍ର ସାନ୍ତା (୨୧.୯୬ ସେକେଣ୍ଡ) ପୁରୁଷ ୨୦୦ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମହିଳା ୧୦୦ମିଟର ଦୌଡ଼ରେ ମୌସୁମି ରୟ(୧୧.୮୩ ସେକେଣ୍ଡ) ପ୍ରଥମ ଏବଂ ବିନତୀ ବେହେରା (୧୨.୧୪) ତୃତୀୟ ହୋଇଛନ୍ତି। ମୌସୁମି ରାୟ (୨୪.୭୯) ମହିଳା ୨୦୦ମିଟର ରେସ୍ ଜିତିଛନ୍ତି। ସେହିପରି ମହିଳା ଲଙ୍ଗଜମ୍ପରେ ମନିଷା ମେରେଲ (୫.୭୮ମିଟର) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

# ଅଡୁଆରେ ଆର୍‌ଆର୍ ମ୍ୟାନେଜର

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ରାଜସ୍ଥାନ ରୟାଲ୍ସର ଦୀର୍ଘ ଦିନର ଟିମ୍ ମ୍ୟାନେଜର ରୋମି ଭିଣ୍ଡର ଗତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ମ୍ୟାଚ୍ ବେଳେ ଡଗଆଉଟ୍‌ରେ ଫୋନ ବ୍ୟବହାର କରୁଥିବା ଟିଭି କ୍ୟାମେରାରେ ନଜର ଆସିଥିଲେ।

## ଡଗ୍‌ଆଉଟ୍‌ରେ ଫୋନ ବ୍ୟବହାର ଘଟଣା

ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ବିସିସିଆଇ ପକ୍ଷରୁ ଏ ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

ଖେଳାଳି ଓ ମ୍ୟାଚ୍ ଅଫିସିଆଲ ଅଞ୍ଚଳ (ପିଏମ୍‌ଓଏ) ଲାଗି ଉଦ୍ଦିଷ୍ଟ ନିୟମ ମୁତାବକ, ଟିମ ମ୍ୟାନେଜର ଭଳି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଫୋନ ରଖିବାକୁ ଅନୁମତି ଦିଆଯାଏ। ଭିଣ୍ଡର ରାଜସ୍ଥାନ ମ୍ୟାନେଜର ହୋଇଥିବାରୁ ତାଙ୍କ ପାଖରେ ଫୋନ ଥିଲା। କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ, କେଉଁ ଅଞ୍ଚଳରୁ ଫୋନ ଭିତରକୁ ନିଆଯାଇଛି ଏବଂ ସେଥିଲାଗି କୌଣସି ଅନୁମତି ନିଆଯାଇଥିଲା କି ନାହିଁ। ତା' ପରେ ହିଁ ସେ କୌଣସି ନିୟମ ଭଙ୍ଗ କରିଛନ୍ତି କି ନାହିଁ, ତାହା ଜଣାପଡ଼ିବ। ଆଣ୍ଟି କରପ୍‌ଶନ ବିଭାଗ ତା'ର ତଦନ୍ତ ପ୍ରକ୍ରିୟା ଶେଷ କରି ରିପୋର୍ଟ ପ୍ରଦାନ କରିବ ବୋଲି ସାଇକିଆ କହିଛନ୍ତି। ଆଇପିଏଲ ନିୟମ ମୁତାବକ, ବିସିସିଆଇ ଆଣ୍ଟି-କରପ୍‌ଶନ ଓ ସିକ୍ୟୁରିଟି ୟୁନିଟ୍ ଦ୍ୱାରା ନିଯୁକ୍ତ ଦୁଇ ବିସିସିଆଇ ଆଣ୍ଟି-କରପ୍‌ଶନ ମ୍ୟାନେଜର୍ସ ପିଏମ୍‌ଓଏର ପରିଚାଳନା ଲାଗି ଦାୟୀ।


# Classified Everyday
0674-2580101, 9692975378


REAL ESTATE

**SALE**

Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498. D-250

Three storied building and 2178sqft gharabari land situated opposite Hyundai Showroom, Uttara, Bhubaneswar. Call-8917520527. D-91




Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୧୫ତମ ଶ୍ରାଦ୍ଧବାର୍ଷିକୀ


ଂଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୩।୧୯୪୧
ତିରୋଧାନ: ୨୮।୦୪।୨୦୧୧
ଏହା ମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଇଂ ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୯୮

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ଂରମାକାନ୍ତ ଦାଶ
ଆବିର୍ଭାବ: ୨୩।୦୨।୧୯୪୦
ତିରୋଧାନ: ୦୨।୦୪।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ନନା, କେଉଁଠି ତୁମେ..? ଆକାଶ ଘଟର ଶାନ୍ତ ଜଳରେ ତୁମ ଛବି ରହିଛି ଲୁଚି.. ଅବା ଘଟ ପ୍ରଦୀପର ନିରବ ଅଗ୍ନିଶିଖାରେ ତୁମ ଆତ୍ମା ଜ୍ୱଳି ଉଠିଛି... ଗାଁ ପୋଖରୀ ହୁଡ଼ା ପାଖରେ ସେଇ ମାଟିଘଟର ନିରବତାରେ... ନା ତୁମେ ଆଜି ସର୍ବତ୍ର ବ୍ୟାପ୍ତ ପଞ୍ଚମହାଭୂତର ଅଦୃଶ ସ୍ପନ୍ଦନରେ...
ଧ-୯୯


# ଆରିତ ଭାରତର ସର୍ବ କନିଷ୍ଠ ଆଇଏମ୍

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଦିଲ୍ଲୀର ୧୦ ବର୍ଷୀୟ ଆରିତ କପିଲ ଭାରତର ସର୍ବକନିଷ୍ଠ ଖେଳାଳି ହିସାବରେ ଏକ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍)ନର୍ମ ହାସଲ କରିଛନ୍ତି। ସ୍ପେନର ମେନୋର୍କାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡରେ ଅଷ୍ଟ୍ରେଲିଆର ସାମୁଏଲ୍ ଆସାକାଙ୍କ ସହିତ ଡ୍ର' ରଖିବା ପରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୨୦ ବର୍ଷରୁ କମ୍ ଚାମ୍ପିୟନ କାଜାଖସ୍ତାନ ଗ୍ରାଣ୍ଡମାଷ୍ଟର ନୋଜରବେକ୍ କେଜିବେକ୍‌ଙ୍କୁ ପରାଜିତ କରିବା ସହ ଟୁର୍ନାମେଣ୍ଟରେ ଆରିତଙ୍କ ଆରମ୍ଭ ଉତ୍ସାହଜନକ ଥିଲା।



ସେ ମାତ୍ର ୧୦ ବର୍ଷ ୭ ମାସ ବୟସରେ ସର୍ବକନିଷ୍ଠ ଭାରତୀୟ ଚେସ୍ ଖେଳାଳି ଭାବେ ଆଇଏମ୍ ନର୍ମ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଡି. ଗୁକେଶ, ଅର୍ଜୁନ ଓ ଆର. ପ୍ରଜ୍ଞାନନ୍ଦଙ୍କ ଭଳି ଖେଳାଳିଙ୍କ ପଦାଙ୍କ ଅନୁସରଣ କରି ସେ ବିଶ୍ୱରେ ଭାରତର ପୂର୍ବବର୍ତ୍ତୀ ବଡ଼ ଚେସ୍ ଖେଳାଳି ହୋଇ ଉଭା ହେବେ ବୋଲି ଆଶା କରାଯାଉଛି। ଗତବର୍ଷ ୧୧ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ବିଜୟ ହାସଲ କରିବା ଆରିତ୍‌ଙ୍କ ପାଇଁ ଟର୍ନିଂ ପଏଣ୍ଟ ଥିଲା। ବର୍ତ୍ତମାନ ସେ ୨୦୧୫ରେ ଜନ୍ମଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରେ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। 'ମେସି ଅଫ୍ ଚେସ୍' ନାମରେ ପରିଚିତ ୧୨ ବର୍ଷୀୟ ଅନ୍ତର୍ଜାତୀୟ ମାଷ୍ଟର ବିଶ୍ୱ ଚେସ୍ ମହଲରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କରାଟେ ଗ୍ରେଡିଂରେ ୨୮୬ କୃତକାର୍ଯ୍ୟ

**ଭୁବନେଶ୍ୱର,୧୨।୪(ଅନାଦି କର)**

ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାଠାରେ ରବିବାର ସୁକୋକାଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସୁକୋକାଇ କରାଟେ ୟୁନିଅନର ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଶୁଭେନ୍ଦୁ ଲେଙ୍କା, ଦୀପକ ଯାଦବ, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷାରେ ୟେଲୋ ବେଲ୍ଟରେ ୪୯, ଅରେଞ୍ଜ ବେଲ୍ଟରେ ୪୭, ଗ୍ରୀନ ବେଲ୍ଟରେ ୫୩, ବ୍ଲୁ ବେଲ୍ଟରେ ୪୭, ବ୍ରାଉନ ବେଲ୍ଟରେ ୯୦ ଜଣଙ୍କୁ ମିଶାଇ ମୋଟ ଉପରେ ୨୮୬ ଜଣ ଗ୍ରେଡିଂ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।


କରାଟେ ବେଲ୍ଟ ଗ୍ରେଡିଂରେ ଅଂଶଗ୍ରହଣ କରିଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ବିଶୋଧିତ ପାନୀୟ ଜଳ


ଡା. ଜୀବନ କୃଷ୍ଣ ମିଶ୍ର

**"ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇ ଦେଲେ ୧୫ରୁ ୨୦ ମିନିଟ୍ ମଧ୍ୟରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧ୍ୟମରେ ମଧ୍ୟ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲଟ୍ରେସନ୍ କୁହାଯାଏ।"**



ବିଶାଳ ଭୂପୃଷ୍ଠକୁ ସୁବିସ୍ତୃତ ଜଳରାଶି ଚାରିପଟୁ ସଜାଗ ପୋଲିସ ବାହିନୀ ସଦୃଶ ଘେରିରହିଛି। ମହାସାଗର, ସାଗର ଓ ନଦୀଜଳ ଦ୍ୱାରା ଜାଗତିକ ସଭ୍ୟତା ଉନ୍ନତିର ସୋପାନରେ ଆଗେଇ ଚାଲିଛି। ନଦୀଜଳର ସୁମଧୁର ବାରିଧାରା, କେନାଲ ପାଣିର ଉପଯୁକ୍ତ ବିନିଯୋଗ ଏବଂ ସମୟୋପଯୋଗୀ ମୌସୁମୀ ବର୍ଷାର ସ୍ୱର୍ଣ୍ଣ ଚାଷ, ଅମଳ ଓ କୃଷି କ୍ଷେତ୍ରରେ ଯଥେଷ୍ଟ ଉତ୍କର୍ଷ ସାଧନ କରିପାରିଛି। ମହୋଦଧିର ଅବବାହିକାରେ କ୍ଷେପଣାସ୍ତ୍ର ପ୍ରେରଣ, ଗମନାଗମନ ଓ ପରିଚାଳନାର ସୁଯୋଗ ମଧ୍ୟ ବେଶ୍ ବୃଦ୍ଧି ପାଇଛି। ବିଶେଷ ଭାବରେ ଦେବଭୂମି ଭାରତବର୍ଷ ବସୁନ୍ଧରା ମାତାଙ୍କ ଅବଦାନରେ ପରିପୁଷ୍ଟ ହୋଇ ବିଶ୍ୱ ଦରବାରରେ ସମ୍ମାନିତ ହୋଇପାରିଛି। ଘୋର ଦୁଃଖ ଓ ପରିତାପର ବିଷୟ ଯେ, ଉପମହାଦେଶ 'ଭାରତ' ଆଜି ଜନସଂଖ୍ୟା ବିସ୍ଫୋରଣରେ ଆଉଟୁପାଉଟୁ ହୋଇ ଚିନ୍ତାଶୀଳ ହୋଇପଡ଼ିଛି। ପୃଥିବୀର ସର୍ବବୃହତ୍ ଦେଶ ଭାବେ ଏହା ପରିଗଣିତ ହେବା ସହିତ ସବୁଜ ଗୃହର କ୍ରମବର୍ଦ୍ଧିଷ୍ଣୁ ନକାରାତ୍ମକ ପ୍ରଭାବ ଓ ଉତ୍ତପ୍ତୀକରଣ ପ୍ରକ୍ରିୟାରେ ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇ ଯାଇଛି। ବିପୁଳ ଜନସଂଖ୍ୟା ସହିତ ମାତ୍ରାଧିକ ଯାନବାହନର ବ୍ୟବହାର, ନଦୀମାତୃକା ଦେଶର ସ୍ୱଚ୍ଛ ଓ ନିର୍ମଳ ଜଳ ସମୂହକୁ ଧୀରେ ଧୀରେ ପ୍ରଦୂଷିତ କରିବାରେ ଲାଗିଛି। ସମସ୍ୟା ଏପରି ହେଲାଣି ଯେ, ପାନୀୟଜଳ କିଣିବା ପାଇଁ ବ୍ୟକ୍ତିବିଶେଷ ବାଧ୍ୟ ହେଉଛନ୍ତି। ଘରେ ଘରେ ଜଳ ବିଶୋଧନର ସାମଗ୍ରୀ ଖଞ୍ଜିବା ପାଇଁ ଲୋକେ ସଜାଗ ରହୁଛନ୍ତି। ଏଣୁ ପାନୀୟଜଳ ବିଶୋଧନ ପାଇଁ ଆମେ ସାମୂହିକ ଭାବେ ସର୍ବାଦୌ ସଚେତନ ରହିବା ସମୀଚୀନ ମନେହୁଏ।

ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇଦେଲେ, ୧୫ରୁ ୨୦ ମିନିଟ୍ ମଧ୍ୟରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧ୍ୟମରେ ମଧ୍ୟ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲ୍‌ଟ୍ରେସନ କୁହାଯାଏ। ଯଦି ପାଣିରେ ଅତ୍ୟଧିକ ମାତ୍ରାରେ କାଦୁଅ ଓ କଳଙ୍କି ମାଟି ପରି ପ୍ରଦୂଷଣ ଥାଏ, ତାହାହେଲେ ଉକ୍ତ ପାଣିକୁ ସଂଗ୍ରହ କରି ତାକୁ ସ୍ୱଚ୍ଛପାତ୍ରରେ ଅନ୍ତତଃ ଅଧଘଣ୍ଟାଏ ରଖିଦେଲେ ଅଦରକାରୀ ଓ ଅଶୁଦ୍ଧ ପଦାର୍ଥଗୁଡ଼ିକ ନିମ୍ନଗାମୀ ହୋଇ ତଳେ ରହି ଯାଇଥାଏ। ଏହା ଏକ ସୁବିଧାଜନକ ମାଧ୍ୟମ, ଏହାକୁ ଇଂଲିଶ୍‌ରେ 'ସେଡିମେଣ୍ଟେଶନ' କୁହାଯାଏ। ଉପରିସ୍ଥ ଶୁଦ୍ଧ ଜଳକୁ ଆଉ ଏକ ପାତ୍ରକୁ ଢାଳିଦେଲେ ଏହା ପାନୀୟ ଉପଯୋଗୀ ହୋଇଥାଏ; ଏତାଦୃଶ କାର୍ଯ୍ୟକ୍ରମକୁ ଇଂଲିଶ୍‌ରେ 'ଡିକାଣ୍ଟେଶନ' କୁହାଯାଏ। କିଛି କିଛି ସ୍ଥାନ ବିଶେଷରେ ମଧ୍ୟ ଜଳରେ କ୍ଲୋରିନ ଟାବ୍‌ଲେଟ ପକାଇ ବା କ୍ଲୋରିନ୍ ଗ୍ୟାସ ଚାଳନା କରି ଜଳକୁ ବିଶୋଧନ କରାଯାଏ। 'କ୍ୟାଲସିୟମ ଅକ୍ସିକ୍ଲୋରାଇଡ୍‌ରେ ଯେଉଁ 'ନାସେଣ୍ଟ ଅକ୍ସିଜେନ' ଦ୍ରବୀଭୂତ ଅବସ୍ଥାରେ ଥାଏ, ତାହା ସକ୍ରିୟ ହୋଇ ଜଳକୁ ବିଶୋଧିତ କରିଥାଏ। ଏହି ପଦ୍ଧତିକୁ 'କ୍ଲୋରିନେସନ' କୁହାଯାଏ।

ଓଜନିଆ ଦ୍ରବୀଭୂତ ଧାତବ ଦ୍ରବ୍ୟର କ୍ଷତିକାରକ ପରିଣାମ ବିଷୟରେ କିଛି ସୂଚନା ଦେବା ଠିକ୍ ହେବ। ଏତାଦୃଶ ବସ୍ତୁ ବିଶେଷଗୁଡ଼ିକର ଡେନ୍‌ସିଟି, ସ୍ପେସିଫିକ ଗ୍ରାଭିଟି ଓ ଆଟୋମିକ୍ ୱେଟ ସାଧାରଣତଃ ଅଧିକ ହୋଇଥାଏ। ଏହି ଦ୍ରବୀଭୂତ ପଦାର୍ଥଗୁଡ଼ିକ ଖୋଲା ଆଖିରେ ଦୃଶ୍ୟମାନ ହେବା ଅସମ୍ଭବ। ଏହାକୁ ପରଖିବା ପାଇଁ ଅଣୁବୀକ୍ଷଣ ଯନ୍ତ୍ରର ଆବଶ୍ୟକତା ହୋଇଥାଏ। କିଛି ହେଭି ମେଟାଲ୍‌ସ ଯଥା କୋବାଲ୍ଟ, କପର୍, ଜିଙ୍କ ଓ ମାଙ୍ଗାନିଜ ପ୍ରଭୃତି ଯଦି ପାଣିରେ ଆବଶ୍ୟକ ମୁତାବକ ରହିଥାଏ, ତାହା ସ୍ୱାସ୍ଥ୍ୟ ପକ୍ଷରେ ହିତକାରକ; ଆଉ କିଛି ଦ୍ରବୀଭୂତ ଓଜନିଆ ଧାତବ ପଦାର୍ଥ ଯଥା ମର୍କ୍ୟୁରି, ଲେଡ୍, କାଡ଼ାସିୟମ୍, ଆର୍ସେନିକ, ନିକେଲ, କ୍ରୋମିୟମ୍ ଯଦି ମାତ୍ରାଧିକ ପରିମାଣରେ ପାନୀୟ ଜଳରେ ମହଜୁଦ ଥାଏ, ତେବେ ଫଳାଫଳ ବେଶ୍ ଦୁର୍ବିଷହ ହୋଇଥାଏ। ମାନସିକ ପ୍ରକ୍ରିୟା ଦୁର୍ବଳ ହୁଏ ଏବଂ କେନ୍ଦ୍ରୀୟ ସ୍ନାୟୁଶକ୍ତି ନିଷ୍କ୍ରିୟ ହୋଇପଡ଼େ। ଫଳରେ ଫୁସ୍‌ଫୁସ୍, ଯକୃତ ଓ ବୃକକ୍ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷରେ ଏହି ଦ୍ରବୀଭୂତ ବିଷାକ୍ତ ପଦାର୍ଥଗୁଡ଼ିକ କର୍କଟ ରୋଗ ସୃଷ୍ଟି କରିବାରେ ମଧ୍ୟ ସୁଯୋଗ ଦେଇଥାଏ। ବିଶେଷଭାବରେ ଶିଶୁ ଓ କିଶୋରମାନେ ଏହି ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାଆନ୍ତି। ସମୀକ୍ଷା ଓ ଗବେଷଣାରୁ ଜଣାଯାଏ ଯେ, କପର୍ ଓ ନିକେଲର ପରିମାଣ ପାଣିରେ ଅଧିକ ରହିଲେ ଏହା ଚକ୍ଷୁ, ଯକୃତ ଓ ଚର୍ମ ସମୂହକୁ କ୍ଷତି ପହଞ୍ଚାଇଥାଏ ଏବଂ କର୍କଟ ରୋଗର କାରଣ ମଧ୍ୟ ହୋଇଥାଏ। ମହିଳାଙ୍କ ଶରୀରରେ ଆଲର୍ଜିକ ପ୍ରତିକ୍ରିୟା ପରିଦୃଶ୍ୟମାନ ହୋଇଥାଏ। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ଜିଙ୍କ୍ ପରି ଏକ ହେଭି ମେଟାଲର ମାତ୍ରା କମିଗଲେ, ଏହା କ୍ରନ୍ସ ଓ ସିଲିଆକ୍ ରୋଗ ସୃଷ୍ଟି କରିଥାଏ। ତେଣୁ ସ୍ଥଳ ବିଶେଷରେ ଗବେଷକମାନେ ଔଷଧରେ କିଛି ପରିମାଣରେ ଜିଙ୍କ୍ ମିଶାଇ ଥାଆନ୍ତି, ଯାହା ଶରୀର ପାଇଁ ହିତକାରକ ହୋଇଥାଏ।

ଏ ସବୁର ପ୍ରତିକାର ହେଲା କେଣ୍ଟ ୱାଟର, ଯାହା ରିଭର୍ସ ଓସ୍ମୋସିସ ପ୍ରକ୍ରିୟାରେ ଓଜନିଆ ଦ୍ରବୀଭୂତ ଦ୍ରବ୍ୟଗୁଡ଼ିକୁ ପାନୀୟ ଜଳରୁ ବାହାର କରିଦେଇଥାଏ। ଏହି ଜଳ ବ୍ୟବହାର କଲେ ମନୁଷ୍ୟସମାଜ ସମ୍ଭବତଃ ସୁସ୍ଥ ରହିବାର ସମ୍ଭାବନା ରହିଛି। ଏଣୁ ସରକାର ଓ ପ୍ରଶାସନ ବିଶୋଧିତ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ଉଚିତ। ଏହା ସହିତ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଉପରେ କଟକଣା ଜାରି କରିବା, ଅବିରତ ଯାନବାହନ ଚଳାଚଳକୁ ବନ୍ଦ କରିବା, ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ସଂଖ୍ୟା ଉପରେ ଦୃଷ୍ଟିଦେବା, ବର୍ଷାଜଳ ସଂରକ୍ଷଣ କରିବା, ଜଙ୍ଗଲ ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ। ଫଳ ସ୍ୱରୂପ ସମାଜ ସୁସ୍ଥ ରହିବ, ବ୍ୟକ୍ତି ବିଶେଷଙ୍କର ଭାବାବେଗ ଅଧିକ ହେବ। ସାମୂହିକ ଉଦ୍ୟମ ମାଧ୍ୟମରେ ଦେଶ ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା ହେବ। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସମାଜ ପାଇଁ ଆଣିଦେବ ଏକ ଅଭୂତପୂର୍ବ ଶାନ୍ତିର ଚିରସ୍ରୋତା ନିର୍ଝରିଣୀ।

– ପୁରୁଣା ଭୁବନେଶ୍ୱର
ମୋ: ୯୯୩୮୬୫୮୭୫୬

## ହଜମ କ୍ରିୟାକୁ ସକ୍ରିୟ କରେ ଖଜୁରି



ଖଜୁରିରେ ଫାଇବର୍, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଇଥାଉ। ତେବେ ଏହାକୁ ନିୟମିତ ଖାଇଲେ ତାହା ଆମର ହଜମ କ୍ରିୟାକୁ ଅଧିକ ସକ୍ରିୟ କରିଥାଏ। ଏହାବ୍ୟତୀତ ସ୍ନାୟୁଗୁଡ଼ିକୁ ଶକ୍ତି ଯୋଗାଇବାରେ ମଧ୍ୟ ସହାୟକ ହୋଇଥାଏ। ଖଜୁରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ପେଟ ଭିତରେ ଏସିଡିଟି ପରିମାଣକୁ ଏହା ନିୟନ୍ତ୍ରଣରେ ରଖେ। ଅନ୍ୟପକ୍ଷରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ଏହାକୁ ନିୟମିତ ଖାଇଲେ କେତେକ ରୋଗର ଆଶଙ୍କାକୁ ଏହା ଦୂର କରିଥାଏ। ବିଶେଷଭାବରେ କ୍ୟାନସର, ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ ଏହା କେତେକାଂଶରେ ଦୂର କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଗର୍ଭବତୀଙ୍କ ପାଇଁ ଖଜୁରି ମଧ୍ୟ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା ଅସ୍ଥି ମଜଭୁତ ରହିଥାଏ।

## ଚକ୍ଷୁଦାନ ସମୟରେ...



ଚକ୍ଷୁ ଏପରି ଅଙ୍ଗ ଯାହା ନଷ୍ଟ ହୋଇଗଲେ ଆମର ଜୀବନ ଦୁର୍ବିଷହ ହୋଇଯାଇଥାଏ। ତେଣୁ ଚକ୍ଷୁ କିପରି ସୁରକ୍ଷିତ ରହିବ ସେ ନେଇ ଆମେ ବେଶ୍ ଯତ୍ନବାନ ରହିଥାଉ। ଏବେ ଚକ୍ଷୁଦାନ ଧାରାରେ ଅନେକେ ନିଜକୁ ସାମିଲ କରିଛନ୍ତି। ବିଶେଷଭାବରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାଙ୍କର ପରିବାର ସଦସ୍ୟମାନେ ଚକ୍ଷୁଦାନ କରିପାରିବେ। କେତେକ ବ୍ୟକ୍ତି ବଞ୍ଚିଥିବା ଅବସ୍ଥାରେ ତାଙ୍କର ଚକ୍ଷୁ ଅନ୍ୟମାନଙ୍କୁ ଦାନ କରିବାକୁ ନିଷ୍ପତ୍ତି ନେଇଥାଆନ୍ତି। ସେ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟ ସମାପନ କରାଯାଇଥାଏ। ତେବେ ଚକ୍ଷୁଦାନ କରିବା ବେଳେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଥିଲାଗି ଚକ୍ଷୁ ବ୍ୟାଙ୍କରେ ଏ ବିଷୟରେ ଚକ୍ଷୁଦାନ କରୁଥିବା ବ୍ୟକ୍ତିଙ୍କ ନାମ ରେଜିଷ୍ଟ୍ରେଶନ କରାଇ ନିଅନ୍ତୁ। ଯଦି ରେଜିଷ୍ଟ୍ରେଶନ କରିନାହାନ୍ତି ତେବେ ସମ୍ପୃକ୍ତ ଅନୁଷ୍ଠାନକୁ ଫୋନ୍ ମାଧ୍ୟମରେ ଏକଥା ଜଣାଇବା ପରେ ସେମାନେ ଆବଶ୍ୟକ ତଥ୍ୟ ଲିପିବଦ୍ଧ କରାଇବାରେ ସହାୟତା କରିଥାଆନ୍ତି। ଚକ୍ଷୁ ବ୍ୟାଙ୍କ ତରଫରୁ ଏକ ସ୍ୱତନ୍ତ୍ର ଡାକ୍ତର ଟିମ୍ ଚକ୍ଷୁ ସଂଗ୍ରହ କରିବାକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇଥାଆନ୍ତି। ଏହା ଡାକ୍ତରଖାନା ସହ ନିଜ ଘରେ ମଧ୍ୟ ସମ୍ଭବ। କିନ୍ତୁ ଚକ୍ଷୁ ସଂଗ୍ରହ କାମ ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ହେବା ଦରକାର। ମୃତ୍ୟୁ ପରେ ଶରୀରକୁ ଥଣ୍ଡାରେ କିମ୍ବା ଏସି ରୁମ୍‌ରେ ରଖନ୍ତୁ। ଆଖିପତା ଦୁଇଟିକୁ ବନ୍ଦ କରି ଓଦା ତୁଳା ବା ରୁମାଲ୍‌ରେ ଘୋଡ଼େଇ ରଖନ୍ତୁ। ଚକ୍ଷୁ କଲେକ୍ସନ୍ ଟିମ୍ ଆସି ପହଞ୍ଚିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଆଉ ଗୋଟିଏ କଥା ହେଲା, ଏଥିରେ ପୂରା ଚକ୍ଷୁକୁ ତଡାଯାଇ କଢ଼ାଯାଏ ନାହିଁ। କେବଳ ସ୍ୱଚ୍ଛ ପଟଳ ବା କର୍ଣ୍ଣିଆଟିକୁ କଢ଼ାଯାଇ ନିଆଯାଏ। ସେଥିରେ ଗୋଟିଏ ପ୍ଲାଷ୍ଟିକ୍ କ୍ୟାପ୍ ମଧ୍ୟ ଲଗାଇ ପତା ଦୁଇଟିକୁ ପୁନର୍ବାର ଘୋଡେଇ ଦିଆଯାଏ। ତେଣୁ ବାହାରକୁ ଚକ୍ଷୁଟି ଆଦୌ ଅସୁନ୍ଦର ଦେଖାଯାଇ ନ ଥାଏ।

## ଜାଣିରଖନ୍ତୁ...



ଆଣ୍ଠୁଗଣ୍ଠି ସମସ୍ୟା ପୁରୁଷମାନଙ୍କଠାରୁ ମହିଳାମାନ ଠାରେ ଅଧିକ ମାତ୍ରାରେ ଦେଖାଯାଇଥାଏ। ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଦୀର୍ଘ ଦିନ ଧରି ଔଷଧ (ପେନ୍‌କିଲର) ଖାଇଲେ ତାହାର ଖରାପ ପ୍ରଭାବ କିଡ୍‌ନୀ ଉପରେ ପଡିବାର ଆଶଙ୍କା ରହିଛି। ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ଏଭଳି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ବଢ଼ିଗଲେ ତାହାର ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ। ଏହାବ୍ୟତୀତ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ।

## ସ୍ୱାସ୍ଥ୍ୟ ପାଇଁ ଶଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କାଲ୍‌ସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ବିଶେଷଭାବରେ ଯଦି ଜଣେ ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ନିୟମିତ ଶଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହା ମଧ୍ୟ ଶରୀରରେ ହିମୋଗ୍ଲୋବିନ ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯଦି ଆପଣଙ୍କର ଓଜନ ବଢ଼ିଯାଇଛି ତେବେ ଏହାକୁ ଖାଇଲେ ତାହା କେତେକାଂଶରେ ନିୟନ୍ତ୍ରଣକୁ ଆସିଥାଏ। ଶରୀରର ଚର୍ବି ଅଂଶକୁ ଏହା ମଧ୍ୟ ଅନେକାଂଶରେ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଶଜନା ଶାଗ ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## ଓଜନ ନିୟନ୍ତ୍ରଣର ସହଜ ଉପାୟ



ବର୍ତ୍ତମାନ ଓଜନ ବୃଦ୍ଧି ବା ଓବେସିଟି ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ବିଶେଷଭାବରେ ଯୁବପିଢ଼ି ଏହାର ଅଧିକ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ବିଶେଷଭାବରେ ଖାଦ୍ୟପେୟ ଏବଂ ନିଜ ଜୀବନଶୈଳୀ ପ୍ରତି ଆବଶ୍ୟକ ମୁତାବକ ସଚେତନ ନ ରହିବା ଏହାର କାରଣଗୁଡିକ ମଧ୍ୟରୁ ଅନ୍ୟତମ। ତେବେ ଏହାକୁ ନିୟନ୍ତ୍ରଣରେ ରଖିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସଚେତନ ରହନ୍ତି ଏବଂ ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତି ତେବେ ସେ ନିଜ ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ବିଷୟବସ୍ତୁକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଓଜନ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହିସମୟରେ ଏମାନଙ୍କୁ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଓଜନ କେତେ ନିୟନ୍ତ୍ରଣରେ ରହୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ ସନ୍ତୁଳିତ ଅବସ୍ଥାକୁ ଆସିଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟଟକା ଫଳମୂଳ ସାମିଲ କରନ୍ତୁ। ବିଶେଷଭାବରେ ଯଦି ଏହାକୁ ବ୍ରେକଫାଷ୍ଟରେ ଖାଆନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➤କୌଣସି ମେଡିସିନ୍ ଖାଇଲେ ଯଦି ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ସେ ବିଷୟରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ରାତ୍ରଭୋଜନରେ କଦାପି ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।



➤ଖାଦ୍ୟ କିମ୍ବା କୌଣସି ଜଳଖିଆ ଖାଇବା ବେଳେ କେତେକେ କୋଲ୍ଡ ଡ୍ରିଙ୍କ୍‌ସ ପିଇଥାଆନ୍ତି। ଏଭଳି ଅଭ୍ୟାସ ବର୍ଜନ କରନ୍ତୁ।

➤ରାତିରେ ଶୋଇବାକୁ ଯିବା ପୂର୍ବରୁ ମନକୁ ଯେତେ ଶାନ୍ତ ରଖିବେ ସେତେ ଭଲ। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ନିଜକୁ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ସୁସ୍ଥ ରଖନ୍ତୁ। ନିଜର ମାନସିକତାକୁ ଯେତେ ସକାରାତ୍ମକ ରଖିବେ ତାହା ସେତେ ଭଲ।

➤ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ଜ୍ଞାନ ନ ଥାଇ ଅନ୍ୟମାନଙ୍କୁ ସେ ବିଷୟରେ ଟିପ୍ସ ଦେବାକୁ ଠିକ୍ ନୁହେଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ହାଇଡ୍ରୋଜେନ ବଣ୍ଡିଂ: ଦୈନନ୍ଦିନ ଜୀବନର ଅଦୃଶ୍ୟ ସ୍ଥାପତ୍ୟ

(ଶେଷ ଭାଗ)

**ଇଲେକ୍ଟ୍ରୋନେଗେଟିଭିଟି ଭ୍ରମର ସମାଧାନ (Breaking the Electronegativity Myth):** ପ୍ରାୟ ଏକ ଶତାବ୍ଦୀ ଧରି, ରସାୟନ ବିଜ୍ଞାନ ପାଠ୍ୟପୁସ୍ତକଗୁଡ଼ିକ ଏକ ନିୟମ ଶିଖାଇ ଆସିଥିଲେ: ହାଇଡ୍ରୋଜେନ ବନ୍ଧନ କେବଳ ହାଇଡ୍ରୋଜେନ ଏବଂ ଅତ୍ୟଧିକ ଇଲେକ୍ଟ୍ରୋନେଗେଟିଭ ମୌଳିକ ଯେପରିକି ନାଇଟ୍ରୋଜେନ, ଅମ୍ଳଜାନ, ଫ୍ଲୋରିନ ଏବଂ କ୍ଲୋରିନ ମଧ୍ୟରେ ହିଁ ସମ୍ଭବ। କମ ଇଲେକ୍ଟ୍ରୋନେଗେଟିଭ ପରମାଣୁ ସହିତ ଜଡ଼ିତ ହାଇଡ୍ରୋଜେନ ବନ୍ଧନ ନଗଣ୍ୟ କିମ୍ବା ଅସ୍ତିତ୍ୱହୀନ ବୋଲି ଧରି ନିଆଯାଇଥିଲା। ତେବେ ଭୁବନେଶ୍ୱରସ୍ଥିତ ନାଇଜର୍ (NISER – National Institute of Science Education and Research) ଏବଂ ବିଶ୍ୱର ଅନ୍ୟ କେତେକ ଅନୁଷ୍ଠାନର ନିକଟ ଅତୀତର ଅଭୂତପୂର୍ବ ଗବେଷଣା ଏହି ସାଧାରଣ ସହମତିକୁ ମୂଳରୁ ଚ୍ୟାଲେଞ୍ଜ କରିଛି। ବୈଜ୍ଞାନିକମାନେ ହାଇଡ୍ରୋଜେନ ବନ୍ଧନ ସହ ଜଡ଼ିତ ଅଣୁ ଓ ପରମାଣୁଗୁଡ଼ିକୁ ପ୍ରାୟ ୧୦ କେଲଭିନ (ପରମ ଶୂନ୍ୟ ନିକଟତର) ତାପମାତ୍ରାରେ ନିରୀକ୍ଷଣ କରିବା ପାଇଁ 'ଲେଜର୍ ସ୍ପେକ୍ଟ୍ରୋସ୍କୋପି ଇନ୍ ସୁପରସୋନିକ ଜେଟ୍ସ' ପରି ଅତି ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରିଛନ୍ତି। ସେମାନେ ପ୍ରମାଣ କରିଛନ୍ତି ଯେ ସଲଫର୍ (Sulfur/S) ଏବଂ ସେଲେନିୟମ (Selenium/Se) ପରି ପରମାଣୁ ଯାହା ପୂର୍ବରୁ ହାଇଡ୍ରୋଜେନ ବନ୍ଧନ ଗଢ଼ିବା ପାଇଁ ବହୁତ 'ଦୁର୍ବଳ' ବୋଲି ବିବେଚନା କରାଯାଉଥିଲା ସେମାନେ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବନ୍ଧନରେ ଅଂଶଗ୍ରହଣ କରନ୍ତି। ଏହି ଭାରତୀୟ ଅବଦାନକୁ IUPAC ଦ୍ୱାରା ସ୍ୱୀକୃତି ମିଳିଥିଲା ଏବଂ ଏହା ୨୦୧୧ ମସିହାରେ ହାଇଡ୍ରୋଜେନ ବନ୍ଧନର ନୂତନ ସଂଜ୍ଞା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥିଲା।

**ରୋଷେଇ ଘରୁ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ :** ଆମେ ପ୍ରତ୍ୟେକ ଘଣ୍ଟାରେ ହାଇଡ୍ରୋଜେନ ବଣ୍ଡିଂର ଭୌତିକ ଓ ରାସାୟନିକ ଗୁଣାବଳୀର ସମ୍ମୁଖୀନ ହୋଇଥାଉ, ଯାହା ଅଧିକାଂଶ ସମୟରେ ଅତି ସାଧାରଣ ଘଟଣା ଭଳି ମନେହୁଏ। ନିମ୍ନରେ ଦିଆଯାଇଥିବା କିଛି ଉଦାହରଣ ବେଶ୍ କୌତୂହଳପୂର୍ଣ୍ଣ।

**ଖାଦ୍ୟ ଓ ତନ୍ତୁର ଗଠନ:** ଆପଣଙ୍କ ଗ୍ଲୁଟେନ୍‌ଯୁକ୍ତ ପାଉଁରୁଟିରେ 'ଟାଣ' ଏବଂ




ଆପଣଙ୍କ ପ୍ରିୟ ସୂତା ଟି-ଶାର୍ଟର ମଜଭୁତ ସୂତା ଏସବୁ ହାଇଡ୍ରୋଜେନ ବଣ୍ଡିଂର ଫଳ। ପ୍ରକୃତିରେ, ଗଛର କାଠରେ ଥିବା ସେଲୁଲୋଜ ଚେନ୍‌ଗୁଡ଼ିକ ଏହି ବନ୍ଧନ ଦ୍ୱାରା ଏକାଠି ହୋଇ ରହିଥାନ୍ତି। ଏହା ଗଛକୁ ଶହ ଶହ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିବା ପାଇଁ ଆବଶ୍ୟକ ଗଠନମୂଳକ ଶକ୍ତି ପ୍ରଦାନ କରେ।

**କେଶ ସଜ୍ଜା:** ଆପଣଙ୍କ କେଶ କେରାଟିନ ନାମକ ଏକ ପ୍ରୋଟିନରେ ଗଠିତ, ଯାହା ମୁଖ୍ୟତଃ ହାଇଡ୍ରୋଜେନ ବନ୍ଧନ ଯୋଗୁ ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିଥାଏ। ଯେତେବେଳେ ଆପଣ ହେୟାର ଡ୍ରାୟର୍ କରନ୍ତି, ଉତ୍ତାପ ଏହି ବନ୍ଧନଗୁଡ଼ିକୁ ଭାଙ୍ଗିଦିଏ, ଯାହାଦ୍ୱାରା ଆପଣ କେଶକୁ ଏକ ନୂତନ ଏବଂ ସିଧା ଆକାରରେ 'ରିସେଟ' କରିପାରିବେ। ତେବେ, ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଜଳର ଅଣୁଗୁଡ଼ିକୁ କେଶ ମଧ୍ୟକୁ ଆଣିଥାଏ, ଯାହା ସେହି ସମାନ ସ୍ଥାନ ପାଇଁ ପ୍ରତିଯୋଗିତା କରେ। ଏହା ଆପଣଙ୍କ କେଶର ଷ୍ଟାଇଲକୁ ବିଗାଡ଼ି ଦିଏ ଏବଂ କେରାଟିନ ଚେନ୍‌ଗୁଡ଼ିକୁ ପୁଣି ବଙ୍କା କରିଦିଏ, ଯାହାଫଳରେ କେଶ କୁଞ୍ଚୁକୁଞ୍ଚିଆ ବା 'ଫ୍ରିଜ' ହୋଇଯାଏ।

**ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଔଷଧ ପ୍ରସ୍ତୁତି :** ହାଇଡ୍ରୋଜେନ ବନ୍ଧନର ଏହି 'ଆଣବିକ ହସ୍ତମିଳନ'କୁ ବୁଝିବା ହେଉଛି ଆଧୁନିକ ଫାର୍ମାକୋଲୋଜିର ମୂଳଦୁଆ। ବଜାରରେ ମିଳୁଥିବା ପ୍ରାୟ ୩୦ ପ୍ରତିଶତ ଔଷଧରେ ହାଇଡ୍ରୋଜେନ ବନ୍ଧନରେ ଲିପ୍ତ ଅଣୁମାନେ (ବିଶେଷ କରି ଫ୍ଲୋରିନ ଯୁକ୍ତ) ଥାନ୍ତି। ଔଷଧ ନିର୍ମାଣ କରୁଥିବା ରସାୟନବିତ୍‌ମାନେ ଜାଣନ୍ତି ଯେ ଏକ ଅଣୁ ମାନବ ଶରୀରର ରିସେପ୍ଟର ସହିତ କେଉଁଠାରେ ହାଇଡ୍ରୋଜେନ ବନ୍ଧନ ଗଢ଼ିବ। ହାଇଡ୍ରୋଜେନ ବଣ୍ଡିଂ ମାଧ୍ୟମରେ ସେମାନେ ଏପରି ଔଷଧ ତିଆରି କରନ୍ତି ଯାହା ଲକ୍ଷ୍ୟ କରିଥିବା ପ୍ରୋଟିନ ସହିତ ଠିକ୍ ଭାବେ ଖାପ ଖାଇଯାଏ। ଏହାଦ୍ୱାରା କମ୍ ମାତ୍ରାରେ ଔଷଧ ବ୍ୟବହାର କରି କମ୍ ପାର୍ଶ୍ୱ ପ୍ରତିକ୍ରିୟାରେ ଅଧିକ ଫଳପ୍ରଦ ଚିକିତ୍ସା ସମ୍ଭବ ହୋଇଥାଏ।

**ହାଇଡ୍ରୋଜେନ ବଣ୍ଡ ବାହାରେ:** ହଗିନ୍ସଙ୍କ ସେହି ୧୦୦ ବର୍ଷ ତଳର ଚିନ୍ତାଧାରା ଆଜି ବି ଏକ ରହସ୍ୟ ହୋଇ ରହିଛି। ଆମେ ଏବେ ଅନୁଭବ କରୁଛୁ ଯେ ହାଇଡ୍ରୋଜେନ ବଣ୍ଡ କେବଳ ଏକ ସାଧାରଣ ଇଲେକ୍ଟ୍ରୋଷ୍ଟାଟିକ ଆକର୍ଷଣ ନୁହେଁ; ଏଥିରେ କ୍ୱାଣ୍ଟମ ମେକାନିକ୍ସର ଏକ ଜଟିଳ ପ୍ରକ୍ରିୟା ଜଡ଼ିତ, ଯେଉଁଥିରେ 'ଡିସପର୍ସନ ଫୋର୍ସ' ଭଳି ପାରସ୍ପରିକ କ୍ରିୟା ମାଧ୍ୟମରେ ପରମାଣୁଗୁଡ଼ିକ ମଧ୍ୟରେ ଇଲେକ୍ଟ୍ରୋନ ଘନତ୍ୱର ସ୍ଥାନାନ୍ତରଣ ହୋଇଥାଏ। ଏହି ଗବେଷଣା ଆହୁରି ଅନେକ ନୂତନ ନନ୍-କୋଭାଲେଣ୍ଟ ବଣ୍ଡିଂ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ବୈଜ୍ଞାନିକମାନେ ଏବେ କାର୍ବନ ବଣ୍ଡ, ନିକ୍ଟୋଜେନ ବଣ୍ଡ ଏବଂ ହାଲୋଜେନ ବଣ୍ଡ ଉପରେ ଅଧ୍ୟୟନ କରୁଛନ୍ତି, ଯାହା ସମାନ ଯୁକ୍ତି ଅନୁସରଣ କରେ। କିନ୍ତୁ ଏଥିରେ ଭିନ୍ନ ଭିନ୍ନ ପରମାଣୁ ବ୍ୟବହୃତ ହୁଏ। ମହାକାଶର ବରଫରେ ଜୀବନର ଉତ୍ପତ୍ତି ଖୋଜିବାଠାରୁ ଆରମ୍ଭ କରି 'ଟାଇରାଲ ଲାଇଟ' ବ୍ୟବହାର କରି 'ଅଭେଦ୍ୟ' କ୍ୱାଣ୍ଟମ ଏନକ୍ରିପ୍ସନ ବିକାଶ କରିବା ପର୍ଯ୍ୟନ୍ତ, ହାଇଡ୍ରୋଜେନ ବଣ୍ଡର ଏହି କାହାଣୀ ପ୍ରମାଣ କରେ ଯେ ଜଣେ ଛାତ୍ରର ଅଭିନବ ଚିନ୍ତାଧାରା ଆମର ବଣ୍ଡିଂ ସମ୍ବନ୍ଧୀୟ ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇପାରେ।

–ଡ. ହିମାଂଶୁ ଶେଖର ବିଶ୍ୱାଳ
ମୋ : ୯୧୭୮୩୧୧୧୮୮

ଧରିତ୍ରୀ
DHARITRI



# ଗୁଜରାଟର ସହଜ ବିଜୟ

**ଲକ୍ଷ୍ନୌ,୧୨।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ବଳରେ ଗୁଜରାଟ ଟାଇଟନ୍ସ ଏଠାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ୭ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍ଏସ୍‌ଜି)କୁ ପରାସ୍ତ କରିଛି। ଏହା ଗୁଜରାଟର ୪ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ପାଇଁ ଏହା ଦ୍ୱିତୀୟ ପରାଜୟ। ଏହି ମ୍ୟାଚ୍ ଜରିଆରେ ଜୋସ ବଟଲର ଟି୨୦ କ୍ରିକେଟରେ ୧୦୦ତମ ଅର୍ଦ୍ଧଶତକ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌର ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରିଥିଲା। ଦଳର ପ୍ରାୟତଃ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କୌଣସି ବ୍ୟାଟର ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଏଡେନ ମାରାକ୍ରମ ୩୦ (୫ ଚୌକା ଓ ୧ ଛକା), ରିଷଭ ପନ୍ତ ୧୮ (୨ ଚୌକା ଓ ୧ ଛକା), ନିକୋଲସ ପୁରନ ୧୯ (୨ ଛକା), ମୁକୁଲ ଚୌଧାରୀ ଓ ଅବଦୁଲ ସମଦ ୧୮ ଲେଖାଏ ରନ କରିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୪ ଓ ଅଶୋକ ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ ଦଳକୁ ୪୫ ରନର ଆରମ୍ଭ ପ୍ରଦାନ କରିଥିଲେ। ସୁଦର୍ଶନ (୧୫) ଆଉଟ୍ ହେବା ପରେ ଗିଲ୍ ଓ ୩ୟ କ୍ରମରେ ଆସିଥିବା ବଟଲର ଦ୍ୱିତୀୟ ଉଇକେଟରେ ୮୪ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଗିଲ୍ ୪୦ ବଲରେ ୫୬ (୬ ଚୌକା ଓ ୧ ଛକା) ଓ ବଟଲର ୩୭ ବଲରେ ୬୦ (୧୧ ଚୌକା ଓ ୧ ଛକା) ରନ କରିଥିଲେ। ଏହାପରେ ୱାଶିଂଟନ ସୁନ୍ଦର (୨୧ ରନ, ୨ ଚୌକା ଓ ୧ ଛକା) ଓ ରାହୁଲ ତେୱତିଆ (୧୦ ରନ, ୧ ଚୌକା) ଦଳ ଲାଗି ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଫଳରେ ଗୁଜରାଟ ୧୮.୪ ଓଭରରେ ୩ ଉଇକେଟ ହରାଇ ୧୬୫ ରନ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୪/୮(ଏଡେନ ମାରାକ୍ରମ-୩୦, ପ୍ରସିଦ୍ଧ କ୍ରିଷ୍ଣା-୪/୨୮, ଅଶୋକ ଶର୍ମା-୨/୩୨)। ଗୁଜରାଟ ଟାଇଟନ୍ସ: ୧୮.୪ ଓଭରରେ ୧୬୫/୩ (ଜୋସ ବଟଲର-୬୦, ଶୁବମନ ଗିଲ-୫୬, ଦିଗବିଜୟ ସିଂ ରାଠି-୧/୩୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ରାଜସ୍ଥାନ**

**ସ୍ଥାନ: ହାଇଦ୍ରାବାଦ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଉଇକେଟ ନେବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍: ଆୟୁଷ ରନର ଅପ୍

**ନିଙ୍ଗବୋ, ୧୨।୪ (ପି.ଟି.)**

ଚଳିତ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ଭାରତର ଉଦୀୟମାନ ଶଟଲର ଆୟୁଷ ଶେଟ୍ଟି ରନର ଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆୟୁଷ ୮-୨୧, ୧୦-୨୧ ସିଧାସଳଖ ଗେମ୍‌ରେ ୱାର୍ଲ୍ଡ ନଂ.୨ ଶିୟୁ କ୍ୱିଙ୍କଠାରୁ ପରାସ୍ତ ହୋଇଛନ୍ତି। ତାଙ୍କର ପରାଜୟ ଯୋଗୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ଭାରତର ୬୧ ବର୍ଷର ଅପେକ୍ଷା ଜାରି ରହିଛି। ଦୀନେଶ ଖାନ୍ନାଙ୍କ ପରେ ଆୟୁଷ ଦ୍ୱିତୀୟ ଭାରତୀୟ ଭାବେ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ଖାନ୍ନା (୧୯୬୫) ଏକମାତ୍ର ଭାରତୀୟ ଖେଳାଳି ଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ତାଙ୍କପରଠାରୁ କେବଳ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ୨୦୨୩ରେ ଟାଇଟଲ ହାତେଇ ଥିଲେ।

ୱାର୍ଲ୍ଡ ନଂ.୨୫ ଆୟୁଷ ଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ପୂରା ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଭଲ ରହିଥିଲା। ସେ ୱାର୍ଲ୍ଡ ନଂ.୧ କୁନଲାଭଟ ଭିତିଦସର୍ନ, ନଂ. ୪ ଜୋନାଥନ ଖ୍ରିଷ୍ଟି ଓ ନଂ. ୭ ଲି ଶି ଫେଙ୍ଗଙ୍କୁ ହରାଇଥିଲେ।

# ମୁମ୍ବାଇକୁ ହରାଇଲା ଆର୍‌ସିବି



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫିଲ ସଲ୍ଟ।

**ମୁମ୍ବାଇ,୧୨।୪**

ଫିଲ ସଲ୍ଟ ଓ ଅଧିନାୟକ ରଜତ ପଟିଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ବଳରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୮ ରନରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ତୃତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା କ୍ରମାଗତ ତୃତୀୟ ପରାଜୟ। ଏହି ମ୍ୟାଚ୍ ପୂର୍ବରୁ ମହାନ ଭାରତୀୟ କଣ୍ଠଶିଳ୍ପୀ ଆଶା ଭୋଁସଲେଙ୍କ ସମ୍ମାନରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା, ଯାହାଙ୍କର ରବିବାର ପରଲୋକ ଘଟିଛି। ଏପରିକି ମୁମ୍ବାଇ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ପାଇଁ ଫିଲ ସଲ୍ଟଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବିକୁ ସଲ୍ଟ ଓ ବିରାଟ କୋହଲି ୧୦.୫ ଓଭରରେ ବିସ୍ଫୋରକ ୧୨୦ ରନର ଆରମ୍ଭ ଦେଇଥିଲେ। ୧୧ତମ ଓଭରରେ ସଲ୍ଟଙ୍କୁ ଆଉଟ୍ କରି ଶାର୍ଦ୍ଦୂଳ ଠାକୁର ମୁମ୍ବାଇ ପାଇଁ ବହୁ ପ୍ରତିକ୍ଷୀତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ସଲ୍ଟ ଆଉଟ୍ ହେବା ପୂର୍ବରୁ ୩୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ୭୮ ରନ କରିଥିଲେ। ଏହାପରେ କୋହଲିଙ୍କ ସହ ଅଧିନାୟକ ରଜତ ପଟିଦାର ମିଶି ୨୩ ବଲରେ ଦ୍ରୁତ ୬୫ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କୋହଲି (୩୮ ବଲ, ୫୦ ରନ, ୫ ଚୌକା ଓ ୧ ଛକା) ଓ ଅଧିନାୟକ ପଟିଦାର (୨୦ ବଲ, ୫୩ ରନ, ୪ ଚୌକା ଓ ୫ ଛକା) ପାଭିଲିଅନ୍ ଫେରିଥିଲେ। ଶେଷ ଆଡ଼କୁ ଟିମ ଡେଭିଡ୍ ୧୬ ବଲରେ ୩୪ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୦ ରନ କରିଥିଲା। ଜବାବରେ ମୁମ୍ବାଇକୁ ରିୟାନ ରିକଲଟନ ଓ ରୋହିତ ଶର୍ମା ୫.୨ ଓଭରରେ ୫୭ ରନର ଆରମ୍ଭ ପ୍ରଦାନ କରିଥିଲେ। ରୋହିତ ରିଟାୟର୍ଡ ହର୍ଟ ହେବା ପରେ ସୂୟଶ ଶର୍ମା ଗୋଟିଏ ଓଭରରେ ରିକଟଲନ (୩୭ ରନ, ୩ ଲେଖାଏ ଚୌକା ଓ ଛକା) ଓ ତିଲକ ବର୍ମା (୧)ଙ୍କୁ ଆଉଟ୍ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ (୩୩ ରନ, ୫ ଚୌକା) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୨ ବଲ, ୪୦ ରନ, ୬ ଚୌକା ଓ ୧ ଛକା) ଚତୁର୍ଥ ଉଇକେଟରେ ୪୭ ରନ ଯୋଡ଼ିଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ସହ ଦଳର ବିଜୟ ସମ୍ଭାବନା ଶେଷ ହୋଇଥିଲା। ଶେଷ ଆଡ଼କୁ ଶେରଫାନେ ରଥରଫୋର୍ଡ ୩୧ ବଲରେ ଦ୍ରୁତ ୭୧ (୧ ଚୌକା ଓ ୯ ଛକା) ରନ କରିଥିଲେ। ଫଳରେ ମୁମ୍ବାଇ ଶେଷ ପର୍ଯ୍ୟନ୍ତ ଖେଳି ୫ ଉଇକେଟ ହରାଇ ୨୨୨ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୪୦/୪ (ଫିଲ ସଲ୍ଟ-୭୮, ବିରାଟ କୋହଲି-୫୦, ରଜତ ପଟିଦାର-୫୩, ଶାର୍ଦ୍ଦୂଳ ଠାକୁର-୧/୩୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୯)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୨୨/୫ (ଶେରଫାନେ ରଥରଫୋର୍ଡ-୭୧*, ହାର୍ଦ୍ଦିକ ପାଣ୍ଡ୍ୟା-୪୦, ରିଆନ ରିକଟଲନ-୩୭, ସୂୟଶ ଶର୍ମା-୨/୪୭)।




TVS 3 YEAR WARRANTY TVS CREDIT L&T Finance IDFC FIRST Bank ALWAYS YOU FIRST SHRIRAM Finance

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706 SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/04/26

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ